# ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ଜୁଲାଇ ୨୯/୨୦୨୧ (୧୬ ପୃଷ୍ଠା) | Dhenkanal, Thursday, July 29/2021 | ★★★★★

୧୭ଶ ଭାଗ ୧୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ପୂଜା ରାଣୀ କ୍ୱାର୍ଟରଫାଇନାଲରେ**

ଭାରତୀୟ ମହିଳା ବକ୍ସର ପୂଜା ରାଣୀ (୭୫କେଜି) ଟୋକିଓ ଅଲିମ୍ପିକ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

୧୫

୧୪

**କୋଟିଏ ଦାନ କଲେ ଅକ୍ଷୟ**

ଜମ୍ମୁ-କଶ୍ମୀରରେ ଏକ ସ୍କୁଲର ପୁନଃ ନିର୍ମାଣ ପାଇଁ ୧ କୋଟି ଟଙ୍କା ଦାନ କରିଛନ୍ତି ଅଭିନେତା ଅକ୍ଷୟ କୁମାର।



# ପ୍ରଶାସନକୁ ସମ୍ଭାଳିବ ଏମିତି

**ହର୍ଷବର୍ଦ୍ଧନ ବେହେରା**

**ଯାଜପୁର ଅଫିସ,୨୮।୭**

ଓଡ଼ିଶାରେ ପ୍ରଶାସନକୁ ସମ୍ଭାଳିବାର ଅଭିନବ ଢଙ୍ଗ ଏବେ ପଦାକୁ ଆସିଛି। ବେଦାନ୍ତ କମ୍ପାନୀର ଆଭ୍ୟନ୍ତରୀଣ ଇ-ମେଲ୍ ଯୋଗାଯୋଗରୁ ସ୍ପଷ୍ଟ ବୁଝାପଡୁଛି ଯେ, ରାଜ୍ୟବ୍ୟାପୀ ଏହି ପଦ୍ଧତିରେ ଘରୋଇ କମ୍ପାନୀମାନେ ବିଭିନ୍ନ ସରକାରୀ ବିଭାଗକୁ ହାତରେ ରଖି ଜନସାଧାରଣଙ୍କୁ ଦମନ କରିପାରୁଛନ୍ତି। ପୂର୍ବରୁ ଶୁଣିବାକୁ ମିଳୁଥିଲା 'ପୈସା କ୍ୟା ନା କରେ କାମ୍', ଏବେ ଏହି ଢଗର ସତ୍ୟାସତ୍ୟ ପ୍ରମାଣିତ ହୋଇଛି।

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ବେଦାନ୍ତ ପରିଚାଳିତ ଫେକର ଓସ୍ତପାଳ ଖଣିର ଇ-ମେଲ୍ ଯୋଗାଯୋଗରୁ ଏକ ଭିତିରି ତଥ୍ୟ ଜଣାପଡ଼ିଛି। ସ୍ଥାନୀୟ ପ୍ରଶାସନ ଯଥା କାଳିଆପାଣି ଥାନାଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ଡେପୁଟି ଡାଇରେକ୍ଟର୍ ଅଫ୍ ମାଇନ୍ସ କାର୍ଯ୍ୟାଳୟ ପ୍ରମୁଖ ବେଦାନ୍ତଠାରୁ ମାସିକ ଅର୍ଥରାଶି ପାଉଥିବା ଉକ୍ତ



Compose
Inbox 2
Starred
Snoozed
Important
Sent
Drafts 310
Categories
Personal
More

Meet
New meeting
Join a meeting

Hangouts
harshabardhar
Goutam Mishra
dada juhar
Shashanka Shekhar Panda
Missed video call

50 of 1,599

9337195659,Rd No. 1 Satyendra Nagar Auranagabad 824101

From: FACOR OSTAPAL <facor.ostapal@gmail.com>
Sent: Fri, 13 Nov 2020 13:53:23 GMT+0530
To: pg.sureshkumar@vedanta.co.in
Subject: Reminder of e-mail message dtd. 09.11.2020

To

The Chief Executive Officer
Vedanta Ltd.

Ref.: Our earlier e-mail message dtd. 09.11.2020.

Sir,

Please refer our above earlier e-mail message dtd. 9th November, 2020, Wherein I have shown my difficulties that as I am not getting suspense amount since last couple of days , I have not been able to meet the monthly obligation to local administration , i.e., Local police administration ,Kaliapani as well as local union. Hence yesterday I got call from I.I.C, Kaliapani and he reminded to pay his monthly amount on account of Dipawali which is more delayed. Similarly the undersigned is received telephonic calls frequently from R.O, SPCB, Kalinga Nagar, DDM office etc. to meet and give their amount in the office. If it is lingering to meet the requirement of above Govt. officials, they may arise statutory trouble for both mines. On the other hand any officer of Vedanta Ltd. may be entrusted such responsibility to deal with Govt. officials in order to maintain congenial relation with them forever.

Keeping in view of the above , I would once again request your good self to kindly look into the matter at the earliest enabling us to get done official work smoothly; otherwise they would not extend any cooperation to us which may be caused maximum inconvenience in our official work .

With Kind regards

Sr. Manager(Mines)
C.c. to :Sr. GM(Mines) / GM(Finance) , Bhadrak for kind information

ବେଦାନ୍ତର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ପି.ଜି. ସୁରେଶ କୁମାରଙ୍କୁ ଫେକର ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ପଠାଇଥିବା ଇ-ମେଲ୍।

ଇ-ମେଲ୍ ଦର୍ଶାଉଛି। ବେଦାନ୍ତର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ପି.ଜି. ସୁରେଶ କୁମାରଙ୍କୁ ୧୩।୧୧।୨୦୨୦ ଅପରାହ୍ନ ୧ଟା ୫୩ ମିନିଟ ୨୩ ସେକେଣ୍ଡରେ ଫେକର ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ଏ.କେ. ପାତ୍ର ପଠାଇଛନ୍ତି ଉକ୍ତ ଇ-ମେଲ୍। ବେଦାନ୍ତ ଖଣିରେ ଆଇନଶୃଙ୍ଖଳା ପରିସ୍ଥିତି, ଜଳ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ମୂଲ୍ୟବାନ କ୍ରୋମାଇଟ ଖଣି ଉତ୍ତୋଳନ ପ୍ରକ୍ରିୟାକୁ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନେ ଏମିତି ସମ୍ଭାଳୁଥିବାରୁ ସାଧାରଣ ଲୋକେ ବହୁଳ ଭାବେ ପ୍ରଭାବିତ ହେଉଛନ୍ତି। ଏନେଇ ୧୩।୭।୨୦୨୧ରେ ଅଭିଯୋଗକାରୀ ଆର୍.କେ. ସିଂ ଇ-ମେଲ୍ ଯୋଗେ ଡିଜିପି ଅଭୟ, ରାଜ୍ୟ ଭିଜିଲାନ୍ସ ଡାଇରେକ୍ଟର ଯଶୱନ୍ତ ଜେଠୱା, ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଏସ୍‌ପି ରାହୁଲ ପି.ଆର.ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଫେକର ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ଓ ବେଦାନ୍ତର ☞ପୃଷ୍ଠା-୪

## ୩୧ରେ ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାଫଳ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ଆସନ୍ତା ୩୧ ତାରିଖ ସନ୍ଧ୍ୟା ୬ଟାରେ ପ୍ରକାଶ ପାଇବ। ସିଏଚ୍‌ଏସ୍‌ଇ ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ଉପଲବ୍ଧ ହେବ। ତେବେ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ଏହା ପରେ ବାହାରିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। କଳା ଓ ଧନ୍ଦାମୂଳକ ପାଠ୍ୟକ୍ରମର ଆବଶ୍ୟକ କାଗଜପତ୍ର ଯାଞ୍ଚ ପାଇଁ ଅଧିକ ସମୟର ଆବଶ୍ୟକତା ରହିଛି। ତେବେ ଶୀଘ୍ର ଫଳ ପ୍ରକାଶନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ଅନୁମତି ନିମନ୍ତେ ସୁପ୍ରିମକୋର୍ଟଙ୍କ ନିକଟରେ ପରିଷଦ ତରଫରୁ ସମୟ ଯାଚିକା ଦାଖଲ କରାଯାଇଛି। ଅନୁମତି ମିଳିବା ପରେ ତୁରନ୍ତ ଏହି ଦୁଇ ପାଠ୍ୟକ୍ରମର ପରୀକ୍ଷାଫଳ ପ୍ରକାଶ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପରିବେଶ ଉପଯୋଗୀ ଅଭିବୃଦ୍ଧି




**୧୩ ମାସରେ ୩ ଥର ପଜିଟିଭ୍**

ମୁମ୍ବାଇର ଜଣେ ୨୬ ବର୍ଷୀୟା ଡାକ୍ତର ଶ୍ରୁତି ହାଲାରୀ ୧୩ ମାସରେ ତୃତୀୟ ଥର ପାଇଁ କରୋନାରେ ସଂକ୍ରମିତ ହୋଇଛନ୍ତି। ଟିକାର ଦୁଇଟି ଡୋଜ୍ ନେବାପରେ ସେ ୨ ଥର କୋଭିଡ୍‌ରେ ଆକ୍ରାନ୍ତ ହେଲେଣି। ତାଙ୍କ ନମୁନା ସଂଗ୍ରହ କରାଯାଇ ଜିନୋମ୍ ସିକ୍ୱେନ୍ସିଂ ପାଇଁ ଲାବୋରେଟୋରିକୁ ପଠାଯାଇଛି। ୨୦୨୦ ଜୁନ୍‌ରେ ସେ ପ୍ରଥମ ଥର କରୋନାରେ ଆକ୍ରାନ୍ତ ହୋଇଥିଲେ। ଗତ ମାର୍ଚ୍ଚ ୮ରେ ସେ ଟିକାର ପ୍ରଥମ ଡୋଜ୍ ଓ ଏପ୍ରିଲ ୨୯ରେ ଦ୍ୱିତୀୟ ଡୋଜ୍ ନେଇଥିଲେ। ପରେ ମେ ୨୯ ଓ ଜୁଲାଇ ୧୧ରେ ସେ ଦ୍ୱିତୀୟ ଓ ତୃତୀୟ ଥର ସଂକ୍ରମିତ ହୋଇଛନ୍ତି।

## ସଂକ୍ଷେପରେ

### ଶପଥ ନେଲେ ବୋମାଇ



**ବେଙ୍ଗାଲୁରୁ, ୨୮।୭:** କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବେ ଭାଜପା ନେତା ବାସବରାଜ ବୋମାଇ ବୁଧବାର ଶପଥ ନେଇଛନ୍ତି। ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ରାଜଭବନଠାରେ ୬୦ ବର୍ଷୀୟ ବୋମାଇଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶପଥଗ୍ରହଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ କିଷନ ରେଡ୍ଡୀ, ବିଦାୟୀ ମୁଖ୍ୟମନ୍ତ୍ରୀ ବି. ଏସ୍. ୟେଦୁରପ୍ପା, ରାଜ୍ୟର ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ବରିଷ୍ଠ କଂଗ୍ରେସ ନେତା ଆର୍. ଭି. ଦେଶପାଣ୍ଡେଙ୍କ ବ୍ୟତୀତ ବିରୋଧୀ ନେତାମାନେ ଏଥିରେ ଯୋଗ ଦେଇ ନ ଥିଲେ। ମେକାନିକାଲ ଇଞ୍ଜିନିୟରରୁ ରାଜନୀତିକୁ ଆସିଥିବା ବୋମାଇ ବାପା ଏସ୍. ଆର୍. ବୋମାଇ ଏବଂ ଜଗଦୀଶ ଶେଟ୍ଟରଙ୍କ ପରେ ମୁମ୍ବାଇ-କର୍ଣ୍ଣାଟକ ଅଞ୍ଚଳରୁ ମୁଖ୍ୟମନ୍ତ୍ରୀ ହେବାରେ ତୃତୀୟ ବ୍ୟକ୍ତି।

### କୁନ୍ଦ୍ରାଙ୍କ ଜାମିନ ଆବେଦନ ଖାରଜ

**ମୁମ୍ବାଇ, ୨୮।୭:** ଅଶ୍ଳୀଳ ଫିଲ୍ମ ପ୍ରସ୍ତୁତ ଓ ଏହାକୁ ରିଲିଜ କରାଇବା ଅଭିଯୋଗରେ ଗିରଫ ହୋଇଥିବା ବିଶିଷ୍ଟ ବ୍ୟବସାୟୀ ତଥା ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ଜାମିନ ଆବେଦନ ବୁଧବାର ଖାରଜ ହୋଇଯାଇଛି। ସହଯୋଗୀ ରିୟାନ ଥୋପ୍ରେଙ୍କୁ ମଧ୍ୟ ଜାମିନ ଦେବାକୁ ମୁମ୍ବାଇ କୋର୍ଟ ମନା କରିଦେଇଛନ୍ତି। କୁନ୍ଦ୍ରା ଆତଙ୍କବାଦୀ ନୁହନ୍ତି, ତେଣୁ ତାଙ୍କୁ କାହିଁକି ଜାମିନ ମିଳିବନି ବୋଲି ୪୫ ବର୍ଷୀୟ କୁନ୍ଦ୍ରାଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ହେଁ ଅଦାଲତ ତାହାକୁ ଖାରଜ କରିଦେଇଥିଲେ। କୁନ୍ଦ୍ରାଙ୍କୁ ଅଦାଲତ ମୁମ୍ବାଇର ଆର୍ଥର ରୋଡ୍ ଜେଲରେ ୧୪ ଦିନିଆ ନ୍ୟାୟିକ ହେପାଜତରେ ରହିବା ନିମନ୍ତେ ମଙ୍ଗଳବାର ନିର୍ଦ୍ଦେଶ ଦେଇଥିଲେ।

### ୨୩,୬୭୫ କୋଟିର ଅତିରିକ୍ତ ଖର୍ଚ୍ଚଦାବି ଗୃହୀତ

**ନୂଆଦିଲ୍ଲୀ, ୨୮।୭(ପି.ଟି.):** ଲୋକ ସଭାରେ ବୁଧବାର ହଟ୍ଟଗୋଳ ମଧ୍ୟରେ ଚଳିତ ବର୍ଷ ଲାଗି ୨୩,୬୭୫ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚଦାବି ଗୃହୀତ ହୋଇଯାଇଛି। ସେଥିମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୧୭,୦୦୦ କୋଟି ଟଙ୍କା ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅତିରିକ୍ତ ଖର୍ଚ୍ଚଦାବି ଓ ଆନୁଷଙ୍ଗିକ ବିଲ୍ ଆଗତ କରିଥିଲେ। ଏହା ୨୦୨୧-୨୨ ବଜେଟ ବାହାରେ ଅତିରିକ୍ତ ଖର୍ଚ୍ଚ। କୋଭିଡ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ପ୍ରସ୍ତୁତି କ୍ଷେତ୍ରରେ ୧୬,୪୬୩ କୋଟି ଅତିରିକ୍ତ ଖର୍ଚ୍ଚ ହେବାକୁ ଥିବାବେଳେ ଜରୁରୀ ମହାମାରୀ ପ୍ରସ୍ତୁତି ପାଇଁ ସ୍ୱାସ୍ଥ୍ୟ ଗବେଷଣା ନିମନ୍ତେ ୫୨୬ କୋଟି ବ୍ୟୟ ହେବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ୨,୦୫୦ କୋଟି ମାଗିଥିବାବେଳେ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ଚିନି କଳକୁ ସହାୟତା ଲାଗି ୧,୧୦୦ କୋଟି ମାଗିଥିଲା। ପେଗାସସ୍ ଗୁପ୍ତଚରଗିରି ଏବଂ ନୂଆ କୃଷି ଆଇନ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ ଜାରି ରଖିଥିବାବେଳେ ବିନା ଆଲୋଚନାରେ ବିଲ୍ ଗୃହୀତ ହୋଇଥିଲା।

### କରାଚୀରେ ୨ ଚାଇନା ନାଗରିକଙ୍କୁ ଗୁଳି

**କରାଚୀ, ୨୮।୭:** ପାକିସ୍ତାନର କରାଚୀଠାରେ ବୁଧବାର ୨ ଚାଇନା ନାଗରିକଙ୍କ ଉପରେ ଗୁଳିଚାଳନା ହୋଇଛି। ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଆସି ସେମାନଙ୍କ ଉପରେ ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାରେ ପ୍ରତିକ୍ରିୟା ରଖି ଚାଇନା ବହିର୍ବ୍ୟାପର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଏହାକୁ ଅଲଗା ଘଟଣା ବୋଲି କହିଛନ୍ତି। ଚାଇନା ନାଗରିକ ଏବଂ ଏହାର ଭିତ୍ତିଭୂମିକୁ ପାକିସ୍ତାନ ସୁରକ୍ଷା ଯୋଗାଇବା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି ବୋଲି ସେ କହିଛନ୍ତି। ୨ ସପ୍ତାହ ତଳେ ପାକିସ୍ତାନରେ ଏକ ବସ୍‌ରେ ଆଇଇଡି ବିସ୍ଫୋରଣ ହେବାରୁ ୯ ଚାଇନା ଇଞ୍ଜିନିୟରଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା।

# ନୂର ମୁକଦ୍ଦମ୍: ପୌରୁଷତ୍ୱର ପୁନର୍ବିଚାର

## ଏକତରଫା ପ୍ରେମ ଓ ହତ୍ୟାର ଚାଞ୍ଚଲ୍ୟକର କାହାଣୀ



### ମାମଲା କ'ଣ?

୨୭ ବର୍ଷୀୟା ନୂର ପାକିସ୍ତାନର ପୂର୍ବତନ କୂଟନୀତିଜ୍ଞ ଶୌକତ ମୁକଦ୍ଦମ୍‌ଙ୍କ ଝିଅ। ଜୁଲାଇ ୨୦ ତାରିଖରେ ରାଜଧାନୀ ଇସ୍‌ଲାମାବାଦର କଡ଼ାସ୍ଥିତ ପୋଶ୍ ଏଫ୍-୭ ଏରିଆର କୋହସାର ଥାନାକୁ ଜଣେ ସ୍ଥାନୀୟ ଯୁବକଙ୍କ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଜଣକ ପୋଲିସକୁ ଅପରାଧ ଓ ଘଟଣାସ୍ଥଳ ସମ୍ପର୍କରେ କହିଥିଲେ। ପୋଲିସ ସେଠାରେ ପହଞ୍ଚି ଦେଖିବାକୁ ପାଇଥିଲା ଯେ, କେତେଜଣ ଲୋକ ସନ୍ଦିଗ୍ଧ ଜାହିର ଜାକିର ଜାଫରଙ୍କୁ ଦଉଡ଼ିରେ ବାନ୍ଧି ରଖିଛନ୍ତି। ନୂରଙ୍କୁ ଅଭିଯୁକ୍ତ ହତ୍ୟା କରିବା ପରେ ସେହି ଲୋକମାନଙ୍କ ଉପରେ ମଧ୍ୟ ଆକ୍ରମଣ କରିଥିଲେ। ନୂରଙ୍କ ବାପା ଶୌକତ ମୁକଦ୍ଦମ୍ ଓ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ମାମଲା ଦାଏର ହୋଇଛି। ସେମାନଙ୍କ କହିବା ହେଲା, ଝିଅ ନୂରଙ୍କୁ ଜୁଲାଇ ୧୯ ରାତିରେ ହିଁ ଅପହରଣ କରାଯାଇଥିଲା। ଇଦ୍ ପାଇଁ କିଣାକିଣି କରି ଘରକୁ ଫେରିବା ପରେ ଝିଅ ନ ଥିବା ଦେଖି ମୁକଦ୍ଦମ୍ ଦମ୍ପତି ତାଙ୍କୁ ଫୋନ୍ କରିଥିଲେ। କିନ୍ତୁ ଫୋନ୍ ସୁଇଚ୍ ଅଫ୍ ଥିଲା। କିଛି ସମୟ ପରେ ନୂର ନିଜ ମାତାପିତାଙ୍କୁ ଫୋନ୍ କରି କହିଥିଲେ, ସେ କେତେଜଣ ସାଙ୍ଗଙ୍କ ସହ ଲାହୋର ଯାଉଛନ୍ତି। ଦିନେ ଦୁଇଦିନ ଭିତରେ ଫେରିବେ। ନୂରଙ୍କ ବାପାଙ୍କ ପାଖକୁ ପରଦିନ ଅପରାହ୍ନରେ ଏକ ଫୋନ୍ କଲ୍ ଆସିଥିଲା। ତାହା ଜାହିର ଜାକିର ଜାଫରଙ୍କଠାରୁ ଆସିଥିଲା। ଜାହିରଙ୍କ ପରିବାରକୁ ଶୌକତ ବହୁ ପୂର୍ବରୁ ଜାଣିଥିଲେ। ଜାହିର ତାଙ୍କ ସହ ନୂର ନ ଥିବା କହିଥିଲେ। କିଛି ଘଣ୍ଟା ପରେ ଶୌକତଙ୍କ ଘର ନିକଟ କୋହସାର ଥାନାରୁ ଫୋନ୍ ଆସିଥିଲା। ପୋଲିସ କହିଥିଲା, ଆପଣଙ୍କ ଝିଅଙ୍କୁ ହତ୍ୟା କରାଯାଇଛି। ହତ୍ୟା କରାଯାଇଥିବା ସ୍ଥାନକୁ ପୋଲିସ ଶୌକତଙ୍କୁ ନେଇଯାଇଥିଲା। ସେଠାରେ ନୂରଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ। ମୃତଦେହଠାରୁ ବିଚ୍ଛିନ୍ନ ହୋଇ ଗଡୁଥିଲା ନୂରଙ୍କ ମୁଣ୍ଡ।

ପାକିସ୍ତାନରେ ପ୍ରତ୍ୟହ ମହିଳା ବିରୋଧୀ ଅପରାଧ ସାମ୍ନାକୁ ଆସିଥାଏ। କିନ୍ତୁ ନୂର ମୁକଦ୍ଦମ୍‌ଙ୍କ ନୃଶଂସ ହତ୍ୟାର କାହାଣୀ କେବଳ ପାକିସ୍ତାନକୁ ଥରାଇ ଦେଇନାହିଁ, ବରଂ ସାରା ବିଶ୍ୱର ସଭ୍ୟ ସମାଜକୁ ବିଚଳିତ କରିଛି। ପୂର୍ବରୁ ଏଭଳି ହତ୍ୟାକାଣ୍ଡ କେବେ ଦେଖାଯାଇ ନ ଥିଲା। ସନ୍ଦିଗ୍ଧ ହତ୍ୟାକାରୀଙ୍କ ବିରୋଧରେ ଅଭିଯୋଗ ହେଉଛି ସେ ନୂରଙ୍କ ଗଳାକାଟି ମାରିଦେଇଛନ୍ତି। ଅଭିଯୁକ୍ତ ଜଣକ ତାଙ୍କ ସମ୍ପର୍କୀୟ ଏବଂ ଉଭୟେ ପରସ୍ପରକୁ ପିଲାବେଳୁ ଜାଣିଥିଲେ। ନୂରଙ୍କ ହତ୍ୟା ଭଳି ଏକ ଭୟଙ୍କର ମାମଲା ସାମ୍ନାକୁ ଆସିଲେ ଅନେକ ସମୟରେ ସମାଜ ସମ୍ପୃକ୍ତ ଅପରାଧୀଙ୍କୁ ଜଣେ 'ସାଇକୋ' (ମାନସିକ ବିକାରଗ୍ରସ୍ତ) କିମ୍ବା 'ମୋନ୍‌ଷ୍ଟର' (ରାକ୍ଷସ) ବୋଲି ଅଭିହିତ କରିଥାଏ। ଏଭଳି ବିଚାରଧାରା ଯୋଗୁ ସମାଜରେ ଘୃଣ୍ୟ ଅପରାଧ ବଢ଼ି ଚାଲିଛି। ନୂରଙ୍କ ହତ୍ୟା ପାଇଁ ସୃଷ୍ଟି ହୋଇଥିବା ସ୍ଥିତି ଲାଗି ସମାଜର ଏପରି ମାନସିକତା ହିଁ ଦାୟୀ।



ନୂର ମୁକଦ୍ଦମଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭବେଳେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି।

**ଇସ୍‌ଲାମାବାଦ, ୨୮।୭**

ପାକିସ୍ତାନୀ ଝିଅ ନୂର ମୁକଦ୍ଦମଙ୍କ ହତ୍ୟା ଅତ୍ୟନ୍ତ ଭୟଙ୍କର ହୋଇଥିଲେ ମଧ୍ୟ ଲୋକେ ଦୈନନ୍ଦିନ ଭିତ୍ତିରେ ଏଭଳି ଘଟଣା ସମ୍ପର୍କରେ ପଢ଼ି ଅଭ୍ୟସ୍ତ ହୋଇଗଲେଣି। ନୂରଙ୍କ ପୂର୍ବରୁ କୁର୍ତ୍ତୁଲେନ୍, ତାଙ୍କ ପୂର୍ବରୁ ସୈମା ଏବଂ ସୈମାଙ୍କ ପୂର୍ବରୁ କ୍ରୋଧିତ ପୁରୁଷଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଥିବା ଅଗଣିତ ମହିଳାଙ୍କ ମୁଣ୍ଡ ଗଡ଼ିଛି। ସେମାନେ ପ୍ରତିଦିନ ଖବରକାଗଜର ଶିରୋନାମା ସାଉଣ୍ଟିବାରେ ଲାଗିଛନ୍ତି। ଯେତେବେଳେ ବି ଏପରି ମାମଲା ସାମ୍ନାକୁ ଆସିଥାଏ, ଲୋକଙ୍କ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଥାଏ। ହ୍ୟାଶ୍‌ଟ୍ୟାଗ୍ ଟ୍ରେଣ୍ଡ୍ କରିବାରେ ଲାଗିଥାଏ। ନାରୀବାଦୀ ବିଭିନ୍ନ ସହରରେ ବିକ୍ଷୋଭ ଶୋଭାଯାତ୍ରା ଆୟୋଜନ କରିଥାଆନ୍ତି। ଅନେକେ ହତ୍ୟାକାରୀଙ୍କୁ ସର୍ବସାଧାରଣରେ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ଦାବି କରୁଥିବାବେଳେ ଉଦାରବାଦୀ ଓ ପ୍ରଗତିଶୀଳ ବ୍ୟକ୍ତିମାନେ ମହିଳାଙ୍କ ସୁରକ୍ଷା ଲାଗି କଠୋରରୁ କଠୋର ଆଇନ ପ୍ରଣୟନ ପାଇଁ ଓକିଲାତି କରନ୍ତି। କିଛି ଦିନ ପରେ ସେହି ଜନାକ୍ରୋଶ ପୁଣି ନରମ ପଡ଼ିଯାଏ। ଲୋକେ ନିଜ ନିଜ କାମରେ ଲାଗିଯାଆନ୍ତି ପୁଣି ଏକ ଅନୁରୂପ ଘଟଣା ସାମ୍ନାକୁ ଆସିବା ଯାଏ, ଆଉ ଜଣେ ମହିଳା ହତ୍ୟାର ଶିକାର ହେବା ପର୍ଯ୍ୟନ୍ତ।

### ହତ୍ୟା କାହିଁକି ?

ତଦନ୍ତକାରୀ ଅଧିକାରୀମାନେ କୋର୍ଟଙ୍କୁ ଜଣାଇଛନ୍ତି ଯେ, ଅଭିଯୁକ୍ତ ନୂରଙ୍କ ମା'ବାପାଙ୍କୁ ଫୋନ୍‌ରେ କହିଥିଲେ, ସେମାନଙ୍କ ଝିଅ ତାଙ୍କୁ ବିବାହ କରିବାକୁ ମନା କରିଦେଇଛନ୍ତି। ନୂର ଏଫ୍-୭ ଅଞ୍ଚଳରେ ଥିବା ଜାହିରଙ୍କ ଘରକୁ କେବେ ଓ କେଉଁ ସମୟରେ ଯାଇଥିଲେ ତାହା ଜାଣିବା ପାଇଁ ପୋଲିସ ଏବେ ତନାଘନା ଚଳାଇଛି। କାରଣ ଅଭିଯୁକ୍ତଙ୍କ ଘରୁ ଏକ ବନ୍ଧୁକ ମିଳିଥିଲା। ତେଣୁ ନୂରଙ୍କୁ ସେ ପ୍ରଥମେ ଗୁଳି କରି ହତ୍ୟା କରିଥିଲେ ଏବଂ ପରେ ମୁଣ୍ଡ ଓ ଗଣ୍ଡି ଅଲଗା କରିଥିଲେ ବୋଲି ସ୍ଥାନୀୟ ପୋଲିସ ମନେକରୁଛି। କିନ୍ତୁ ଶବ ବ୍ୟବଚ୍ଛେଦ ବେଳେ ତାଙ୍କ ଦେହରୁ ଗୁଳି ବାହାରି ନ ଥିଲା। ନୂର ଝରକାରୁ ଡେଇଁ ଜୀବନ ବଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଜାହିର ତାଙ୍କୁ ଭିତରକୁ ଟାଣିନେଇଥିଲେ। ଏହି ଅପରାଧ ଘଟିବାବେଳେ ଜାହିରଙ୍କ ଚୌକିଦାର ଓ ଅନ୍ୟ କେତେଜଣ ଦେଖିଥିବା ପୋଲିସ କହିଛି।

କିନ୍ତୁ ଏଭଳି ଘଟଣା ଘଟିଲେ ପ୍ରତି ଥର ମହିଳାମାନେ କ୍ଷୋଭ ଓ ନୈରାଶ୍ୟ ବ୍ୟକ୍ତ କରନ୍ତି। ସମାଜରେ ଲିଙ୍ଗଗତ ହିଂସା ବ୍ୟାପକ ହେବାରେ ଲାଗିଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ଏଭଳି ଘଟଣାକୁ ଏକ ବ୍ୟତିକ୍ରମ ବୋଲି ଅଭିହିତ କରିଥାଆନ୍ତି। ଏହାକୁ ନେଇ ଅନେକ ପୁରୁଷ କହିଥାଆନ୍ତି, 'ସବୁ ପୁରୁଷ ଏପରି ନୁହନ୍ତି'। ଏଭଳି ଯୁକ୍ତିକୁ ନେଇ ମହିଳାମାନଙ୍କଠାରେ କ୍ରୋଧ ବଢ଼ିଥାଏ। ସମାଜରେ ପୁରୁଷଙ୍କଠାରେ ଶାରୀରିକ, ମନସ୍ତାତ୍ତ୍ୱିକ ଓ ଆବେଗିକ ଏପରି କି ଆର୍ଥିକ କାରଣରୁ ହିଂସ୍ର ସଂସ୍କୃତି ବଢ଼ିବାରେ ଲାଗିଥିବା ମହିଳାମାନେ କହିଥାଆନ୍ତି। ଅନେକ ପୁରୁଷ ହତ୍ୟାକାରୀ କିମ୍ବା ବଳାତ୍କାରୀ ହୋଇ ନ ପାରନ୍ତି, କିନ୍ତୁ ଏହି ପ୍ରକାର ହିଂସ୍ର ଅପରାଧ ଘଟିଚାଲିବା ବ୍ୟବସ୍ଥାଗତ ସମସ୍ୟାର ଏକ ଅଂଶ ପାଲଟିଯାଇଛି। ଏହା ଏଭଳି ଏକ ପ୍ରସଙ୍ଗ, ଯାହାକୁ ଅଷ୍ଟ୍ରେଲୀୟ ସମାଜବିଜ୍ଞାନୀ ଆର୍.ଡବ୍ଲ୍ୟୁ କୋନେଲ ପୌରୁଷତ୍ୱ ଚିନ୍ତାଧାରାର 'ଜେଣ୍ଡର ଅର୍ଡର' କହିଥାଆନ୍ତି। ତାଙ୍କ ମତରେ ପୌରୁଷତ୍ୱର ପୁନର୍ବିଚାର ଜରୁରୀ।

ସମସ୍ତ ପୁରୁଷ ସେମାନଙ୍କଠାରୁ ଅପେକ୍ଷାକୃତ ଦୁର୍ବଳ ମହିଳାମାନଙ୍କ ବିରୋଧରେ ଶାରୀରିକ ହିଂସା ଭିଆଉ ନ ଥିଲେ ହେଁ ଘଟିଚାଲିଥିବା ଘଟଣାଗୁଡ଼ିକର ସଂଖ୍ୟା ବି କମ୍ ନୁହେଁ। ଲିଙ୍ଗଗତ ସମାନତା ପାଇଁ କାର୍ଯ୍ୟ କରୁଥିବା ଜାତିସଂଘ ସଂସ୍ଥା ୟୁଏନ୍ ଓମେନ୍ ଅନୁସାରେ ପାକିସ୍ତାନର ଏକଚତୁର୍ଥାଂଶ ମହିଳା ନିଜ ଜୀବନକାଳ ମଧ୍ୟରେ ସାଥୀଙ୍କଠାରୁ ଶାରୀରିକ କିମ୍ବା ଯୌନଗତ ଉତ୍ପୀଡ଼ନର ଶିକାର ହୋଇଥାନ୍ତି। ୟୁରୋପୀୟ ତଥା ଉତ୍ତର ଆମେରିକୀୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଏହା କମ୍ ବୋଲି ଅନେକ ପାକିସ୍ତାନୀ ପୁରୁଷ ସଗର୍ବେ କହିଥାନ୍ତି। ଅନେକ ସମୟରେ ଭୟ ଓ ଲୋକଲଜ୍ଜା ଯୋଗୁ ଏଭଳି ଘଟଣା ଲୋକଲୋଚନକୁ ଆସି ନ ଥାଏ। ଏପରି କି ଅନେକ ମହିଳା ନିଜ ସ୍ୱାମୀ କିମ୍ବା ପରିବାରର ପୁରୁଷ ସଦସ୍ୟଙ୍କ ଦ୍ୱାରା ଘଟାଯାଉଥିବା ଏପରି ହିଂସାକୁ ସହି ସହି ଅଭ୍ୟସ୍ତ ହୋଇଗଲେଣି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଯୁକ୍ତି ବାଢ଼ନ୍ତି, ମହିଳାମାନଙ୍କ ପରିଧାନ ତଥା ଚାଲିଚଳଣ ଯୋଗୁ ପୁରୁଷମାନେ ବଳାତ୍କାର ଓ ହିଂସା ଭିଆଇବା ପାଇଁ ପ୍ରେରିତ ହୁଅନ୍ତି। ଇମ୍ରାନ୍‌ଙ୍କ ଏହି ଯୁକ୍ତି ପ୍ରତିବାଦରେ ଦେଶର ମହିଳାମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି।

### ଜାହିର କିଏ?

ଜାହିର ଜାକିର ଜାଫର ହେଉଛନ୍ତି ଜଣାଶୁଣା ବ୍ୟବସାୟୀ ଜାକିର ଜାଫର ଓ ଅସ୍ମତ ଆଦମଜୀ ଜାଫରଙ୍କ ପୁଅ। ପାର୍ଟିଗୁଡ଼ିକରେ ସାମିଲ ହେଉଥିବା ଜଣେ ସୋସିଆଲାଇଟ୍ ଭାବେ ଲୋକେ ତାଙ୍କୁ ଜାଣନ୍ତି। ଜାହିର ବାପାଙ୍କ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀରେ ଡାଇରେକ୍ଟର ଭାବେ କାମ କରୁଥିଲେ। ସେ ନିଶାସକ୍ତ ଥିଲେ। ଇସ୍‌ଲାମାବାଦରେ ଥିବା ଥେରାପି ୱାର୍କ୍ସ ନାମକ ଏକ ଡ୍ରଗ୍ସ ରିହାବିଲିଟେସନ୍ ସେଣ୍ଟରରେ ତାଙ୍କର ଚିକିତ୍ସା ଚାଲିଥିଲା। ଇତିମଧ୍ୟରେ ଜାହିରଙ୍କ ମା'ବାପାଙ୍କୁ ମଧ୍ୟ ପୋଲିସ ହାତକୁ ନେଇଛି। ଦୁହେଁ ଏହି ଅପରାଧରେ ପୁଅଙ୍କୁ ସହଯୋଗ କରିଥିବା କୁହାଯାଉଛି। ପୁଅର ଏହି କାଣ୍ଡ ସମ୍ପର୍କରେ ଜାଣିବା ପରେ ଉଭୟେ ତାଙ୍କୁ ବଞ୍ଚାଇବା ପାଇଁ ଥେରାପି ଚିକିତ୍ସା କେନ୍ଦ୍ରକୁ ଫୋନ୍ କରି ଅପରାଧ ଲୁଚାଇବାକୁ ଉଦ୍ୟମ କରିଥିଲେ। ଏପରି କି ପୁଅଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ସେମାନେ ବାହାନା କରିଥିଲେ।


ଅଭିଯୁକ୍ତ ଜାହିର ଜାକିର ଜାଫରଙ୍କୁ ପୋଲିସ ଗିରଫ କରି ନେଉଛି।

## ବ୍ଲିଙ୍କେନ୍-ଜୟଶଙ୍କର ଆଲୋଚନା



### ସାମରିକ ସହଯୋଗ ବୃଦ୍ଧିକୁ ଗୁରୁତ୍ୱ

**ନୂଆଦିଲ୍ଲୀ, ୨୮।୭(ଆଇଏଏନ୍ଏସ୍)**

ଭାରତ ଓ ଆମେରିକା ମଧ୍ୟରେ ସାମରିକ ସହଯୋଗିତା ବୃଦ୍ଧି ସମେତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସହଯୋଗ ବଢ଼ାଇବା ଏବଂ ଆଫଗାନିସ୍ତାନ ସହ ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗରେ ବୁଧବାର ଆଲୋଚନା ହୋଇଛି। ଭାରତକୁ ପ୍ରଥମ ଗସ୍ତରେ ଆସିଥିବା ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନଙ୍କ ସହ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହା ପୂର୍ବରୁ ଆମେରିକା ପରରାଷ୍ଟ୍ର ସଚିବ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲଙ୍କ ସହ ପ୍ରତିରକ୍ଷା, ସୁରକ୍ଷା, ଅର୍ଥନୀତି ଆଦି ପ୍ରସଙ୍ଗରେ କଥା ହୋଇଥିଲେ। କୋଭିଡ୍ ମହାମାରୀ ବିରୋଧୀ ଲଢ଼େଇରେ ପରସ୍ପରକୁ ସହଯୋଗ କରିବା, ଆଫଗାନିସ୍ତାନର ବର୍ତ୍ତମାନର ସ୍ଥିତି, କ୍ୱାଡ୍ ପ୍ରସଙ୍ଗ ବ୍ଲିଙ୍କେନ୍‌ଙ୍କ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା। ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଆଲୋଚନା ପରେ ଉଭୟ ଜୟଶଙ୍କର ଏବଂ ବ୍ଲିଙ୍କେନ୍ ଗଣମାଧ୍ୟମକୁ ମିଳିତ ସମ୍ବୋଧନ କରିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

ଆତଙ୍କବାଦ ନିରୋଧୀ ଅଭିଯାନରେ ଆମେରିକାର ସହଯୋଗ ଜାରି ରଖିବ ବୋଲି ବ୍ଲିଙ୍କେନ୍ କହିଥିଲେ। କୋଭିଡ୍ ଟିକାକରଣ ଲାଗି ଭାରତକୁ ୨୫ ନିୟୁତ ଡଲାର ସହାୟତା ଯୋଗାଇ ଦେବାକୁ ସେ ଘୋଷଣା କରିଥିଲେ।

### ଦଲାଇଲାମାଙ୍କ ପ୍ରତିନିଧିଙ୍କୁ ଭେଟିଲେ ବ୍ଲିଙ୍କେନ୍

ଭାରତ ଗସ୍ତରେ ଆସିଥିବା ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ବୁଧବାର ନୂଆଦିଲ୍ଲୀରେ ଦଲାଇଲାମାଙ୍କ ପ୍ରତିନିଧି ଗୋଡ୍‌ପ୍ ଡୋଙ୍ଗ୍‌ଚୁଙ୍ଗ୍‌ଙ୍କୁ ଭେଟି ଆଲୋଚନା କରିଛନ୍ତି। ବ୍ଲିଙ୍କେନ୍‌ଙ୍କ ଏଭଳି ପଦକ୍ଷେପ ଚାଇନାକୁ କ୍ଷୁବ୍ଧ କରିଥିବ ବୋଲି କୁହାଯାଉଛି। ଦୁଇ ନେତାଙ୍କ ମଧ୍ୟରେ ୧୦ ମିନିଟ ଆଲୋଚନା ହୋଇଥିବା କେନ୍ଦ୍ରୀୟ ତିବ୍ବତ ପ୍ରଶାସନ (ସିଟିଏ)ର ମୁଖପାତ୍ର ଟେନ୍‌ଜିନ୍ ଲେକ୍‌ସେ କହିଛନ୍ତି।

## ଦୁର୍ଘଟଣାରେ ଗଲା ୧୮ ଜୀବନ

**ବାରବାଙ୍କି, ୨୮।୭(ପି.ଟି.)**



ଉତ୍ତରପ୍ରଦେଶରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୮ ଜଣଙ୍କ ମୃତ୍ୟୁ ହେବା ସହ ୨୫ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଲକ୍ଷ୍ନୌ-ଅଯୋଧ୍ୟା ରାଜପଥର ରାମ ସାନେହି ଘାଟ ଅଞ୍ଚଳରେ ରାସ୍ତା ଉପରେ ଅଟକିଥିବା ଡବଲ-ଡେକର ବସ୍‌କୁ ଏକ ଦ୍ରୁତଗାମୀ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଉକ୍ତ ଘରୋଇ ବସ୍‌ଟି ପଞ୍ଜାବ ହରିୟାଣାରୁ ବିହାର ଯାଉଥିବାବେଳେ ସେଥିରେ ୧୩୦ ଜଣ ଯାତ୍ରୀ ଥିଲେ। ଏକ୍ସିଲ ଭାଙ୍ଗିଯିବାରୁ ଏହା ରାସ୍ତା ଉପରେ ଅଟକିଥିଲା ଓ ଯାତ୍ରୀମାନେ ଓହ୍ଲାଉଥିଲେ। କେତେଜଣ ଯାତ୍ରୀ ଓହ୍ଲାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲେ। ଦୁର୍ଘଟଣା ଯୋଗୁ ଘଟଣାସ୍ଥଳରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୭ ଜଣ ହସ୍ପିଟାଲରେ ଆଖି ବୁଜିଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ। ସେମାନେ ପଞ୍ଜାବ, ହରିୟାଣାରେ ଧାନବୁଣା କାମ ସାରି ବିହାରକୁ ଫେରୁଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍ ଭିତରୁ ଯାତ୍ରୀମାନଙ୍କୁ ବାହାର କରିଥିଲା। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଏବଂ ଗୁରୁତରଙ୍କୁ ଲକ୍ଷ୍ନୌର ଟ୍ରମା ସେଣ୍ଟରକୁ ପଠାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି।

## କଶ୍ମୀର, ହିମାଚଳରେ ବର୍ଷା ବିପ୍ରାତ: ୨୧ ମୃତ

**ଶିମଲା/ଜମ୍ମୁ, ୨୮।୭(ପି.ଟି.)**

ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ଲଦାଖରେ ପ୍ରବଳ ବର୍ଷା ଯୋଗୁ ବୁଧବାର ୨୧ ଜଣଙ୍କର ମୃତ୍ୟୁ ଘଟିଛି। ଲଗାଣ ବର୍ଷାଜନିତ ବନ୍ୟାରେ ବହୁସଂଖ୍ୟାରେ ଘର ଭାଙ୍ଗିବା ସହ ଫସଲ ଏବଂ ବିଦ୍ୟୁତ୍ ପ୍ଲାଣ୍ଟ କ୍ଷତିଗ୍ରସ୍ତ ହୋଇଛି। ଜମ୍ମୁ-କଶ୍ମୀରର କିସ୍ତୱାରରେ ବାଦଲଫଟା ବର୍ଷା ଯୋଗୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୭ ଜଣ ଆହତ ହୋଇଛନ୍ତି। ଏଥିସହିତ ୧୯ଟି ଘର ଏବଂ ଏକ ରାଶନ ଡିପୋ ଭାଙ୍ଗିବା ସହ ଏକ ବ୍ରିଜ୍ କ୍ଷତିଗ୍ରସ୍ତ ହୋଇଛି। ଲଦାଖର କାର୍ଗିଲରେ ମୂଷଳ ଧାରାରେ ବର୍ଷା ହେବାଯୋଗୁ ଏକ କ୍ଷୁଦ୍ର ବିଦ୍ୟୁତ୍ ପ୍ରକଳ୍ପ ନଷ୍ଟ ହେବା ସହ ୧୨ଟି ଘର ଭାଙ୍ଗିଯାଇଛି। ସେହିପରି ହିମାଚଳପ୍ରଦେଶରେ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ୨ ଆହତ ହୋଇଛନ୍ତି ଏବଂ ୪ ଜଣ ନିଖୋଜ ଅଛନ୍ତି। ସେମାନଙ୍କ ମଧ୍ୟରୁ ଲହାଉଲ-ସ୍ପିତିରେ ବନ୍ୟା ଯୋଗୁ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଚାମ୍ବାରେ ୨ ଜଣ ପ୍ରାଣ ହରାଇଥିବା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ନିର୍ଦ୍ଦେଶକ ସୁଦେଶ କୁମାର ମୋଖତା ସୂଚନା ଦେଇଛନ୍ତି। କୁଲ୍ଲୁ ଜିଲ୍ଲାରେ ଦିଲ୍ଲୀର ଜଣେ ପର୍ଯ୍ୟଟକଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ପୋଲିସ, ସେନା, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବାଦଲଫଟା ବର୍ଷାରେ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିବାରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୁଃଖ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ସ୍ଥିତି ଉପରେ ନଜର ରଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ପ୍ରଭାବିତ ଅଞ୍ଚଳକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ପୋଲିସ ଡିଜି ଦିଲବାଗ୍ ସିଂଙ୍କ ସହ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି।


ଶିମଲାର ଥିଓଙ୍ଗ ନିକଟରେ ବନ୍ୟାପାଣିର ପ୍ରଖର ସ୍ରୋତରେ ଏକ କାର୍ ଭାସି ଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୬୨,୩୦,୯୫୭ | ୪୧,୯୭,୩୧୯ | ୧୭,୭୮,୪୬,୬୫୭ |
| ଭାରତ | ୩,୧୪,୯୦,୧୫୩ | ୪,୨୨,୧୭୫ | ୩,୦୬,୬୩,୧୪୭ |
| ଓଡ଼ିଶା | ୯,୭୨,୫୧୭ | ୫୭୦୩(+୫୩) | ୯,୫୧,୦୪୯ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ୪ ହଜାର ପଡ଼ା ହେବ ରାଜସ୍ୱ ଗ୍ରାମ

- ଜାରିହେଲା ମାର୍ଗଦର୍ଶିକା
- ୫୦୦ମିଟର ଦୂର ୨୫୦ରୁ ଊର୍ଦ୍ଧ୍ୱ ଲୋକ ଥିବା ବସତିକୁ ମିଳିବ ଗ୍ରାମ ମାନ୍ୟତା

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ରାଜ୍ୟରେ ଥିବା ୪ହଜାର ପଡ଼ା ବା ବସତିକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା ପାଇଁ ଥିବା ଦୀର୍ଘଦିନର ସମସ୍ୟାକୁ ରାଜ୍ୟ ସରକାର ସମାଧାନ କରିଛନ୍ତି। ନୂତନ ଗ୍ରାମ ହେବା ଫଳରେ ଉକ୍ତ ପଡ଼ାଗୁଡ଼ିକ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଏବଂ କାର୍ଯ୍ୟକ୍ରମ ଜରିଆରେ ବହୁ ସୁବିଧା ପାଇପାରିବେ। ୫-ଟି ସୂତ୍ର ଅଧୀନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ନିମନ୍ତେ ପ୍ରଚଳିତ ନିୟମରେ ସରଳୀକରଣ ପ୍ରସ୍ତାବକୁ ବୁଧବାର ଅନୁମୋଦନ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏନେଇ ସମସ୍ତ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରିବା ସହ ନୂଆ ମାର୍ଗଦର୍ଶିକାର ଅନୁପାଳନ ପାଇଁ କହିଛନ୍ତି।

ନୂତନ ମାର୍ଗଦର୍ଶିକା ଅନୁସାରେ ମୂଳ ରାଜସ୍ୱ ଗ୍ରାମଠାରୁ ୫୦୦ ମିଟରରୁ ଅଧିକ ଦୂରରେ ଅବସ୍ଥିତ ୨୫୦ କିମ୍ବା ତଦୂର୍ଦ୍ଧ୍ୱ ଜନସଂଖ୍ୟାବିଶିଷ୍ଟ ପଡ଼ାକୁ ନୂତନ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯିବ। ଅନୁରୂପ ଭାବେ ମୂଳରାଜସ୍ୱ ଗ୍ରାମରୁ ୫୦୦ମିଟର ମଧ୍ୟରେ ଏବଂ ୩୦୦ରୁ ଅଧିକ ଜନସଂଖ୍ୟାବିଶିଷ୍ଟ ବସତିକୁ ନୂତନ ରାଜସ୍ୱ ଗ୍ରାମଭାବେ ଗ୍ରହଣ କରାଯିବ। ୨୫୦ରୁ କମ୍ ଜନସଂଖ୍ୟାବିଶିଷ୍ଟ ପଡ଼ା ବା ବସତିଗୁଡ଼ିକ ମୂଳ ରାଜସ୍ୱ ଗ୍ରାମରୁ ପ୍ରାକୃତିକ ଭାବେ ବିଚ୍ଛିନ୍ନ ଥିଲେ ସେଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମର ମାନ୍ୟତା ମିଳିବ। ବିଭାଗୀୟ ପ୍ରମୁଖ ଶାସନ ସଚିବ ନୂତନ ରାଜସ୍ୱ ଗ୍ରାମ ସୃଷ୍ଟିବେଳେ ଗୋଚର ଏବଂ ଗୋଷ୍ଠୀଗତ ଜମିର ସୀମା ସଂରକ୍ଷଣ ବାବଦରେ ଗୁରୁତ୍ୱ ନ ଦେବାକୁ ନିର୍ଦ୍ଦିଷ୍ଟ ଭାବେ ସୂଚନା ଦେଇଛନ୍ତି। କିନ୍ତୁ ନୂତନ ଭାବେ ସୃଷ୍ଟି ହେଉଥିବା ଗ୍ରାମର ବାସିନ୍ଦାମାନେ ମୂଳ ଗ୍ରାମ ମଧ୍ୟରେ ଥିବା ଗୋଚର ଏବଂ ଗୋଷ୍ଠୀଗତ ଜମିକୁ ବ୍ୟବହାର କରିପାରିବେ। ଏହା ଉଭୟ ଗ୍ରାମର ସାଧାରଣ ସମ୍ପତ୍ତି ଭାବେ ବିବେଚିତ ହେବ। ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି ବାବଦରେ ବହୁବାର ରାଜ୍ୟ ବିଧାନସଭା ତଥା ଅନ୍ୟାନ୍ୟ ସାମ୍ମୁଖ୍ୟରେ ଦାବି ହୋଇଆସୁଛି। ଗୋଚର ଓ ଗୋଷ୍ଠୀଗତ ଜମି ଅଭାବରୁ ଅଧିକାଂଶ ପ୍ରସ୍ତାବ ବିଚାରକୁ ନିଆଯାଇପାରୁ ନ ଥିଲା। ବନ୍ଦୋବସ୍ତ ଓ ଚକବନ୍ଦୀ କାର୍ଯ୍ୟ ସମୟରେ ଜମି ସଂରକ୍ଷଣ ବାବଦରେ ବହୁପୂର୍ବରୁ ଜାରି କେତେକ ପ୍ରଶାସନିକ ନିର୍ଦ୍ଦେଶନାମାକୁ କ୍ଷେତ୍ରୀୟ ଅଧିକାରୀମାନେ ଠିକ୍ ଭାବେ ବୁଝିପାରି ନ ଥିଲେ। ତେଣୁ ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି ବାଧାପ୍ରାପ୍ତ ହେଉଥିଲା। ଫଳରେ ରାଜ୍ୟ ବିଭିନ୍ନ ସମ୍ବଳ ସଂଗ୍ରହରୁ ବଞ୍ଚିତ ହେଉଥିଲା। ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ନ କଲେ ପ୍ରାୟ ୪ହଜାର ନୂତନ ଗ୍ରାମ ସୃଷ୍ଟି ହେବା ସହିତ ଲୋକମାନେ ଉପକୃତ ହେବେ ବୋଲି ବିଷ୍ଣୁପଦ ଉଲ୍ଲେଖ କରିଛନ୍ତି। ପୂର୍ବର ସମସ୍ତ ନିର୍ଦ୍ଦେଶାବଳୀ ଏହାଦ୍ୱାରା ନିଷ୍କ୍ରିୟ ହେବ ବୋଲି ଦର୍ଶାଇଛନ୍ତି।

# ଘନୀଭୂତ ହେଲା ଲଘୁଚାପ

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ବୁଧବାର ଘନୀଭୂତ ହୋଇଛି। ଏହା ଆଗାମୀ ୪୮ ଘଣ୍ଟା ମଧ୍ୟରେ ପଶ୍ଚିମ ଦିଗରେ ଗତିକରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ଏବଂ ଦେବଗଡ଼, ଅନୁଗୋଳ, ସମ୍ବଲପୁର, ସୋନପୁର, ବରଗଡ଼, ଝାରସୁଗୁଡ଼ା ଓ ଢେଙ୍କାନାଳରେ ପ୍ରବଳ ବର୍ଷା ହେବ। ୩୦ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ବରଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ନୂଆପଡ଼ା, ବଲାଙ୍ଗୀର, ସୋନପୁର ଓ କେନ୍ଦୁଝରରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୩୧ ତାରିଖରେ ନୂଆପଡ଼ା, ନବରଙ୍ଗପୁର ଓ ବରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏଥିସହ ୪୦ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଥିବାରୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଜୁଲାଇ ଅଧା ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ପରିମାଣ କମ୍ ଥିଲା। ଏବେ ବି ତାହା ସ୍ୱାଭାବିକ ସ୍ଥିତିକୁ ଫେରି ନ ଥିବାବେଳେ ୧୭ଟି ଜିଲାରେ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ତେଣୁ ଏବେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଚାଷୀମାନେ ଆଶ୍ୱସ୍ତ ଲାଭ କରିବେ ବୋଲି ଆଶା କରାଯାଉଛି।

# ଓଡ଼ିଶା ସମେତ ୩ ରାଜ୍ୟରେ ସିବିଆଇ ଚଢ଼ାଉ

**ବେଆଇନ ଖଣି ଖନନ, ଚୋରି ଘଟଣା**

- ଇସିଏଲ୍‌ର ଜିଏମ୍‌ଙ୍କ ଘରୁ ୨୦ଲକ୍ଷ ଟଙ୍କାର ଅଳଙ୍କାର, ଦଲିଲ ଜବତ

ଭୁବନେଶ୍ୱର,୨୮।୭(ବ୍ୟୁରୋ)

ବେଆଇନ ଖଣି ଖନନ ଓ କୋଇଲା ଚୋରି ନେଇ ସିବିଆଇ ପକ୍ଷରୁ ବୁଧବାର ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। କୋଇଲା ଚୋରି ଅଭିଯୋଗରେ ୨୦୨୦ ନଭେମ୍ବର ୨୭ରେ ସିବିଆଇ ୬ଜଣଙ୍କ ବିରୋଧରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଏହିକ୍ରମରେ ବୁଧବାର ସିବିଆଇ ଇଷ୍ଟର୍ନ କୋଲ୍‌ଫିଲ୍ଡ ଲିମିଟେଡ(ଇସିଏଲ୍)ର କାର୍ଯ୍ୟାଳୟ ସମେତ ୩ ରାଜ୍ୟର ୧୫ ସ୍ଥାନରେ ଚଢ଼ାଉ କରିଛି। ସିବିଆଇ ପକ୍ଷରୁ ଇସିଏଲ୍‌ର ପୂର୍ବତନ ଏବଂ ବର୍ତ୍ତମାନର ଦୁଇ ଜିଏମ୍, ସିକ୍ୟୁରିଟି ମ୍ୟାନେଜର, ସିକ୍ୟୁରିଟି ଇନ୍ସପେକ୍ଟର, କୋଲିରି ଏଜେଣ୍ଟଙ୍କ ଘରେ ଏବଂ ଅଫିସରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବର୍ତ୍ତମାନର ଜିଏମ୍‌ଙ୍କ ଘରୁ ପ୍ରାୟ ୨୦ଲକ୍ଷ ଟଙ୍କା ମୂଲ୍ୟର ଅଳଙ୍କାର ଏବଂ ସମ୍ପତ୍ତି ଦଲିଲ ଜବତ କରାଯାଇଛି। ସେହିପରି ଅନ୍ୟ କିଛି ସ୍ଥାନରୁ ସମ୍ପତ୍ତି ଦଲିଲ, ଲକର ଚାବି ଏବଂ ଆପରାଧିକ ଦଲିଲ୍ ସିବିଆଇ ଟିମ୍ ଜବତ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା କାରଣରୁ ଅଧିକ ସୂଚନା ମିଳିପାରି ନାହିଁ। ସୂଚନାଯୋଗ୍ୟ, ଆସାନସୋଲ୍‌ସ୍ଥିତ ଇସିଏଲ୍ ଓ ଏହାର ସଂଲଗ୍ନ ଘରୋଇ ଜମିରେ ବେଆଇନ ଖଣି ଖନନ ଏବଂ କୋଇଲା ଚୋରି ଅଭିଯୋଗ ହୋଇଥିଲା। ଏଥିରେ ବହୁ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ସୂଚନା ମିଳିଥିଲା। ଏନେଇ ସିବିଆଇ ମାମଲା ରୁଜୁ କରି କେତେଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ପୂର୍ବରୁ ସିବିଆଇ ପକ୍ଷରୁ ବିଭିନ୍ନ ରାଜ୍ୟର ୧୦୦ରୁ ଅଧିକ ସ୍ଥାନରେ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ପୂର୍ବରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା।

# ମହାପ୍ରଭୁଙ୍କୁ ସୁବର୍ଣ୍ଣ ଜିଭଛେଲା ଦାନ କଲେ ପଦ୍ମଚରଣ



ପୁରୀ ଅଫିସ, ୨୮।୭: ଜଣେ ଦାତା ବୁଧବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୩ଟି ସୁବର୍ଣ୍ଣ ଜିଭଛେଲା ଦାନ କରିଛନ୍ତି। ଦାତା ଜଣଙ୍କ ହେଲେ ଭୁବନେଶ୍ୱର ନିବାସୀ ପଦ୍ମଚରଣ ପାତ୍ର। ସେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କୁ ଭେଟି ୩ଟି ସୁବର୍ଣ୍ଣ ଜିଭଛେଲା ପ୍ରଦାନ କରିଛନ୍ତି। ଏହି ୩ଟି ଜିଭଛେଲାରେ ମୋଟ ୯୦ ଗ୍ରାମ ୩୩୦ ମିଲିଗ୍ରାମ ସୁନା ବ୍ୟବହୃତ ହୋଇଛି। ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ଅବକାଶ ନୀତି ସମୟରେ ସୁବର୍ଣ୍ଣ ଜିଭଛେଲା ବ୍ୟବହାର କରାଯାଇଥାଏ। ଏହି ଦାନ ସମୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସନ ଜିତେନ୍ଦ୍ର ସାହୁ, ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର, ବରିଷ୍ଠ ସେବାୟତ ତଲୁଛ ନୀଳକଣ୍ଠ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଦ୍ମଚରଣ ୩ ହଳ ସୁବର୍ଣ୍ଣ ସୂର୍ଯ୍ୟ-ଚନ୍ଦ୍ର ଦାନ କରିଥିଲେ।

# ୧୫ଦିନ ଭିତରେ ସରିବ କରୋନା ମୃତ୍ୟୁ ଅଡିଟ୍

**ଦିନକରେ ୬୯ ମୃତ, ୧,୭୦୩ ଆକ୍ରାନ୍ତ**

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ କମିଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟା ଅଧିକ ରହୁଛି। ଏବେ ଆଉ ୬୯ଜଣଙ୍କ ମୃତ୍ୟୁ ଘଟିଥିବା କୋଭିଡ୍ ତଥ୍ୟରେ ଦର୍ଶାଯାଇଛି। ତେବେ ଏହି ମୃତ୍ୟୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ହୋଇ ନ ଥିବା ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ମୃତକଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୧୪ଜଣ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ୫,୭୦୩କୁ ବୃଦ୍ଧି ପାଇଛି। ଅଡିଟ୍ ଆଧାରରେ ଦୈନିକ ମୃତ୍ୟୁ ତଥ୍ୟ ଦିଆଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଡିଏମଇଟି ସିବିକେ ମହାନ୍ତି କହିଛନ୍ତି, ଯେହେତୁ ମୃତକଙ୍କ ପରିବାର ବିଭିନ୍ନ ପ୍ରକାର ସୁବିଧା ଓ ସୁଯୋଗ ପାଇବେ ତେଣୁ ସବୁ ଦିଗକୁ ଅନୁଧ୍ୟାନ କରି ଅଡିଟ୍ ରିପୋର୍ଟ ଦେଉଛୁ। ଆଗାମୀ ୧୦ରୁ ୧୫ ଦିନ ମଧ୍ୟରେ ମୃତ୍ୟୁ ଅଡିଟ୍ ଶେଷ ହେବ। ଅପରପକ୍ଷେ ରାଜ୍ୟରେ ଗତ ୨୪ଘଣ୍ଟାରେ ୭୮,୭୪୦ ନମୁନା ପରୀକ୍ଷା ହୋଇଥିବାବେଳେ ୧,୭୦୩ ପଜିଟିଭ୍ ବାହାରିଛନ୍ତି। ଯେହେତୁ ଲୋକମାନେ କୋଭିଡ୍ ଗାଇଡ୍‌ଲାଇନକୁ ଠିକ ଭାବେ ଅନୁପାଳନ କରୁନାହାନ୍ତି, ତେଣୁ କଟକଣା ଆଉ କିଛିଦିନ ଜାରି ରଖିବା ଦରକାର। ଅଳ୍ପ କିଛି ଜିଲାରେ ସଂକ୍ରମଣ ହାର ୫ ପ୍ରତିଶତ ଉପରେ ରହିଛି। କୋଭିଡ୍ ଗାଇଡ୍‌ଲାଇନ ଅନୁପାଳନ, ସଂକ୍ରମଣ ହାର, କେସ୍ ଲୋଡ୍ ସ୍ଥିତିର ଅନୁଧ୍ୟାନ ଓ ସାମଗ୍ରିକ ସ୍ଥିତି ସମୀକ୍ଷା ପରେ ଅନଲକ୍ ନିଷ୍ପତ୍ତି ନିଆଯିବ।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଂଶୁମାନ
ପରିବାରବର୍ଗ


ସାଇଦର୍ଶନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ହାଇଦର ପୁଅଙ୍କ ଜାମିନ ଆବେଦନ ଖାରଜ

**କେନ୍ଦ୍ରାପଡ଼ା ଅଫିସ, ୨୮।୭:** ଗ୍ୟାଙ୍ଗଷ୍ଟର ସେକ୍ ହାଇଦର ଅଲ୍ଲୀଙ୍କର ଗତ ୨୪ତାରିଖରେ ପୋଲିସ ଏନ୍‌କାଉଣ୍ଟରରେ ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁ ପରେ ପାରମ୍ପରିକ ସଂସ୍କାର କାର୍ଯ୍ୟକ୍ରମରେ ସାମିଲ ପାଇଁ ପୁଅ ସେକ୍ କାଦିର ଓରଫ ମୁନା କେନ୍ଦ୍ରାପଡ଼ା ଜିଲା ସେସନ୍ସ କୋର୍ଟରେ ମଧ୍ୟବର୍ତ୍ତୀ କାଳୀନ ଜାମିନରେ ଯିବା ପାଇଁ ଆବେଦନ କରିଥିଲେ। ତେବେ ଏହି ଆବେଦନକୁ ଜିଲା ଜଜ୍ ଗୋପାଳ ଚନ୍ଦ୍ର ବେହେରା ବୁଧବାର ଖାରଜ କରିଦେଇଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ଓ ମୁନାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଏହି ଆବେଦନ ଖାରଜ ହୋଇଥିବା ଆଦେଶନାମାରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ମୁନାଙ୍କ ଓକିଲ ରବିନାରାୟଣ ମହାନ୍ତି କହିଛନ୍ତି, ହାଇଦରଙ୍କ ମୃତ୍ୟୁ ପରେ ପରିବାରର ପୁରୁଷ ସଦସ୍ୟ କେହି ଘରେ ନାହାନ୍ତି। ମୃତ୍ୟୁର ପାରମ୍ପରିକ ବିଧି ପାଇଁ ଜୁଲାଇ ୨୪ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀ କାଳୀନ ଜାମିନ ପାଇଁ ମୁନା କୋର୍ଟରେ ଆବେଦନ କରିଥିଲେ। ଏହା ଖାରଜ ହୋଇଛି। ମୁନାଙ୍କୁ ଜାମିନରେ ଆସିବା ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ମୁନାଙ୍କ ନାମରେ ଅଦ୍ୟାବଧି ୧୮ ମାମଲା ରୁଜୁ ହୋଇଛି। ୨୦୧୧ରେ ସେ ଗିରଫ ହୋଇ ଚୌଦ୍ୱାର ଜେଲରେ ଅଛନ୍ତି। ଗତ ୨୪ ତାରିଖରେ ତାଙ୍କ ବାପା ହାଇଦରଙ୍କୁ ଚୌଦ୍ୱାର ଜେଲରୁ ବାରିପଦା ଜେଲକୁ ସ୍ଥାନାନ୍ତର ସମୟରେ ବାଲେଶ୍ୱର ଜିଲା ସିମୁଳିଆଠାରେ ଏନ୍‌କାଉଣ୍ଟର କରାଯାଇଥିଲା। ଏହି ଏନ୍‌କାଉଣ୍ଟର ପରେ କେନ୍ଦ୍ରାପଡ଼ା ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ଦୃଷ୍ଟିରୁ ସହର ଓ ନିକଟସ୍ଥ ୪ ପଞ୍ଚାୟତରେ ସିଆର୍‌ପିସିର ଧାରା ୧୪୪ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଲାଗୁ ହୋଇଥିଲା। ତେବେ ଏହି କଟକଣାକୁ ମଙ୍ଗଳବାର ରାତିରେ ଜିଲା ପ୍ରଶାସନ ହଟାଇ ଦେଇଥିଲେ ମଧ୍ୟ ଜିଲାର ସମସ୍ତ ଥାନାକୁ ଏ ନେଇ ଆଲର୍ଟ ରଖାଯାଇଛି। ସେହିପରି ହାଇଦରଙ୍କ ମୃତଦେହକୁ ପୋଲିସର କଡ଼ା ସୁରକ୍ଷାବଳୟ ମଧ୍ୟରେ ଜନ୍ମସ୍ଥାନ ରଣପଡ଼ା ଗ୍ରାମ ନିକଟ କବର ସ୍ଥାନରେ କବର ଦିଆଯାଇଛି।

# ଅନିଲ ଦେଶମୁଖ ମାମଲା | ୧୨ ସ୍ଥାନରେ ସିବିଆଇ ଚଢ଼ାଉ

ମୁମ୍ବାଇ, ୨୮।୭: ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମୁମ୍ବାଇ ସମେତ ପୁଣେ, ନାସିକ୍, ସାଙ୍ଗ୍‌ଲି, ଅହମ୍ମଦନଗର ଆଦି ୧୨ ସ୍ଥାନରେ ଚଢ଼ାଉ କରିଛି। ମାମଲାର ନିରପେକ୍ଷ ତଦନ୍ତ ପାଇଁ ଦେଶମୁଖ ସୁପ୍ରିମକୋର୍ଟରେ ଆବେଦନ କରିଥିବାବେଳେ ୩ ଦିନ ପରେ ଏହାର ଶୁଣାଣି ହେବ। ଏହା ପୂର୍ବରୁ ସିବିଆଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଏଏସ୍‌ପି ସଞ୍ଜୟ ପାଟିଲ ଏବଂ ଡିଏସ୍‌ପି ରାଜୁ ଭୁଜବଳଙ୍କ ସମେତ କେତେଜଣ ମଧ୍ୟସ୍ଥଙ୍କ ଘରେ ମଧ୍ୟ ମଙ୍ଗଳବାର ଚଢ଼ାଉ ହୋଇଥିବା ସିବିଆଇ ସୂତ୍ରରୁ ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣ ସାଗର**
**ଗୁଣ ରଖିଗଲ ଅଖା ଭିତର;**
**ଅଖା ଧୋଉଥିବ, ଗୁଣ ଗାଉଥିବ ।**

ଯାହାକୁ ଗୁଣ ସମ୍ପନ୍ନ ଭାବି ବସ, ସିଏ ଯେ ଭିତରେ ଏମିତି ବିପରୀତ କାମ କରି ବସେ, ଯାହାକି ମୁଣ୍ଡବ୍ୟଥାର କାରଣ ହୋଇଯାଏ। ଅଖା ଯେତେ ଧୋଇଲେ ବି ସଫା ହୁଏ ନାହିଁ; ସେହିପରି ଦୁଷ୍ଟ ବ୍ୟକ୍ତିଙ୍କର ଦୁର୍ଗୁଣ ଯେତେ ବର୍ଣ୍ଣନା କଲେ ମଧ୍ୟ ସରେ ନାହିଁ। ଦୁଷ୍ଟ ଓ ଅନିଷ୍ଟକାରୀ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଡ଼କୁ ସୁନ୍ଦର ଚଢ଼ଇ ଜୋତା,**
**ମୁଣ୍ଡକୁ ସୁନ୍ଦର ଛତା ।**

ଗୋଡ଼କୁ ଜୋତା ସୁନ୍ଦର ମାନିଥାଏ। ଜୋତା ପାଦକୁ ଆରାମ ଦେବା ସହ ସୁରକ୍ଷା ଦେଇଥାଏ। ସେହିପରି ଛତା ଖରା ଓ ବର୍ଷା ଦାଉରୁ ମୁଣ୍ଡ ତଥା ଶରୀରକୁ ରକ୍ଷା କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମୋରାଟୋରିୟମ ବେଳେ ଜମାକାରୀଙ୍କ ସମସ୍ୟା ରହିବନି

- ୯୦ ଦିନ ମଧ୍ୟରେ ୫ ଲକ୍ଷ ଟଙ୍କା ଯାଏ ଉଠାଇ ହେବ
- ଡିଆଇସିଜିସି ଆଇନରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୨୮।୭: ବ୍ୟାଙ୍କ ଉପରେ କୌଣସି କାରଣବଶତଃ ଯଦି ମୋରାଟୋରିୟମ ଲାଗେ ତେବେ ନିଜ ଜମା ଅର୍ଥ ରାଶି ଉଠାଣ ନେଇ ଜମାକାରୀଙ୍କୁ ବେଶି ସମସ୍ୟା ସାମ୍ନା କରିବାକୁ ପଡ଼ିବ ନାହିଁ। ଡିପୋଜିଟ୍ ଇନ୍‌ସ୍ୟୁରାନ୍ସ ଆଣ୍ଡ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେଶନ (ଡିଆଇସିଜିସି) ଆଇନରେ ସଂଶୋଧନକୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଫଳରେ ବ୍ୟାଙ୍କ ଉପରେ କଟକଣା ଲାଗିଲେ ମଧ୍ୟ ଜମାକାରୀ ୯୦ ଦିନ ଅବଧିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରାଶି ଉଠାଇପାରିବେ। ଉଲ୍ଲେଖଯୋଗ୍ୟ, ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର ସମବାୟ (ପିଏମ୍‌ସି) ବ୍ୟାଙ୍କ ଏବଂ ୟେସ୍ ବ୍ୟାଙ୍କ ଉପରେ ଆର୍‌ବିଆଇ ମୋରାଟୋରିୟମ ଲଗାଇବା ଯୋଗୁ ଜମାକାରୀମାନେ ଅନେକ ସମସ୍ୟା ସାମ୍ନା କରିଥିଲେ। ନିଜ ଜମା ରାଶି ବ୍ୟାଙ୍କରେ ରହିଥିଲେ ସୁଦ୍ଧା ଉଠାଣ କଟକଣା ଯୋଗୁ ଏହାକୁ ଲୋକମାନେ ଉଠାଇବାକୁ ସକ୍ଷମ ହୋଇ ନ ଥିଲେ। ସରକାରଙ୍କ ଏଭଳି ଘୋଷଣା ଦ୍ୱାରା ନୂଆ ଆଇନ ପରିସରରେ ୯୮.୩% ଜମା ଆକାଉଣ୍ଟ ଏବଂ ମୋଟ ଜମା ମୂଲ୍ୟର ୫୦.୯% ପରିସରଭୁକ୍ତ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ବ୍ୟାଙ୍କ ମୋରାଟୋରିୟମରେ ରହିଲେ ମଧ୍ୟ ନୂଆ ପଦକ୍ଷେପ କାର୍ଯ୍ୟକାରୀ ହୋଇପାରିବ। ଆର୍‌ବିଆଇ କୌଣସି ବ୍ୟାଙ୍କ ଉପରେ ମୋରାଟୋରିୟମ ଲଗାଇବାର ୪୫ ଦିନ ମଧ୍ୟରେ ବ୍ୟାଙ୍କଗୁଡ଼ିକରୁ ଜମାକାରୀଙ୍କ ଦାବି କରିଥିବା ଅର୍ଥ ସଂଗ୍ରହ କରାଯିବ। ଏହାକୁ ଡିଆଇସିଜିସି ନିକଟରେ ଜମା କରାଯିବ। ସମସ୍ତ ଜମାଦାବିକୁ କର୍ପୋରେଶନ ରିୟଲଟାଇମ ବା ଠିକ୍ ସମୟ ମଧ୍ୟରେ ପ୍ରୋସେସ୍ କରିବ। ୯୦ ଦିନ ମଧ୍ୟରେ ଏହି କାର୍ଯ୍ୟକୁ ସମ୍ପାଦନ କରିବାକୁ ଯୋଜନା ରଖାଯାଇଛି। ବ୍ୟାଙ୍କର ରିଜୋଲ୍ୟୁଶନ ପ୍ରକ୍ରିୟା ଚାଲିଥିବା ବେଳେ ମଧ୍ୟ ଏଭଳି କୌଣସି କାର୍ଯ୍ୟରେ ବାଧା ଆସିବନି ବୋଲି ସୀତାରାମନ କହିଛନ୍ତି। ମୋରାଟୋରିୟମ ଲାଗୁ ହୋଇଥିବା ବ୍ୟାଙ୍କଗୁଡ଼ିକ ମଧ୍ୟ ନୂଆ ନିୟମ ପରିସରଭୁକ୍ତ ହେବେ। ପ୍ରତି ୧୦୦ ଟଙ୍କା ଜମା ଉପରେ ବ୍ୟାଙ୍କ ୧୨ ପଇସା ପ୍ରିମିୟମ ଦେବେ। ଏହା ପୂର୍ବରୁ ୧୦ ପଇସା ରହିଥିଲା। ପ୍ରତି ୧୦୦ ଟଙ୍କା ଜମା ଉପରେ ପ୍ରିମିୟମ ୧୫ ଟଙ୍କାରୁ ଊର୍ଦ୍ଧ୍ୱ ନ କରିବାକୁ ଆଇନରେ ଉଲ୍ଲେଖ ରହିଛି। ୯୮.୩% ଜମାକାରୀଙ୍କୁ ନୂଆ ନିୟମ ପରିସରଭୁକ୍ତ କରାଯାଇଥିବାରୁ କ୍ଷୁଦ୍ର ଜମାକାରୀଙ୍କ ଲାଗି ଏକ ବୃହତ୍ ଆଶ୍ୱସ୍ତି ବୋଲି ସୀତାରାମନ ମତ ପ୍ରକାଶ କରିଛନ୍ତି। ଏହାବାଦ ବୁଧବାର ସରକାର ଲିମିଟେଡ୍ ଲାଏବିଲିଟି ପାର୍ଟନରଶିପ (ଏଲ୍‌ଏଲ୍‌ପି) ଆଇନରେ ମଧ୍ୟ ସଂଶୋଧନ କରିଛନ୍ତି। ଏଥିରେ ଥିବା ବିଭିନ୍ନ ଧାରାକୁ ଡିକ୍ରିମିନାଲାଇଜ କରାଯାଇଛି। ଦେଶ ମଧ୍ୟରେ ବାଣିଜ୍ୟ ସୁଗମତାକୁ ବୃଦ୍ଧି କରିବା ଦିଗରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ସଂଶୋଧନ ଅନୁସାରେ ଏଲ୍‌ଏଲ୍‌ପି ଆଇନ ଅନୁପାଳନ କରିବାକୁ ସକ୍ଷମ ନ ହେଲେ କୌଣସି ଆପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ଏହାଦ୍ୱାରା ଦେଶର ୨.୩୦ ଲକ୍ଷ ଫାର୍ମ ସୁବିଧା ପାଇପାରିବେ।

## classifieds Everyday 0674-2580101, 2549302

### real estate SALE

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

Conversion plot sale 5k.m. from ନଖରା East College ପରେ 1500 sqft. 12,00,000/-, 9437306208. D-70871

ଭୁବନେଶ୍ୱର ପଟିଆ, ରଘୁନାଥପୁର, ନଖରାପାଖରେ 1, 2, 3BHK Simplex/Duplex ଅଛି। 8327785834, 9658122456. D-70868

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71120

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

ଭୁବନେଶ୍ୱର New Railwaystation ପାଖରେ 30ft.Road Yellowzone Plot Sq.ft. 520/-, M.- 6371406921. D-69399

ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166. D-70875

### healthcare

Newly open SPA Offer @799/-, positively health benefits, Jaydev Vihar. 7846814019. D-59997

New opening Saikrupa Panchakarma and Spa jointpain, fullbody massage, 8984068077. D-65919

### business

ଘରେବସି Matter Forwarding କାମ କରି 12000-35000 ରୋଜଗାର କରନ୍ତୁ। 9667693638, 9667693639. D-59998

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### AFFIDAVIT

I, Kunja Bihari Pandit (52), S/o.- Subhanath Behera, R/o.- Vill/P.O./ P.S.- Chhendipada, Dist.-Angul, Odisha (Present- Q.No.C-11, Sec-1, NALCO Township, Damanjodi, Dist.- Koraput, Odisha), hereby solemnly affirm that I have changed my name from Kunja Bihari Behera to Kunja Bihari Pandit by an affidavit No.- 96 on Dt. 05.07.2021 sworn before the Executive Magistrate, Semiliguda, Dist.- Koraput, Odisha. Henceforth, I will be recognised and known as Kunja Bihari Pandit for all purposes like public, official records of all Government and Private agencies etc. D-21201

I, Abhijeet Pandit (22), S/o.- Kunja Bihari Pandit, R/o.- NALCO Township, Damanjodi, Dist.- Koraput, Odisha, hereby solemnly affirm that I have changed my name from K. Abhijeet to Abhijeet Pandit by an affidavit No.- 95 on Dt. 05.07.2021 sworn before the Executive Magistrate, Semiliguda, Dist.- Koraput, Odisha. Henceforth, I will be recognised and known as Abhijeet Pandit for all purposes like public, official records of all Government and Private agencies etc. D-21202

### LEGAL NOTICE

IN THE COURT OF CIVIL JUDGE (SR. DVN.), DHENKANAL
Succ Misc. Case No. 3/2021
Smitarani Mohapatra... Petitioner Vs. Ritarani Mohapatra & others... Opp. Party
NOTICE UNDER ORDER - 5, RULE- 20 OF C.P.C. READ WITH SEC.- 372 OF INDIAN SUCCESSION ACT.

Whereas the above named petitioner namely Smitarani Mohapatra (D/o. Late Binod Kumar Mohapatra), W/o. Biranchi Narayan Dash of Village: Somanathpur (Susuda), P.O.- Ankula, P.S./Dist.- Angul had filed the above case for grant of succession certificate to be entitled for getting a sum of Rs.2,82,096/- which had been deposited by Late Binod Kumar Mohapatra in "SAHARA INDIA LTD." who expired on 04.09.2019. It is hereby noticed that if anybody has any interest or objection for grant of such Succession Certificate, he/she may contest the case in support of his/her claim and to appear in person/through pleader before this Court on this the 17th day of Aug., 2021 at 10.30 A.M., failing which the case will be heard and determined in his/her absence.

Given under my hand and seal of this court, this the 13th day of July 2021.

Sd./- Subas Ch. Dhal, Civil Judge (Sr. Dvn.), Dhenkanal
D-70337

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ପ୍ରଶାସନକୁ ସମ୍ଭାଳିବ ...

ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସରଙ୍କ ଇ-ମେଲ୍ ସମେତ ଉପରୋକ୍ତ ସରକାରୀ ଅଧିକାରୀଙ୍କ ଟେଲିଫୋନ କଲ୍ ରେକର୍ଡ ଯାଞ୍ଚ କରାଗଲେ ଏହିସବୁ ଦୁର୍ନୀତିର ପର୍ଦ୍ଦାଫାଶ ହେବ ବୋଲି ସିଂ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଗତ ନଭେମ୍ବରରୁ ଜାନୁୟାରୀ, ୩ ମାସ ମଧ୍ୟରେ ଓସ୍ତପାଳ ଖଣିରୁ ୧୫ ଲକ୍ଷ ଘନମିଟର ବର୍ଜ୍ୟପାଣି ଇଟିପି (ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ବାହାରେ ସିଧାସଳଖ ଡମଶାଳା ନାଳାରେ ଛାଡ଼ିଥିବା ନେଇ ସିଂ କେନ୍ଦ୍ର ସରକାରଙ୍କ ୱେବ୍‌ପୋର୍ଟାଲ୍ 'ସେଣ୍ଟ୍ରାଲାଇଜ୍‌ଡ ପବ୍ଲିକ୍ ଗ୍ରିଭାନ୍ସ ରିଡ୍ରେସ୍ ଆଣ୍ଡ୍ ମନିଟରିଂ ସିଷ୍ଟମ୍'ରେ ଅଭିଯୋଗ କରିଥିଲେ। କିନ୍ତୁ ମାସିକ ଅନୁକମ୍ପା ଯୋଗୁ ଏସ୍‌ପିସିବିର ତଦନ୍ତ ରିପୋର୍ଟ କମ୍ପାନୀ ସପକ୍ଷରେ ଯାଇଥିବା ସିଂ ଅଭିଯୋଗ କରିଛନ୍ତି।

ଫେରୋ ଆଲଏଜ୍ କର୍ପୋରେଶନ ଲିମିଟେଡ୍ (ଫାକର) ନାମରେ ଥିବା ଓସ୍ତପାଳ ଏବଂ କଳରଙ୍ଗିଅଟା କ୍ରୋମାଇଟ ଖଣି ଉତ୍ତୋଳନ କାର୍ଯ୍ୟ ବେଦାନ୍ତ କମ୍ପାନୀ ଦ୍ୱାରା ୨୦୨୦ ଅକ୍ଟୋବରରୁ ଆରମ୍ଭ ହୋଇଛି। ଏହାପରେ ଖଣି ଗର୍ତ୍ତଠାରୁ ପ୍ରାୟ ୨୦ ମିଟର ଦୂରରେ ଥିବା ବିପଜ୍ଜନକ ଡମ୍ପ୍ ଏବଂ ଦୀର୍ଘମାସ ଧରି ଖଣି ଭିତରେ ଥିବା ବର୍ଜ୍ୟଜଳ ପରିଚାଳନାକୁ ନେଇ ବେଦାନ୍ତ ଅଡୁଆରେ ପଡ଼ିଥିଲା। ଏଥିଯୋଗୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବାକୁ ଯାଇ କାଳିଆପାଣି ଥାନାଧିକାରୀ, ପ୍ରଦୂଷଣ ସମସ୍ୟାରୁ ମୁକୁଳିବାକୁ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ଏବଂ ଖଣି ଉତ୍ତୋଳନରେ ବ୍ୟାପକ ତୋସରପାତ କରିବା ନିମନ୍ତେ ଖଣି ବିଭାଗ ସହ ଅନୈତିକ ସମ୍ପର୍କ କରାଯାଇଥିବା ଉକ୍ତ ଇ-ମେଲ୍‌ରୁ ସ୍ପଷ୍ଟ ହେଉଛି। ବେଦାନ୍ତର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସରଙ୍କୁ ଫେକର ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ଦେଇଥିବା ଇ-ମେଲ୍‌ରେ ଆହୁରି ଦର୍ଶାଇଛନ୍ତି ଯେ, ଗତ ନଭେମ୍ବର ୯ ତାରିଖର ଇ-ମେଲ୍‌ରେ ସେ ତାଙ୍କର ଅସୁବିଧା ସମ୍ପର୍କରେ ଜଣାଇଥିଲେ। କିଛି ଦିନ ହେଲା ନିର୍ଦ୍ଦିଷ୍ଟ ଅର୍ଥ ପାଇ ନ ଥିବାରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ମାସିକ ଆବଶ୍ୟକତାକୁ ପୂରଣ କରାଯାଇ ପାରିନାହିଁ। ତେଣୁ ସମ୍ପୃକ୍ତ ସରକାରୀ ଅଧିକାରୀମାନେ ନିର୍ଦ୍ଦିଷ୍ଟ ଅର୍ଥ ଦେଇଯିବାକୁ ଫୋନ କରି କହୁଛନ୍ତି। ଏହାକୁ ବିଳମ୍ବ କରାଗଲେ ସମ୍ପୃକ୍ତ ସରକାରୀ ଅଧିକାରୀମାନେ ବେଦାନ୍ତର ୨ ଖଣି ଉପରେ ବୈଧାନିକ ସମସ୍ୟା ଛିଡ଼ା କରିପାରନ୍ତି। ତେଣୁ ସରକାରୀ ଅଧିକାରୀଙ୍କ ସହ ଏଭଳି କାରବାର କରିବାକୁ ବେଦାନ୍ତର ଅନ୍ୟ ଜଣେ ଅଧିକାରୀଙ୍କୁ ନିୟୋଜିତ କରାଯାଇପାରେ ବୋଲି ପାତ୍ର ତାଙ୍କ ଇ-ମେଲ୍‌ରେ ଦର୍ଶାଇଥିଲେ।

ଏ ସଂକ୍ରାନ୍ତରେ ଫେକର ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ଏ.କେ. ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଦୈନିକ ଶତାଧିକ ଇ-ମେଲ୍ ହେଉଛି। ତେଣୁ ସେଭଳି ଇ-ମେଲ୍ ସମ୍ପର୍କରେ ତାଙ୍କର କିଛି ମନେ ନାହିଁ।

## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ



ସ୍ୱ. ଆର୍ତ୍ତ ପଣ୍ଡା
ଗଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା, ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୫୯୮୮୧

### ୩୧ରେ ଯୁକ୍ତ୨...

ପାଇବ ବୋଲି ସିଏଚ୍‌ଏସ୍‌ଇ କହିଛି। ସୂଚନାଯୋଗ୍ୟ, ଯୁକ୍ତ୨ ପରୀକ୍ଷାଫଳ ଜୁଲାଇ ୩୧ ସୁଦ୍ଧା ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ଶିକ୍ଷା ଗ୍ରହଣ ପାଇଁ ଛାତ୍ରୀଛାତ୍ରଙ୍କ ଯୁକ୍ତ୨ ରେଜଲ୍ଟର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ। ତେଣୁ ନିର୍ଦ୍ଧାରିତ ସମୟରେ ଫଳ ପ୍ରକାଶନ ପାଇଁ ତୁରନ୍ତ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ସରକାର ଆବଶ୍ୟକ ପଦକ୍ଷେପ ନେଇଥିଲେ।

## ଆଜିର ମନ୍ତବ୍ୟ

"ବିଶ୍ୱ ଶାନ୍ତି ଓ ସୁରକ୍ଷା ପାଇଁ ସବୁଠୁ ବଡ଼ ବିପଦ ହେଉଛି ଆତଙ୍କବାଦ। ଏହାକୁ ସମର୍ଥନ କରିବା ମାନବ ଜାତି ବିରୋଧରେ ଏକ ଅପରାଧ। **-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବା ଫଳରେ ମାନସିକ ଅସ୍ଥିରତା ଭିତରେ ଚଳିବାକୁ ବାଧ ହେବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ନିଜ ପରିବେଶରେ ଆନୁଷ୍ଠାନିକ କାମରେ ତତ୍ପରତା ବୃଦ୍ଧି ପାଇବ। ପାରିବାରିକ କେତେକ ସମସ୍ୟାକୁ କେନ୍ଦ୍ରକରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ।

**ବୃଷ** ଆଜି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। କୌଣସି ଘରୋଇ କଥା ଭିତରେ ନିଜର ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ। ପାରିବାରିକ କ୍ଷେତ୍ରରେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ରହି ନ ପାରେ ।

**ମିଥୁନ** ବହୁତ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇପାରନ୍ତି। କଳା, କ୍ରୀଡ଼ା ଓ ସଭାସମିତିରେ ସମ୍ମାନିତ ହେବେ।

**କର୍କଟ** ଆଜି ପ୍ରାତଃ ଭ୍ରମଣ, ଦେବଦର୍ଶନ ସାଙ୍ଗକୁ କୌଣସି ଜିନିଷ କିଣିବାକୁ ମନ ବଳାଇବେ। ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ କାମ ହାସଲ ସକାଶେ ଅନ୍ୟମାନେ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିବେ। କ୍ରୀଡ଼ା ଓ ମନୋରଞ୍ଜନ ପ୍ରଭୃତିରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ସିଂହ** ଅଭାବନୀୟ ପରିସ୍ଥିତି ସାଙ୍ଗକୁ କେତେକ ଆକସ୍ମିକ ଘଟଣାର ସାମ୍ନା କରିବାକୁ ପଡ଼ିପାରେ। ଭାଇ, ଭଉଣୀ କିମ୍ବା ପଡ଼ୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କରିପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ହେତୁ ସାୟାହ୍ନରେ ଟେନସନ୍ ଦୂର ହେବ। କାରବାର, ପରିବହନ, ଷ୍ଟେସନାରୀ କିମ୍ବା ଫଳ ଦୋକାନୀ ଲାଭବାନ ହେବେ।

**କନ୍ୟା** ଆଜି ସବୁ କାମ ଶୃଙ୍ଖଳିତ ରହିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଫଳରେ ସହଜ ଓ ସୁବିଧାରେ କାମ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଆତ୍ମୀୟମାନଙ୍କର ମଧ୍ୟ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ, ଏଣୁ ସତର୍କତାର ସହ କିଛି ମନ୍ତବ୍ୟ ଦେବା ଭଲ ହେବ। ଅଫିସରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ବିଛା** ଆଜିର ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲ କରିବାରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରୁ ସମସ୍ୟା ଆସି ମନଟାକୁ ଗୋଳମାଳିଆ କରିଦେବାର ସମ୍ଭାବନାକୁ ଏଡିହେବ ନାହିଁ। ଶତ୍ରୁମାନେ ପରୋକ୍ଷ ସମସ୍ୟା ସୃଷ୍ଟି ସକାଶେ ଯୋଜନା କରିବେ।

**ଧନୁ** ନୂତନ ସ୍ଥାନ ପରିଦର୍ଶନ, ବନ୍ଧୁଙ୍କ ସହ ଭ୍ରମଣ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ମଜ୍ଜାଇ ରଖିବେ। ସତ୍‌ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ କଟିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କୌଣସି ଶୁଭ କାମରେ ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିବେ।

**ମକର** ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରି ଦୁଃଖ ପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜି ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଉଲ୍ଲସିତ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ବିଶେଷ ଭାବରେ ଉପକୃତ ହେବେ।

**ମୀନ** କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି ହେବନି। ଆଜି ବନ୍ଧୁଙ୍କ ସହାୟତାରେ ହଠାତ୍ ଧାର ସୂତ୍ରରେ ଅର୍ଥ ପାଇବେ। ସାମାଜିକ ସ୍ତରରେ ଦେଖିଚାହିଁ ପଦକ୍ଷେପ ନ ନେଲେ ସମସ୍ୟାର ସମ୍ମୁଖୀନ ହେବେ।

ଆଜି ଶ୍ରାବଣ କୃଷ୍ଣ ଷଷ୍ଠୀ ଗୁରୁବାର, ଜୁଲାଇ ୨୯ ତାରିଖ, ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ, ରାଶିନକ୍ଷତ୍ର-ଦିବା ଘ.୧୨।୦୩ ଗତେ ରେବତୀ/ମୀନ, ଧନୁରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୫ ଗତେ ଘ.୦୭।୦୮ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୧୦ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୧।୩୦ ଗତେ ଘ. ୦୩।୦୭ ମଧ୍ୟେ ରାହୁକାଳ।

# ରାମଚନ୍ଦ୍ର ବେହେରାଙ୍କୁ ଅତିବଡ଼ୀ ପୁରସ୍କାର



ବିଶିଷ୍ଟ କଥାଶିଳ୍ପୀ ଡ. ରାମଚନ୍ଦ୍ର ବେହେରାଙ୍କୁ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରଦାନ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ଓଡ଼ିଶା ସାହିତ୍ୟ ଏକଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ।

## ସାରସ୍ୱତ ସାଧନା ପାଇଁ ୧୫ ଜଣ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

ଓଡ଼ିଶା ସାହିତ୍ୟ ଏକାଡେମୀର ୨୮ତମ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଥାଶିଳ୍ପୀ ତଥା ସାରସ୍ୱତ ସାଧକ ଡ. ରାମଚନ୍ଦ୍ର ବେହେରାଙ୍କୁ ଏକାଡେମୀର ସର୍ବୋଚ୍ଚ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରଦାନ କରାଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଡ. ବେହେରାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ସ୍ୱରୂପ ତାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ସହ ୫ ଲକ୍ଷ ଟଙ୍କାର ଚେକ୍ ମିଳିଛି। ଏଥିସହିତ ସାରସ୍ୱତ ସାଧନା ଓ ଓଡ଼ିଆ ବାଣୀଭଣ୍ଡାରକୁ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ୧୫ଜଣ ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ/ସାଧିକାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ସମସ୍ତଙ୍କୁ ମାନପତ୍ର, ଉପଢୌକନ ଓ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧିତ ସାରସ୍ୱତ ବ୍ୟକ୍ତିତ୍ୱମାନେ ହେଲେ ରାସେଶ୍ୱରୀ ମିଶ୍ର, ମହେଶ୍ୱର ମୂଳିଆ, ଡ. ଜୀବନକୃଷ୍ଣ ମହାପାତ୍ର, ନିର୍ମଳପ୍ରଭା ନାୟକ, ରାଧାବିନୋଦ ନାୟକ, ଡ. କୃପାସିନ୍ଧୁ ନାୟକ, ଡ. ସ୍ୱରାଜ୍ୟ ଲକ୍ଷ୍ମୀ ମିଶ୍ର, ବାଇଧର ସାହୁ, ଡ. ଦିଗରାଜ ବ୍ରହ୍ମା, ବାବାଜୀ ଚରଣ ପଟ୍ଟନାୟକ, ଗିରିଜା ଶଙ୍କର ଶର୍ମା, ସୌଭାଗିନୀ ମିଶ୍ର, ଦେବେନ୍ଦ୍ର କୁମାର ଦାଶ, ଅଶୋକ କୁମାର ପଟ୍ଟନାୟକ ଓ ଡ. ରୁଦ୍ର ନାରାୟଣ ପୃଷ୍ଟି। ଏକାଡେମୀ ସଭାପତି ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବିଭାଗୀୟ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଓ ଅତିରିକ୍ତ ଶାସନ ସଚିବ ତଥା ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ସାହିତ୍ୟ ସାଧକମାନେ ପାଠକ ସୃଷ୍ଟି ଦିଗରେ ଲେଖନୀ ଚାଳନା କରିବାକୁ ଗୁରୁତ୍ୱାରୋପ କରିଥିଲେ। ଅତିବଡ଼ୀ ପୁରସ୍କାର ପାଇବା ପରେ ଡ. ବେହେରା ଜୀବନକୁ ଶାଶ୍ୱତ ଓ ଅମୃତମୟ ବୋଲି ଉଲ୍ଲେଖ କରିବା ସହିତ ଲେଖକୀୟ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। କୋଭିଡ୍ କଟକଣା ସତ୍ତ୍ୱେ ସଂସ୍କୃତି ବିଭାଗ କଳାକାର, ଶିଳ୍ପୀ, ସାହିତ୍ୟିକଙ୍କୁ ଉତ୍ସାହିତ ଓ ସମ୍ବର୍ଦ୍ଧିତ କରିବାରେ ନିରନ୍ତର ଭାବେ ପ୍ରୟାସ କରିଆସୁଛି ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଓ ଉପସଭାପତି ଡ. ସଂଗ୍ରାମ ଜେନା ଧନ୍ୟବାଦ ଦେଇଥିଲେ।

ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଜ୍ୟବ୍ୟାପୀ ପ୍ରବନ୍ଧ, ବକ୍ତୃତା, ସାହିତ୍ୟ ସମ୍ବନ୍ଧୀୟ ସାଧାରଣ ଜ୍ଞାନ ଓ କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୧,୧୮୬ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳଙ୍କ ଜରିଆରେ ପୁରସ୍କୃତ କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

# ଖେଳାଳିରୁ କୋଚ୍

**ଧରିତ୍ରୀ ଆଳାପ**

ଢେଙ୍କାନାଳ ଗୁଡ଼ିଆନାଳିର ଝିଅ କାଦମ୍ବିନୀ ମହାକୁଡ଼। ମା' ବାସନ୍ତୀ ମହାକୁଡ଼ ଓ ବାପା ମଦନ ମୋହନ ମହାକୁଡ଼। ୧୯୮୨ ଜୁଲାଇ ୧୩ରେ ଜନ୍ମିତ କାଦମ୍ବିନୀ ଓଡ଼ିଶା ମହିଳା କ୍ରିକେଟରେ ଜଣେ ଦକ୍ଷ ଉଇକେଟକିପର ଏବଂ ଆକ୍ରମଣାତ୍ମକ ଓପନର/ମିଡ୍‌ଲଅର୍ଡର ବ୍ୟାଟ୍ସଓମ୍ୟାନ ଭାବେ ପରିଚିତ। ୨୦୦୩ରୁ ପେସାଦାର କ୍ରିକେଟ ଖେଳି ସେ ରାଜ୍ୟ ପାଇଁ ଅନେକ ସ୍ମରଣୀୟ ଇନିଂସ ଖେଳିବାର ପୁରସ୍କାର ସ୍ୱରୂପ ୨୦୧୧ ବିଶ୍ୱକପ୍ ପାଇଁ ଭାରତୀୟ ସମ୍ଭାବ୍ୟ କ୍ୟାମ୍ପ୍‌ରେ ସ୍ଥାନ ପାଇଥିଲେ। ୨୦୧୦ରେ ସେ ବୋର୍ଡ ସଭାପତି ଏକାଦଶର ସଦସ୍ୟ ଭାବେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ ଏବଂ ଭାରତ 'ଏ' ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେହିବର୍ଷ ସେ ଇଣ୍ଡିଆ ଗ୍ରୀନ୍ ପକ୍ଷରୁ ଚ୍ୟାଲେଞ୍ଜର ଟ୍ରଫିରେ ମଧ୍ୟ ଖେଳିଥିଲେ। ୨୦୧୨ରେ ପାକିସ୍ତାନ ବିପକ୍ଷରେ ଖେଳିବାର ଅଭିଜ୍ଞତା ରଖିଥିବା କାଦମ୍ବିନୀ ୨୦୧୭ରେ ନ୍ୟାଶନାଲ କ୍ରିକେଟ ଏକାଡେମୀର ସ୍ପେଶାଲ କ୍ୟାମ୍ପ୍‌ରେ ସାମିଲ ହୋଇଥିଲେ। ୨୦୧୮ରେ ସେ ଓସିଏର ଓମ୍ୟାନ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପାଇଥିଲେ। କୋଚିଂରେ ଏନ୍ଆଇଏସ୍ କୋର୍ସ କରିଥିବା କାଦମ୍ବିନୀ ବିସିସିଆଇର ଲେଭଲ-୧ ଟ୍ରେନି ଏବଂ ଲେଭଲ-୨ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ। ୨୨ ବର୍ଷ ଖେଳାଳି ଜୀବନ ବିତାଇବା ପରେ ଏବେ କୋଚ୍ ଭାବେ ନିଜକୁ ପ୍ରତିଷ୍ଠିତ କରିବା ଦିଗରେ ଅଗ୍ରସର ହୋଇଛନ୍ତି। କାଦମ୍ବିନୀଙ୍କୁ ମିଳିଛି ଏକ ଗୁରୁଦାୟିତ୍ୱ। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ତାଙ୍କୁ ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳର କୋଚ୍ ଦାୟିତ୍ୱ ଅର୍ପଣ କରାଯାଇଛି। ନୂଆ ଦାୟିତ୍ୱ ପାଇବା ପରେ କାଦମ୍ବିନୀଙ୍କ ସହ ଧରିତ୍ରୀର ଆଳାପ...



କାଦମ୍ବିନୀ ମହାକୁଡ଼

**ଦୀର୍ଘ ୨୨ ବର୍ଷ ଧରି ଆପଣ କ୍ରିକେଟ ଖେଳି ଆସିଛନ୍ତି। ଜଣେ ଖେଳାଳି ଭାବେ କେତେ ଆତ୍ମସନ୍ତୋଷ ମିଳିଛି ?**

❖ ୨୦୦୬ରେ ବିସିସିଆଇ ମହିଳା କ୍ରିକେଟକୁ ହାତକୁ ନେଲା। ତା' ପୂର୍ବରୁ ଏହା ମହିଳା କ୍ରିକେଟ ଆସୋସିଏଶନ (ଡବ୍ଲ୍ୟୁସିଏ) ଅଧୀନରେ ଥିଲା। ସେତେବେଳେ ମହିଳା କ୍ରିକେଟକୁ ବିଶେଷ କେହି ଜାଣୁ ନ ଥିଲେ। ବିସିସିଆଇ ମହିଳା କ୍ରିକେଟକୁ ହାତକୁ ନେବା ପରେ ଆମେ ସବୁପ୍ରକାର ସୁବିଧା ପାଇଲୁ। ପୂର୍ବରୁ ତାହା ନ ଥିଲା। ମୁଁ ୧୯୯୬-୯୭ରୁ ବହୁତ ଛୋଟ ବେଳରୁ କ୍ରିକେଟ ଖେଳି ଆସିଛି। ୨୦୦୬ରୁ ମୁଁ ଇଣ୍ଡିଆ-ଏ, ଇଣ୍ଡିଆ ଗ୍ରୀନ୍ ଖେଳିଲି, ଭାରତୀୟ କ୍ୟାମ୍ପରେ ସୁଯୋଗ ପାଇଲି। ବହୁତ ପରିଶ୍ରମ କରିଥିଲେ ହେଁ ଭାରତୀୟ ଦଳରୁ ଖେଳି ନ ପାରିବା ମୋତେ ଦୁଃଖ ଦେଇଥିଲା ସତ, ମାତ୍ର ଓଡ଼ିଶା ପାଇଁ ଏତେ ବର୍ଷ ଧରି କିଛି କରିପାରିଥିବାରୁ ବହୁତ ଆତ୍ମସନ୍ତୋଷ ମଧ୍ୟ ମିଳିଥିଲା।

**କେଉଁ ମ୍ୟାଚ ବା ଇନିଂସ ସବୁଠାରୁ ସ୍ମରଣୀୟ ହୋଇ ରହିଛି ?**

❖ ମୁଁ ମଣିପୁର ବିପକ୍ଷରେ ଶତକ ହାସଲ କରିଥିଲି। ତେବେ ଏକ ମ୍ୟାଚରେ ଇଷ୍ଟଜୋନ ପକ୍ଷରୁ ପ୍ରତିନିଧିତ୍ୱ କରି ମୁଁ ୨୦୧୭-୧୮ରେ ସାଉଥ୍‌ଜୋନ ବିପକ୍ଷରେ ୯୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ଥିଲି। ଏହି ଇନିଂସ ମୋ ପାଇଁ ବିଶେଷ ସ୍ମରଣୀୟ ହୋଇ ରହିଛି। ମୁଁ ୨୦୦୬ରୁ ୨୦୧୮ ପର୍ଯ୍ୟନ୍ତ ଦୀର୍ଘ ୧୨ ବର୍ଷଧରି ଇଷ୍ଟଜୋନ ଉଇକେଟକିପର ମଧ୍ୟ ଥିଲି।

**ଦଳରେ ଜଣେ ଉଇକେଟକିପରର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ?**

❖ ଜଣେ ଉଇକେଟକିପର ପ୍ରଥମତଃ ମାନସିକ ଭାବେ ଦୃଢ଼ ହେବା ଆବଶ୍ୟକ। ଫିଟ୍‌ନେସ ଅତ୍ୟନ୍ତ ଜରୁରୀ। ଉଇକେଟକିପର ଯେଉଁ ପୋଜିଶନରେ ରହେ ପୂରା ପଡ଼ିଆକୁ ସମାନ ଭାବେ ଦେଖିପାରେ। ତେଣୁ କେଉଁ ଫିଲ୍ଡର କେଉଁ ସ୍ଥାନରେ ରହିବା ଉଚିତ ଜଣେ ଉଇକେଟକିପର ହିଁ କ୍ୟାପଟେନଙ୍କୁ ଅଧିକ ବୁଝାଇପାରେ। ପ୍ରତି ମୁହୂର୍ତ୍ତରେ ଉଇକେଟକିପରଙ୍କୁ ସଜାଗ ରହିବାକୁ ପଡ଼ିଥାଏ, ତେଣୁ ଦଳରେ କିପରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**କ୍ରିକେଟରୁ କେବେ ଅବସର ନେଲେ, କାହିଁକି ?**

❖ ମୁଁ ୨୦୧୮ରେ କ୍ରିକେଟରୁ ଅବସର ନେଲି। ମୋର ଆହତ ସମସ୍ୟା ନ ଥିଲା। ଏବେ ମଧ୍ୟ ସମ୍ପୂର୍ଣ୍ଣ ଫିଟ୍ ଅଛି। ତେବେ ଜୁନିୟର ଖେଳାଳିଙ୍କୁ ସୁଯୋଗ ଦେବା ଉଦ୍ଦେଶ୍ୟରେ ମୁଁ କ୍ରିକେଟରୁ ଅବସର ନେବାକୁ ଉଚିତ ମନେକଲି।

**କୋଚିଂ ପାଇଁ କାହିଁକି ମନ ବଳିଲା?**

❖ କ୍ରିକେଟ ପ୍ରତି ମୋର ଭଲପାଇବା ଏବଂ ଆବେଗ ବା ରୁଚି ରହିଛି। ତେଣୁ ଏହା ସହିତ ଜଡ଼ିତ ହୋଇ ରହିବାକୁ ଚାହିଁଲି। ଅମ୍ପାୟର ହେଉ କି ମ୍ୟାଚ ରେଫରି କ୍ରିକେଟ ସହିତ ଏତେଟା ଜଡ଼ିତ ହୋଇ ରହିପାରି ନ ଥାନ୍ତି। ଯେହେତୁ ମୁଁ ଦୀର୍ଘଦିନ ଖେଳିଛି ଜଣେ ଖେଳାଳିର ଭଲ ସମୟର ଅନୁଭବ, ଖରାପ ସମୟର ଯନ୍ତ୍ରଣାକୁ ଅନୁଭବ କରିଛି। ତେଣୁ ଜଣେ କୋଚ୍ ହେବାକୁ ମୁଁ ଅଧିକ ପସନ୍ଦ କଲି। ମୁଁ କିଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ବାଳିକା ଓ ବାଳକଙ୍କୁ କୋଚିଂ ଦେଇଛି। ସେଠାରୁ ବହୁତ ସମର୍ଥନ ମଧ୍ୟ ପାଇଛି। ମା'ବାପାଙ୍କ ସମର୍ଥନ ଯୋଗୁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି।

**ଏବେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ନୂଆ ଦାୟିତ୍ୱ ମିଳିଛି। ଏହାକୁ କିପରି ଦେଖୁଛନ୍ତି।**

❖ ୧୯ ବର୍ଷରୁ କମ୍ ଖେଳାଳିଙ୍କୁ କୋଚିଂ ଦେବା ନିଶ୍ଚିତ ଏକ ଚ୍ୟାଲେଞ୍ଜ। କାରଣ ପିଲାମାନେ କିପରି ଶୃଙ୍ଖଳିତ ରହିବେ, କ୍ରିକେଟ ପ୍ରତି କିପରି ସେମାନଙ୍କ ଭଲପାଇବା ବଢ଼ିବ ସେ ଦିଗପ୍ରତି ଧ୍ୟାନ ଦେବି। ରୁଚି ରହିବା ନିହାତି ଆବଶ୍ୟକ। ମୁଁ ଯେତେବେଳେ ୧୯ ବର୍ଷରୁ କମ୍‌ରେ ଖେଳୁଥିଲି ଆମେ ଅଲ୍ ଇଣ୍ଡିଆ ଏଲିଟ୍ ଗ୍ରୁପ୍‌ରେ ରନର୍ସଅପ୍ ହୋଇଥିଲୁ। ଓଡ଼ିଶା କ୍ରିକେଟର ଅନ୍ୟ କୌଣସି କାଟେଗୋରିରେ ଏହା ସମ୍ଭବ ହୋଇନାହିଁ। ୧୯ ବର୍ଷରୁ କମ୍ ଓଡ଼ିଶା ସୁପରଲିଗ୍‌ରେ ଏ ପର୍ଯ୍ୟନ୍ତ ସେପରି କିଛି ଭଲ ପ୍ରଦର୍ଶନ କରିପାରିନାହିଁ। ତେଣୁ ସୁପରଲିଗ୍‌ରେ ଭଲ ପ୍ରଦର୍ଶନ କରି ଆମେ ଟପ୍-୪ରେ ରହିବାକୁ ଚେଷ୍ଟା କରିବୁ।

**ଭବିଷ୍ୟତକୁ ନେଇ କ'ଣ ଲକ୍ଷ୍ୟ ରଖିଛନ୍ତି?**

❖ ମୁଁ ଏତେବର୍ଷ ଖେଳିବା ପରେ କୋଚିଂ ଲାଇନ୍‌କୁ ଆସିଛି। ଜଣେ ଖେଳାଳି ଭାବେ ଯେପରି ମୁଁ ସଫଳ ହୋଇଥିଲି ସେପରି ଜଣେ ଭଲ କୋଚ ହୋଇ ବାହାରିବା ମୋର ଲକ୍ଷ୍ୟ ରହିବ।

-ତପନ ସ୍ୱାଇଁ

# ପୋର୍ଟାଲରୁ ମିଳିବ ପେନ୍‌ସନ ଅର୍ଡର

**ଭୁବନେଶ୍ୱର, ୨୮।୭(ବ୍ୟୁରୋ):** କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍ କାର୍ଯ୍ୟାଳୟ ଦ୍ୱାରା ପଠାଯାଇଥିବା ପେନ୍‌ସନ ଅର୍ଡରଗୁଡ଼ିକ ଚଳିତ ବର୍ଷ ଏପ୍ରିଲ ପହିଲାଠାରୁ ଇଣ୍ଟିଗ୍ରେଟେଡ ଫାଇନାନ୍ସିଆଲ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍(ଆଇଏଫ୍ଏମ୍ଏସ୍) ପୋର୍ଟାଲରେ ଅପ୍‌ଲୋଡ୍ କରାଯାଉଛି। ଅବସରପ୍ରାପ୍ତ କର୍ମଚାରୀ ଅଥବା ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ଏସ୍ଏମ୍ଏସ୍ ମାଧ୍ୟମରେ ଏନେଇ ଅବଗତ କରାଯାଉଛି। ସେମାନେ ସମ୍ପୃକ୍ତ ଟ୍ରେଜେରି/ସ୍ୱତନ୍ତ୍ର ଟ୍ରେଜେରି/ସବ୍‌ଟ୍ରେଜେରି ଅଫିସରଙ୍କଠାରୁ ସେମାନଙ୍କ ପ୍ରାପ୍ୟ ପାଇବା ପାଇଁ ସାକ୍ଷାତ କରି ପାରିବେ। ଆବଶ୍ୟକ ସ୍ଥଳେ ପେନ୍‌ସନ୍‌ଭୋଗୀମାନେ ସେମାନଙ୍କ ପେନ୍‌ସନ ପେମେଣ୍ଟ ଆଦେଶ odishatreasury.gov.in ମାଧ୍ୟମରେ ଡାଉନ୍‌ଲୋଡ୍ କରିପାରିବେ।



ହୀରାକୁଦ ଡ୍ୟାମ୍‌ରୁ ଜଳ ନିଷ୍କାସନ ହେଉଛି।

# ହୀରାକୁଦ ଡ୍ୟାମ୍‌ର ୧୪ ଗେଟ୍‌ରେ ଜଳ ନିଷ୍କାସନ

## କମିଲା ଜଳ ପ୍ରବେଶ ପରିମାଣ

**ସମ୍ବଲପୁର,୨୮।୭(ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ବୁଧବାର ୧୪ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ମିଳିଥିବା ରିପୋର୍ଟ ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୦୭.୧୭ ଫୁଟ୍ ରହିଛି। ୧୪ ଗେଟ୍ ଦେଇ ୨ ଲକ୍ଷ ୪ ହଜାର ୨୪୩ କ୍ୟୁସେକ ଜଳ ନିଷ୍କାସନ ହେଉଛି। ସେହିପରି ପାୱାର ଚ୍ୟାନେଲ ୧୬,୫୫୫, ଶିଳ୍ପ ପାଇଁ ୨୭୨, ଚାଷ ପାଇଁ ବିଭିନ୍ନ କେନାଲରେ ୩୭୫୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୮୫ ହଜାର ୭୫୦ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୨ ଲକ୍ଷ ୨୫ ହଜାର ୨୪୩ କ୍ୟୁସେକ ଜଳ ନିଷ୍କାସନ ହେଉଛି। ସେହିପରି ପର୍ଥଲାରେ ୧୭ ହଜାର ୪୫୦, ଖଇରମାଲରେ ୨ ଲକ୍ଷ ୧୪ ହଜାର ୫୦୦, ବରମୁଲାରେ ୧ ଲକ୍ଷ ୮୫ ହଜାର ୭୬୭, ମୁଣ୍ଡଲୀରେ ୧ ଲକ୍ଷ ୧୮ ହଜାର ୭୬୭ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ ମଙ୍ଗଳବାର ପ୍ରତି ସେକେଣ୍ଡରେ ୧ ଲକ୍ଷ ୨ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିଲା। ହେଲେ ବୁଧବାର ଏହା କମିଯାଇ ୮୫,୭୫୦ କ୍ୟୁସେକରେ ପହଞ୍ଚିଛି। ସେହିପରି ଜଳଭଣ୍ଡାରରେ ଜଳସ୍ତର ମଙ୍ଗଳବାର ୬୦୯.୦୪ଫୁଟ୍ ରହିଥିବାବେଳେ ବୁଧବାର ୬୦୭. ୧୭ଫୁଟ୍ ରହିଛି।

# ରିଟ୍ ପିଟିଶନ କପି ନ ପାଇବାରୁ ଶୁଣାଣି ଘୁଞ୍ଚିଲା

## ବର୍ଷା-ଅନୁଭବ ବିବାଦ ମାମଲା



**କଟକ ଅଫିସ, ୨୮।୭:** ପାରିବାରିକ ବିବାଦ ମାମଲାରେ କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଗତ ୨୦ ତାରିଖରେ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। କଟକ ପରିବାର ଅଦାଲତରେ ଚାଲିଥିବା ମାମଲାର ଚୂଡ଼ାନ୍ତ ଶୁଣାଣି ପାଇଁ ସମୟସୀମା ଧାର୍ଯ୍ୟ କରିବା ତଥା ୬ମାସ ମଧ୍ୟରେ ମାମଲାର ଅନ୍ତ ଘଟାଇବା ପାଇଁ ସେ ପିଟିଶନ ଜରିଆରେ ହାଇକୋର୍ଟଙ୍କୁ ନିବେଦନ କରିଥିଲେ। ଏହି ରିଟ୍ ପିଟିଶନର କପି ଅନୁଭବଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଓକିଲଙ୍କୁ ପ୍ରଦାନ କରାଯାଇ ନ ଥିବାରୁ ମାମଲାର ଶୁଣାଣିକୁ ହାଇକୋର୍ଟ ଆସନ୍ତା ସପ୍ତାହକୁ ଘୁଞ୍ଚାଇ ଦେଇଛନ୍ତି। ବର୍ଷାଙ୍କ ଓକିଲ ଆର.କେ. ରଥଙ୍କୁ ରିଟ୍ ପିଟିଶନର ଏକ କପି ଦିଆଯିବା ପାଇଁ ହାଇକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ବର୍ଷା-ଅନୁଭବ ପାରିବାରିକ ବିବାଦ ମାମଲାର ସମାଧାନ ପାଇଁ ପୂର୍ବରୁ କଟକ ପରିବାର ଅଦାଲତଙ୍କ ମଧ୍ୟସ୍ଥତା କେନ୍ଦ୍ରରେ ଉଭୟଙ୍କୁ କାଉନସେଲିଂ କରାଯାଇଥିଲା। କିନ୍ତୁ ସମାଧାନ ହୋଇ ନ ପାରିବାରୁ ବୁଝାମଣା ପ୍ରକ୍ରିୟାର ଅନ୍ତ ଘଟିଥିଲା। ଉଭୟଙ୍କ ମାମଲା ଜିଲା ପରିବାର ଅଦାଲତରେ ଚାଲୁ ରହିଛି।

# ବିପଦରେ ମହାବଳ

**ଆଗାମୀ ପିଢ଼ି ମହାବଳ ହେଣ୍ଟାଳ ଶୁଣିପାରିବେ ତ? ପୃଥିବୀର ସୁନ୍ଦରତମ ହିଂସ୍ରପ୍ରାଣୀ ତାଲିକାଭୁକ୍ତ ଏହି ବନ୍ୟଜୀବର ରାଜକୀୟ ଠାଣି ଦୂରରୁ ଦେଖିବାକୁ ମିଳିବ ତ? ନା କେଇ ଦଶନ୍ଧି ମଧ୍ୟରେ ଇତିହାସ ପାଲଟିଯିବ ଭାରତର ଜାତୀୟ ପଶୁ? ଧ୍ୱଂସାଭିମୁଖୀ ଜଙ୍ଗଲ ସମ୍ପଦ, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱତାପନର ପ୍ରତିକୂଳ ପ୍ରଭାବ ସିଧାସଳଖ ବନ୍ୟଜୀବନ ଉପରେ ପଡୁଥିବାବେଳେ ମହାବଳ ବଂଶର ଅସ୍ତିତ୍ୱକୁ ନେଇ ସୃଷ୍ଟି ହୋଇଛି ଏଭଳି ଅନେକ ପ୍ରଶ୍ନ...**

ସହରୀକରଣ ପାଇଁ ଅବାଧ ଗଛକଟା, ଶିଳ୍ପାୟନରେ ବ୍ୟାପକ ଜଙ୍ଗଲ ସମ୍ପଦ ନଷ୍ଟ, ଅବାଧ ଶିକାର ସର୍ବୋପରି ବ୍ୟକ୍ତିଗତ ସୁଖ ପାଇଁ ପ୍ରାକୃତିକ ଆବାସସ୍ଥଳୀକୁ ଧ୍ୱଂସ କରିଦେବାର ଅଭିମୁଖ୍ୟ ବାଘବଂଶକୁ ବିପଦ ମୁହଁକୁ ଠେଲି ଦେଇଛି। ଜାତୀୟ ପଶୁର ମାନ୍ୟତା ପ୍ରଦାନ, ଏହାର ସୁରକ୍ଷା ଲାଗି ବ୍ୟାପକ ପଦକ୍ଷେପ ସତ୍ତ୍ୱେ ମହାବଳ ବାଘ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ଘଟିବାରେ ଲାଗିଛି। ଏଭଳି ଧାରା ଜାରି ରହିଲେ ଆଗାମୀ କିଛି ବର୍ଷ ଭିତରେ ମହାବଳ ଇତିହାସ ପାଲଟିଯିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ।

ୱାର୍ଲ୍ଡ ୱାଇଡ୍ ଫଣ୍ଡ ଫର୍ ନେଚର (ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନୁଯାୟୀ ସାରା ପୃଥିବୀରେ ଏବେ ମାତ୍ର ୩ ହଜାର ୮୯୦ ମହାବଳ ବାଘ ଜୀବିତ ରହିଛନ୍ତି। ଗ୍ଲୋବାଲ ଟାଇଗର ଫୋରମ୍ (ଜିଟିଏଫ୍)ର ତଥ୍ୟ ଅନୁଯାୟୀ ଏହି ସଂଖ୍ୟା ୩ ହଜାର ୯୦୦। ତନ୍ମଧ୍ୟରେ କେବଳ ଭାରତରେ ମହାବଳ ସଂଖ୍ୟା ୨ ହଜାର ୯୬୭। ୨୦୧୮-୧୯ ବର୍ଷରେ ଦେଶର ୨୦ ରାଜ୍ୟରେ ହୋଇଥିବା ବାଘଗଣନାରୁ ଏହି ତଥ୍ୟ ପଦାକୁ ଆସିଥିଲା। ସଂଖ୍ୟାତ୍ମକ ଅନୁପାତ ଦେଖିଲେ ପୃଥିବୀର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ବାଘ ଭାରତର ଅଭୟାରଣ୍ୟ, ସୁନ୍ଦରବନରେ ବାସ କରୁଛନ୍ତି। ୨୦୧୬ରେ ଦେଶରେ ୧୪୧୧ ମହାବଳ ଥିବାବେଳେ ୨୦୧୮ରେ ଏହି ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇ ୨ ହଜାର ୯୬୭ରେ ପହଞ୍ଚିଛି, ଯାହା ଶୁଭସଙ୍କେତ ବୋଲି କୁହାଯାଉଛି। ତଥାପି ଅଭୟାରଣ୍ୟରେ ଶିକାରୀଙ୍କ ଦୌରାତ୍ମ୍ୟ ମହାବଳଙ୍କ ଜୀବନକୁ ସଙ୍କଟରେ ପକାଇଛି। ଜିଇଁଥିବାବେଳେ ବାଘ ଯେତିକି ଦୁର୍ମୂଲ୍ୟ, ମରିବା ପରେ ମଧ୍ୟ ସେତିକି ଦରରେ ବିକ୍ରି ହୁଏ ଏହାର ଅଙ୍ଗପ୍ରତ୍ୟଙ୍ଗ। ତେଣୁ ପୂର୍ବରୁ ଆଭିଜାତ୍ୟ ପାଇଁ ହେଉଥିବା ବାଘ ଶିକାର ଏବେ ତସ୍କରିରେ ପରିଣତ ହୋଇଛି। ଦେଶୀୟ ବଜାରରେ ବାଘ ଅଙ୍ଗପ୍ରତ୍ୟଙ୍ଗ ଲକ୍ଷାଧିକ ଟଙ୍କା ଥିବାରୁ ଶିକାରୀମାନେ ବିଭିନ୍ନ ଉପାୟରେ ଶିକାର କରୁଛନ୍ତି। ତେବେ ଅନ୍ତର୍ଜାତୀୟ ବଜାରରେ ବାଘ ଅଙ୍ଗପ୍ରତ୍ୟଙ୍ଗ ପହଞ୍ଚିବା ପରେ ଏହାର ଦର ଆକାଶଛୁଆଁ ହେଉଛି। ଏଥିରେ ବିଧିବଦ୍ଧ ଭାବେ ଏକ ଅନ୍ତର୍ଜାତୀୟ ର୍‌ୟାକେଟ କାମ କରୁଛି।

ସେହିପରି ମହାବଳ ମୁକ୍ତ ଭାବେ ବିଚରଣ କରିବାକୁ ଭଲ ପାଉଥିବା ଏକ ବନ୍ୟପ୍ରାଣୀ। ଏଥିଲାଗି ସେ ଆବଶ୍ୟକ କରେ ବିଶାଳ ଘଞ୍ଚ ଜଙ୍ଗଲ। ହେଲେ ବର୍ଦ୍ଧିତ ଜନସଂଖ୍ୟାର ଆବଶ୍ୟକତା ପୂରଣ ଲାଗି ଗତ କିଛି ଦଶନ୍ଧି ମଧ୍ୟରେ ବ୍ୟାପକ ଜଙ୍ଗଲ ସମ୍ପଦ ନଷ୍ଟ ହୋଇଛି। ଦେଶର ମୋଟ ଭୂଭାଗର ୩୩%ରେ ଜଙ୍ଗଲ ରହିବା ଆବଶ୍ୟକ ଥିବାବେଳେ ୨୦୧୯ ସୁଦ୍ଧା ଏହା ୨୧%କୁ ହ୍ରାସ ପାଇଲାଣି, ଯାହାର ପ୍ରଭାବ ବାଘ ସମେତ ଅନ୍ୟ ବନ୍ୟଜୀବନ ଉପରେ ପଡୁଛି। ଅନୁରୂପ ଭାବେ ଜଳବାୟୁ ପରିବର୍ତ୍ତନ ଫଳରେ ସମୁଦ୍ର ଜଳପତ୍ତନ ବୃଦ୍ଧି ଘଟିବା ଏବଂ ଏଥିରେ ବାଘଙ୍କ ଭୂସ୍ୱର୍ଗ କୁହାଯାଉଥିବା ସୁନ୍ଦରବନ ଅବକ୍ଷୟ ହେବା ମହାବଳ ବଂଶ ବୃଦ୍ଧିରେ ବାଧକ ସାଜିଛି। ସଙ୍କୁଚିତ ହୋଇପଡୁଥିବା ପ୍ରାକୃତିକ ଆବାସସ୍ଥଳୀ ଖାଦ୍ୟଶୃଙ୍ଖଳକୁ ପ୍ରଭାବିତ କରୁଥିବାବେଳେ ମହାବଳ ଖାଦ୍ୟାଭାବର ଶିକାର ମଧ୍ୟ ହେଉଛନ୍ତି।



**ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ**

## 'ସେମାନଙ୍କ ଅସ୍ତିତ୍ୱ ଆମ ହାତରେ'

ଊନବିଂଶ ଶତାବ୍ଦୀର ସତୁରି ଦଶକରେ ବହୁବିଧ ପଦକ୍ଷେପ ସତ୍ତ୍ୱେ ବାଘ ସଂଖ୍ୟାରେ ଦ୍ରୁତହ୍ରାସ ବିଶ୍ୱବ୍ୟାପୀ ଚହଳ ସୃଷ୍ଟି କରିଥିଲା। ଫଳରେ ଏହି ବିଲୁପ୍ତପ୍ରାୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ସୁରକ୍ଷା ଲାଗି ଚିନ୍ତାବ୍ୟକ୍ତ କରିଥିଲେ ବନ୍ୟପ୍ରାଣୀ ବିଶେଷଜ୍ଞ। ୨୦୧୦ରେ ରୁଷିଆର ବନ୍ଦରନଗରୀ ସେଣ୍ଟପିଟର୍ସବର୍ଗରେ ଆୟୋଜିତ ବ୍ୟାଘ୍ର ସମ୍ମେଳନରେ ବାଘ ବଂଶର ସୁରକ୍ଷା ଲାଗି ନୀତିଗତ ନିଷ୍ପତ୍ତି ହୋଇଥିଲା। ୨୦୨୨ ସୁଦ୍ଧା ବାଘବହୁଳ ରାଷ୍ଟ୍ରରେ ବ୍ୟାଘ୍ରସଂଖ୍ୟା ଦ୍ୱିଗୁଣିତ କରିବା ଲାଗି ଏଠାରେ ସହମତି ପ୍ରକାଶ ପାଇଥିଲା। ଏଥିସହ ପ୍ରତିବର୍ଷ ଜୁଲାଇ ୨୯କୁ ବାଘଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ବାଘବଂଶର ସୁରକ୍ଷା, ସଂରକ୍ଷଣ ଏବଂ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୯ରେ ପାଳିତ ହେଉଛି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ। ଚଳିତବର୍ଷ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସର ଥିମ୍ ରହିଛି 'ଦେୟାର ସର୍ଭାଇଭାଲ୍ ଇଜ୍ ଇନ୍ ଆୱାର ହ୍ୟାଣ୍ଡ' ବା 'ସେମାନଙ୍କ ଅସ୍ତିତ୍ୱ ଆମ ହାତରେ'।

ସବୁବର୍ଷ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସକୁ ପୃଥିବୀର ବିଭିନ୍ନ ଦେଶ ଆଡମ୍ବର ସହକାରେ ପାଳନ କରିଥାଆନ୍ତି। ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୋଭାଯାତ୍ରା, ପ୍ରତିଯୋଗିତା ଆୟୋଜନ କରାଯାଏ। ତେବେ ଦୁଇବର୍ଷ ହେଲା କରୋନା କଟକଣା ଲାଗି ଭର୍ଚୁଆଲ ମୋଡରେ ଏହାକୁ ପାଳନ କରାଯାଉଛି। ଚଳିତବର୍ଷ ମଧ୍ୟ ବିଭିନ୍ନ ସଙ୍ଗଠନ, ବନ ବିଭାଗ ଏବଂ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ବ୍ୟାଘ୍ର ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି।

❝ ଯେଉଁ ସମର୍ପଣ ଭଗବାନଙ୍କ ସର୍ତ୍ତ ପାଳନ କରିବାକୁ ଚାହେଁ ନାହିଁ– ତାହା ତାମସିକ ସମର୍ପଣ। ଏପରି ସମର୍ପଣ ଦ୍ୱାରା ମଣିଷ ଭଗବାନଙ୍କୁ ସବୁକିଛି କରିଦେବେ ବୋଲି ଆହ୍ୱାନ କରେ। ସେ ମଧ୍ୟ ଚାହେଁ ସବୁ କ୍ଲେଶ ଓ ଦ୍ୱନ୍ଦ୍ୱ ଏଡିଦେଇ ଚାଲିବାକୁ। ଏହା ହେଲା ଆତ୍ମ–ପ୍ରବଞ୍ଚନା। ଏହା କେବେ ତୁମକୁ ମୁକ୍ତି ଓ ପୂର୍ଣ୍ଣତା ଆଡକୁ ନେଇଯାଏ ନାହିଁ। –ଶ୍ରୀଅରବିନ୍ଦ





# ପରିବେଶ ଉପଯୋଗୀ ଅଭିବୃଦ୍ଧି

ପଲ୍ ଗ୍ରୁଏନ୍‌ୱାଲ୍ଡ

ଅର୍ଥନୈତିକ ଅଭିବୃଦ୍ଧି ସମ୍ପର୍କିତ ଗବେଷଣାର ଏକ ଦୀର୍ଘ ତଥା ଉଲ୍ଲେଖନୀୟ ଇତିହାସ ରହିଛି। କିନ୍ତୁ ଏବେ ସ୍ଥାୟୀ ପରିବେଶ ଉପଯୋଗୀ ଅଭିବୃଦ୍ଧିର ବିତର୍କ ଆରମ୍ଭ ହୋଇଛି। ଏହା ଅର୍ଥ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ କରିବାର ଆବଶ୍ୟକତା ଉପରେ ଜୋର୍ ଦେଇଛି। ନିର୍ଦ୍ଦିଷ୍ଟ ଭାବେ ଇଂଲଣ୍ଡ ସରକାରଙ୍କ ତତ୍ତ୍ୱାବଧାନରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ପାର୍ଥ ଦାଶଗୁପ୍ତାଙ୍କ ଦ୍ୱାରା ଜୈବବିବିଧତା ଅର୍ଥନୀତି ଉପରେ ଗବେଷଣା କରିଛନ୍ତି। ତାଙ୍କ ରିପୋର୍ଟ ଅଭିବୃଦ୍ଧିର ପୂର୍ବ ଢାଞ୍ଚାର ଯୁକ୍ତିଯୁକ୍ତ ସମ୍ପ୍ରସାରଣ ବ୍ୟତୀତ ପୃଥିବୀ ପୃଷ୍ଠର ବିବର୍ତ୍ତନୀୟ ପରିବର୍ତ୍ତନକୁ ଉପସ୍ଥାପନ କରିଛି। ଏହା କେତେକଙ୍କୁ ହତୋତ୍ସାହିତ କରିପାରେ, କିନ୍ତୁ ଏହା ଅଭିବୃଦ୍ଧିକୁ ଅଧିକ ସ୍ଥାୟୀ ତଥା ପରିବେଶ ଉପଯୋଗୀ ପଥରେ ଆଗେଇନେବ। ଏଥିପାଇଁ ତାଙ୍କ ତଥ୍ୟ ଓ ବିଶ୍ଳେଷଣକୁ ଉପଯୋଗ କରିବା ନିମନ୍ତେ ଅନେକଙ୍କୁ ଏହା ବଡ ସୁଯୋଗ ଦେବ। ସଂକ୍ଷେପରେ ଅଭିବୃଦ୍ଧିର ନୂଆ ଅର୍ଥନୀତି କେବେ ବି ଅର୍ଥବ୍ୟବସ୍ଥାରେ ପରିବେଶକୁ ବାହାରେ ରଖିଛି। ଏହା ଉପରେ ଗୁରୁତ୍ୱ ପ୍ରଦାନ କରିନାହିଁ। ବରଂ ଅର୍ଥବ୍ୟବସ୍ଥା ପରିବେଶ ମଧ୍ୟରେ ଏକ ପ୍ରମୁଖ ଅଂଶ ଭାବେ ରହିଛି ଏବଂ ଆମେ ଯେତେଦିନ ଧରି ଠିକ୍ ଭାବେ ପ୍ରକୃତିର ପରିଚାଳନା କରିବା ସେତେଦିନ ଯାଏ ଅର୍ଥବ୍ୟବସ୍ଥାରେ ସ୍ଥାୟୀ ଅଭିବୃଦ୍ଧି ଓ ସମୃଦ୍ଧି ସମ୍ଭବ ହୋଇପାରିବ। କିନ୍ତୁ ଆମେ ସୁବିଧା ଲାଗି ପରିବେଶରେ ଉପଲବ୍ଧ ସଂସାଧନର ଅପବ୍ୟବହାର କରୁଛେ। ମନେରଖିବାକୁ ହେବ ଯେ,ଏଭଳି ଏକ ସମୟ ଆସିବ ଯେତେବେଳେ କି ଏଭଳି କ୍ଷତିର ପ୍ରଭାବକୁ ରୋକିହେବନାହିଁ। ପରେ ଆଉ କେବେ ବି ଏହାକୁ ସମ୍ଭାଳି ହେବ ନାହିଁ କି ସୁଧାରି ହେବ ନାହିଁ। ଏଣୁ ଅଭିବୃଦ୍ଧି ସମ୍ପର୍କରେ ଏକ ନୂଆ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିଚାର କରାଯିବା ଦରକାର।

ବୃହତ୍ ଅଭିବୃଦ୍ଧି ଏବେ ଭଲ ନୁହେଁ। ବରଂ ବର୍ତ୍ତମାନ ପରିସ୍ଥିତିରେ ସ୍ଥାୟୀ ସବୁଜ ଅଭିବୃଦ୍ଧି ଭଲ। ପୂର୍ବ ଅଭିବୃଦ୍ଧି ଢାଞ୍ଚାଗୁଡ଼ିକ ଲୋକ ଓ ପାଖରେ ଥିବା ପୁଞ୍ଜିର ଉପଯୋଗ ଏବଂ ତାହାର ବୃଦ୍ଧି ଉପରେ ଗୁରୁତ୍ୱ ଦେଉଥିଲା। ଏଥିପାଇଁ ଶିକ୍ଷା ଏବଂ ପ୍ରଶିକ୍ଷଣ, କମ୍ପାନୀ, ଉପକରଣ ଓ ଭିତ୍ତିଭୂମିରେ ନିବେଶ ଏକ ଭଲ ମାଧ୍ୟମ ବୋଲି ବିବେଚନା କରାଯାଉଥିଲା, କାରଣ ଏଗୁଡ଼ିକ ଅର୍ଥବ୍ୟବସ୍ଥାକୁ ବଢାଉଥିଲେ। ପ୍ରଯୁକ୍ତିଗତ ନୂତନ ପଦ୍ଧତି ମାଧ୍ୟମରେ ଏହି ସବୁ ବିଷୟଗୁଡ଼ିକୁ ଅଧିକ ପ୍ରଭାବୀ ଢଙ୍ଗରେ ଯୋଡ଼ିବା ଦ୍ୱାରା ଅର୍ଥବ୍ୟବସ୍ଥାରେ ଅଭିବୃଦ୍ଧି ଆଣିବା ଅଧିକ ଉପଯୋଗୀ ବୋଲି ଦେଖାଗଲା। କିନ୍ତୁ ସମସ୍ୟା ଥିଲା, ଏହିସବୁ ମଡେଲ ବା ଢାଞ୍ଚା କେବେ ବି ପରିବେଶ କିମ୍ବା ପ୍ରକୃତି ପୁଞ୍ଜିକୁ ସ୍ପଷ୍ଟ ଭାବେ ବିଚାରକୁ ନେଲା ନାହିଁ।

କେତେକ ଅନୁଧ୍ୟାନ ମଧ୍ୟ ଏହି ଦୃଷ୍ଟିକୋଣର ବିପରୀତ ପରିଣାମକୁ ପ୍ରକାଶ କରିଛି। ଦାଶଗୁପ୍ତାଙ୍କ ରିପୋର୍ଟ ମୁତାବକ, ୧୯୯୨ରୁ ୨୦୧୪ ମଧ୍ୟରେ ବିଶ୍ୱ ସ୍ତରରେ ମୁଣ୍ଡପିଛା ପୁଞ୍ଜି ମୋଟ ଉପରେ ଦୁଇଗୁଣ ବୃଦ୍ଧି ପାଇଥିଲାବେଳେ ମୁଣ୍ଡପିଛା ମାନବ ପୁଞ୍ଜି ୧୩% ବଢିଥିଲା। କିନ୍ତୁ ମୁଣ୍ଡପିଛା ପ୍ରାକୃତିକ ପୁଞ୍ଜି ୪୦% ହ୍ରାସ ପାଇଥିଲା। ନିର୍ଦ୍ଦିଷ୍ଟ ଭାବେ ଯଦି ପରିବେଶ ଅପରିବର୍ତ୍ତନୀୟ ପରିସ୍ଥିତିର ସାମ୍ନା କରୁଥାଏ ତେବେ ଅଭିବୃଦ୍ଧିକୁ ସ୍ପଷ୍ଟ ଭାବେ ସ୍ଥାୟୀ କି ପରିବେଶ ଉପଯୋଗୀ ନୁହେଁ ବୋଲି କୁହାଯିବ।

ମୁଖ୍ୟତଃ ମାର୍କେଟ ପ୍ରାଇସ୍ ବା ବଜାର ମୂଲ୍ୟ ନେଗେଟିଭ ଏକ୍ସଟରନାଲିଟି ବା ଆର୍ଥିକ କାର୍ଯ୍ୟକଳାପର ବଜାର ପ୍ରକ୍ରିୟା ବାହାରେ ରହିଥିବା ନକାରାତ୍ମକ ପରିବେଶଗତ ପ୍ରଭାବଗୁଡ଼ିକୁ ଆୟତ୍ତ ନ କରିବା ଯୋଗୁ ଅଭିବୃଦ୍ଧି ଅସ୍ଥାୟୀ ହେଉଛି ଓ ସେହି ହାରରେ ଆଗେଇ ପାରୁନାହିଁ। ପ୍ରାଇସ୍ ସିଗ୍‌ନାଲ ବା ମୂଲ୍ୟ ବ୍ୟବସ୍ଥା ସମ୍ପର୍କିତ ସୂଚନା ( ଉତ୍ପାଦର ଯୋଗାଣ ପରିମାଣ କିମ୍ବା ଗୁଣବତ୍ତାର ହ୍ରାସ ବା ବୃଦ୍ଧି କରିବାକୁ ଯୋଗାଇଦେଉଥିବା ସୂଚନା)କୁ ଅନୁସରଣ କରୁଥିବା ସଂସାଧନ ଆବଣ୍ଟନ ପରିବେଶଗତ କ୍ଷତି ପାଇଁ ବାଟ କଢ଼ାଇ ନେଉଛି। ମୋଟ ଉପରେ ପାରମ୍ପରିକ ଜିଡିପି ପ୍ରାପ୍ତ ମୁଣ୍ଡପିଛା ଉତ୍ପାଦନ ବୃଦ୍ଧିକୁ ଜୀବନଶୈଳୀରେ ବିକାଶ ବୋଲି ମୂଲ୍ୟାୟନ କରେ। ସୀମିତ ବିଚାରରେ ଏହା ସତ୍ୟ ହୋଇପାରେ। ପରିବେଶ ପାଇଁ ଏକ ସମନ୍ୱିତ ବିତ୍ତୀୟ ସ୍ଥିତି କିମ୍ବା ପରିବେଶଗତ କ୍ଷତି ଲାଗି ଜିଡିପିକୁ ସମାୟୋଜିତ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ପଦ୍ଧତି ରହୁନାହିଁ। ଅନେକ ଅର୍ଥନୀତିଜ୍ଞ ଏବଂ ନୀତି ନିର୍ଦ୍ଧାରକ ବଜାର ପ୍ରକ୍ରିୟା ବାହାରେ ରହୁଥିବା ନକାରାତ୍ମକ ପରିବେଶଗତ ପ୍ରଭାବକୁ ଅଣଦେଖା କରୁଛନ୍ତି।

ଏକ ଅଧିକ ସ୍ଥାୟୀ ଓ ପରିବେଶ ଉପଯୋଗୀ ଅଭିବୃଦ୍ଧି ସୃଷ୍ଟି କରିବା ପାଇଁ ଉତ୍ପାଦ ଉପରେ ଟ୍ୟାକ୍ସ ବା କର ଲଗାଇବାର ପୋଥିଗତ ଉପାୟ ପରିବେଶ ଲାଗି କ୍ଷତିକାରକ। ପରିବେଶ ଉପଯୋଗୀ ଅଭିବୃଦ୍ଧି ଲାଗି ସବୁଠୁ ସହଜ ବାଟ ହେଉଛି କାର୍ବନ ଟ୍ୟାକ୍ସ। ଏହି ଟ୍ୟାକ୍ସ ପରିମାଣ ଆର୍ଥିକ କାର୍ଯ୍ୟକଳାପରୁ ସୃଷ୍ଟି ପରିବେଶଗତ ପ୍ରଭାବ ସମେତ ସାମାଜିକ ମୂଲ୍ୟର ଘରୋଇ ମୂଲ୍ୟକୁ ବୃଦ୍ଧି କରିବା ଉଚିତ। ତା'ପରେ ଏହି ବିକଶିତ ମାର୍କେଟ ସିଗ୍‌ନାଲ ବା ବ୍ୟବସ୍ଥା ଅଧିକ ସ୍ଥାୟୀ ପଦ୍ଧତିରେ ସଂସାଧନ ଆବଣ୍ଟନକୁ ସାହାଯ୍ୟ କରିବ। କେବଳ ପ୍ରାଇସ୍ ଟେକର୍ ହୋଇ ଘରୋଇ କ୍ଷେତ୍ର ପରିବେଶ ଉପଯୋଗୀ ବା ସବୁଜ ପରିବର୍ତ୍ତନ ଦିଗରେ ଆଗକୁ ଯାଇ ପାରିବେ ଓ ପରିବେଶଗତ ପ୍ରଭାବକୁ ଅନୁଭବ କରି ତାହାକୁ ସୁଧାରିବା ପାଇଁ ସକ୍ରିୟ ଭୂମିକା ନେଇ ପାରିବେ। ଏବେ ସ୍ୱାୟତ୍ତ ଧନ ପାଣ୍ଠି,ବିଶ୍ୱବିଦ୍ୟାଳୟ ଦାନ ଏବଂ ବୀମା ଓ ପେନ୍‌ସନ ପାଣ୍ଠିଗୁଡ଼ିକ ସ୍ଥାୟୀ ଓ ପରିବେଶ ଉପଯୋଗୀ କ୍ଷେତ୍ରରେ ଅଧିକ ନିବେଶ କରିବାକୁ ଚାହୁଁଛନ୍ତି। ବର୍ତ୍ତମାନ ନିବେଶକୁ ପଥ ପ୍ରଦର୍ଶନ କରିବା ଲାଗି ପରିବେଶଗତ, ସାମାଜିକ ଏବଂ ଶାସକୀୟ ସିଦ୍ଧାନ୍ତଗୁଡ଼ିକ ସହ ଅନ୍ୟ ସବୁଜ ବିତ୍ତୀୟ ସାଧନ ଅଧିକ ଉପଲବ୍ଧ ହେଉଛି। ବଜାର କ୍ଷେତ୍ର ମଧ୍ୟ ଚଳିତ ବର୍ଷ ଛାରଖାର ହୋଇଯାଇଛି। ଏହାକୁ ଅନୁକୂଳ କରିବା ପାଇଁ ବହୁତ କିଛି କରିବାକୁ ପଡ଼ିବ ଓ ଲଗାତର ଠିକ୍ ଭାବେ ଏହାର ପରିଣାମ ସନ୍ଧାନ କରିବାକୁ ହେବ।

ଏକ ସମୃଦ୍ଧ ପରିବେଶ ଉପଯୋଗୀ ବିଶ୍ୱ ବିକାଶର ମୂଳ ଲକ୍ଷ୍ୟ ହେଉଛି ଗଚ୍ଛିତ ପ୍ରାକୃତିକ ପୁଞ୍ଜିର ସୁପରିଚାଳନା କରି ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା। କିନ୍ତୁ ଏହା ନକାରାତ୍ମକ ଧାରାରେ ରହିଛି। ଉଦାହରଣ ସ୍ୱରୂପ, ଏବେ ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଲାଭ ନାହିଁ। ପାରମ୍ପରିକ ଅଭିବୃଦ୍ଧି ଢାଞ୍ଚାରେ ଅଧିକ ଉତ୍ପାଦନ ଲାଗି ଅଧିକ ଶ୍ରମିକ ଲୋଡା। କିନ୍ତୁ ଏକ ପରିବେଶ ଉପଯୋଗୀ ତଥା ସ୍ଥାୟୀ ଅଭିବୃଦ୍ଧିର ବିଶ୍ୱରେ କମ୍ ପ୍ରାକୃତିକ ପୁଞ୍ଜିରେ ଅଧିକ ଉତ୍ପାଦନ ସମ୍ଭବ । ଏହାର ନିଷ୍କର୍ଷ ହେଉଛି,ଲୋକସଂଖ୍ୟା କମିବା ନିଶ୍ଚିତ ଭାବେ ଉତ୍ତମ। ଏଣୁ ଜାପାନ ଏବଂ ୟୁରୋପ ନିରାଶ ଦେବା ଦରକାର ନାହିଁ। ସେମାନେ କମ୍ ଲୋକରେ ପ୍ରାକୃତିକ ପୁଞ୍ଜିରୁ ଅଭିବୃଦ୍ଧି କ୍ଷେତ୍ରରେ ଲାଭ ପାଇବେ। ଶୀଘ୍ର ନିବେଶ କରି ବିତ୍ତୀୟ ନିୟନ୍ତ୍ରଣ କରିବା ଏକ ଆଗୁଆ ଅର୍ଥବ୍ୟବସ୍ଥା ଢାଞ୍ଚାଭାବେ ବିବେଚନା କରାଯାଏ, କିନ୍ତୁ ଏଥିରେ ଅଭିବୃଦ୍ଧି ଆଶାଜନକ ହେବ ନାହିଁ। ଯଦି ଗଚ୍ଛିତ ସ୍ୱଚ୍ଛ ପୁଞ୍ଜି ନ ବଢା ନ ଯାଏ ଓ ପରବେଶଗତ ପ୍ରଭାବ କମ୍ ନ କରାଯାଏ, ତେବେ ସବୁଜ ଅଭିବୃଦ୍ଧି ହାସଲ କରିବା ସମ୍ଭବ ହେବ ନାହିଁ। କିନ୍ତୁ ଦେଖାଯାଉଛି ପ୍ରଯୁକ୍ତି ନିଜେ ଏଥିରୁ ଦୂରେଇ ରହିଛି । ଏକ ପରିବେଶ ଉପଯୋଗୀ ବିଶ୍ୱରେ ପ୍ରଯୁକ୍ତି ଆର୍ଥିକ କାର୍ଯ୍ୟକଳାପର ପରିବେଶଗତ ପ୍ରଭାବ କମ୍ କରିବା ଆବଶ୍ୟକ। ହେଲେ ଏବେ ବୃଦ୍ଧି ପାଉଥିବା ନୂଆ ପ୍ରଯୁକ୍ତି ଏହାକୁ ଗ୍ରହଣ କରିବାର ସମ୍ଭାବନା ଦେଖାଯାଉନାହିଁ। ଅଭିବୃଦ୍ଧି ବଢାଇବା ଲାଗି ଦେଶଗୁଡ଼ିକ ପ୍ରଯୁକ୍ତିଗତ ପରିବର୍ତ୍ତନ କରିବା ଦରକାର, କିନ୍ତୁ ପରିବେଶଗତ କାର୍ଯ୍ୟଦକ୍ଷତାରେ ପରିବର୍ତ୍ତନ ଉପରେ ଧ୍ୟାନ ଦେବା ଉଚିତ।

ଅଭିବୃଦ୍ଧିର ଆହ୍ୱାନକୁ ଦୋହରାଇବା କିମ୍ବା ନୂଆରୂପ ଦେବା ଅର୍ଥ ଏ ସଂକ୍ରାନ୍ତୀୟ ସୁଯୋଗ ଓ ନୀତିଗୁଡ଼ିକୁ ପରିବର୍ତ୍ତନ କରିବା। ଏବେ ସୁଦ୍ଧା ଦେଶଗୁଡ଼ିକ ଲାଗି ଅଭିବୃଦ୍ଧି , ବାଣିଜ୍ୟ, ନୂଆ ପରିବର୍ତ୍ତନ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମୂଲ୍ୟବୋଧଭିତ୍ତିକ ଶୃଙ୍ଖଳକୁ ତ୍ୱରାନ୍ୱିତ କରିବାକୁ ସୁଯୋଗ ରହିଛି। କିନ୍ତୁ ଅର୍ଥବ୍ୟବସ୍ଥା ପ୍ରକୃତି ବା ପରିବେଶ ସହ ରହିଛି, ଏହା ବାହାରେ ନୁହେଁ ବୋଲି ସେମାନେ ଅନୁଭବ କରିବା ଆବଶ୍ୟକ।

**ଗ୍ଲୋବାଲ୍ ଚିଫ୍ ଇକୋନୋମିଷ୍ଟ,**
**ଏସ୍ ଆଣ୍ଡ ପି ଗ୍ଲୋବାଲ୍ ରେଟିଂ**



# କାରାଗାର

ନିମାଇଁ ଚରଣ ଲେଙ୍କା

ସଂସାରରେ ଦୁଃଖୀଲୋକ ସୁଖୀଲୋକଠାରୁ ଅଧିକ ଭାଗ୍ୟବାନ। କାରଣ ସୁଖଭୋଗ ପୁଣ୍ୟଫଳରୁ ଖର୍ଚ୍ଚହୁଏ, କିନ୍ତୁ ଦୁଃଖଭୋଗ ପାପଫଳରୁ ଖର୍ଚ୍ଚହୁଏ। ଜଣେ ଦୁଃଖଭୋଗ କରୁଥିଲେ ମଧ୍ୟ ପୁଣ୍ୟକର୍ମ କରିଚାଲିଲେ ପାପଫଳ ଶୂନ୍ୟହୋଇ ପୁଣ୍ୟଫଳ ଜମା ହୋଇଯାଏ, କିନ୍ତୁ ସୁଖୀଲୋକ ପୁଣ୍ୟକର୍ମ ନ କଲେ ତା'ର ପୁଣ୍ୟଫଳ ଶୂନ୍ୟ ହୋଇ ପାପଫଳ ଜମା ହୋଇଯାଏ। ଏ ସମଗ୍ର ସଂସାର ହେଉଛି ଏକ କାରାଗାର । ସ୍ୱୟଂ ପରମାତ୍ମା ହେଉଛନ୍ତି ଏହାର ନିର୍ଦ୍ଦେଶକ। ସାଧାରଣ କାରାଗାରରେ ଯେପରି ବିଚାରାଧୀନ ବନ୍ଦୀ ଓ କଏଦୀ ଉଭୟ ରହନ୍ତି, ଏଠାରେ କିନ୍ତୁ ଦୋଷୀସାବ୍ୟସ୍ତ କଏଦୀମାନେ ହିଁ କେବଳ ରହନ୍ତି। ମୃତ୍ୟୁପରେ ସମସ୍ତେ ବିଚାରାଧୀନ ବନ୍ଦୀଭାବେ ପ୍ରେତଜଗତରେ ରହନ୍ତି। ବିଚାର ଶେଷରେ ଯେଉଁମାନେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ (ନିଷ୍କାମ କର୍ମୀ) ବିବେଚିତ ହୁଅନ୍ତି, ସେମାନେ ମୁକ୍ତହୋଇ ପରମପଦ ପ୍ରାପ୍ତ ହୁଅନ୍ତି। କିନ୍ତୁ ଯେଉଁମାନେ ଦୋଷୀ(ଉଭୟପାପୀ ଓ ପୁଣ୍ୟବାନ) ସାବ୍ୟସ୍ତ ହୁଅନ୍ତି, ସେମାନେ ପ୍ରେତଜଗତରେ ଭୋଗିଥିବା ଦଣ୍ଡକୁ ବାଦ୍ ଦେଇ ଅବଶିଷ୍ଟ ଦଣ୍ଡ ଭୋଗିବା ପାଇଁ ଏହି ଦୁଃଖସଂସାର କାରାଗାରରେ କଏଦୀ ରୂପେ ଜନ୍ମଗ୍ରହଣ କରନ୍ତି।

ଏ କାରାଗାରର ସ୍ୱତନ୍ତ୍ର ନିୟମ ହେଉଛି, ଏଠାକୁ ପାପୀ ଓ ପୁଣ୍ୟବାନ ଉଭୟଙ୍କୁ ଅପରାଧୀ ରୂପେ ଆସିବାକୁପଡ଼େ। ଋଣଦାତା–ଋଣଗ୍ରହୀତା, ପୀଡ଼ାଦାତା–ପୀଡ଼ିତ, ମାଡୁଆ–ଫେରାଦିଆ, ମୁଦେଇ–ମୁଦାଲା ଇତ୍ୟାଦି ସମସ୍ତଙ୍କର ଆସିବାର ଆବଶ୍ୟକତା ଅଛି। ସରଳଭାବରେ କହିଲେ, ପୂର୍ବଜନ୍ମରେ ଜଣେ ମୋ'ଠାରୁ ଏକଶହ ଟଙ୍କା ନେଇ ଫାଙ୍କି ଦେଇଥିଲା। ଏ ଜନ୍ମରେ ସେ ଯେହେତୁ ମୋର ଟଙ୍କା ଶୁଝିବ, ସେଥିପାଇଁ ମୋତେ ମଧ୍ୟ ଆସିବାକୁ ପଡ଼ିବ। କିନ୍ତୁ ଟଙ୍କା ଦେଲାବେଳେ ମୁଁ ସେହିକର୍ମର ଶ୍ରେୟ ଯଦି ଭଗବାନଙ୍କୁ ଅର୍ପଣ କରି ନିଜକୁ ନିମିତ୍ତ ଭାବି ଥାଆନ୍ତି, ତେବେ ଶହେଟି ଟଙ୍କା ସକାଶେ ଆମ ଉଭୟଙ୍କୁ ଆସିବାକୁ ପଡ଼ି ନ ଥାନ୍ତା। କାରଣ ଆମେ ଦୁହେଁ ଋଣଦାତା କି ଋଣଗ୍ରହୀତା ହୋଇ ନ ଥା'ନ୍ତୁ। ତେଣୁ ପାପକର୍ମ ପାଇଁ ନର୍କଭୋଗ ଓ ପୁଣ୍ୟକର୍ମ ପାଇଁ ସ୍ୱର୍ଗଭୋଗ ଏଇଠି ହିଁ କରିବାକୁ ହୁଏ। ମନୁଷ୍ୟ ପାପକର୍ମ କଲାବେଳେ ଭଗବାନଙ୍କ ମୁଣ୍ଡରେ ଅଠାବୋଳେ ଓ ଫଳଭୋଗରେ ମଧ୍ୟ ତାଙ୍କୁ ଦାୟୀ କରେ। କିନ୍ତୁ ପୁଣ୍ୟକର୍ମ କଲାବେଳେ ଓ ଫଳଭୋଗ ବେଳେ, ତା'ର ସମସ୍ତ ଶ୍ରେୟ ନିଜ ଉପରକୁ ନିଏ। ଯେପରି 'ପୁଅଟାବେଳକୁ ମୋର, ଝିଅଟାବେଳକୁ ତୋର'। ଏହାର ଫଳସ୍ୱରୂପ ପୁଣ୍ୟ ହେଉ ବା ପାପ, କର୍ମ ଓ କର୍ମଫଳ ଭୋଗକରିବା ପାଇଁ ସେ ଅନନ୍ତକାଳ ପର୍ଯ୍ୟନ୍ତ ଜନ୍ମ–ମରଣ ଚକ୍ରରେ ଘୂରୁଥାଏ ଏବଂ ମୁକ୍ତିର ମାର୍ଗ ପାଇପାରି ନ ଥାଏ।

ଶରୀରାଦି ପଦାର୍ଥକୁ ନିଜର ଭାବିବା ହିଁ ବନ୍ଧନ ଓ ନିଜର ନ ଭାବିବା ହିଁ ମୁକ୍ତି। 'ମୋର କିଛି ନେବାର ନାହିଁ, ଏତିକି ସ୍ୱୀକାର କରିନେଲେ ମୁକ୍ତି ମିଳିଯିବ। ସଂସାରରେ ଯେଉଁ ପଦାର୍ଥ ଆମ ଅଧିକାରରେ ଅଛି ଓ ମିଳିଛି, ତାହା ମଧ୍ୟ ସବୁଦିନ ପାଇଁ ଆମ ସାଥିରେ ରହିବ ନାହିଁ। ତେବେ ଯେଉଁ ପଦାର୍ଥ ଅଧିକାରର ବାହାରେ ବା ଅପ୍ରାପ୍ତ, ତାହା ପାଇବାକୁ ଏତେ ଆଶାକରି କି ଲାଭ ? 'ନାଶବାନ'କୁ ମହତ୍ତ୍ୱଦେବା ହିଁ ବନ୍ଧନ। ମିଳିଥିବା ପଦାର୍ଥକୁ ନିଜର ନ ଭାବିଲେ ମୁକ୍ତି ସ୍ୱାଭାବିକ। 'ନାଶବାନ'କୁ ପାଇବାର ଇଚ୍ଛା ଛାଡ଼ିଦେଲେ 'ଅବିନାଶିତ୍ୱ' ମିଳିଯାଏ। ମନୁଷ୍ୟ 'କର୍ମତ୍ୟାଗ' କରିବା ଉଚିତ ନୁହେଁ,ବରଂ 'କାମନା' ତ୍ୟାଗକରିବା ଉଚିତ। ସୁଖପାଇବାର ଇଚ୍ଛା, ଆଶା ଓ ସୁଖଭୋଗ ହିଁ ସମସ୍ତ ଦୁଃଖର ମୂଳକାରଣ। ତେଣୁ ଏଥିରୁ ସର୍ବଦା ଦୂରେଇ ରହିବା ଉଚିତ (ଚାଣକ୍ୟ)। ମନରେ କୌଣସିବସ୍ତୁକୁ ପାଇବାର ଇଚ୍ଛା ରଖିବା, ଅନ୍ୟ କାହାସହିତ ନିଜକୁ ତୁଳନା କରିବା ହିଁ ଦରିଦ୍ରତା ଓ ସବୁଦୁଃଖର ମୂଳକାରଣ। ପୁଣ୍ୟ, ସତ୍‌କର୍ମ ଓ ନିଷ୍କାମକର୍ମ ସବୁ ଗୋଟିଏ। କେବଳ ତାହା ସଂପାଦନ କଲାବେଳେ ଏକ ଅତିସୂକ୍ଷ୍ମ ମାନସିକ ବିଚାର ହିଁ ସେଥିମଧ୍ୟରେ ଥିବା ପ୍ରଭେଦକୁ ଦର୍ଶାଇଦିଏ। ସେହିକର୍ମର ଶ୍ରେୟ ନିଜ ଉପରକୁ (ନିଜ ସ୍ୱାର୍ଥ ବା ପ୍ରତିଷ୍ଠା ପାଇଁ )ନେଲେ ତାହା ସକାମ ବା ପୁଣ୍ୟକର୍ମ ହୋଇଯାଏ। କିନ୍ତୁ କର୍ତ୍ତା ନିଜକୁ 'ନିମିତ୍ତ'ଭାବି ସେହି କର୍ମରଶ୍ରେୟ ସେବାଭାବେ ଭଗବାନଙ୍କୁ ଅର୍ପଣ କରିଦେଲେ, ତାହା ନିଷ୍କାମ, ଶ୍ରେଷ୍ଠ ବା ଅନାସକ୍ତ କର୍ମ ହୋଇଯାଏ, ଯାହା ସମ୍ପୂର୍ଣ୍ଣ ବନ୍ଧନମୁକ୍ତ। ସକାମ ବା ପୁଣ୍ୟକର୍ମ(ସୁନାଶୃଙ୍ଖଳ) ସ୍ୱର୍ଗସୁଖ ଦେଇପାରେ, କିନ୍ତୁ ମୁକ୍ତି ବା ଭଗବତ୍ ସାନ୍ନିଧ୍ୟ ନୁହେଁ। ମନୁଷ୍ୟ ମୁକ୍ତହେବାକୁ ଯଦି ପ୍ରକୃତରେ ଚାହୁଁଥାଏ, ତେବେ ସେ ମୁକ୍ତହେବା ପାଇଁ ନିଶ୍ଚୟ ବାଟପିଟିଯିବ। ନଚେତ୍ 'ଆଚରଣ' ନ କରି ଖାଲି 'ଉଚ୍ଚାରଣ' କରିଦେଲେ ତାହା ଅସମ୍ଭବ। ବାସ୍ତବରେ 'ମୁକ୍ତ' (ଚେତନ) ହିଁ ମୁକ୍ତହୁଏ, 'ବଦ୍ଧ' (ଶରୀର) ମୁକ୍ତ ହୁଏନାହିଁ। ନିଷ୍କାମ ଭାବେ କର୍ମକଲେ ମୁକ୍ତିମିଳେ ଏବଂ ସକାମ ଭାବେ କର୍ମକଲେ ବନ୍ଧନ ହୁଏ, ଅର୍ଥାତ୍ ଦୁଃଖପୂର୍ଣ୍ଣ ଜନ୍ମମୃତ୍ୟୁଚକ୍ର ସମାପ୍ତ ହୁଏନାହିଁ। ମନୁଷ୍ୟ ନିଷ୍କାମଭାବେ ସ୍ୱକର୍ତ୍ତବ୍ୟ ଭଗବାନଙ୍କ ସେବାଭାବେ ପାଳନ କରିବା ଉଚିତ। ତେଣୁ ଆମେ ଏକ ଭାଗ୍ୟବାନ ଜୀବ ମନୁଷ୍ୟ ଶରୀର ଲାଭକରି ତା'ର ଚେତନାକୁ ଠିକ୍ ଭାବେ ଉପଯୋଗ କରି ମାନବ ଜୀବନର ଲକ୍ଷ୍ୟହାସଲ ପାଇଁ ଏବଂ ଜନ୍ମମୃତ୍ୟୁର ଘୂର୍ଣ୍ଣାୟମାନ ଚକ୍ରରୁ ତଥା ଏଇ ସଂସାରରୂପୀ କାରାଗାରରୁ ମୁକ୍ତହେବା ପାଇଁ ସର୍ବଦା ପ୍ରଚେଷ୍ଟା କରିବା ଉଚିତ।

**ମୋ: ୯୨୩୮୬୧୫୪୭୮**

## ଏଇ ଭାରତରେ

ଭାରତୀୟ ନାରୀଙ୍କ ଧୈର୍ଯ୍ୟ, ସହନଶୀଳତା ତଥା ସେବା ମନୋଭାବ ସବୁବେଳେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସହୋଇ ଆସିଛି, ଯାହା ଏବେ ପ୍ରମାଣିତ କରିଛନ୍ତି ଦିଲ୍ଲୀର ଉଷା ଗୁପ୍ତା। ବୟସ ୮୭। କୋଭିଡ୍ ମହାମାରୀରେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ସେ ସଂକ୍ରମିତଙ୍କୁ ସାହାଯ୍ୟ କରିବା ଲାଗି ଆଚାର ବ୍ୟବସାୟ ଆରମ୍ଭ କରିଛନ୍ତି। ଏଥିରୁ ସେ ଯାହା ଟଙ୍କା ପାଉଛନ୍ତି ତାହାକୁ କୋଭିଡ୍ ପୀଡ଼ିତଙ୍କ ଚିକିତ୍ସାରେ ଲଗାଉଛନ୍ତି। ଏହା ବାଦ୍ ସେ କୋଭିଡ୍ ସଂକ୍ରମିତଙ୍କ ପରିବାରକୁ ବି ଦାନ ଦେଉଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ତାଙ୍କ ଝିଅ ଓ ନାତୁଣୀ ଡ. ରାଧିକା ବାତ୍ରା ସହଯୋଗ କରୁଛନ୍ତି। ଉଷା ନିଜେ ଆଚାର ପ୍ରସ୍ତୁତ କରନ୍ତି। ଏହାକୁ ବୋତଲରେ ପ୍ୟାକ୍ କରିବା ଓ ମାର୍କେଟିଂ କରିବାରେ ଡ. ରାଧିକା ସାହାଯ୍ୟ କରୁଛନ୍ତି। ଏବେ ସୁଦ୍ଧା ଉଷା ୨୦୦ ବୋତଲ ଆଚାର ବିକ୍ରିକରି ପାଖାପାଖି ୨୦, ୦୦୦ ଟଙ୍କା ପାଇଛନ୍ତି। ଏହା ବ୍ୟତୀତ ସେ ଅନ୍ୟମାନଙ୍କଠାରୁ ପାଣ୍ଠି ଯୋଗାଡ଼ କରି ରୋଗୀମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। କେବଳ ଏତିକି ନୁହେଁ, ପୀଡ଼ିତଙ୍କ ନିକଟରେ ଉଷାଙ୍କ ପରିବାର ରନ୍ଧାଖାଦ୍ୟ ପହଞ୍ଚାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁଲାଇ ୧୯୯୬

- କୁଶଳୀ ବିଦେଶୀ ନାଗରିକମାନଙ୍କୁ ନିଯୁକ୍ତି ଦେବା ପାଇଁ ବଡ଼ କମ୍ପାନୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଉପଲବ୍ଧି କରି ଶ୍ରମ ଆଇନରେ ଥିବା କେତେକ କଟକଣାକୁ ଆମେରିକା ପକ୍ଷରୁ ଉଠାଇ ଦିଆଯାଇଛି।
- ଚେଚେନିୟା ଛାଡ଼ି ଚାଲିଯାଇଥିବା ପୂର୍ବତନ ବିଚ୍ଛିନ୍ନତାବାଦୀ ନେତା ଝୋଖାର ଦୁଦାୟେଭ ଜର୍ମାନୀରେ ଅବସ୍ଥାନ କରୁଥିବା ନେଇ ରୁଷିଆର ଦୈନିକ ଖବରକାଗଜରେ ପ୍ରକାଶ ପାଇଛି।
- ପାରାଦୀପ ବନ୍ଦର ଭିତରେ ଅନୁପ୍ରବେଶ କରିବା ଘଟଣାରେ ଆନ୍ଧ୍ରର ୧୫୦ ମତ୍ସ୍ୟଜୀବୀ ଅଟକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | 3 | | |
| | 6 | | | | | | 8 | |
| | | | 8 | 2 | 7 | | | |
| | | | | 8 | | | | |
| | 4 | 8 | | 3 | 2 | 6 | 5 | |
| | | | 6 | | 1 | | | 3 |
| | | | | 1 | 6 | | | |
| 8 | | | | | | 5 | | 7 |
| 5 | | 3 | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 7 | 2 | 8 | 5 | 6 | 4 |
| 6 | 7 | 2 | 5 | 9 | 4 | 3 | 8 | 1 |
| 8 | 4 | 5 | 6 | 3 | 1 | 9 | 7 | 2 |
| 1 | 5 | 9 | 4 | 6 | 7 | 8 | 2 | 3 |
| 3 | 8 | 4 | 9 | 1 | 2 | 7 | 5 | 6 |
| 2 | 6 | 7 | 8 | 5 | 3 | 1 | 4 | 9 |
| 5 | 2 | 6 | 3 | 7 | 9 | 4 | 1 | 8 |
| 4 | 3 | 1 | 2 | 8 | 5 | 6 | 9 | 7 |
| 7 | 9 | 8 | 1 | 4 | 6 | 2 | 3 | 5 |

ଗତକାଲିର ଉତ୍ତର



# ବିକାଶ କେତେଦୂର

ଇଂ. ଶକ୍ତି ପ୍ରସାଦ ଦାସ

ଏକ ଜନ କଲ୍ୟାଣକାରୀ ରାଷ୍ଟ୍ର ହିସାବରେ ଭାରତର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିୟମିତ ଭାବରେ ବିକାଶମୂଳକ ନୀତି ଘୋଷଣା କରୁଛନ୍ତି ଓ ମାଳ ମାଳ ଯୋଜନା ଆଣୁଛନ୍ତି। କିନ୍ତୁ ଜାତିସଂଘର 'ବିଶ୍ୱ ମାନବ ବିକାଶ ସୂଚକାଙ୍କ–୨୦୨୦' ଦର୍ଶାଉଛି କି ଭାରତ ୧୮୯ଟି ଦେଶ ମଧ୍ୟରେ ୧୩୧ତମ ସ୍ଥାନରେ ଥିବାବେଳେ ସ୍ୱାଧୀନତା ଦୃଷ୍ଟିରୁ ସମସାମୟିକ ଦେଶ ଦକ୍ଷିଣ କୋରିଆ(୨୩ତମ), ମାଲୟେସିଆ(୬୨ତମ) ଓ ଶ୍ରୀଲଙ୍କା(୭୨ତମ) ଖୁବ୍ ଭଲ ପ୍ରଦର୍ଶନ କରିଛନ୍ତି। ଯୋଜନା ଜିଲ୍ଲା ଓ ବ୍ଲକସ୍ତରରେ କାର୍ଯ୍ୟକାରୀ ହେବା ବେଳକୁ ଅନେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଅପ୍ରତ୍ୟାଶିତ ଭାବରେ ମୁଣ୍ଡ ଟେକୁଛନ୍ତି। ଯୋଜନାଗୁଡ଼ିକ ଏମାନଙ୍କ ପଞ୍ଝାରେ ପଡ଼ି ବାଟବଣା ହୋଇଯାଉଛି। ବିଡ଼ମ୍ବନା ହେଉଛି, ନୀତିଗୁଡ଼ିକ କାହିଁକି କାମ କରୁନାହିଁ, ଏହାର ବିଶ୍ଳେଷଣ ପ୍ରାୟତଃ କରାଯାଉ ନାହିଁ। ଏଥିପାଇଁ ମୁଖ୍ୟତଃ ତିନୋଟି କାରଣ ଦାୟୀ ବୋଲି ଅନୁଭବ କରାଯାଏ। ଏଗୁଡ଼ିକ ହେଲା ଅପରିପକ୍ୱ ନୀତି ନିର୍ମାଣ ଓ ତଜ୍ଜନିତ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନରେ ପ୍ରତିବନ୍ଧକ ଏବଂ କାର୍ଯ୍ୟକାରିତାର ଅବ୍ୟବସ୍ଥିତ ମୂଲ୍ୟାଙ୍କନ। ଅନୁଷ୍ଠାନ, ଆଦର୍ଶ, ମୂଲ୍ୟବୋଧ ଓ ଆଇନକୁ ବ୍ୟବହାର କରି, ଇଚ୍ଛିତ ଲକ୍ଷ୍ୟ ହାସଲ କରିବା ପାଇଁ ନୀତି ତିଆରି କରାଯାଏ। ରାଜନୈତିକ ବିଚାରଧାରା, ଜନମତ ଏହାକୁ ପ୍ରଭାବିତ କରିଥାଆନ୍ତି। ନୀତିଗୁଡ଼ିକ ଅନିବାର୍ଯ୍ୟ ଭାବରେ ସମସ୍ୟା ଅନୁଭୂତିରୁ ଆସିଥାଏ ଏବଂ ତା'ପରେ ପରିଭାଷିତ ହୋଇଥାଏ। ଉପରଠାଉରିଆ ଧାରଣାରୁ ସମସ୍ୟାଗୁଡ଼ିକୁ ଭୁଲ୍ ଭାବରେ ବ୍ୟାଖ୍ୟା କରାଯିବାର ଭୟ ରହିଛି।

'ଅପରେଶନ ବ୍ଲାକ୍‌ବୋର୍ଡ' ଯୋଜନା କଥା ଦେଖାଯାଉ। ନୀତି ନିର୍ମାତାମାନେ ପ୍ରାଥମିକ ଶିକ୍ଷାକୁ କେବଳ ପରିମାଣଗତ ସମସ୍ୟା ବୋଲି ଚିନ୍ତା କରି ଏହାର ଗୁଣାତ୍ମକ ଦିଗଟିକୁ ଭୁଲିଗଲେ। ଗାଁ ଗଣ୍ଡାରେ ମାଳ ମାଳ ସରକାରୀ ସ୍କୁଲ ଖୋଲିଗଲା। ଶିକ୍ଷକମାନେ ଅନୁପସ୍ଥିତ ରହିଲେ। ଯୋଗ୍ୟ ଶିକ୍ଷକ ଅଭାବରୁ ନିମ୍ନ ମାନର ଶିକ୍ଷାଦାନ ଯୋଗୁ ଅଭିଳଷିତ ଫଳ ନ ପାଇ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲକୁ ପଠାଇଲେ ନାହିଁ। ବହୁ ବିଳମ୍ବରେ ଆମେ ଏହି ସମସ୍ୟାକୁ ବୁଝିବାକୁ ସକ୍ଷମ ହେଲୁ। ଥରେ ସମସ୍ୟାର ପରିଭାଷା ଭୁଲ ହୋଇଗଲେ, ନୀତି ନିର୍ମାଣରେ ଅନେକ ସମସ୍ୟା ମୁଣ୍ଡଟେକେ। ତେଣୁ, ନୀତିକୁ ତାଳିପକା କାମ କିମ୍ବା ଉତ୍ତମ ନୀତିର ନକଲ ଭାବରେ ଦେଖିଲେ ଚଳିବନାହିଁ, ଏହାକୁ ଡିଜାଇନ କରିବାକୁ ହେବ। ପର୍ଯ୍ୟାପ୍ତ ସୂଚନା ଓ ତଥ୍ୟର ଅଭାବ ସତ୍ତ୍ୱେ ନୀତିକୁ ସହଜ ଲାଗୁ କରିବାର ଲୋଭ ଡିଜାଇନକୁ ତ୍ରୁଟିପୂର୍ଣ୍ଣ କରିଥାଏ। ଏହା ନୀତି ପ୍ରକ୍ରିୟାକୁ ଜଟିଳ କରିଥାଏ ଏବଂ ଏଭଳି ନୀତିରୁ ଇପ୍ସିତ ଫଳ ମିଳିନଥାଏ।

ଥରେ ଯୋଜନା ଲାଗୁ ହୋଇଗଲେ କେଉଁ ନୀତି କାମ କରୁଛି, କେଉଁ ନୀତି କାମ କରିବାର ସମ୍ଭାବନା ଅଛି ଏବଂ କେଉଁ ନୀତି ଆଦୌ କାମ କରୁନାହିଁ, ଏ ସବୁକୁ ମୂଲ୍ୟାଙ୍କନ କରି ନୀତିର ଦକ୍ଷତା ମାପିବାର ଅଛି। ଏହିସବୁ ସୂଚନାକୁ ଆଧାର କରି ଆବଶ୍ୟକ ହେଲେ ନୀତିରେ ପରିବର୍ତ୍ତନ ଅଣାଯାଇପାରେ। କିନ୍ତୁ, କାର୍ଯ୍ୟକ୍ଷେତ୍ରରେ ମୂଲ୍ୟାଙ୍କନ ପ୍ରକ୍ରିୟା ଖୁବ୍ ମନ୍ଥର ଓ କ୍ଷୀଣ ହୋଇଥାଏ। ଦୁର୍ବଳତାକୁ ସ୍ୱୀକାର କରିବାର ମାନସିକତା ପ୍ରାୟତଃ ନଥାଏ। ଗୋଟିଏ ପଟେ ରାଜନେତା, ଅମଲାତନ୍ତ୍ର ଏବଂ ଅନ୍ୟ ପଟେ ରାଜନୀତି ଓ ସମାଜ ମଧ୍ୟରେ ଥିବା ସମ୍ପର୍କରେ ସଙ୍କୋଚତା ଅଭାବ ଅନୁଭୂତ ହୁଏ। ସମସ୍ତେ ଏହାକୁ ଜାଣି ନ ଜାଣିଲା ଭଳି ଅଭିନୟ କରନ୍ତି।

ସେହିପରି ପ୍ରସ୍ତୁତ ନୀତିର କାର୍ଯ୍ୟାନ୍ୱୟନରେ ଅନେକ ସମସ୍ୟା ପରିଲକ୍ଷିତ ହୁଏ। ଓଡ଼ିଶା ପରି ଏକ ପଛୁଆ ରାଜ୍ୟରେ ଗୋଟିଏ ପଟେ ପ୍ରୋତ୍ସାହନ, ଉତ୍ତରଦାୟିତ୍ୱ, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ, ଦଣ୍ଡ ବ୍ୟବସ୍ଥାର ଅଭାବ ଏବଂ ଅନ୍ୟ ପଟେ ଦୁର୍ନୀତି, ଅପାରଗ କାର୍ଯ୍ୟାନ୍ୱୟନର ମୁଖ୍ୟ କାରଣ ଭାବରେ ଛିଡ଼ା ହୋଇଛି। କମ କର୍ମଚାରୀଙ୍କ ସହିତ ଯଥେଷ୍ଟ ତଦାରଖ ଅଭାବରୁ ଓ ସୀମିତ ଉତ୍ତରଦାୟିତ୍ୱ କାରଣରୁ କାର୍ଯ୍ୟକର୍ତ୍ତାମାନେ ସ୍ୱେଚ୍ଛାଚାରୀ ହୋଇଯାଉଛନ୍ତି। ଉଦାହରଣ ସ୍ୱରୂପ, ରାଜ୍ୟର 'ଅକ୍ଷୟ ଶକ୍ତି ନୀତି–୨୦୧୬' ଅନୁଯାୟୀ ୨୦୨୨ ସୁଦ୍ଧା ଅତିରିକ୍ତ ୨୭୫୦ ମେଗାୱାଟ୍ ଅକ୍ଷୟ ଶକ୍ତିକ୍ଷମତା ଯୋଡ଼ିବାର ଲକ୍ଷ୍ୟ ସ୍ଥିର କରାଯାଇଛି। ସିଏଜିଙ୍କ ଅଡିଟ୍ ରିପୋର୍ଟରୁ ଜଣାଯାଏ ଯେ, ୨୦୧୮ ଶେଷ ସୁଦ୍ଧା ମାତ୍ର ୧୯୫ ମେଗାୱାଟ (୭ ପ୍ରତିଶତ) କ୍ଷମତା ହାସଲ ହୋଇପାରିଛି। 'କ୍ଷମତାସମ୍ପନ୍ନ କମିଟି' କାର୍ଯ୍ୟାନ୍ୱୟନ ସମୀକ୍ଷା କରିବା ପାଇଁ ଥରେ ମଧ୍ୟ ବସିନାହିଁ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି, ସମୟୋଚିତ ପର୍ଯ୍ୟାଲୋଚନା ଓ କାର୍ଯ୍ୟଦକ୍ଷତାର ମୂଲ୍ୟାଙ୍କନ କରାଯାଉ ନାହିଁ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ପରସ୍ପର ବିରୋଧୀ ପ୍ରାଥମିକତା କାରଣରୁ ସାର୍ବଜନୀନ ପାଣ୍ଠିର ସଠିକ ବିନିଯୋଗ ହୋଇପାରୁନାହିଁ। କେନ୍ଦ୍ରର ଏନ୍‌ଡିଏ ସରକାର ୨୦୧୮ରେ ଦେଶର ନିମ୍ନ ଆୟକାରୀ ପରିବାରଙ୍କ ପାଇଁ 'ଆୟୁଷ୍ମାନ୍ ଭାରତ ଯୋଜନା' ନାମରେ ଏକ ମାଗଣା ଜାତୀୟ ସ୍ୱାସ୍ଥ୍ୟବୀମା ଯୋଜନା ଆଣିଲାବେଳେ ପାଖାପାଖି ସେହି ସମୟରେ ଉଭୟ ନିମ୍ନ ଆୟକାରୀ ଓ ଦାରିଦ୍ର୍ୟ ସୀମାରେଖା ଉପରେ ଥିବା ପରିବାରଙ୍କ ପାଇଁ ରାଜ୍ୟ ସରକାର ତଦନୁରୂପ ଆଉ ଏକ ମାଗଣା ସ୍ୱାସ୍ଥ୍ୟବୀମା ଯୋଜନା 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ଆଣିଲେ। ସମାନ ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ଦୁଇ ଦୁଇଟି କାର୍ଯ୍ୟକ୍ରମ ଚାଲିବାର କୌଣସି ଅର୍ଥ ନାହିଁ। ସମକାଳୀନ ଦୋହରା ଯୋଜନା କାରଣରୁ ଦେଶ ଅନ୍ୟ କୌଣସି ସମ୍ଭାବ୍ୟ ବିକାଶ କାର୍ଯ୍ୟକ୍ରମ ହାତକୁ ନେବାରୁ ବଞ୍ଚିତ ହେଲା ବୋଲି ବୁଝିବାକୁ ହେବ।

କେନ୍ଦ୍ର ସରକାରଙ୍କ 'କୌଶଳ ବିକାଶ ଓ ଉଦ୍ୟୋଗ' ମନ୍ତ୍ରଣାଳୟ ସ୍ୱୀକାର କରନ୍ତି ଯେ, ଦେଶରେ ସମୁଦାୟ ଶ୍ରମବଳ ମଧ୍ୟରୁ ମାତ୍ର ପାଞ୍ଚ ପ୍ରତିଶତ ଔପଚାରିକ ଦକ୍ଷତା ତାଲିମ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜର୍ମାନୀରେ ୭୫%, ଜାପାନରେ ୮୦% ଓ ଦକ୍ଷିଣ କୋରିଆରେ ୯୬% ଶ୍ରମବଳ କୁଶଳ ଅଛନ୍ତି। ଏପରି ଅବସ୍ଥାରେ 'ମେକ୍ ଇନ୍ ଇଣ୍ଡିଆ'/ 'ଡିଜିଟାଲ ଇଣ୍ଡିଆ' ଭଳି ମହତ୍ତ୍ୱାକାଂକ୍ଷୀ ଯୋଜନାର ଭବିଷ୍ୟତ ଜଳ ଜଳ ହୋଇ ଦେଖାଯାଉଛି। ଏହାକୁ ଇଚ୍ଛାଶକ୍ତିର ଅଭାବ କହିବା ନାହିଁ ତ ଆଉ କ'ଣ କହିବା !

ଚାଲୁ ରହିଥିବା ଶହେ କାର୍ଯ୍ୟକ୍ରମ ମଧ୍ୟରୁ କେନ୍ଦ୍ର ସରକାରଙ୍କ 'ଏମ୍‌ଜିଏନ୍‌ଆରଇଜିଏ' ଓ 'ସର୍ବଶିକ୍ଷା ଅଭିଯାନ' ଏବଂ ରାଜ୍ୟ ସରକାରଙ୍କ 'ବିଜୁ ପକ୍କା ଘର' ଓ 'କାଳିଆ' ଭଳି କିଛି ପ୍ରମୁଖ ଯୋଜନାରେ ୯୦% ସଂଶାଧନ ବିନିଯୋଗ ହୁଏ। ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ପ୍ରାଥମିକତା ଭିତ୍ତିରେ ବଡ଼ ବଡ଼ ଯୋଜନା ଉପରେ ଧ୍ୟାନ କେନ୍ଦ୍ରିଭୂତ କରିବାର ଅଛି।

ଯୋଜନାସବୁକୁ ସ୍ଥାନୀୟ ଆବଶ୍ୟକତାକୁ ଚାହିଁ ଲାଗୁ କରିବାକୁ ହେବ। ଉଦାହରଣ ସ୍ୱରୂପ, ଓଡ଼ିଶା ଭଳି ରାଜ୍ୟରେ ଶିଳ୍ପ, ବିଶେଷକରି ଏମ୍‌ଏସ୍‌ଏମଇ କ୍ଷେତ୍ରରେ ସେଭଳି ଆଖିଦୃଶିଆ ଅଭିବୃଦ୍ଧି ଘଟିନାହିଁ । ତେଣୁ, ଏହି କ୍ଷେତ୍ରକୁ ପ୍ରାଥମିକତା ଦିଆଗଲେ ଆମ ଓଡ଼ିଆ ପୁଅ ଆମ ରାଜ୍ୟ ଭିତରେ କାମ କରନ୍ତେ। ସାର୍ବଜନୀନ ନୀତି ନିର୍ମାଣର ପାରଦର୍ଶିତା, ଉତ୍କର୍ଷତା ଓ ପ୍ରଭାବରେ ଉନ୍ନତି ଆଣିବା ପାଇଁ ନାଗରିକ ସମାଜ, ଏନ୍‌ଜିଓ, ଘରୋଇ ସଂସ୍ଥା ଓ ସରକାରଙ୍କ ମଧ୍ୟରେ ଅଧିକତର ସମନ୍ୱୟର ଆବଶ୍ୟକତା ରହିଛି।

ଉତ୍ତମ ଶାସନ ଆକସ୍ମିକ ଭାବରେ ଆସେନାହିଁ। ଏଥିପାଇଁ ନାଗରିକମାନେ ନିଜର ସ୍ୱର ଶାଣିତ କରିବାର ଅଛି। ରାଷ୍ଟ୍ର ଏହାକୁ ସ୍ୱଷ୍ଟ ଓ ସଚେତନ ଭାବରେ ପୋଷଣ କରିବାର ଅଛି। ତେବେ ଯାଇଁ ନାଗରିକ–ଅନୁକୂଳ ନୀତି ପ୍ରସୂତ ଯୋଜନାରୁ ଅଭିଳଷିତ ବିକାଶ ସମ୍ଭବ।

**ଶ୍ରୀଜଗନ୍ନାଥ ବିହାର,ବରମୁଣ୍ଡା,ଭୁବନେଶ୍ୱର**
**ମୋ: ୯୪୩୭୧୬୪୬୧୧**

## ପାଠକ ଶ୍ରେଷ୍ଠ ବିଚାରକ

### ଚରମ ସଙ୍କଟରେ ଚାଷୀକୁଳ

ମହାଶୟ,

ରାଜ୍ୟର ଅଧିକାଂଶ ଚାଷୀ ସରକାରଙ୍କ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ପୁରୀ ଜିଲ୍ଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ ପଞ୍ଚାୟତରେ ଚାଷ ପାଇଁ ବିହନ ଓ ୟୁରିଆ ସାରର ଅଭାବ ଦେଖାଦେଇଛି। ସରକାର ୨୦ କି.ଗ୍ରା. ଧାନ ବିହନକୁ ୪୫୮ ଟଙ୍କା ଦରରେ ବିକ୍ରି କରୁଥିବା ବେଳେ ଏହାର ଯୋଗାଣ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ହୋଇଥିବାରୁ ଖୋଲା ବଜାରରେ ବେପାରୀମାନେ ୬୫୦ରୁ ୭୦୦ ଟଙ୍କା ନେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ୟୁରିଆ ସାର ସରକାରୀ ଧାର୍ଯ୍ୟଦର ୩୭୦ ଟଙ୍କା ଥିବାବେଳେ ସାର ଦୋକାନରେ ଚୋରାରେ ୬୫୦ରୁ ୭୦୦ ଟଙ୍କାରେ ବିକ୍ରୟ କରିବା ଆଲୋଚନାର ବିଷୟ ହୋଇଛି। ସରକାରଙ୍କ 'କୃଷକ କଲ୍ୟାଣ ଯୋଜନା' ବାଟମାରଣା ହେଉଛି। ସତ୍ୟବାଦୀ ଅଞ୍ଚଳର ଅଧିକାଂଶ ଚାଷୀଙ୍କ ଜୀବନଜୀବିକାର ମୁଖ୍ୟ ଆଧାର ଧାନ ଫସଲ। ଚାଷୀମାନଙ୍କୁ ଉଚିତ ମୂଲ୍ୟରେ ବିହନ ଓ ସାର ଯୋଗାଇଦେବା ଜିଲ୍ଲା ପ୍ରଶାସନ ବ୍ୟବସ୍ଥାର ପ୍ରାଥମିକ କର୍ତ୍ତବ୍ୟ। କିନ୍ତୁ କୃଷି ବିଭାଗ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଅଞ୍ଚଳର ଅଧିକାଂଶ କୃଷକଙ୍କ ଜୀବନଧାରଣ ମାନରେ ଉନ୍ନତି ପରିଲକ୍ଷିତ ହେଉନାହିଁ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଶୃଙ୍ଖଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

–ଦେବବ୍ରତ ମିଶ୍ର, ସତ୍ୟବାଦୀ, ପୁରୀ

### ଚିରନ୍ତନୀ

ଯେଉଁ ଶୂନ୍ୟତାକୁ ଭେଦି
ରବିରଶ୍ମି ନ ପାରଇ ପଶି
କରିବ ଉଜ୍ଜ୍ୱଳ ତାହା ପରେ
ସଦା ଝରି ମୋର ମସୀ। –(ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୟପୁରରୁ ଖୁବ୍‌ଶୀଘ୍ର ଉଡ଼ିବ ବିମାନ

ଜୟପୁର, ୨୮।୭ (ନି.ପ୍ର.)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ ବୁଧବାର ଏକ ସ୍ୱତନ୍ତ୍ର ବିମାନ ଯୋଗେ କୋରାପୁଟ ଜିଲା ଜୟପୁର ଗସ୍ତକରି ଏୟାର ଷ୍ଟ୍ରିପ୍‌ଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜୟପୁର ଏୟାରଷ୍ଟ୍ରିପର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ଏବଂ ବିଭିନ୍ନ ସ୍ଥାନକୁ ବିମାନ ଉଡ଼ିବ ବୋଲି ଦିନିକିଆ କୋରାପୁଟ ଜିଲା ଗସ୍ତରେ ଆସିଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି।

ଏହି ଅବସରରେ ଜୟପୁର ବିମାନ ବନ୍ଦରଠାରେ ଉଭୟ ଅଧିକାରୀ ପହଞ୍ଚିବା ପରେ ଆମ୍ବାଗୁଡାସ୍ଥିତ ସରକାରୀ ହାଇସ୍କୁଲର ସ୍ମାର୍ଟ କ୍ଲାସ୍ ବୁଲି ଦେଖିଥିଲେ। ପରେ ଉଭୟେ ନବରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ। ତାଙ୍କ ସହ ଜଳ ସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ଅନୁ ଗର୍ଗ, ମିଶନ ଶକ୍ତିର ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ମହାପାତ୍ର ଓ ୫-ଟି ସଚିବ ପାଣ୍ଡିଆନ ଆମ୍ବାଗୁଡା ହାଇସ୍କୁଲ, କୋରାପୁଟସ୍ଥିତ ମେଡିକାଲ କଲେଜ, ଅକ୍ସିଜେନ ପ୍ଲାଣ୍ଟ, ୬୫୦ ଶଯ୍ୟାବିଶିଷ୍ଟ ମେଡିକାଲର ନିର୍ମାଣ କାର୍ଯ୍ୟ ପରିଦର୍ଶନ କରି ଜିଲାର କୋଭିଡ୍ ସ୍ଥିତି ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର୍. ଭିନିଲକ୍ରିଷ୍ଣା ନିର୍ମାଣାଧୀନ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ଜଳ ସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ଅନୁ ଗର୍ଗ ତେଲିଙ୍ଗିରି ପ୍ରକଳ୍ପ ବୁଲି ଦେଖିଥିଲେ। ପରେ ଅପରାହ୍ନ ୩ଟାରେ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ଅଢେଇ ବର୍ଷ ଭିତରେ କୋରାପୁଟ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହାଦ୍ୱାରା ଅବିଭକ୍ତ କୋରାପୁଟ ଜିଲାବାସୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ। ଜୟପୁର ଏୟାରଷ୍ଟ୍ରିପ ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ପ୍ରକାଶ କରିଥିଲେ। ଏହି ସମୟରେ କୋରାପୁଟ ଜିଲାପାଳ ମହମ୍ମଦ ଅବଦୁଲ ଅଖତାର, ଉପଜିଲାପାଳ ହେମକାନ୍ତ ସାୟ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିବାହୀଯନ୍ତ୍ରୀ ଭାସ୍କର ସାମନ୍ତରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜୟପୁର ଏୟାରଷ୍ଟ୍ରିପ୍ କାର୍ଯ୍ୟର ସମୀକ୍ଷା କରୁଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟ ଅଧିକାରୀ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ପରଲୋକ



ଆଇ. ରାମବ୍ରହ୍ମମ୍

**କୋରାପୁଟ,୨୮।୭(ସ୍ୱ.ପ୍ର.):** କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଆଇ. ରାମବ୍ରହ୍ମମ୍‌ଙ୍କ ବୁଧବାର ହାଇଦ୍ରାବାଦସ୍ଥିତ ଇଣ୍ଡୋ-ଆମେରିକାନ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅପରାହ୍ନ ୪.୨୦ରେ ପରଲୋକ ହୋଇଯାଇଛି। ସେ କୋଭିଡ୍ ପରବର୍ତ୍ତୀ ସଂକ୍ରମଣ କାରଣରୁ ଫୁସ୍‌ଫୁସ୍ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସ୍ତ୍ରୀ ଲକ୍ଷ୍ମୀ ରାମବ୍ରହ୍ମମ୍‌ଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଖବର ଜଣାପଡ଼ିବା ପରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଶୋକସଭା ଆୟୋଜନ ହୋଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ସମ୍ମାନାର୍ଥେ ବିଶ୍ୱବିଦ୍ୟାଳୟ ପତାକାକୁ ଅର୍ଦ୍ଧନମିତ କରାଯାଇଥିବା ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଫଗୁନାଥ ଭୋଇ କହିଛନ୍ତି। ସେ ୨୦୧୯ ଡିସେମ୍ବର ୬ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ଯୋଗ ଦେଇଥିଲେ।


### ନୋଟିସ୍

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଭୁବନେଶ୍ୱର ଗୋପବନ୍ଧୁ ନଗର ସ୍ଥିତ ପ୍ଲଟ୍ ନଂ-୧୬୪ ରେ ଆମର ହୋଟେଲ ପ୍ରକଳ୍ପ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ଲାଭ କରିଅଛି। ଏ ସମ୍ପର୍କିତ ନକଲ ଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଉପଲବ୍ଧ। ଏତତ୍ ବ୍ୟତୀତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ୱେବ୍‌ସାଇଟ୍: http://www.envfor.nic.in ରେ ଉପଲବ୍ଧ।

ଆମ ଠିକଣା

ଲକଜୁରିଓ ଆସେଟ୍‌ସ୍ ପ୍ରା: ଲି:., ପ୍ଲଟ୍ ନଂ-୧୫, ଭିଆଇପି କଲୋନି, ନୂଆପଲ୍ଲି, ଭୁବନେଶ୍ୱର - ୭୫୧୦୧୫, ଫୋନ୍ ନଂ - ୦୬୭୪ - ୨୫୫୧୩୦୩


# ମେଡିକାଲ କଲେଜ ଖୋଲିବ

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ହ୍ରାସ ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଧୀରେ ଧୀରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଖୋଲିବାରେ ଲାଗିଛନ୍ତି। ନିକଟରେ ଦଶମ ଓ ଦ୍ୱାଦଶ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ଏବେ ମେଡିକାଲ କଲେଜ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଡିଏମ୍‌ଇଟି ସିବିକେ ମହାନ୍ତିଙ୍କୁ ଚିଠି ଲେଖି ଜଣାଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ପୂର୍ବକ ପୁଣିଥରେ ମେଡିକାଲ କଲେଜ, ନର୍ସିଂ, ଫାର୍ମାସି, ପାରାମେଡିକାଲ ଅନୁଷ୍ଠାନ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ମେଡିକାଲ କଲେଜ ଖୋଲିବା ପରେ ସେଠାରେ ବିଭିନ୍ନ ଦିଗକୁ ଧ୍ୟାନ ଦେବାକୁ କୁହାଯାଇଛି। ଥିଓରି କ୍ଲାସ ପୂର୍ବଭଳି ଅନ୍‌ଲାଇନରେ ଜାରି ରହିବ। ପ୍ରାକ୍ଟିକାଲ କ୍ଲାସ ପାଇଁ ପିଲାଙ୍କୁ ଗ୍ରୁପରେ ବିଭକ୍ତ କରାଯାଇ କ୍ଲାସ୍ ହେବ। କ୍ଲାସରେ ଯୋଗଦେବାକୁ ପିଲାଙ୍କୁ ସେମାନଙ୍କର ଅଭିଭାବକଙ୍କଠାରୁ ଅନୁମତି ଆଣିବାକୁ ପଡ଼ିବ। ପିଲାଙ୍କ ନିୟମିତ ସ୍କ୍ରିନିଂ କରାଯିବ। ଏହାସହିତ କ୍ୟାମ୍ପସରେ ପିଲାମାନେ ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା, ହାତ ଧୋଇବା ଏବଂ ସାମାଜିକ ଦୂରତା କିଭଳି ପାଳନ କରିବେ ସେନେଇ ଦୃଷ୍ଟି ଦେବାକୁ ଚିଠିରେ ଦର୍ଶାଯାଇଛି। ଟିକା ନେଇ ନ ଥିବା କିମ୍ବା ଗୋଟିଏ ଡୋଜ୍ ନେଇଥିବା ପିଲାଙ୍କୁ ଅଲଗା କରି କ୍ଲାସ କରିବାକୁ କୁହାଯାଇଛି।

# ଦୁଇ ପର୍ଯ୍ୟାୟରେ ହେବ କୃଷି ଉନ୍ନତ ସହଯୋଗୀ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ):** କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା କୃଷି ଉନ୍ନତ ସହଯୋଗୀ କାର୍ଯ୍ୟକ୍ରମରେ ଚଳିତବର୍ଷ ରାଜ୍ୟର ୫ଟି ବିଶ୍ୱବିଦ୍ୟାଳୟ ସାମିଲ ହେବେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଏବଂ ଜିଆଇଇଟିର ପ୍ରାୟ ୧,୧୦୦ଜଣ କୃଷି ଓ ଉଦ୍ୟାନ କୃଷିର ସ୍ନାତକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ୧୦ ସପ୍ତାହର ଏହି ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟ ଜୁଲାଇରୁ ସେପ୍ଟେମ୍ବର ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ସମ୍ପୃକ୍ତ ଛାତ୍ରୀଛାତ୍ର କ୍ଷେତ୍ର ପ୍ରଶିକ୍ଷଣ ସମୟରେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଫାର୍ମପଣ୍ଡ ଯୋଜନା ସମେତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ରୋଗପୋକ ସର୍ବେକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥା, ଚାଷୀଙ୍କୁ ଡିବିଟି ମାଧ୍ୟମରେ ଯୋଗାଇ ଦିଆଯାଉଥିବା ସହାୟତା ଓ କୃଷି ସାମଗ୍ରୀ ଯୋଗାଣ ଆଦି ବିଷୟରେ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବେ।

**୫ ବିଶ୍ୱବିଦ୍ୟାଳୟର ୧,୧୦୦ ସ୍ନାତକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ**

ଏହି ଉପଲକ୍ଷେ ବୁଧବାର ଆୟୋଜିତ ଭର୍ଚୁଆଲ ବୈଠକରେ ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ଏହାକୁ ଦେଶର ଅନ୍ୟତମ ଶ୍ରେଷ୍ଠ କାର୍ଯ୍ୟକ୍ରମ ବୋଲି କହିଥିଲେ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଚାଷକାର୍ଯ୍ୟ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିପାରିବେ। ସେହିଭଳି କୃଷକମାନେ ସହଯୋଗୀ ଛାତ୍ରୀଛାତ୍ରଙ୍କଠାରୁ ଚାଷ ସମ୍ବନ୍ଧୀୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଜ୍ଞାନକୌଶଳ ଓ ଚାଷ ପଦ୍ଧତି ସମ୍ପର୍କରେ ଜାଣିବାର ସୁଯୋଗ ମଧ୍ୟ ପାଇବେ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ୫ ବିଶ୍ୱବିଦ୍ୟାଳୟର କୁଳପତି ଓ ଡିନ୍ ଯୋଗଦେଇଥିଲେ।

# ଭିନ୍ନକ୍ଷମ, ବରିଷ୍ଠ ନାଗରିକଙ୍କ ତଥ୍ୟ ଦେବାକୁ ନିର୍ଦ୍ଦେଶ

କଟକ ଅଫିସ, ୨୮।୭

**ଘର ପାଖରେ ଟିକାକରଣ ମାମଲା**

ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ଘର ପାଖରେ ଟିକା ପ୍ରଦାନ ନେଇ ସବିଶେଷ ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୩୧ ସୁଦ୍ଧା କେତେଜଣ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ଟିକାକରଣ କରାଯାଇଛି, କେତେ ଟିକା ଦେବାକୁ ଯୋଜନା ହୋଇଛି ସେ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ବିସ୍ତୃତ ରିପୋର୍ଟ ଦାଖଲ କରିବ। ଏଥିସହ ପରିଚୟପତ୍ର ନ ଥିବା ଲୋକଙ୍କ ପାଇଁ କି ବ୍ୟବସ୍ଥା କରାଯାଇଛି, ସେ ସମ୍ପର୍କରେ ଜଣାଇବେ। ସେହିପରି ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ଦେଇଥିବା କୋଭିଡ୍‌ଜନିତ ମୃତ୍ୟୁର ଜିଲାୱାରି ରିପୋର୍ଟର ଏକ ସାନି ରିପୋର୍ଟ ଦାଖଲ କରିବେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଏହାର ଶୁଣାଣି କରି ଉକ୍ତ ନିର୍ଦ୍ଦେଶ ଦେଇଥିଲେ। ସେପ୍ଟେମ୍ବର ୭ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

କୋଭିଡ୍ ଟିକା ଓ ଟେଷ୍ଟିଂ ପାଇଁ ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକମାନେ ଟିକାକରଣ କେନ୍ଦ୍ରକୁ ଯାଇପାରୁନାହାନ୍ତି। ଏନେଇ ସୋହନ ମିଶ୍ର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏଥିରେ କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ତେବେ କେନ୍ଦ୍ର ସରକାର ଟିକା ଦେଉଥିବାବେଳେ ଟିକାକରଣ ରାଜ୍ୟ ସରକାର କରୁଥିବା ଜବାବରେ ଦର୍ଶାଇଥିଲେ। ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କୁ ଟିକା ଘରେ ଦେବା ସମ୍ଭବ ନୁହେଁ, ସେମାନଙ୍କ ଘର ନିକଟବର୍ତ୍ତୀ ସ୍ଥାନରେ ଦେବାକୁ ବ୍ୟବସ୍ଥା କରାଯାଉଛି ବୋଲି ରାଜ୍ୟ ସରକାର ଜବାବରେ ଦର୍ଶାଇଥିଲେ।

## ODISHA PUBLIC SERVICE COMMISSION
## CUTTACK
### NOTICE

No. 5084/PSC, dt.28.7.21

**Corrigendum to Advertisement No.09 of 21/22 for recruitment to the posts of Assistant Professor (Teacher Education) Stage-I in different disciplines of Government Teachers Training Institutes under Department of Higher Education**

**Website- http://opsconline.gov.in & http://opsc.gov.in**

**No. D-70:-** At **para-5 (Examination Fee)** of the short Advertisement No.09 of 21/22 published in the local dailies on 28.07.2021 for recruitment to the posts of Assistant Professor (Teacher Education) Stage-I in different disciplines of Government Teachers Training Institutes, the first line **"Rs.400/- (Rupees five hundred) only"** shall be read as **"Rs. 400/- (Rupees four hundred) only"**.

Besides this, all other terms and conditions of the advertisement shall remain unchanged.

OIPR-12002/11/0047/2122 **Sd./- Secretary**

## ODISHA PUBLIC SERVICE COMMISSION
### ADVERTISEMENT No.10 OF 2021-22
### RECRUITMENT TO THE POSTS OF PROFESSORS IN DIFFERENT STATE PUBLIC UNIVERSITIES UNDER THE ADMINISTRATIVE CONTROL OF THE HIGHER EDUCATION DEPARTMENT

**WEBSITE - http://opsc.gov.in**

**No. D-68:-** Online applications are invited from the prospective candidates for the posts of Associate Professors in different State Public Universities of Odisha. This recruitment covers across **44 subjects** comprising total vacancies across subjects at **183 (24-W, ST-4).** The online registration shall start from **25.08.2021**.

**EDUCATIONAL QUALIFICATION:**

**A.**
(i) An eminent scholar having Ph.D. degree in the concerned/allied/relevant discipline.
(ii) Minimum of 10 research Publications in the peer-reviewed of UGC-listed journals.
(iii) A total Research score of 120 as per table-2 Annexure-II of UGC guidelines-2018.
(iv) Minimum Ten years of teaching in University and college as Assistant Professor/ Associate Professor/ Professor.

or

Research experience in University/National Level Institution having successfully guided doctoral candidate.

OR

**B.**
(i) An outstanding professional, having a Ph.D. degree in the relevant/allied/applied disciplines from any National academic institutions/ industry.
(ii) Outstanding research credentials having impressive citation index/patent (process/product) /having significant contribution in concerned/allied/relevant discipline .
(iii) Minimum Ten years research experiences in the field.

- Application fee- Rs.400/- for candidates other than SC, ST and PWD candidates.
- Last date for online registration and payment is **24.09.2021**.
- Last date for submission online application is **01.10.2021**.
- For details the prospective candidates are requested to visit OPSC Website **http://opsc.gov.in**.

**HOW TO APPLY:**

Candidate must go through details of this advertisement available in the Website of OPSC before filling up online application form.

Candidates having eligibility as per **Category "A"** must apply online through the website **http://www.opsc.gov.in** and for candidates coming under **Category "B"** should submit the copies of credential as other supporting evidentiary document in a sealed cover superscribed **"for the post of Professor"** to be delivered to the Additional Secretary, OPSC, Cantonment Road, Cuttack.

**CUTTACK**
**DATE- 27.07.2021**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**

OIPR-12002/11/0045/2122

## ODISHA PUBLIC SERVICE COMMISSION
### NOTICE

**No. 5076/PSC, IR-7-2020-21, DR-V dt.28.07.2021**

No.D-69:-

**CORRIGENDUM to**

Advertisement **No. 10 of 2021-22** for recruitment to the posts of Professors in different State Public Universities published **in the Odia Local Dailies (the Samaj, the Sambad, Prameya & Dharitri) and in English Dailies The Times of India (all India Publication) & The Hindu (all India Publication)** published on 28.07.2021.

1. In the advertisement No. 10 of 2021-2022 in the first line in place of "**Associate Professor**", it may be read as " **Professor**".
2. The Educational qualification to be read as:

**A.** (i) An eminent scholar having a Ph.D. degree in the concerned/allied/relevant discipline and published work of high quality, actively engaged in research with evidence of published work with, a minimum of 10 research publications in the peer-reviewed or UGC-listed journals and a total research score of 120 as per the criteria given in Appendix II, Table 2.

(ii) A minimum of ten years of teaching experience in university/college as Assistant Professor/Associate Professor/Professor, and / or research experience at equivalent level at the University/National Level Institutions with evidence of having successfully guided doctoral candidate.

**OR**

**B.** An outstanding professional, having a Ph.D. degree in the relevant/allied/applied disciplines, from any academic institutions (not included in A above) / industry, who has made significant contribution to the knowledge in the concerned/allied/relevant discipline, supported by documentary evidence provided he/she has ten years' experience.

OIPR-12002/11/0046/2122 **Sd./- Secretary**

## ODISHA PUBLIC SERVICE COMMISSION
## CUTTACK
### NOTICE

**No. 5132/PSC, (1R-34-21-22) (DR-V), Dt. 28.7.21**

**No. D-71:-** It is for information of all concerned that, pursuant to the advertisement No. 08 of 2020-2021, 20 (twenty) more candidates, bearing the following **PPSAN** have been shortlisted for the physical verification of original documents to determine their eligibility and suitability for recruitment to the post of Assistant Professor in **Material Science**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **04.08.2021** as per the programme mentioned below.

**PROGRAMME OF VERIFICATION**

| Date | Time of Verification | PPSAN number of candidates |
|---|---|---|
| 04.08.2021 | 10.00 AM | 00092616OD000820APU-00011163, 00096564OD000820APU-00011987, 00097621OD000820APU-00011675, 00098898OD000820APU-00009178, 00090963OD000820APU-00008735, 00088962OD000820APU-00008525, 00082112OD000820APU-00003899, 00086478OD000820APU-00007294, 00081251OD000820APU-00008260, 00083448OD000820APU-00001068, 00086019OD000820APU-00011141, 00088069OD000820APU-00009655 & 00088885OD000820APU-00009617 **= 13 Candidates** |
| | 02.30 PM | 00089568OD000820APU-00004836, 00091186OD000820APU-00006318. 00091880OD000820APU-00003449. 000923 84OD000820APU-00009539. 00094227OD000820APU-00011228. 00094436OD000820APU-00010167 & 00095967OD000820APU-00009547 **= 07 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. 04 sets of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process. **COVID-19 test report (RT-PCR) showing negative** obtained from authorized laboratories of ICMR within 48 hours of the date of document verification to be brought by all candidates.

OIPR-12002/11/0048/2122 **Sd./- Secretary**

## ODISHA PUBLIC SERVICE COMMISSION
## CUTTACK
### NOTICE

**No. 5066/PSC, (1R-30-21-22) (DR-V), Dt. 27.7.21**

**No. D-67:-** It is for information of all concerned that, pursuant to the advertisement No. 08 of 2020-2021, 18 (Eighteen) more candidates, bearing the following **PPSAN** have been shortlisted for the physical verification of original documents and to determine their eligibility and suitability for recruitment to the post of Assistant Professor.

The physical verification of original certificates / documents etc. in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **03.08.2021** as per the programme mentioned below.

**PROGRAMME OF VERIFICATION & INTERVIEW**

| Date | Time of Verification | Subject | PPSAN number of candidates |
|---|---|---|---|
| 03.08.2021 | 10.00 AM | Life Science (Botany) | 00087345OD000820APU-00008941, 00091275OD000820APU-00010976, 00102328OD000820APU-00012144, 00079872OD000820APU-00003326, 00084203OD000820APU-00002998, 00079838OD000820APU-00003296, 00093860OD000820APU-00009564, 00090958OD000820APU-00007199, 00096113OD000820APU-00012060, 00100420OD000820APU-00010622, 00091648OD000820APU-00008511 & 00030864OD000820APU-00009595 **= 12 Candidates** |
| | 02.30 PM | -do- | 00096285OD000820APU-00009727, 00088556OD000820APU-00008782, 00098197OD000820APU-00011318, 00077131OD000820APU-00001956, 00084326OD000820APU-00007773 & 00095004OD000820APU-00011485 **= 06 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. 04 sets of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process. **COVID-19 test report (RT-PCR) showing negative** obtained from authorized laboratories of ICMR within 48 hours of the date of document verification to be brought by all candidates.

OIPR-12002/11/0044/2122 **Sd./- Secretary**

## ସଂକ୍ଷେପରେ

### ୮ ମୃତ, ୫୨ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ, ୨୮।୭:** ଢେଙ୍କାନାଳ ଜିଲାରେ ୮ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୧୧୬ ହୋଇଛି। ଏଥିସହ ଦିନକରେ ୫୨ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୩୪ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୭, ହିନ୍ଦୋଳ ବ୍ଲକର ୧୧, କାମାକ୍ଷାନଗର ବ୍ଲକର ୮, ଓଡ଼ାପଡ଼ା ବ୍ଲକର ୭, ସଦର ବ୍ଲକର ୬, ଭୁବନ ବ୍ଲକର ୬, ଗଁଦିଆ ବ୍ଲକର ୨, କାମାକ୍ଷାନଗର ଏନ୍‌ଏସିର ୧ ଏବଂ ବିଭିନ୍ନ ଚିକିତ୍ସାଳୟର ୪ଜଣ ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଚୋରା ଶାଳକାଠ ଜବତ



**ପରଜଙ୍ଗ, ୨୮।୭(ଡି.ଏନ୍.ଏ.):** ପରଜଙ୍ଗ ବ୍ଲକ ଟମ୍ଭେଇ-ମହାବିରୋଡ ରାସ୍ତାରୁ ବୁଧବାର ଭୋର୍ ସମୟରେ ବନ ବିଭାଗ ଚଢ଼ାଉ କରି ଏକ ଶାଳକାଠ ବୋଝେଇ ଟାଟା ଏସିଇ (ନଂ. ଓଆର୍ ୧୯ କେ ୮୨୪୫) ଜବତ କରିଛି। ଗାଡ଼ିରୁ ବେଆଇନ ଭାବେ ଚାଲାଣ କରାଯାଉଥିବା ୧୬ ଘନଫୁଟ ସାଇଜ୍ ଶାଳକାଠ ଜବତ କରାଯାଇଛି। ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ଅମର ପ୍ରସାଦ ନନ୍ଦ, ଗାର୍ଡ ବେବିନା ଖୁଣ୍ଟିଆ ପ୍ରମୁଖ ଚଢ଼ାଉ କରିଥିଲେ। ତେବେ ଡ୍ରାଇଭର କୌଶଳକ୍ରମେ ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ ଗାଡ଼ି ମାଲିକଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି।

# ବିକ୍ରି ହେବ ବିଆରଜି କମ୍ପାନୀ

- ମଜଦୁର ସଂଘର ଆନ୍ଦୋଳନ ଚେତାବନୀ
- ଶ୍ରମିକଙ୍କୁ ମିଳିବ ୨ ମାସର ବକେୟା ଦରମା



ବିଆର୍‌ଜି ଆଇରନ୍ ଷ୍ଟିଲ୍ ମଜ୍‌ଦୁର ସଂଘର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୮।୭**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁରୁଣ୍ଟି-ମେରାମଣ୍ଡଳୀରେ ପ୍ରତିଷ୍ଠିତ ବିଆର୍‌ଜି ଆଇରନ୍ ଷ୍ଟିଲ କମ୍ପାନୀ ବିକ୍ରି ହେବ। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୁଧବାର ମଧ୍ୟାହ୍ନରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ କମ୍ପାନୀର ଲିକ୍ୟୁଡେଟର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଅନ୍ୟପଟେ କମ୍ପାନୀ ବନ୍ଦ ସମ୍ପର୍କିତ ଏଭଳି ନିଷ୍ପତ୍ତି ପରେ ୧୫୦୦ ଶ୍ରମିକ ଏବଂ ସେମାନଙ୍କ ଉପରେ ନିର୍ଭର କରୁଥିବା ୭ ହଜାର ପରିବାରର ଜୀବନ ଜୀବିକା ଉଜୁଡ଼ିଯିବା ଆଶଙ୍କା ଦେଖାଦେଇଛି। ଏହାର ପ୍ରତିବାଦରେ ବିଆର୍‌ଜି ଆଇରନ୍ ଷ୍ଟିଲ୍ ମଜ୍‌ଦୁର ସଂଘ ପକ୍ଷରୁ କମ୍ପାନୀ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି, କମ୍ପାନୀର ଲିକ୍ୟୁଡେଟର ୨୦୨୧ ମାର୍ଚ୍ଚ ୬ରେ କୌଣସି କାରଣ ନ ଥାଇ ହଠାତ୍ କମ୍ପାନୀକୁ ବନ୍ଦ କରିଦେବା ଲାଗି ନିଷ୍ପତ୍ତି ନେଇଥିଲେ। ଫେବୃୟାରୀ ଏବଂ ମାର୍ଚ୍ଚର ବକେୟା ପ୍ରାପ୍ୟ ମଧ୍ୟ କର୍ମଚାରୀଙ୍କୁ ପ୍ରଦାନ କରାଯାଇନାହିଁ। ନିଷ୍ପତ୍ତି ଗ୍ରହଣ ପରବର୍ତ୍ତୀ ୫ ମାସ ମଧ୍ୟରେ ବାରମ୍ବାର ଅନୁରୋଧ ସତ୍ତ୍ୱେ କମ୍ପାନୀ କାର୍ଯ୍ୟକ୍ଷମ ହେବ କି ନାହିଁ ସେ ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷ କୌଣସି ସୂଚନା ଦେଲେ ନାହିଁ। କମ୍ପାନୀ ବନ୍ଦ ହେବା ଦ୍ୱାରା ପ୍ରାୟ ୧୫୦୦ ଶ୍ରମିକଙ୍କ ଜୀବିକା ପ୍ରଭାବିତ ହେବ। ତେଣୁ ଫେବୃୟାରୀରୁ ଜୁଲାଇ ଯାଏ ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରିବା ଲାଗି ମଜ୍‌ଦୁର ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ କମ୍ପାନୀ ପୁନର୍ବାର କାର୍ଯ୍ୟକ୍ଷମ କରିବା ଲାଗି ନିବେଦନ କରାଯାଇଛି। ଅନ୍ୟପଟେ କମ୍ପାନୀ ବିକ୍ରି ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଆଉ କାର୍ଯ୍ୟକ୍ଷମ ହେବ ନାହିଁ ବୋଲି ଲିକ୍ୟୁଡେଟର ସୂଚନା ଦେବାପରେ ମଜଦୁର ସଂଘ ପକ୍ଷରୁ ତୁରନ୍ତ ବକେୟା ପ୍ରାପ୍ୟ ପ୍ରଦାନ କରିବାକୁ ଦାବି ହୋଇଥିଲା। ଫଳରେ ଘଟଣାରେ ଜିଲାପାଳ ହସ୍ତକ୍ଷେପ କରିଥିଲେ। ଫେବୃୟାରୀ ଓ ମାର୍ଚ୍ଚର ବକେୟା ଦରମା ସେପ୍ଟେମ୍ବର ସୁଦ୍ଧା ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ସହମତି ପ୍ରକାଶ ପାଇଛି। ବୈଠକରେ ଲିକ୍ୟୁଡେଟର କୋଲକାତାର ସି.ଏ. କାନନ, ବିଆର୍‌ଜି ଆଇରନ୍ ଓ ଷ୍ଟିଲ୍ ମଜ୍‌ଦୁର ସଂଘ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ମିଶ୍ର, ଭାରତୀୟ ମଜ୍‌ଦୁର ସଂଘ ଶାଖା ସମ୍ପାଦକ ଶ୍ରୀନିବାସ ଖୁଣ୍ଟିଆଙ୍କ ସମେତ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଏ ସଂକ୍ରାନ୍ତରେ ସଂଘର ସାଧାରଣ ସମ୍ପାଦକ କୁହନ୍ତି, କର୍ତ୍ତୃପକ୍ଷ ବିନା କାରଣରେ କମ୍ପାନୀକୁ ବନ୍ଦ କରିଦେଲେ। ୨ ମାସର ବକେୟା ଦରମା ମିଳିନି। ୫ମାସ ହେଲା କାରଖାନା ବନ୍ଦ ରହିଛି। ତେଣୁ ୭ମାସର ବକେୟା ଦରମା ପ୍ରଦାନ ସହିତ କାରଖାନା ଚାଲୁ କରିବା ଲାଗି ଦାବି ରଖାଯାଇଥିଲା। ତେବେ କମ୍ପାନୀ କାର୍ଯ୍ୟକ୍ଷମ କରିବା ଲାଗି ଲିକ୍ୟୁଡେଟର ରାଜି ହୋଇ ନ ଥିଲେ। ଜିଲାପାଳଙ୍କ ହସ୍ତକ୍ଷେପ ପରେ ୨ମାସର ବକେୟା ଦରମା ଦେବା ପାଇଁ ସହମତି ଜଣାଇଛନ୍ତି। କାରଖାନା କାର୍ଯ୍ୟକ୍ଷମ ଦାବିରେ କମ୍ପାନୀ ଫାଟକ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ଲିକ୍ୟୁଡେଟରଙ୍କ ସୂଚନା ଅନୁଯାୟୀ କାରଖାନା ବିକ୍ରି ହେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାର କ୍ରୟ ପ୍ରକ୍ରିୟା ଶେଷ ହେବାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୨୮।୭**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଞ୍ଚଳରେ ୨୦୧୭ ଅକ୍ଟୋବରରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲା ରାୟ ବୁଧବାର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ତଥା ଅତିରିକ୍ତ ଜିଲା ଦୌରାଜଜ୍ ଡ. ସୂର୍ଯ୍ୟମଣି ମହାପାତ୍ର ମାମଲାର ଅଭିଯୁକ୍ତ ଆଲୋକ ବେହେରା (୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ୫୦୬ ଦଫାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ କାରାଦଣ୍ଡ ପ୍ରଦାନ କରାଯାଇଛି। ଉଭୟ ଦଣ୍ଡାଦେଶ ସମାନ୍ତରାଳ ଭାବେ ଚାଲିବ। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦିଲ୍ଲୀପ ମଲ୍ଲିକ ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ବିବାହିତ ଆଲୋକ ସମ୍ପୃକ୍ତା ୧୫ ବର୍ଷୀୟା ନାବାଳିକାଙ୍କୁ ପ୍ରଲୋଭିତ କରି ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ପୀଡ଼ିତା ଜଣକ ଗର୍ଭବତୀ ହୋଇଥିଲେ। ଘଟଣା ଜଣାପଡ଼ିବା ପରେ ଗ୍ରାମରେ ବୈଠକ ବସିଥିଲା। ସର୍ବସମ୍ମୁଖରେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିବା ସହିତ ବୈଠକ ଅଧାରୁ ଉଠି ପଳାଇଥିଲେ। ଏହାପରେ ନାବାଳିକାଙ୍କ ପରିବାର ପକ୍ଷରୁ ମୋଟଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୧୬୮/୧୭ରେ ପୋକ୍‌ସୋ ଆକ୍ଟରେ ଏକ ବଳାତ୍କାର ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।

# ୮୨ ୟୁନିଟ୍ ରକ୍ତ ସଂଗ୍ରହ




**ଛେଣ୍ଡିପଦା, ୨୮।୭(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ତୁବେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଜେଡି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୮୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବଁଅରପାଳ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଅନିଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ବିଜେଡି ସଭାପତି ଦୀନେଶ ପ୍ରଧାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ବେହେରା, ଛେଣ୍ଡିପଦା ବ୍ଲକ ସଭାପତି ଆଶିଷ ପ୍ରଧାନ, ଗ୍ରାମ ସଭାପତି ସୁନୀଲ ସାହୁ, ମନ୍ଦିର ସଭାପତି ହରିହର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ



କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

**ବଇଣ୍ଡା, ୨୮।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ମଣ୍ଡାମ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି କୁନି ପ୍ରଧାନଙ୍କ ୨ ବଖରା ଚାଳ ଘର ଜଳିଯାଇଥିଲା। ସୋମବାର ବିଜେଡି ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲା ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର ସାହୁ, ଜେନାମଣି ପ୍ରଧାନ, ବିଦ୍ୟୁତ୍ ପ୍ରଧାନ, ନାଗେନ ରାଉଳ ପ୍ରମୁଖ ବିପନ୍ନ ପରିବାରକୁ ଲୁଗା, ଚାଉଳ, ଚୁଡ଼ା, ଗୁଡ ଆଦି ସାମଗ୍ରୀ ବଣ୍ଟନ କରିଥିଲେ।

# ମହିଳା ଶ୍ରମିକ ଜାଗୃତି ଶିବିର




କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳାମାନେ।

**ଢେଙ୍କାନାଳ ଅଫିସ, ୨୮।୭**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବେଗା ପଞ୍ଚାୟତର କରଡ଼ାବଣି ଏବଂ ରତନପୁର ପଞ୍ଚାୟତର ସୋଲଗାଡିଆ ଗ୍ରାମରେ ମହିଳା ଶ୍ରମିକମାନଙ୍କୁ ନେଇ ଚେତନା ଜାଗୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ବୋର୍ଡ ଭୁବନେଶ୍ୱର ଓ ପ୍ରିୟ ଅନୁଷ୍ଠାନ ସହଯୋଗରେ ଆୟୋଜିତ ହୋଇଥିଲା। କରୋନା ମହାମାରୀ ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା ଓ ରୋଜଗାର ସମ୍ପର୍କରେ ମହିଳାଙ୍କୁ ତାଲିମ ଦିଆଯାଇଥିଲା। ଟଙ୍କଧର ବାରିକ, ପ୍ରକାଶ ମିଶ୍ର ତାଲିମ ପ୍ରଦାନ କରିଥିଲେ। ପ୍ରତ୍ୟେକ ମହିଳାଙ୍କୁ ୫୦୦ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସଂଯୋଜକ ରବୀନ୍ଦ୍ର କୁମାର ସାମଲ, ଇଲନପ୍ରଭା ସେନାପତି, ସ୍ନେହାଶ୍ରୀ ତରାଇ, ସୌଭାଗ୍ୟଲକ୍ଷ୍ମୀ ତରାଇ, ଅଙ୍ଗନୱାଡି କର୍ମୀ ଅନିତା ରାଉଳ, ଅମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


**OFFICE OF THE DEAN & PRINCIPAL**
**M.K.C.G. MEDICAL COLLEGE & HOSPITAL, BRAHMAPUR - 760004**
No. 5641/MCB-2021/Welfare Dated, Brahmapur the 27th July, 2021

**ADVERTISEMENT**

No. E-259: Applications are invited for the required staff (i) Research Scientist II - 01, (ii) Lab. Technician - 01 on purely contract basis to be filled up for the Multi-Disciplinary Research Units (MRU) M.K.C.G. Medical College & Hospital, Berhampur. For further details please visit our website: **www.mkcgmch.org**. Eligible candidates may send their application along with necessary documents to the Dean & Principapl, M.K.C.G. Medical College, Berhampur within 15 days from the date of publication of the advertisement by Registered Post/Speed Post in the prescribed performa.
The undersigned reserves the right to accept or reject in part or full without assigning any reasons thereof.

Sd./- Dean & Principal
M.K.C.G. Medical College
Berhampur
OIPR-10013/11/0004/2122



**BHUBANESWAR MUNICIPAL CORPORATION**
E-Mail Id: ee2@bmc.gov.in

No. C-645: **E-Procurement Notice**

1. Bid Reference No. : BMC-EED-II-05/2021-22 Dt.26.07.21
2. Tender Call Notice No. : No. 62145 Dt.26.07.2021
3. No. of Works : 12 Nos.
4. Bid Value : Rs.1,78,403/- to Rs.16,96,164/-
5. Period of Completion : 30 to 60 days

Date and time Schedule

| Start | End | Opening |
|---|---|---|
| 11.00 A.M. of 28.7.21 | 5.00 P.M. of 8.8.21 | 11.00 A.M. of 9.8.21 |

6. Tender details can be seen for the Procurement portal **https://www.tendersodisha.gov.in**, BMC Website **https://www.bmc.gov.in**.

Sd./- Executive Engineer, Div.-II
OIPR-13002/11/0038/2122 Bhubaneswar Municipal Corporation



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
Grand Road. Medical Square, Puri, PIN No.- 752002
Phone No-06752-222124(O) & 232294(C.S.)E Mail-cdspuri@gmail.com

No. E-262 **TENDER CALL NOTICE**
No. 4915 Sub Store Puri Dated 26.7.21

**FOR SUPPLY OF DRUGS & MEDICAL CONSUMABLES FOR PURI DISTRICT**

Last Date & Time of receipt of Tender : 04.08.21 upto 5 P.M
Date & Time of opening of Tender : 05.08.21 at 11.30 A.M
Venue : Office Chamber of CDM &PHO, Puri.
"For detail regarding this tender call notice please visit the website **www.puri.nic.in** or contact office of the undersigned during the office hour in all working days.

Sd./- Chief District Medical & Public Health Officer, Puri
OIPR-10021/11/0004/2122



GOVERNMENT OF ODISHA No. O-475
**OFFICE OF THE EXECUTIVE ENGINEER RURAL WORKS DIVISION, DEOGARH**
E-mail ID: eerw_deogarh@yahoo.co.in

**E-Procurement Notice**
BID IDENTIFICATION No. EEDGH-Online-05/2021-22

1. Name of Work : Road Works (02 Nos.)
2. Estimated Cost : Rs.31.25 & 35.71 lakhs
3. Mode of submission of tender : Tender shall be submitted online in www.tendersodisha.gov.in
4. Availability of tender for online bidding : 04.08.2021, 11.00 A.M. to 15.08.2021 upto 5.00 P.M.
5. Date & time of opening of tender : 18.08.2021, 11.00 A.M.
6. Other details can be seen from the website **www.tendersodisha.gov.in**
7. Corrigendum/Addendum if any shall only be published in the above website.

Sd./- Laxman Kumar Soren
Executive Engineer
R.W. Division, Deogarh
OIPR-25087/11/0003/2122



**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/P.O.- BARINIPUT, DIST.- KORAPUT (ODISHA) - 764006
Telephone: 06854-242001, Fax: 06854-242038, Email ID: sgmel_ukhep@ohpcltd.com
CIN: U40101OR1995SGC003963

**NOTICE INVITING TENDER No. 04/2021-22 Dtd. 16.07.2021**

No. CAD-713: Sealed tenders are invited in two parts i.e. Techno commercial and Price bid in separate sealed envelopes from manufacturers / authorized dealers for procurement, Installation, testing and Commissioning of 2 (Two) nos. of 5.5 HP Submersible Sewage Pump Motor Set to UKHEP, Bariniput.

| Sl. No. | Description of Materials | Cost of Tender Paper | EMD in Rs. |
|---|---|---|---|
| 1 | Supply Installation, testing and Commissioning of 2 (Two) nos. of 5.5 HP Submersible Sewage Pump Motor Set to UKHEP, Bariniput. | Rs.4720/- (Rs.4000/- + GST Rs.7208/-) | 1% of Quoted Value |

Sale of Tender Paper : From 13.00 hrs. of 26.07.2021 to 13.00 hrs. 10.08.2021
Last date of submission of tender : 16.00 hrs. of 10.08.2021
Date & Time of opening of tender : 16.30 hrs. of 10.08.2021
For details of the tender documents, terms & conditions please visit our website www.ohpcltd.com.
OIPR-04002/11/0005/2122 C & P Head, UKHEP, Bariniput



**OFFICE OF THE PANCHAYAT SAMITI, GOPABANDHU NAGAR**
No. 1635 **TENDER CALL NOTICE** Date: 23.07.2021
Annexure - 'A'

No. i-121: The Block Development Officer, Gopabandhu Nagar on behalf of Government of Odisha invites sealed tender of percentage (%) rate basis from registered contractors of Odisha PWD/WR/RWD/NH/MI/CPWD & PH for following works in conformity with the Detail Tender Call Notice (DTCN).

| Sl. No. | Name of the Work and GP | Name of the Scheme | Value of work amount put to tender (in Rs.) | EMD to be Deposited in Rs. | Cost of Tender Paper (in Rs.) | Class of Contractor to be verified | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Const. of New Model AWC Building at Sanakhunta under Sanakhunta GP | OMBADC | 11,59,235/- | 11,600/- | 6000/- | "D" & "C" | 6 Months |
| 2 | Const. of New Model AWC Building at Tentulia under Ranibandha GP | OMBADC | 11,89,448/- | 11,900/- | 6000/- | "D" & "C" | 6 Months |
| 3 | Const. of New Model AWC Building at Kaliapada under Sainkula GP | OMBADC | 11,92,475/- | 12,000/- | 6000/- | "D" & "C" | 6 Months |
| 4 | Const. of New Model AWC Building at C.B. Sahi under Sainkula GP | OMBADC | 11,92,475/- | 12,000/- | 6000/- | "D" & "C" | 6 Months |
| 5 | Const. of New Model AWC Building at Hatnuagan under Sainkula GP | OMBADC | 11,92,475/- | 12,000/- | 6000/- | "D" & "C" | 6 Months |
| 6 | Const. of New Model AWC Building at Arapata-B under Arapata GP | OMBADC | 11,82,009/- | 11,900/- | 6000/- | "D" & "C" | 6 Months |
| 7 | Const. of New Model AWC Building at Angargodia under Arapata GP | OMBADC | 11,82,009/- | 11,900/- | 6000/- | "D" & "C" | 6 Months |
| 8 | Const. of New Model AWC Building at Tiakyatpur under Arapata GP | OMBADC | 11,82,009/- | 11,900/- | 6000/- | "D" & "C" | 6 Months |
| 9 | Const. of New Model AWC Building at Dhaundia under Arapata GP | OMBADC | 11,82,009/- | 11,900/- | 6000/- | "D" & "C" | 6 Months |
| 10 | Const. of New Model AWC Building at Arapata-A under Arapata GP | OMBADC | 11,82,009/- | 11,900/- | 6000/- | "D" & "C" | 6 Months |
| 11 | Const. of New Model AWC Building at Palasa under Arapata GP | OMBADC | 11,82,009/- | 11,900/- | 6000/- | "D" & "C" | 6 Months |
| 12 | Const. of New Model AWC Building at Debagan under Baradihi GP | OMBADC | 11,92,475/- | 12,000/- | 6000/- | "D" & "C" | 6 Months |
| 13 | Const. of New Model AWC Building at Ankurpur under Baradihi GP | OMBADC | 11,92,475/- | 12,000/- | 6000/- | "D" & "C" | 6 Months |
| 14 | Const. of New Model AWC Building at Goda under Baradihi GP | OMBADC | 11,92,475/- | 12,000/- | 6000/- | "D" & "C" | 6 Months |
| 15 | Const. of New Model AWC Building at Taradasole under Kushalda GP | OMBADC | 11,92,475/- | 12,000/- | 6000/- | "D" & "C" | 6 Months |
| 16 | Const. of New Model AWC Building at Mahuldihi under Kushalda GP | OMBADC | 11,92,475/- | 12,000/- | 6000/- | "D" & "C" | 6 Months |
| 17 | Const. of New Model AWC Building at Balijoda under Silaghaty GP | OMBADC | 11,91,816/- | 12,000/- | 6000/- | "D" & "C" | 6 Months |

For detail terms & conditions, please visit our website **mayurbhanj.nic.in**
OIPR-19125/11/0007/2122 Sd./- Block Development Officer, Gopabandhunagar



**OFFICE OF THE CHIEF CONSTRUCTION ENGINEER, KANUPUR IRRIGATION PROJECT**
At/P.O.: Basudevpur, Dist.- Keonjhar, Odisha, PIN - 758047
E-mail: ccekipbpur@gmail.com

**"e" PROCUREMENT NOTICE**
Bid Identification No. 05/CCEKIP of 2021-22 (Online)

No. A-321 **NOTICE INVITING TENDER**

| | | |
|---|---|---|
| 1 | Name of the Assignment | Request for proposal (RFP) for Appointment of Third Party Quality Assurance & Inspection Agency (TPIA) for Plastic Concrete Cut-off Wall of Kanupur Irrigation Project, Odisha |
| 2 | Estimated Cost | Not Provided |
| 3 | Period of Completion | 11 (Eleven) Calendar Months including rainy season |
| 4 | Date & time of availability of bid document in the portal | Dt.29.07.2021 from 10.00 hours to Dt.16.08.2021 upto 17.00 hours. |
| 5 | Last date/time of receipt of bid in the portal | Dt.16.08.2021 upto 17.00 hours |
| 6. | Name & address of the Officer Inviting Bid | Chief Construction Engineer, Kanupur Irrigation Project, At/P.O.- Basudevpur, Dist.- Keonjhar, Odisha - 758047 |

Further details can be seen from e-Procurement portal **www.tendersodisha.gov.in**.

Sd./- (Er. P.K. Pani)
Chief Construction Engineer
Kanupur Irrigation Project, Basudevpur
Keonjhar, Odisha
OIPR-32012/11/0003/2122



**ବାରିପଦା ପୌର ପରିଷଦ, ବାରିପଦା, ମୟୂରଭଞ୍ଜ - ୭୫୭୦୦୧**
**Tel.: 06792-252703, Website: www.baripadamunicipality.in, e-mail: baripadam.hud@nic.in**

ପତ୍ର ସଂଖ୍ୟା: ୩୬୮୦/ଟ୍ୟାକ୍ସ ତା୨୭।୭।୨୧ରିଖ

**ବିଜ୍ଞାପନ**

No. C-651: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାରିପଦା ପୌରପାଳିକା ଅଧୀନରେ ଥିବା ରାତ୍ରି ବିଶ୍ରାମାଗାର (Night Shelter)କୁ ଆଗାମୀ ୨୦୨୧-୨୨ଠାରୁ ୨୦୨୩-୨୪ (୩ ବର୍ଷ ପାଇଁ) ଜଉମୁଦ ନିବିଦା (Bid) ଆହ୍ୱାନ କରାଯାଉଅଛି। ଉକ୍ତ ରାତ୍ରି ବିଶ୍ରାମାଗାରର ନିଲାମ ପ୍ରକ୍ରିୟା ନିମନ୍ତେ ସର୍ବସାଧାରଣ/ବାରିପଦା ପୌରପାଳିକା ଦ୍ୱାରା ପଞ୍ଜୀକୃତ ହୋଇଥିବା ଇଚ୍ଛୁକ ଆଞ୍ଚଳିକ ମହିଳା ମହାସଂଘ (WALF)/ଗୋଷ୍ଠୀ ଭିତ୍ତିକ ସଂଗଠନ (CBO) ଓ କିନ୍ନର ସଂଘ ଅଂଶଗ୍ରହଣ କରିପାରିବେ। ବାରିପଦା ପୌରପାଳିକା ତରଫରୁ ରାତ୍ରି ବିଶ୍ରାମାଗାରର Up-set Price ଟ.୩,୩୦,୦୦୦.୦୦ ଧାର୍ଯ୍ୟ କରାଯାଇଅଛି। ପୌରପାଳିକା ଦ୍ୱାରା ପ୍ରଦତ୍ତ ସର୍ତ୍ତାବଳୀ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୧୦।୦୮।୨୦୨୧ରିଖ ଦିବା ୩ ଘଟିକା ସୁଦ୍ଧା ସେଥିରେ ଆବେଦନ କରୁଥିବା ରାତ୍ରି ବିଶ୍ରାମାଗାର Up-set Price ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବ ନାହିଁ। ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହା ହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ। ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି। ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ। ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ତା୧୦।୦୮।୨୦୨୧ରିଖ ଦିବା ୪ଘଟିକା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦା ଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ନିଲାମ କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ।
ସବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନମାନେ କାର୍ଯ୍ୟାଳୟ ୱେବସାଇଟ୍ **www.baripadamunicipality.in** ଓ **www.mayurbhanj.nic.in**ରେ ଓ କାର୍ଯ୍ୟାଳୟ ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ।

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ
ବାରିପଦା ପୌର ପରିଷଦ
OIPR-13078/11/0014/2122

## ପୁସ୍ତକ ପରିଚୟ

### ଭଙ୍ଗା ଦର୍ପଣ




**ଲେଖକ:** ଭାସ୍କର ଜେନା
**ପ୍ରକାଶକ:** ଦକ୍ଷ ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୮୦/-

୧୪୦ ପୃଷ୍ଠାର ଏହି ଉପନ୍ୟାସଟି ଏକା ଲହସକେ ପଢ଼ିଦେବା ଭଳି। କଲିକତା ବହୁବଜାରର ହାଡ଼କଟା ଗଳି ଉପନ୍ୟାସଟିର କେନ୍ଦ୍ରରେ। ଭାଗ୍ୟଲକ୍ଷ୍ମୀ ପୁସ୍ତକ ଭଣ୍ଡାରର ସାମ୍ନାସାମ୍ନି ଏହି ଗଣିକା ମହଲରେ ହଠାତ୍ ନଜରକୁ ଆସେ ଉପନ୍ୟାସର କଥକ (ନାୟକ?) ତନ୍ମୟର ଜଣେ ବିବାହିତା ମହିଳା, ଯାହାର ନାଁ ବନ୍ୟା। ବନ୍ୟା କଲେଜପଢ଼ୁଆ ଶିକ୍ଷିତା। ତା' ଜୀବନରେ ଆସିଛି ଅରିନ୍ଦମ୍। ପରିସ୍ଥିତି ବୈବାହିକ ଜୀବନରୁ ବେଶ୍ୟାଗଳିକୁ ଟାଣିନେଇଛି ବନ୍ୟାକୁ। ଏଥିସହିତ ଅନ୍ୟ ନିର୍ଦ୍ଦୋଷ ଦେହଜୀବୀ ମହିଳାଙ୍କ ଜୀବନର ନାନା ଅକୁହା କଥା। ଔପନ୍ୟାସିକଙ୍କର ଏହି ବହିଟିର ଭାଷା ସାର୍ବଜନିକ ଓ କଥାପ୍ରଧାନ। ଏପରି ଉପନ୍ୟାସ ହାରାହାରି ପାଠିକାପାଠକଙ୍କ ପାଇଁ ମୂଲ୍ୟବାନ୍। ସମୟ କଟେ ଯାକୁ ପଢ଼ି ଏବଂ ଜୀବନର ଦୁଃଖସୁଖକୁ ବି ଭେଟିହୁଏ ଅତି ପାଖରୁ। ପ୍ରେମ କିପରି ବିପର୍ଯ୍ୟୟରେ ପରିଣତ ହୁଏ, ଅରିନ୍ଦମ ଓ ବନ୍ୟାଙ୍କ ଜୀବନ କାହାଣୀ ପଢ଼ିଲେ ବୁଝିହୁଏ। ଗୃହବଧୂଟିଏ କିପରି ବିବଶା ହୋଇ ଗଣିକା ବୃତ୍ତିକୁ ଆପଣାଏ ଓ ଶେଷରେ ଏଡ୍‌ସ ଭୋଗି ରାସ୍ତାକଡ଼ରେ ତା'ର ଜୀବନଯାଏ, ତା'ର ଟିପାଖାତା ଭାସ୍କରଙ୍କର ଏ ଉପନ୍ୟାସଟି। ମିଛମିଛ ବାକ୍ୟରେ ଏ ଜୀବନର ସତ। ଆଶା, ଉପନ୍ୟାସଟି ପାଠକୀୟ ଆଦୃତି ପାଇବ।

### ଉର୍ବଶୀର ଗାଁ




**କବି:** ରବିପ୍ରିୟ ଦାଶ
**ପ୍ରକାଶକ:** ଅପୂର୍ବା, ଖାରବେଳନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୦୦/-

ମୋଟ ୨୭ଟି କବିତା ଛୋଟବଡ଼ ମିଶି। ବହିଟିର ପଛ-ମଲାଟରେ ଲେଖା ଅଛି: "...ନିଛାଟିଆ ବିସ୍ତୀର୍ଣ୍ଣ ବେଳାଭୂମି, ସମୁଦ୍ରର ଭୟଙ୍କର ଲହଡ଼ି, ଅଗନାଅଗନି ବନସ୍ତଠାରୁ ଅପହଞ୍ଚ ଦିଗ୍‌ବଳୟ ଏବଂ ସାମ୍ନାରେ ମାଟି କାଦୁଅର ଅଙ୍କାବଙ୍କା ରାସ୍ତାକୁ ଛୁଇଁଥିବା ଗାଁ। ଏଇମିତି କିଛି ପ୍ରକୃତିର ଜୀବନ୍ତ ଚିତ୍ର, ଜୀବନଯାତ୍ରାର ଅନୁଭବ ଏବଂ ଭଲ ଲାଗୁଥିବା ହୃଦୟର କଥାସବୁ 'ଉର୍ବଶୀର ଗାଁ'ରେ ରୂପାନ୍ତରିତ।" 'ନଈ ସେପାରି ଗାଁ', 'ବାପା', 'ଅସ୍ତ ଯାଉଥିବା ବିଶ୍ୱାସ', 'ଦୁଃଖ ସହ କଥାବାର୍ତ୍ତା', 'ଭୁବନେଶ୍ୱର', 'ଶୀତ ଶୀତ ଲାଗିଲାଣି ରାତି', 'ଦୁଃଖର ବର୍ଷା', 'ଝିଅ', 'କଳାହାଣ୍ଡି', 'ଘର' ଓ 'ଉର୍ବଶୀର ଗାଁ' ଭଳି କବିତାଗୁଡ଼ିକ ପଢ଼ିଲେ ପାଠକର ମନରେ ନିଘନ ଅନୁଭବର ଯେଉଁ ଛାପ ରହିଯାଏ, ତାହା ଅନେକ ଦିନଯାଏ ଲିଭେ ନାହିଁ। କବିତାଗୁଡ଼ିକର ଗୀତିଧର୍ମିତା କବିତାଗୁଡ଼ିକର ସ୍ମରଣୀୟତାକୁ ଦୀର୍ଘାୟୁ କରିଛି। ଉଦାହରଣଟିଏ ନେବା- "ନଈ ସେପାରି/ ପାହାଡ଼ ତଳେ/ ଝରଣା କୂଳେ/ ଫୁଟିଚି ଫୁଲ/ ଶାଳ ଜଙ୍ଗଲରେ/ ଚିତ୍ର ଆଙ୍କିଛି ନିଆଁ/ ସେଇଠି ଦେଖ/ ସେପାଖେ ଅଛି/ ଉର୍ବଶୀର ଗାଁ।" (ପୃ: ୧୩୦)। ଛୋଟଛୋଟ ଧାଡ଼ି, ଆବେଗ ଓ ଆହ୍ଲାଦରେ ପୂର୍ଣ୍ଣଗର୍ଭା। ବହୁ କବିତା ଲାଗେ ଯେମିତି ଫୁଲବଗିଚାରେ ଭଅଁରର ଖାପ୍‌ଛଡ଼ା ଗୁଣୁଗୁଣୁ। ସାମ୍ପ୍ରତିକ ଓଡ଼ିଆ କବିତାରେ ବହିଟିର ଅନନ୍ୟତା ସ୍ୱୀକାର୍ଯ୍ୟ, ତା'ର ବିଷୟ ଚୟନ ଓ କହିବାର କାରିଗରି ପାଇଁ।

# ଜାଗର

## ଭାରତ-ଭାରତୀ


ଆନନ୍ଦରାଓ ପଟ୍ଟନାୟକ

ଆନନ୍ଦରାଓ ପଟ୍ଟନାୟକଙ୍କ ଜନ୍ମ ୩୦ ଡିସେମ୍ବର ୧୯୪୭ରେ। ରହନ୍ତି ରାୟଗଡ଼ରେ। ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବିଭାଗରେ ଆର୍ଥିକ ପରିଚାଳକ ଥାଇ ଅବସରପ୍ରାପ୍ତ। ଓଡ଼ିଶାର କତିପୟ ହାତଗଣତି ତେଲୁଗୁ ସାହିତ୍ୟିକଙ୍କ ମଧ୍ୟରେ ଜଣେ ଆଗଧାଡ଼ିର ସକ୍ରିୟ ଲେଖକ। ତାଙ୍କର ତିନୋଟି ଉପନ୍ୟାସ, ତିନୋଟି ଗଳ୍ପ ସଂକଳନ ପ୍ରକାଶିତ। ୪୦୦ରୁ ଅଧିକ ଲେଖା ବିଭିନ୍ନ ତେଲୁଗୁ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭକରିଛି। ତାଙ୍କ ରଚନାରେ ଭରପୂର ହୋଇ ରହିଥାଏ ବ୍ୟଙ୍ଗ। ଛତ୍ରପୁର ତେଲୁଗୁ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ 'ସାହିତ୍ୟ କଳାନିଧି' ଓ ଗୁଣପୁରରୁ 'କବିସମ୍ରାଟ' ଉପାଧିପ୍ରାପ୍ତ। ଅନୂଦିତ ଗଳ୍ପ ଦୁଇଟି ତାଙ୍କର ସଦ୍ୟ ପ୍ରକାଶିତ ଗଳ୍ପ ସଂକଳନ 'ଆନନ୍ଦରାଓ କାଥାଲୁ'ରୁ ଆନୀତ। ଗତ ୨୦୨୦ ସେପ୍ଟେମ୍ବରରେ ଏଇ ଲେଖକ ପରଲୋକପ୍ରାପ୍ତ।

ସକାଳ ହେଲା। ନୀଳକଣ୍ଠବାବୁଙ୍କୁ ବିରକ୍ତିଭାବ ଘେରି ରହିଥିଲା। ଟୁର୍‌ରୁ ଫେରିବା ପରେ ରାତିରେ ମୋଟେ ଶୋଇପାରି ନ ଥିବାରୁ ସେ ଚିଡ଼ିଚିଡ଼ି ହେଉଥିଲେ। ରାତ୍ରିଭୋଜନ ପରେ ବହିଟିଏ ପଢ଼ୁପଢ଼ୁ ଶୋଇପଡ଼ିବା ହେଉଛି ତାଙ୍କର ନିତିଦିନିଆ ଅଭ୍ୟାସ। ନିଦ ହେବା ପାଇଁ କ'ଣ କରାଯାଇପାରିବ ସେସବୁ ଖୋଜି ପଢ଼ିବା ଆରମ୍ଭ କଲେ।

ସନ୍ଧ୍ୟା ସମୟରେ ଉଷୁମ୍ ପାଣିରେ ଗାଧୋଇ, ଶୋଇବା ପୂର୍ବରୁ ଗରମ କ୍ଷୀର ଗିଲାସଟିଏ ଟେକିଦେଇ, ଜୀବନସାଥୀର ସଙ୍ଗ ଲଭିଲେ ନିଦ ହେବା ପକ୍କା ବୋଲି ପ୍ରାବନ୍ଧିକ ଲେଖିଛନ୍ତି। ତା'ପରଦିନଠାରୁ ସେସବୁ ଉପାୟ ଆପଣେଇବାକୁ ଆରମ୍ଭ କଲେ ଗଳ୍ପନାୟକ। କିନ୍ତୁ ନିଦ କଥା ତେଣିକି ଥାଉ ତାଙ୍କର ଆଖିପତା ଅବଶ ହେବାର କୌଣସି ଚିହ୍ନବର୍ଣ୍ଣ ଦେଖାଯାଉ ନ ଥିଲା। ପ୍ରାବନ୍ଧିକଙ୍କ ଠିକଣା ଖୋଜିଲେ। ଅନେକ ଦୂରରେ ସେ। ଏଣୁକରି ତାଙ୍କ ସହ ସାକ୍ଷାତ୍ କରି ଶଦ୍ଦ-ଧୁଲାଇ କରିବା କାର୍ଯ୍ୟକ୍ରମକୁ ବାତିଲ କରିବାକୁ ବାଧ ହେଲେ।

ନିଦ ହେଉ ନ ଥିବାରୁ ତାଙ୍କର ସହନଶୀଳତାର ସ୍ତୁପଟା ଭୁଶୁଡ଼ି ପଡ଼ିଥିଲା। ସ୍ତ୍ରୀ ପିଲାଙ୍କ ଉପରେ ଛୋଟଛୋଟ କଥାରେ ବିରକ୍ତ ହେବାରେ ଲାଗିଲେ। ଏମିତିରେ ତ ଘରର ମୁରବିମାନଙ୍କୁ ସମ୍ମାନ ଦେବା, ଭୟ କରିବାର ଯୁଗ ଚାଲିଗଲାଣି। ଖାତିର କରିବା ବଦଳରେ ଏବେ ଓଲଟି ଜବାବ ମିଳୁଛି। ସେ ପାଗଳ ହୋଇଯିବା ଭଳି ଅନୁଭବ କଲେଣି। ବନ୍ଧୁମାନଙ୍କୁ ପରାମର୍ଶ ମାଗିବାରୁ ସେମାନେ ପାନଶାଳାକୁ ରାସ୍ତା ବତାଇଦେଲେ। ମ୍ୟାକ୍‌ଡୋୱେଲର ସେ ଜଣେ ଜବରଦସ୍ତ ପ୍ରଶଂସକ। ଶେଷକୁ ମିତ୍ରଦ୍ୱୟ ଦୁଇ ଘଣ୍ଟା ତାଙ୍କ ସହ ବିତାଇ ନିଜର ଦୂରାଭିଳାଷକୁ ଚରିତାର୍ଥ କରିବାକୁ ସମର୍ଥ ହେଲେ। ନିଶା ପ୍ରଭାବରେ ନିଦ୍ରାଗ୍ରସ୍ତ ହେଲେ ମଧ୍ୟ ରାତି ଅଧରେ ନିଦ ଭାଙ୍ଗିଗଲା। ଶୋଷ... ଭୀଷଣ ଶୋଷ। ପାଣି ପିଇ ପୁଣି ଶୋଇବାକୁ ଗଲେ। ବାରମ୍ବାର ବାଥ୍‌ରୁମ୍‌କୁ ଯାଇ ରାତି ବିତିଗଲା। ନିଦ୍ରାଦେବତା ନ ଆସିଲେ ମଧ୍ୟ ହ୍ୟାଙ୍ଗ୍‌ଓଭର ଖୁବ୍ ଭଲ ଲାଗିଥିଲା।

ତା'ପରଦିନ ସକାଳେ ଖବରକାଗଜ ପଢ଼ିଲାବେଳେ ସେଥିରୁ ପ୍ରଚାରପତ୍ରଟିଏ ହସ୍ତଗତ ହେଲା।

'ନିଦ ହେଉନାହିଁ କି? ଆସନ୍ତୁ ଡା. ରାମ୍ ରହିମ୍‌ଙ୍କ ସହ ସମ୍ପର୍କ କରନ୍ତୁ। ସୁଖନିଦ୍ରା ପାଇଁ ସୁଲଭ ମାର୍ଗ ପାଇପାରିବେ।' କ୍ୟାପ୍‌ସନ୍ ଲେଖାଥିଲା। ଦୁଇଶହ ଟଙ୍କା ଫି' ଦେଇ ଡାକ୍ତରଙ୍କ ଚାମ୍ବରକୁ ପ୍ରବେଶିଲେ ନୀଳକଣ୍ଠ। ଡାକ୍ତରଙ୍କୁ ତେଲୁଗୁ ଆସେନି। ଇଂରାଜୀରେ ପ୍ରଶ୍ନୋତ୍ତର ଚାଲିଲା। ନିଜର ଜୀବିକା ବିବରଣ, ମାସିକ ଆୟ ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକର ସଂଖ୍ୟା ଥିଲା ଅଧିକ। ଡାକ୍ତରବାବୁ ଶିକାରପ୍ରିୟ। ବକ୍‌ରାଟେ ପାଇଛନ୍ତି ଯେତେବେଳେ ଛାଡ଼ିବେ ବା କେମିତି! ଆଉ ତିନିଶହ ତଣ୍ଡି ବାହାରକୁ ମୁକୁଳିବାରେ ସଫଳ ହେଲେ ନୀଳକଣ୍ଠ। ନିଦ ଔଷଧର ପ୍ରଭାବ ତା'ପରଦିନ ଜାଣିପାରିଲେ। କମ୍ପ୍ୟୁଟରରେ ସଂଖ୍ୟା ଫିଡ୍ କରୁକରୁ ଗୋଟିଏ ଶୂନ ବଦଳରେ ଅଧାଡଜନ ଶୂନ ଫିଡ୍ କରିବା ହେତୁ ସେପଟ ପାର୍ଟିର ଖାତାକୁ ଲକ୍ଷଲକ୍ଷ ଟ୍ରାନ୍ସଫର୍ ହୋଇଯାଇଥିଲା। ଭାଗ୍ୟ ଭଲ ଯୋଗୁ ସେପଟ ପାର୍ଟି ଟଙ୍କା ଡ୍ର କରି ନ ଥିବାରୁ ସେ ବିପଦରୁ ଉଦ୍ଧାର ପାଇଲେ। ସେଥିପାଇଁ ଯେତେ ହୀନସ୍ତା ହେବାକୁ ପଡ଼ିଲା, ତାହା ବର୍ଣ୍ଣନା କରିହେବ ନାହିଁ। ସେଇ ଡାକ୍ତରଟା ଗୋଟିଏ ଡ୍ୟାସ୍ ବୋଲି ଅଭିଯୋଗ କରିବା ପାଇଁ ଚିନ୍ତା କଲାବେଳକୁ ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ବିଦେଶ ଗସ୍ତରେ। ଏଣୁ ସେହି ଯୋଜନାରୁ କ୍ଷାନ୍ତ ହେଲେ ନୀଳକଣ୍ଠ। ଡ୍ରେନ୍ ପାଣିକୁ କାଶୀର ପବିତ୍ର ଗଙ୍ଗା ବୋଲି ଭାବି ସେଥିରେ ନିଦ ବଟିକାଗୁଡ଼ିକୁ ବିସର୍ଜନ ଦେଇ ଜୀବନ ତମାମ ସେଗୁଡ଼ିକୁ ନ ଖାଇବା ପାଇଁ ସଂକଳ୍ପ କଲେ।

ବ୍ୟାଙ୍କ୍‌ରୁ ଫେରିଲାବେଳକୁ ଶ୍ରୀମତୀ ପୂରା ରାଗ ତମତମ। ପିଲାଦୁହେଁ ଭୟଭୀତ ହୋଇ ବହି ପଛରେ ମୁହଁ ଲୁଚାଇ ବସିଛନ୍ତି। କଥା କ'ଣ ବୋଲି ଭୟାତୁର ସ୍ୱରରେ ପଚାରିଲେ ନୀଳକଣ୍ଠ।

"ହଁ... କ'ଣ ହୋଇଥାନ୍ତା। ଯେ! ମୋ' ମୁଣ୍ଡ ନା ଗଣ୍ଡି।" ଉତ୍ତର ମିଳିଲା। ତାଙ୍କ ଆଡ଼କୁ ଚାହିଁଲେ ନୀଳକଣ୍ଠ। ଅଣସ୍ତରି କିଲୋ ଓଜନର ନିଦା ଶାଗୁଆନ କାଠଗଣ୍ଡି ପରି ଦେଖାଯାଉଛନ୍ତି।

"ଟ୍ୟାପ୍ ପୁଣି ୱିକ୍ ହୋଇଗଲାଣି। ପ୍ଲମ୍ବର ଏଯାଏଁ ଆସିନି। ତୁମେ ତ ଜଣେ ନବାବ୍। ରେଞ୍ଚ୍ ପାନା ଧରିବା ତ ତୁମଦେଇ ହେବନାହିଁ।" ଏହି ସମୟରେ ପ୍ଲମ୍ବର ଆସି ପହଞ୍ଚିଲା। ଗରଗର ହୋଇ ଗାଳି ଦେଲାବେଳକୁ ତାକୁ ଦେଖି ଅଟକିଯାଇ କହିଲେ, "ଓହୋ...! ଶହେ ବର୍ଷ ଆୟୁଷ ତୁମର। ଆମେ ଦୁହେଁ ତୁମକୁ ହିଁ ଅପେକ୍ଷା କରିଥିଲୁ।"

ଶ୍ରୀମତୀଙ୍କ ସମୟୋପଯୋଗୀ କଥାଚାତୁରୀକୁ ପ୍ରଶଂସା ନ କରି ରହିପାରିଲେ ନାହିଁ ନୀଳକଣ୍ଠ। ଦୁର୍ଭାଗ୍ୟବଶତଃ ଆନ୍ଧ୍ରପ୍ରଦେଶରେ ରହିଯାଇଛି। ନ ହେଲେ ଦିଲ୍ଲୀ ଗାଦିରେ ବସି ସମଗ୍ର ଦେଶକୁ ଶାସନ କରିବାର ଯୋଗ୍ୟତା ଥିବା ସତୀମଣି ବୋଲି ଭାବି ମନେମନେ ଗର୍ବ କରୁଥିଲେ ନୀଳକଣ୍ଠ।

ନୀଳକଣ୍ଠ ଟୁର୍ ଯାଇଥିବାବେଳେ ପ୍ଲମ୍ବର ଆସି ଘରେ ଲିକ୍ ହେଉଥିବା ଟ୍ୟାପ୍‌ରେ ୱାସର ଲଗାଇ ଭିଡ଼ି ଠିକ୍ କରିବା କାମ ସରିଯାଇଥିଲା। ଏବେ ପୁଣି ଲିକ୍ ହେଉଛି। ପ୍ଲମ୍ବର ନିଜ କାମ ସାରି ଫେରିଯିବାକୁ ଉଦ୍ୟତ ହେଉଥିଲା। ନୀଳକଣ୍ଠର ମସ୍ତିଷ୍କରେ ଚମକଟିଏ ଖେଳିଗଲା। ତାକୁ ଡାକି ତା' ବେଡ୍‌ରୁମ୍ ସଂଲଗ୍ନ ବାଥ୍‌ରୁମ୍‌ର ଟୟଲେଟ୍ ସିଟ୍ ନିକଟ ଟ୍ୟାପ୍ ନିରୀକ୍ଷଣ କରିବାକୁ କହିଲା। ଚଟାଣଠାରୁ ଚାଖଣ୍ଡେ ଉଚ୍ଚରେ ଅଛି।

ତାକୁ ନିରୀକ୍ଷଣ କରିସାରିଲା ପରେ ପ୍ଲମ୍ବର କହିଲା, 'ଠିକ୍ ହେ ସାବ୍। ଲିକେଜ୍ କିଛି ନାହିଁ।'

'ଲିକ୍ ହେବା ଦରକାର!' କହିଲେ ନୀଳକଣ୍ଠ। ଏପଟ ସେପଟ ସନ୍ତର୍ପଣରେ ନଜର ପକାଇ ଭାର୍ଯ୍ୟାମଣିଙ୍କ ଅନୁପସ୍ଥିତି ଦୃଢ଼ ନିଶ୍ଚିତ କରିବା ପରେ ହାତରେ ଥିବା ନୋଟ୍ ଖଣ୍ଡକୁ ତା' ପକେଟ୍‌ରେ ଗୁଞ୍ଜିଦେଲେ।


ଆନନ୍ଦରାଓ କାଥାଲୁ

ରାତିରେ ଖୁବ୍ ସୁନ୍ଦର ନିଦ ହେଲା। ପ୍ଲାଷ୍ଟିକ୍ ମଗ୍‌ରେ ଟପ୍‌ଟପ୍ ହୋଇ ଟ୍ୟାପ୍‌ରୁ ପାଣି ପଡ଼ିବା ଶବ୍ଦଟି ନାନାବାୟା ଗୀତ ଭଳି ତାଙ୍କୁ ବୋଧ ହେଉଥିଲା। କିଛିଦିନ ପର୍ଯ୍ୟନ୍ତ ସେଇ ସଙ୍ଗୀତର ମଧୁର ଧ୍ୱନି ସହ ଅଭ୍ୟସ୍ତ ହୋଇସାରିଥିବା ନୀଳକଣ୍ଠ ଏବେ ତିନିଦିନ ହେଲା ପୁଣି ଶିବରାତ୍ରି ଜାଗର ପାଳିବାକୁ ବାଧ ହୋଇଛନ୍ତି।

ମୂଳ ତେଲୁଗୁରୁ ଭାଷାନ୍ତର: **ଆଶୁତୋଷ ପାତ୍ର**
ମୋ: ୯୪୩୭୯୦୮୦୭୦

# ଠିକଣା ନ ଥିବା ବୁଢ଼ୀ

**ଜ୍ୟୋତ୍ସ୍ନାରାଣୀ ଦାଶ**

ମିନି ଗଳ୍ପ

ଗାଁଆଁରେ ଚାଷବାସ କରି ଚଳୁଥିବା ପୁଅଟି ଦିନେ ମାଆକୁ ଆଣି ସହରରେ ବାବୁ ବନିଥିବା ବଡ଼ପୁଅ ପାଖରେ ଛାଡ଼ିଦେଇ ନିଶ୍ଚିନ୍ତରେ ଫେରିଗଲା ଘରକୁ। ବସ୍‌ରେ ବସି ମନକୁମନ କହୁଥିଲା- ଓହୋ, ମଣିଷ ତ୍ରାହି ପାଇଗଲା। ସ୍ତ୍ରୀ ସହିତ କଳିଝଗଡ଼ାରୁ ମୁକ୍ତି। ମସ୍ତବଡ଼ ଝିନ୍‌ଝଟ୍‌ରୁ ବଞ୍ଚିଗଲା ମଣିଷ।

ସହରରେ ରହୁଥିବା ବଡ଼ପୁଅଟି ଦିନେ ସ୍ତ୍ରୀ କଥାରେ ପଡ଼ି ମନ୍ଦିର ଦର୍ଶନ ନାଁରେ ବୁଢ଼ୀମାଆଟାକୁ ଛାଡ଼ି ଦେଇଗଲା 'ଜରାନିବାସ' ସାମ୍ନାରେ। ସକାଳୁ ସଞ୍ଜଯାଏ ଗଛମୂଳେ ବସିଥିବା ବୁଢ଼ୀଲୋକଟିର ବିବଶତାକୁ ଦେଖି 'ଆଶ୍ରା'ର ମାଲିକ ପାଖକୁ ଆସି ପଚାରିଲେ- ମାଆ, ମୁଁ ଦେଖୁଛି ଆପଣ ଏଇଠି ବହୁତ ସମୟ ବସିଲେଣି। କାହାକୁ ଅପେକ୍ଷା କରିଛନ୍ତି କି? ମୋତେ କୁହନ୍ତୁନା ମୁଁ ନେଇ ଆପଣଙ୍କୁ ତାଙ୍କ ପାଖରେ ପହଞ୍ଚାଇଦେବି।

ମଉଳା ମୁହଁରେ ହସଧାରେ ଫୁଟାଇ ବୁଢ଼ୀ ଉତ୍ତର ଦେଲା- ପୁଅ! ପେଟର ଭୋକକୁ ପିଠିରେ ପକାଇ ଆହାରବାଣ୍ଟି ପାଞ୍ଚ ପାଞ୍ଚଟା ଛୁଆଙ୍କୁ ବଡ଼ କରିଥିଲି ଯେ, ଏବେ ଛୁଆମାନେ ବଡ଼ ହେବା ପରେ ଏ ବୁଢ଼ୀମାଆଟାର ଶୁଖିଲା ପେଟକୁ ଦାନା ମୁଠାଏ ଯୋଗାଡ଼ି ନ ପାରି ଛାଡ଼ି ଦେଇଗଲେ ମଝିଦାଣ୍ଡରେ। ସେଇ ଅଯୋଗା ପୁଅଙ୍କ ନାଁ କି ଠିକଣା କହି ଏ ଅଲୋଡ଼ା ସମ୍ପର୍କକୁ ଅପମାନିତ କରିବାକୁ ମୁଁ ଚାହେଁନା।

'ଜରାନିବାସ'ର ମାଲିକ ବୁଝିପାରିଲେ ବୁଢ଼ୀମାଆର ମର୍ମବେଦନା। ତା'ପରେ ହାତଧରି ବାଟ କଢ଼ାଇନେଲେ 'ଜରାନିବାସ' ଆଡ଼େ।

ମୋ: ୭୫୪୦୯୧୦୪୮୧

## କାଳକାଳକୁ



**"କବିତା ସେଇ ଦର୍ପଣ, ଯାହା ଖଣ୍ଡିତ ବାସ୍ତବକୁ ବୈଦୁର୍ଯ୍ୟମୟ କରେ"**
**- ପି.ବି. ଶେଲୀ**

**ପି.ବି. ଶେଲୀଙ୍କ** ଜନ୍ମ ୪ ଅଗଷ୍ଟ ୧୭୯୨ରେ, ଇଂଲଣ୍ଡର ହର୍ଷାମ୍‌ଠାରେ ଓ ପରଲୋକ ସାର୍ଡିନିଆ (ଏବର ଇଟାଲୀ)ରେ ୮ ଜୁଲାଇ ୧୮୨୨ରେ। ତାଙ୍କର ଲୋକପ୍ରସିଦ୍ଧ ସାରସ୍ୱତ କୃତିଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଓଡେ ଟୁ ଦ ୱେଷ୍ଟ ଉଇଣ୍ଡ୍' (୧୮୧୯), 'ଟୁ ଏ ସ୍କାଇଲାର୍କ' (୧୮୨୦), 'ଦ ମାସ୍କ ଅଫ୍ ଆନାର୍କି' (୧୮୧୯), ଦୀର୍ଘ କବିତା 'ଦ ସ୍ପିରିଟ୍ ଅଫ୍ ସଲିଟ୍ୟୁଡ୍' (୧୮୧୫) ଓ 'ପ୍ରୋମେଥିଅସ୍ ଅନ୍‌ବାଉଣ୍ଡ୍' (୧୮୨୦)। ପ୍ରଖ୍ୟାତ ଆମେରିକୀୟ ସମାଲୋଚକ ହାରୋଲ୍‌ଡ ବ୍ଲୁମ୍ ଶେଲୀଙ୍କୁ 'ଅତୁଳନୀୟ କବିଶିଳ୍ପୀ' ଭାବେ ଆଖ୍ୟାୟିତ କରିଥିଲେ। କବିତା ସାଙ୍ଗକୁ ନାଟକ, ଉପନ୍ୟାସ ଓ ନିବନ୍ଧରେ କୀର୍ତ୍ତିମାନ ସ୍ଥାପନ କରିଥିବା ଏହି କବିଙ୍କୁ କିନ୍ତୁ ତାଙ୍କ ଜୀବଦ୍ଦଶାରେ ଖ୍ୟାତି ମିଳି ନ ଥିଲା, ଅଥଚ ତାଙ୍କ କବିତା ବ୍ରାଉନିଂ, ସୁଇନ୍ ବର୍ନ, ହାର୍ଡି ଓ ୟେଟ୍‌ସଙ୍କ ଭଳି ପ୍ରଖ୍ୟାତ କବିଙ୍କୁ ପ୍ରଭାବିତ କରିଥିଲା। ଏକ ନୌକା ଦୁର୍ଘଟଣାରେ ମାତ୍ର ୨୯ବର୍ଷ ବୟସରେ ଏହି ଦୀପ୍ତିମାନ୍ ଲେଖକଙ୍କର ଜୀବନଦୀପ ଲିଭି ଯାଇଥିଲା।

# ବାପା

**ଆଶାରାଣୀ ପଣ୍ଡା**

ଗଳ୍ପ

ଏପ୍ରିଲ୍ ମାସର ୨ୟ ସପ୍ତାହ, ନୀଳିମା ଫୋନ୍ ମାଧ୍ୟମରେ ଖବର ପାଇଲେ ତାଙ୍କ ବାପା ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ବଡ଼ଭାଇ ତାଙ୍କୁ ରାଜଧାନୀ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲରେ ଆଡ୍‌ମିଶନ କରିଦେଇଛନ୍ତି। ଅବସ୍ଥା ଭାରି ଖରାପ, ଫୋନ୍ ପାଇ ସ୍ତବ୍ଧ ହୋଇଗଲେ ନୀଳିମା। 'କରୋନା' ଯୋଗୁଁ ସାରା ଦେଶରେ ଲକ୍‌ଡାଉନ୍ ଚାଲିଛି। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଭାରି ଅସୁବିଧା। ମନ ଚାହୁଁଥିଲା ଦୌଡ଼ିଯାଇ ବାପାଙ୍କ ରୁଗ୍‌ଣ ଛାତି ଉପରେ ଲୋଟିପଡ଼ିବାକୁ। ନୀଳିମା ଏକମାତ୍ର ଝିଅ ମା'ବାପାଙ୍କର। ତିନି ଭାଇରେ ଗୋଟିଏ ଭଉଣୀ। ବାପାଙ୍କ ଆଖିର ତାରା।

ବାହାଘର ପରେ ସ୍ୱାମୀ ବିବେକ ସହ ଦିଲ୍ଲୀରେ ରହେ। ବିବେକ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ। ନୀଳିମା ମଧ୍ୟ ଇଂରାଜୀ ମିଡିୟମ ସ୍କୁଲରେ ଶିକ୍ଷକତା କରେ। ବାପାଙ୍କର ବୟସ ଅଶୀ ପାଖେଇଲାଣି। ବୋଉ ପାଞ୍ଚ ବର୍ଷ ହେଲା କାଚ ସିନ୍ଦୂର ନେଇ ଆରପାରିକୁ ଚାଲିଗଲାଣି। ବୋଉ ଗଲା ପରେ ବାପା ଖୁବ୍ ଭାଙ୍ଗିପଡ଼ିଛନ୍ତି। ବାପା ଭୁବନେଶ୍ୱରରେ ବଡ଼ଭାଇନା ପାଖରେ ରୁହନ୍ତି। ନୀଳିମାର ସାନଭାଇ ବାଙ୍ଗାଲୋରରେ ରୁହେ। ବାପା କିନ୍ତୁ ବୋଉ ଗଲା ପରେ କୁଆଡ଼େ ଯାଆନ୍ତିନି। ଭୁବନେଶ୍ୱରରେ ତାଙ୍କ ପୁରୁଣା ସାଙ୍ଗସାଥୀ, ବନ୍ଧୁବାନ୍ଧବ। ତେଣୁ ଏଇଠି ତାଙ୍କୁ ଭଲ ଲାଗେ। ଏଇମାନଙ୍କ ଗହଳି ଚହଳି ଭିତରେ ସମୟ କଟିଯାଏ। ଦିଲ୍ଲୀ କି ବାଙ୍ଗାଲୋର ଯିବାକୁ ଇଚ୍ଛା କରନ୍ତିନି।

ନୀଳିମା ଭାବନା ରାଜ୍ୟରେ ହଜିଯାଇଥିଲା। ବାସ୍ତବତାକୁ ଫେରି ଆସିବାରୁ ଆଖିର ଲୁହ ଆଉ ବାଧା ମାନିଲାନି। ଏଇ ସମୟରେ ସିଏ କ'ଣ କରିପାରିବ! ବିକଳ ହୋଇ ଭିଡିଓ କଲ୍ ଦ୍ୱାରା ବାପାଙ୍କୁ ଦେଖିଲା। ବାପା ଆଇସିୟୁରେ ଥା'ନ୍ତି। ଖନେଇ ଖନେଇ କିଛି କଥା ହେଲେ, ବୁଝି ହେଉ ନଥାଏ। ନୀଳିମା ଆଖିରେ ଟଳମଟଳ ଲୁହ। ବାପାଙ୍କୁ ଲୁଚାଇବାକୁ ବାଟ ପାଉ ନ ଥାଏ। ବଡ଼ଭାଇ ପାଖରେ ଥା'ନ୍ତି। ସେଇଦିନଠାରୁ ନୀଳିମା ବିବ୍ରତ ରହିଲା। ଖାଇବା ପିଇବାରେ ମନ ଲାଗିଲାନି। ଘର କାମରେ ଧ୍ୟାନ ନାହିଁ। ସହଜେ ତ ବାହାରକୁ ଯିବା ବନ୍ଦ। ସତରେ ସିଏ ଯାଇପାରିବ ବାପାଙ୍କୁ ଦେଖିବାକୁ, ଏକଥା ବିଶ୍ୱାସ ହେଉ ନ ଥାଏ। ରାତିରେ ଆଖିକୁ ନିଦ ଆସେନି। ଛଟପଟରେ ରାତି ପାହିଯାଏ।

କେତେଦିନ ପରେ ସାନଭାଇ ନିଲୁ କାର୍ ଯୋଗେ ବାଙ୍ଗାଲୋରରୁ ଆସି ଭୁବନେଶ୍ୱରରେ ପହଞ୍ଚିଲା। ପୁଣି କ୍ୱାରାଣ୍ଟାଇନ୍‌ରେ ଚଉଦ ଦିନ। ତଥାପି ନିଲୁକୁ ଲାଗୁଥାଏ ଯେ ସିଏ ବାପାଙ୍କ ପାଖରେ ଅଛି। ସେତେବେଳକୁ ଡାକ୍ତରଙ୍କ ପରାମର୍ଶକ୍ରମେ ବାପା ଘରକୁ ଆସିଲେଣି। ସ୍ୱାସ୍ଥ୍ୟାବସ୍ଥା ବେଶୀ କିଛି ବଦଳି ନ ଥାଏ। ବ୍ୟସ୍ତତା ଭିତରେ ସମୟ କଟୁଥାଏ। ମେ ମାସ ପଚିଶ ତାରିଖ ବେଳକୁ ଫ୍ଲାଇଟ୍ ଚାଲିଲା। ନୀଳିମା ଆସି ସତେଇଶ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଲା, କିନ୍ତୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। କାନ୍ଦିକାନ୍ଦି କହୁଥାଏ, ଥରଟିଏ ମତେ ବାପାଙ୍କୁ ଦେଖିବାର ଅନୁମତି ମିଳୁ। ତା' ପରେ ମୁଁ କ୍ୱାରାଣ୍ଟାଇନ୍‌ରେ ରହିବି।



ସତକୁ ସତ ଭାଉଜ ଦୁହିଁଙ୍କ ଅନିଚ୍ଛା ସତ୍ତ୍ୱେ ବଡ଼ଭାଇ ବାପାଙ୍କୁ ଦେଖା କରିବାକୁ ସବୁ ସୁବିଧା କରିଦେଲେ। ନୀଳିମା ବାପାଙ୍କ ଶଯ୍ୟା ପାଖକୁ ଆସିଲା। ବାପା ନିର୍ଲିପ୍ତ ହୋଇ ଉପରକୁ ଚାହିଁଥିଲେ। ଗୋଡ଼ ଦୁଇଟା ଶୁଖିଲା କାଠ ପରି ଦିଶୁଥାଏ। ଦେହଟା ଶୁଖି କଳା ପଡ଼ିଯାଇଥାଏ। ନୀଳିମା ବାପାଙ୍କ ନିକଟରେ ବସିପଡ଼ିଲା। ଆଖିର ଲୁହସବୁ ବାଧା ମାନୁ ନ ଥିଲା। ବାପା କିଛି କହିପାରୁ ନ ଥିଲେ। ବାପାଙ୍କ ହାତଟିକୁ ନିଜ କୋଳକୁ ଉଠାଇନେଲା। କେଇ ମିନିଟ୍ ଅନ୍ତରାଳରେ ବାପା ଆଖି ବୁଜିଦେଲେ। ମୁଣ୍ଡଟା ଗୋଟିଏ ପଟକୁ ଗଡ଼ିପଡ଼ିଲା। ଦୁଇ ଭାଇଯାକ ଶଯ୍ୟା ନିକଟକୁ ଚାଲି ଆସିଲେ। ରୁନ୍ଧି ହୋଇ ରହିଥିବା କୋହ ସବୁ ବାହାରି ଆସିବା ଆଗରୁ ନୀଳିମା ସେଠୁ ଅପସରିଗଲା ବଡ଼ଭାଇଙ୍କ ନିର୍ଦ୍ଦେଶରେ।

ସମସ୍ତଙ୍କୁ ଠକିଦେଇ ବାପା ଚାଲିଗଲେ। ବଡ଼ଭାଇଙ୍କ ନିର୍ଦ୍ଦେଶରେ ନୀଳିମା କ୍ୱାରାଣ୍ଟାଇନ୍‌କୁ ଚାଲିଗଲା। ବାପାଙ୍କର ଅନ୍ୟ କିଛି କ୍ରିୟାକର୍ମରେ ଭାଗ ନେବାକୁ ନୀଳିମାକୁ ଦିଆଗଲାନି। କାରଣ ବାହାର ଲୋକ ଜାଣିଲେ ସେମାନେ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବେନି। ଚଉଦଦିନ ନୀଳିମାର ସେଇ କ୍ୱାରାଣ୍ଟାଇନ୍ ସେଣ୍ଟରରେ କେମିତି କଟିଛି ସେ କଥା ଅନୁଭବୀ ନ ହେଲେ କେହି ବୁଝିପାରିବେନି। ସେଇଠୁ ସେ ଦିଲ୍ଲୀ ଫେରିଗଲା। ଫେରିଲାବେଳକୁ ତା' ଆଖିରେ କେବଳ ଲୁହ ଥିଲା, ଆଉ ଛାତି ତଳେ ଥିଲା ମା'ବାପାଙ୍କର ଅନେକ ସ୍ମୃତି।

ମୋ: ୯୯୩୮୧୯୯୪୧୪

# କବିତା

## ଖରାଛୁଟି

**ମୁକ୍ତେଶ୍ୱର ଚୌଧୁରୀ**

ଏମିତି କଟିଗଲା ଖରାଦିନ,
ତା'କୁ ଅପେକ୍ଷା କରି...
ସେ କେତେବେଳେ ଆସିବ
ଆମେ ପୁଣି ସାଙ୍ଗ ହୋଇ
ଚାଲିବୁ ସୂର୍ଯ୍ୟ ତାପରେ ସିଝୁଥିବା
ବିଲ ଭିତର ଦେଇ।
ଆମେ ଗଲାବେଳେ ନଈଧାରକୁ ଛୁଇଁବା?
ମୁଁ ତମ ନାଁ ପଚାରିବି ଓ କହିବି
ମୋ ନିଃସଙ୍ଗତାକୁ, ଯା' ଏଠୁ ଏବେ ତ
ମୋତେ କେଜାଣି କେତେ ସାଙ୍ଗ ମିଳିବେ।

ମୁଁ ଜାଣିଛି, ସବୁଥର ପରି ତୁମେ ପଛକୁ ହଟିଯିବ
ମୋ ହାତ ଛିଞ୍ଚାଡ଼ି ଦେଇ ଫେରିଯିବା ଆଗରୁ
ଥରଟେ ପଚାରେ ତୁମ ପରିଚୟ!
ତୁମେ କ'ଣ ବାରମ୍ବାର ଧୋକା
ଦେଉଥିବ ବିଧାତା? ନା ଜଲ୍‌ଦି କ୍ଷୀଣ
ହେଉଥିବ ମୋ'ର ଭାଗ୍ୟରାଶି? ନିଷ୍ଠୁର
ଭାବରେ କହିଲେ ତୁମେ ତ କେବଳ
ଗୋଟେ ସ୍ମୃତି ଯାହା ମୋତେ ହନ୍ତସନ୍ତ
କରି ଆସିଛି ଏତେ ବର୍ଷ ଧରି।

ହୁଏତ ମୁଁ ଅନେକ ବର୍ଷ ଧରି
ଏଠିକି ଆସିବିନି। ତା' ପରେ
କ'ଣ ହେବ? ନଈ ଶୁଖିଯିବ?
ଘୋଘୋ କମ୍ପୁଥିବା ଖଞ୍ଜାଘର ଶୂନ୍‌ଶାନ୍
ହୋଇଯିବ? ତମେ ବି ଲୁଚକାଳି ଖେଳିବ?
ମୁଁ ତ ବଡ଼ ଦ୍ୱନ୍ଦ୍ୱରେ ଅଛି। ସଖା, ସୋଦର ମୋ'ର!

ମୋ: ୯୮୬୧୦୪୬୬୯୪

## ସମୟର ସୁନ୍ଦରତା

**ଡ. କନକ ମଞ୍ଜରୀ ପଟ୍ଟନାୟକ**

ଗହଣବିଜେ ଭଳି ବିରଳ ଦିନମାନେ
ଆସୁଥା'ନ୍ତୁ ଜୀବନରେ
ଘଣ୍ଟି ଘଣ୍ଟା କାହାଳୀ ବଜାଇ,
ପ୍ରାକୃତିକ ପୋଲଟିଏ ଦିଶୁଥାଉ
ଅଗ୍ନାଅଗ୍ନି ବନସ୍ତ ଭିତରେ,
ଉଶ୍ୱାସ ଲାଗୁଥାଉ ସବୁ ଦୁଃଖର ବୋଝ।

ଦୁଃଖ- ଅଗଣାରେ ଛିଡ଼ା ହୋଇ
ସ୍ୱଚ୍ଛନ୍ଦରେ ବୁଜିଦେଲେ ଆଖି
ବିଶ୍ୱ ବନିଯାଉ ନୀଳନଭ।

ଅଗଣିତ ତାରାର ମୁକୁରରେ
ସବୁରାତି ଝଲସୁଥାଉ ଉଜ୍ଜ୍ୱଳ ଉଜ୍ଜ୍ୱଳ
ଜୀବନ ଦୀପଦଣ୍ଡିରେ
ସବୁ ଜଳ କଳକଳ
ଉଚ୍ଛଳ- ଉଚ୍ଛଳ।

ମୋ: ୯୪୩୮୬୦୫୧୫୪

### ଗୀତି-କବିତା

## ମେଘତଳେ ଆଜି ମଳିନ ଜ୍ୟୋତ୍ସ୍ନା

**ଧନଞ୍ଜୟ ସ୍ୱାଇଁ**

ମେଘତଳେ ଆଜି ମଳିନ ଜ୍ୟୋତ୍ସ୍ନା
ଦିଶୁନି ଜହ୍ନ କି ତାରା
ତୁମ ଓଦା ଆଖି ପରି ଏ ଆକାଶ
ଅଧୀର, ଅଶ୍ରୁଝରା ॥୦॥

କାଳିମେଘ ଧାରେ ସନ୍ଧ୍ୟାର କଢ଼
ଫୁଲ ହୋଇ ଯାଏ ଫୁଟି
ଭଗ୍ନ ହୃଦୟେ ତୁମ ସ୍ମୃତି ଆଙ୍କେ
ଲକ୍ଷେ ଶ୍ରାବଣର ଝୋଟି
ଦୁଆର ପାହାଚେ
ମହୁଝରା ମେଘ ନୂଆ କୁଣିଆଟି ପରା
ଅଧୀର, ଅଶ୍ରୁଝରା... ॥୧॥

ମାଟିର ବିଟପି ଇସାରାରେ ବର୍ଷା
ଖୋଜେ ନିରିଜନ ବେଳ
ମାଟି ଲାଗି ଝରି ରହୁଥାଏ ସିଏ
ବୟସ ରତୁର ଖେଳ
ମେଘ ଦେଖି ମାଟି
ଆକାଶେ ଆଲୁଅ ମାଖି ହୁଏ ମୁହଁ ସାରା
ଅଧୀର, ଅଶ୍ରୁଝରା...॥୨॥

ମୋ: ୯୪୩୭୦୦୦୬୩୬

## କି ଭରସା ଅଛି

**ଡ. ଦୁର୍ଯ୍ୟୋଧନ ଦାସ**

ଗୋଲାପ ବୋଲି ମୁଁ ଯାହାକୁ ତୋଳିଲି
ସେତ ଲାଲ୍ ରଙ୍ଗ ନିଆଁ
ବାହାରେ ଶୀତଳ ଭିତରେ ଗରମ
ଧରୁଧରୁ ଲାଗେ ଚିଆଁ।

କଳା କେଶ ବୋଲି ସାଉଁଳେ ଯାହାକୁ
ସେ ତ ମହାକାଳକୂଟ
ବାହାରେ ମସୃଣ ଭିତରେ ବନ୍ଧୁର
ଛୁଉଁ ଛୁଉଁ ମାରେ ଚୋଟ।

ସୁନା ବେଦି ପରେ ସଜା ଅଛି ଯେଉଁ
ଧାନପୂର୍ଣ୍ଣ ସେର ମାଣ
ପୂଜା କଥା ଛାଡ଼ ଚନ୍ଦନ ବୋଳାକୁ
ମିଳୁନାହିଁ ନିମନ୍ତ୍ରଣ।

ଯେଉଁ ଆଖି ଦୁଇ ଡାକୁଛି ପାଖକୁ
ତୋଳି ମମତାର ମୋହ
ସେ ଯେ ହେବ ନାହିଁ ବିଷବୋଳା ଛୁରି
କି ଭରସା ଅଛି କୁହ?

ମୋ: ୯୪୩୭୨୧୪୦୨୧

## ପୂର୍ବତନ ଉପାଧ୍ୟକ୍ଷାଙ୍କ ପରଲୋକ

ଛେଣ୍ଡିପଦା,(ସ୍ୱ.ପ୍ର): ଛେଣ୍ଡିପଦା ବ୍ଲକର ପୂର୍ବତନ ଉପାଧ୍ୟକ୍ଷା ଅବଳା ବେହେରା(୬୭)ଙ୍କ ବୁଧବାର ପରଲୋକ ହୋଇଛି। ସେ ଜଣେ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଛେଣ୍ଡିପଦା ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ସମ୍ପାଦକ ରବୀନ୍ଦ୍ର ବେହେରା, ପୂର୍ବତନ ଗ୍ରାମ ସଭାପତି ଗୋବର୍ଦ୍ଧନ ନାୟକ, ଯୁବନେତା ଅକ୍ଷୟପାଦ ବେହେରା ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଖଣି ପାଇଁ ଗାଁ ଛାଡ଼ିଦେଲେ

- ଏକକାଳୀନ ବିସ୍ଥାପନ ପ୍ୟାକେଜ ନେଇ ଗ୍ରାମବାସୀ ଖୁସି
- ଭାଲୁଗାଡ଼ିଆରୁ ଉତ୍ତୋଳନ ହେବ ୨୧ ମିଲିୟନ ଟନ୍ କୋଇଲା
- ତାଳଚେର ଏମ୍‌ସିଏଲ୍ ଇତିହାସରେ ପ୍ରଥମ ଘଟଣା



ତାଳଚେର,୨୮।୭ (ନି.ପ୍ର.)

କୋଇଲା ଖଣି ପାଇଁ ଜମି ଅଧିଗ୍ରହଣକୁ ନେଇ ଅନୁଗୋଳ ଜିଲା ତାଳଚେରଠାରେ ମହାନଦୀ କୋଲ୍ ଫିଲ୍ଡ୍‌ସ ଲିମିଟେଡ (ଏମ୍‌ସିଏଲ୍) ଓ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ମଧ୍ୟରେ ପ୍ରାୟତଃ ବିବାଦ ଦେଖାଦିଏ। ବିରୋଧ, ଆନ୍ଦୋଳନ ଯୋଗୁ ଦିନ ଦିନ ଧରି ଖଣି କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ହେଲେ ଚଳିତମାସରେ ଏମ୍‌ସିଏଲ୍ ଇତିହାସରେ ଘଟିଛି ଏକ ନୂଆ ଘଟଣା। ବିନା ବିରୋଧରେ ଖଣି ପାଇଁ ଗାଁ ଛାଡ଼ି ଚାଲିଯାଇଛନ୍ତି ଭାଲୁଗାଡ଼ିଆ ଗ୍ରାମବାସୀ। ଏମ୍‌ସିଏଲ୍‌ର ଏକକାଳୀନ ବିସ୍ଥାପନ ପ୍ୟାକେଜ ଓ କମ୍ପାନୀ-ଗ୍ରାମବାସୀ-ପ୍ରଶାସନର ପାରସ୍ପରିକ ବିଶ୍ୱାସ, ସହଯୋଗ ଯୋଗୁ ଏହା ସମ୍ଭବ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଏମ୍‌ସିଏଲ୍‌ର ହିଙ୍ଗୁଳାକ୍ଷେତ୍ର ପାଇଁ ଅଧିକ ଜମି ଆବଶ୍ୟକ ହେବାରୁ ତାଳଚେର ବ୍ଲକ ଭାଲୁଗାଡିଆ ଗ୍ରାମର ୨୯୦.୬୫ ଏକର ଅଧିଗ୍ରହଣ ନିମନ୍ତେ ୨୦୦୩ ମସିହାରେ ୪(୧) ଓ ୨୦୦୭ରେ ୯(୧) ନୋଟିଫିକେଶନ ହୋଇଥିଲା। ୨୦୧୦ ମସିହାକୁ କଟ୍ ଅଫ ଡେଟ୍ ଭାବେ ଗ୍ରହଣ କରାଯାଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ଗ୍ରାମର ୨୦୩ ଜଣ ଚାକିରି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୯୨ ଜଣଙ୍କୁ ଚାକିରି ଓ ୬ଜଣଙ୍କୁ ଚାକିରି ବଦଳରେ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା। ୨୦୧୦ ମସିହା ପରେ ଚାଷଜମି ପାଇଁ ୨୫୪ କୋଟି ୭୯ ଲକ୍ଷ ୭୭ ହଜାର ଓ ଘରବାଡ଼ି ବାବଦରେ ୧୬ କୋଟି ୫୮ଲକ୍ଷ ୭୭ ହଜାର ୯୯୮ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ତେବେ ଏକକାଳୀନ ପ୍ରଶାସନ ଓ ଏମ୍‌ସିଏଲ୍ ଅଧିକାରୀଙ୍କ ସ୍ତରରେ ୩/୪ ଥର ବୈଠକ ହୋଇଥିଲା। ଗ୍ରାମର କେତେଜଣ ଉଦୀୟମାନ ଯୁବକ ଏମ୍‌ସିଏଲ୍ ଅଧିକାରୀଙ୍କ ସହିତ ଆଲୋଚନା କରି ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ପରସ୍ପର ମଧ୍ୟରେ ବିଶ୍ୱାସ ଆସିବା ପରେ ଏ ନେଇ ସହମତି ପ୍ରକାଶ ପାଇଥିଲା। ଗତ ଜୁନ ୧୬ରୁ ଜୁଲାଇ ୯ ତାରିଖ ମଧ୍ୟରେ ଭାଲୁଗାଡ଼ିଆ ଗ୍ରାମବାସୀ ଘରଦ୍ୱାର ଭାଙ୍ଗି ଏମ୍‌ସିଏଲ୍‌କୁ ବିସ୍ଥାପନ ପ୍ୟାକେଜ ଓ ଅନୁମୋଦନ ରାଶି ଦିଆଗଲେ ଘର ଭାଙ୍ଗି ଅନ୍ୟତ୍ର ଚାଲିଯିବାକୁ ଗ୍ରାମବାସୀ ଦାବି କରିଥିଲେ। ସେହିପରି ଘରଦ୍ୱାର ଖାଲି କରି ଗ୍ରାମ ହସ୍ତାନ୍ତର ପରେ ଅର୍ଥ ପ୍ରଦାନ କରାଯିବ ବୋଲି ଏମ୍‌ସିଏଲ୍ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାକୁ ନେଇ ଗାଁ ହସ୍ତାନ୍ତର କରିଦେଇଥିଲେ। ପ୍ରତିଶ୍ରୁତି ମୁତାବକ ଏମ୍‌ସିଏଲ୍ ପକ୍ଷରୁ ଗ୍ରାମର ୨୩୪ ପରିବାରକୁ ବିସ୍ଥାପନ ପ୍ୟାକେଜ ଓ ଅନୁମୋଦନ ରାଶି ବାବଦରେ ୧୯ ଲକ୍ଷ ୧୯ ହଜାର ୨୬୯ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏମ୍‌ସିଏଲ୍ ନିଜ ପ୍ରତିଶ୍ରୁତି ରକ୍ଷା କରିଥିବାରୁ ଏହାକୁ ନେଇ ଗ୍ରାମବାସୀ ଖୁସି ହୋଇଥିବା ବେଳେ ଗାଁ ଲୋକଙ୍କ ବିଶ୍ୱାସ ପାଇଁ ଏମ୍‌ସିଏଲ୍ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିନା ବିବାଦ ଓ ବିରୋଧରେ ଭାଲୁଗାଡ଼ିଆ ଗ୍ରାମର ମୋଟ୍ ୨୯୦.୬୫ ଏକର ଜମି ମିଳିଯାଇଥିବାରୁ ଏମ୍‌ସିଏଲ୍ ପକ୍ଷରୁ ସେଠାରୁ ୨୧ ମିଲିୟନ ଟନ୍ କୋଇଲା ଉତ୍ତୋଳନ କରାଯିବାର ଲକ୍ଷ୍ୟ ରଖାଯାଇଛି।

### ପ୍ରେରଣାଦାୟୀ, ସ୍ମରଣୀୟ ଘଟଣା



"ଉତ୍ତମ ବୁଝାମଣା ଓ ପାରସ୍ପରିକ ବିଶ୍ୱାସ ଯୋଗୁ ଏହା ସମ୍ଭବ ହେଲା। ଏହା ଅତ୍ୟନ୍ତ ପ୍ରେରଣାଦାୟୀ ଓ ସ୍ମରଣୀୟ ଘଟଣା। ରାଜ୍ୟ ସରକାରଙ୍କ ସକ୍ରିୟ ସମର୍ଥନ ଓ ମାର୍ଗଦର୍ଶନ ସହିତ ହିଙ୍ଗୁଳା କ୍ଷେତ୍ରର ପରିଚାଳକଙ୍କ ଉଦ୍ୟମ ସହ ଠିକ୍ ପରିଚାଳନା ଯୋଗୁ ଏପରି କାର୍ଯ୍ୟ ସମ୍ଭବ ହୋଇପାରିଛି।

-ପି.କେ. ସିହ୍ନା, ସିଏମ୍‌ଡି ଏମ୍‌ସିଏଲ୍

### ପ୍ରତିଶ୍ରୁତି ରକ୍ଷାକଲା କମ୍ପାନୀ



"ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବେ ବୋଲି ପ୍ରଥମେ ଗ୍ରାମବାସୀ ବିଶ୍ୱାସ କରୁ ନ ଥିଲେ। ହେଲେ ଖଣି କମ୍ପାନୀ କ୍ଷତିଗ୍ରସ୍ତଙ୍କ ସମସ୍ୟାର ସମାଧାନ କରିଛି। ଫଳରେ ଘରଦ୍ୱାର ଭାଙ୍ଗି କମ୍ପାନୀକୁ ଗାଁ ଟେକି ଦିଆଯାଇଛି। ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଓ ପ୍ରଶାସନକୁ କୃତଜ୍ଞତା ଜଣାଉଛୁ।

-ଅନାଦି ସାହୁ, ଭାଲୁଗାଡ଼ିଆ ଗ୍ରାମବାସୀ

### ଗ୍ରାମବାସୀ ବହୁତ ଖୁସି



"ଏମ୍‌ସିଏଲ୍‌ଠାରୁ ଯେଉଁ ସହଯୋଗ ଆଶା କରୁଥିଲୁ, ତାହା ମିଳିଲା। ଲୋକଙ୍କ ଦାବି ଅନୁସାରେ ଟଙ୍କା ଦିଆଗଲା। ଏଥିରେ ଗ୍ରାମବାସୀ ବହୁତ ଖୁସି। ସେଥିପାଇଁ ଗ୍ରାମ ଖାଲି କରି ଅନ୍ୟତ୍ର ଚାଲିଆସିଛୁ। ପ୍ରଶାସନ, ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଉଛୁ।

- ପଦ୍ମନାଭ ପ୍ରଧାନ, ଭାଲୁଗାଡ଼ିଆ ଗ୍ରାମବାସୀ

### ବିଶ୍ୱାସଭାବ ସୃଷ୍ଟି କଲୁ



"ପ୍ରଥମେ ଗ୍ରାମବାସୀଙ୍କ ମନ ଜିଣିଲୁ। ତାଙ୍କ ସହ ବିଶ୍ୱାସଭାବ ସୃଷ୍ଟି କଲୁ। ଏହାପରେ ଗ୍ରାମବାସୀ କମ୍ପାନୀକୁ ସହଯୋଗ କଲେ। ଘରଭାଙ୍ଗି ଗ୍ରାମ ଖାଲି କରିଦେଲେ। ୩/୪ ଦିନ ମଧ୍ୟରେ ୨୩୪ ପରିବାରକୁ ବିସ୍ଥାପନ ପ୍ୟାକେଜ ଓ ଅନୁମୋଦନ ରାଶି ପ୍ରଦାନ କରାଯାଇଛି। ଅନ୍ୟ ଗ୍ରାମ କ୍ଷେତ୍ରରେ ଏହା ଲାଗୁ ହେବ।

-ସଞ୍ଜୟ କୁମାର ଦେ, ଭୂ-ଅର୍ଜନ ଅଧିକାରୀ, ହିଙ୍ଗୁଳାକ୍ଷେତ୍ର

### ଅନ୍ୟ ଗ୍ରାମ ପାଇଁ ଉଦାହରଣ



"ବିନା ବାଧାରେ ଗ୍ରାମବାସୀ ଖୁସିରେ ଖୁସିରେ ଗ୍ରାମଛାଡ଼ି ଚାଲିଗଲେ। ଏହା ଏକ ଅନନ୍ୟ ଘଟଣା। ଗ୍ରାମବାସୀ ଓ ମ୍ୟାନେଜମେଣ୍ଟ ମିଳିମିଶି କାମ କଲେ ସଫଳତା ନିଶ୍ଚିତ ମିଳିବ। ଏହା ଅନ୍ୟ ଗ୍ରାମବାସୀଙ୍କ ପାଇଁ ଏକ ଉଦାହରଣ। ଗାଁ ଲୋକେ, ରାଜ୍ୟ ଓ ଜିଲା ପ୍ରଶାସନ ଏବଂ ରାଜନେତାଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇଛି।

-ପି.ବି. ରେଡି, ମହାପ୍ରବନ୍ଧକ, ହିଙ୍ଗୁଳାକ୍ଷେତ୍ର

## ସଂକ୍ଷେପରେ

### ୫୯ ଆକ୍ରାନ୍ତ, ୯ ମୃତ

ଅନୁଗୋଳ ଅଫିସ, ୨୮।୭: ଅନୁଗୋଳ ଜିଲାରୁ ବୁଧବାର ୫୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୨ ହଜାର ୮୯୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଟରପାଳ ବ୍ଲକରୁ ୧୧ ଜଣ ରହିଥିବାବେଳେ ଅନୁଗୋଳ ବ୍ଲକରୁ ୮, ଅନୁଗୋଳ ପୌରାଞ୍ଚଳରୁ ୭, କଣିହାଁ ବ୍ଲକରୁ ୭, ଛେଣ୍ଡିପଦା ବ୍ଲକରୁ ୬, ଆଠମଲ୍ଲିକ ବ୍ଲକରୁ ୬, ତାଳଚେର ବ୍ଲକରୁ ୫, କିଶୋରନଗର ବ୍ଲକରୁ ୪, ପାଲଲହଡ଼ା ବ୍ଲକରୁ ୩ ଓ ତାଳଚେର ପୌରାଞ୍ଚଳରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୮୬ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିସହ କରୋନାରେ ପୁଣି ଜିଲାରୁ ୯ ଜଣଙ୍କ ଜୀବନ ଯାଇଥିବାରୁ ମୋଟ୍ ମୃତକଙ୍କ ସଂଖ୍ୟା ୨୪୪ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ମେମୋରିଆଲ ଟ୍ରଷ୍ଟ ପରିଦର୍ଶନ

କଣିହାଁ,୨୮।୭(ଡି.ଏନ.ଏ.): କଣିହାଁ ବିଡିଓ ନିଶାନ ମିଶ୍ର ବୁଧବାର କଣିହାଁ ବ୍ଲକସ୍ଥିତ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପରିଦର୍ଶନ କରିଛନ୍ତି। ଟ୍ରଷ୍ଟ ସଭାପତି ନୃସିଂହ ବରାଳ, ସମ୍ପାଦକ ନିର୍ମଳ ସାହୁ ପ୍ରମୁଖ ଉପସ୍ଥିତ ରହି ବିଡିଓଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ତରଫରୁ ପ୍ରକାଶ ପାଉଥିବା 'ଆମେ ସଂଗ୍ରାମୀ' ସ୍ମରଣିକା ପ୍ରକାଶ କରାଯାଇଥିଲା। କୋଭିଡ୍ କଟକଣା ପାଇଁ ତାଳଚେର ପ୍ରଜା ମଣ୍ଡଳ ଦିବସ ଉତ୍ସବ ହୋଇପାରୁ ନାହିଁ। ସେପ୍ଟେମ୍ବର ୬ରେ ଏହା ପାଳନ ନିମନ୍ତେ ସ୍ଥିତି ପରୀକ୍ଷା ପରେ ବିଚାର କରାଯିବ ବୋଲି କୁହାଯାଇଥିଲା। ଟ୍ରଷ୍ଟର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି

ଖମାର,୨୮।୭(ଡି.ଏନ.ଏ.): ପାଲଲହଡ଼ା ବ୍ଲକ ଖମାର ଥାନା ଉତ୍କଳମଣି ଗୋପବନ୍ଧୁ ଉଚ୍ଚବିଦ୍ୟାପୀଠ ପରିସରରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଗଣେଶ୍ୱର ମହାପାତ୍ର, ଖମାର କଲେଜ ଅଧ୍ୟକ୍ଷ ଅକ୍ଷୟ ପଣ୍ଡା, ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ଖମାର ମେଡିକାଲ ମୁଖ୍ୟ ଶଶିକାନ୍ତ ବେହେରା, ବ୍ଲକ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ବେହେରା, ପ୍ରେସ୍ କ୍ଲବ ସମସ୍ତ ସଦସ୍ୟ, ବନବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଚାଷୀଙ୍କ ପ୍ରଶିକ୍ଷଣ ଶିବିର

ଆଠମଲ୍ଲିକ,୨୮।୭(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜମି ଓ ଜଳ ପରିଚାଳନା ଅନୁଷ୍ଠାନ ପକ୍ଷରୁ ଆଠମଲ୍ଲିକ ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟ ପରିସରରେ ଚାଷୀଙ୍କ ପାଇଁ ଭର୍ଚୁଆଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆଠମଲ୍ଲିକ ବ୍ଲକ ପାଣି ପଞ୍ଚାୟତ କର୍ମକର୍ତ୍ତା ଓ ହିତାଧିକାରୀମାନେ ଯୋଗ ଦେଇଥିଲେ। ଉଠା ଜଳସେଚନ ପଏଣ୍ଟର ରକ୍ଷଣାବେକ୍ଷଣ, ଉଦ୍ୟାନ ଓ କୃଷି କାର୍ଯ୍ୟ ସମ୍ପର୍କରେ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ନରେନ୍ଦ୍ର କୁମାର ଜେନାମଣି, ରବୀନ୍ଦ୍ର କୁମାର ମାଝି, କନିଷ୍ଠ ଯନ୍ତ୍ରୀ ଅସିତ କୁମାର ପତି, ଚାଷୀ ଜୁବିନ ଆର୍ଯ୍ୟବ୍ରତ, ଭିକାରି ଚରଣ ପଣ୍ଡାଙ୍କ ସମେତ ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ସ୍ଥାନାନ୍ତର ନ କରିବାକୁ ଦାବି

ବଇଣ୍ଡା,୨୮।୭(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର ନ କରିବାକୁ ସୋମବାର ମୋ ସ୍କୁଲ ଅଭିଯାନ କମିଟି ସଭାପତି ଭଗବାନ ଘିଓ୍ୱାଲା ଓ ଅଭିଭାବକମାନେ ସମ୍ବଲପୁର ଆରଡିସିଙ୍କ ନିକଟରେ ଦାବି କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥ କଡ଼ରେ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଛି। ହେଲେ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଉକ୍ତ ବିଦ୍ୟାଳୟ ପାଚେରି ଓ ଶ୍ରେଣୀଗୃହ କ୍ଷତିଗ୍ରସ୍ତ ହୋଇଛି। ଜମି ସମସ୍ୟା ଆଳ ଦେଖାଇ ନୂତନ ବିଦ୍ୟାଳୟ ନିର୍ମାଣ କରିବାରେ ବିଳମ୍ବ କରାଯାଉଛି। ଉକ୍ତ ବିଦ୍ୟାଳୟ ପଛ ପାଖରେ ଥିବା ନୁନୁକାପଶି ମୌଜା ଖାତା ନମ୍ବର ୧୩୮, ପ୍ଲଟ ନମ୍ବର ୫୭୩ କିସମ ହାଟପଦା ୩୯ ଡିସିମିଲ ଜମିରେ ବିଦ୍ୟାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି। ହେଲେ ଉକ୍ତ ବିଦ୍ୟାଳୟକୁ ହାଇସ୍କୁଲ ନିକଟରେ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଯୋଜନା କରାଯାଉଥିବା ଅଭିଯୋଗ ହେଉଛି। ହାଇସ୍କୁଲ ନିକଟକୁ ବିଦ୍ୟାଳୟ ସ୍ଥାନାନ୍ତର ହେଲେ ଛାତ୍ରୀଛାତ୍ରମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ହାଇସ୍କୁଲ ନିକଟକୁ ସ୍ଥାନାନ୍ତର ନ କରାଯିବା ଓ ବିଦ୍ୟାଳୟ ନିକଟରେ ଥିବା ଜମି ଉପରେ ଏହା ନିର୍ମାଣ ପାଇଁ ଦାବି ହୋଇଛି।

## ମଦ ଜବତ, ଜଣେ ଗିରଫ

ବଇଣ୍ଡା,୨୮।୭(ଡି.ଏନ.ଏ.)

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ କିଶୋରନଗର ଥାନା ବଡମଲିହା ଗ୍ରାମରେ ଚଢାଉ କରାଯାଇ କେଶବ ନାୟକଙ୍କ ଘରୁ ୮ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ କେଶବଙ୍କୁ ଗିରଫ କରାଯାଇଛି।

## ଡେଙ୍ଗୁ ନିରାକରଣ ବୈଠକ




ବୈଠକରେ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

କଣିହାଁ,୨୮।୭(ଡି.ଏନ.ଏ.)

କଣିହାଁ ପଞ୍ଚାୟତ ସମିତି ପବିତ୍ରମୋହନ ସଭାଗୃହରେ ବୁଧବାର ଡେଙ୍ଗୁ ନିରାକରଣ ଓ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡା. ସୁମନ୍ତ କୁମାର ପଟେଲଙ୍କ ପରିଚାଳନାରେ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ତହସିଲଦାର ପତିତପାବନ ଦେବତା, ଏବିଡିଓ ବିଜୟ ମେହର, କୁଲୁମା, ପବିତ୍ରନଗର ଓ ବଜ୍ରକୋଟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବା ଆଶଙ୍କା ଦୂର ପାଇଁ ମଶାରୀ ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ପିଏଚଇଓ ଅଭୟ ସାମଲ, ବିପିଏମ୍ ମୋନାଲିସା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏନଟିପିସି, ଏମ୍‌ସିଏଲ୍ ଓ ଜେଆଇଟିପିଏଲ୍ ପ୍ରକଳ୍ପର ପଦାଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଡ୍ରେନ ସଫେଇକୁ ନେଇ ଉତ୍ତେଜନା

ଛେଣ୍ଡିପଦା,୨୮।୭(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ନିକଟସ୍ଥ ବେହେରା ସାହିରେ ବୁଧବାର ଡ୍ରେନ ସଫେଇକୁ ନେଇ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ, ଡ୍ରେନ ସଫା ନିମନ୍ତେ ଅର୍ଥ ଯୋଗାଇ ଦିଆଯାଇଥିଲା। ଏଥିପାଇଁ ଗ୍ରାମର ମହିଳା ସଂଘ ସକାଳେ ଡ୍ରେନ ସଫା କାମ ଆରମ୍ଭ କରିଥିଲା। କାମ ଚାଲୁଥିବାବେଳେ ମହିଳାମାନଙ୍କ ସହିତ ରିପୁ ସ୍ୱରୂପ ସାହୁଙ୍କ ଯୁକ୍ତିତର୍କ ହୋଇଥିଲା। ମହିଳାମାନଙ୍କୁ ସେ ଗାଳି ଗୁଲଜ କରିଥିଲେ। ଫଳରେ ମହିଳାମାନେ ଡ୍ରେନ ସଫେଇ ବନ୍ଦ କରି ରାତିରେ ଗ୍ରାମରେ ସଭା କରିଥିଲେ। ରିପୁ ଏକ ଟାଙ୍ଗିଆ ଆଣି ସଭା ମଧ୍ୟରେ ବୁଲାଇଥିଲେ। ପରେ ଗ୍ରାମବାସୀ ଛେଣ୍ଡିପଦା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ରିପୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଦେହରେ ନିଆଁ ଲଗାଇ ଆତ୍ମହତ୍ୟା

ଅନୁଗୋଳ ଅଫିସ, ୨୮।୭

ଅନୁଗୋଳ ଥାନା ସାକସିଙ୍ଗା ତଅଁଳା ଗ୍ରାମର ତପସ୍ୱନୀ ବେହେରା(୨୯) ବୁଧବାର ଦେହରେ କିରୋସିନ ଢାଳି ନିଆଁ



ଲଗାଇ ଆତ୍ମହତ୍ୟା କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ଅନୁଗୋଳ ପୋଲିସ ମେଡିକାଲରେ ପହଞ୍ଚି ସମ୍ପର୍କୀୟଙ୍କୁ ପଚରାଉଚରା କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ତପସ୍ୱନୀଙ୍କ ବାପଘର ବଣ୍ଟରପାଳ ଥାନା ଲଙ୍ଗୁଡ଼ିଆଗଡ଼ା। ୧୫ ବର୍ଷ ତଳେ ସେ ତଅଁଳା ଗ୍ରାମରେ ବିବାହ କରିଥିଲେ। ତାଙ୍କର ଦୁଇଟି ପୁତ୍ର ସନ୍ତାନ ରହିଛନ୍ତି। ସ୍ୱାମୀ ମାନସିକ ଭାରସାମ୍ୟ ହରାଇ ବସିବା ପରଠାରୁ ପରିବାରକୁ ନେଇ ତପସ୍ୱିନୀ ଚିନ୍ତାରେ ରହୁଥିଲେ। କିଛି ଦିନ ତଳେ ସେ ଘର ଛାଡ଼ି ଚାଲିଯାଇଥିଲେ। ତାଙ୍କୁ ଠାବ କରି ପରିବାର ଲୋକେ ଘରକୁ ଫେରାଇ ଆଣିଥିଲେ। ହେଲେ ବୁଧବାର ସକାଳେ ତପସ୍ୱିନୀ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇ ଦେଇଥିଲେ।

### ବୋହୂଙ୍କୁ ପୋଡ଼ି ହତ୍ୟା ଉଦ୍ୟମ

ଅନୁଗୋଳ ଅଫିସ, ୨୮।୭- ଅନୁଗୋଳ ସହର ଉପକଣ୍ଠରେ ଜଣେ ବୋହୂଙ୍କୁ ବୁଧବାର ଶ୍ୱଶୁର ନିଆଁରେ ପୋଡ଼ି ହତ୍ୟା ଉଦ୍ୟମ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ଗୁରୁତର ଅବସ୍ଥାରେ ବୋହୂଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ ମଧ୍ୟ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇନାହିଁ। ମହିଳାଙ୍କ ବାପ ଘର ଲୋକେ ତାଙ୍କ ଝିଅଙ୍କୁ ମାରିଦେବାକୁ ଉଦ୍ୟମ କରାଯାଇଥିବା କହିଛନ୍ତି। ମହିଳାଙ୍କ ଶାଶୁ ମଧ୍ୟ ସମାନ କଥା କହିଛନ୍ତି। ଗୁରୁତର ହୋଇଥିବା ମହିଳାଙ୍କ କହିବା ଅନୁଯାୟୀ, ବିବାହକୁ ୧୦ ବର୍ଷରୁ ଅଧିକ ହେଲାଣି। ତାଙ୍କର ଦୁଇଟି ପୁତ୍ର ସନ୍ତାନ ରହିଛି। ଶ୍ୱଶୁର ଓ ନଣନ୍ଦମାନେ ଝଗଡ଼ା କରୁଥିବାରୁ ସେ ସ୍ୱାମୀଙ୍କ ସହ ବାହାରେ ରହୁଥିଲେ। ଦିଅରଙ୍କ ବାହାଘର ଥିବାରୁ ଶାଶୁଘରକୁ ଆସିଥିଲେ। ବୁଧବାର ଶ୍ୱଶୁର କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ମହିଳା ଜଣକ ପ୍ରକାଶ କରିଛନ୍ତି। ମେଡିକାଲ ସୂତ୍ରରୁ ଅନୁଗୋଳ ଥାନାକୁ ଏ ନେଇ ସୂଚନା ପ୍ରଦାନ କରାଯାଇଛି।

## ଜିଲାରେ ୨୧୨୪ ଏଚ୍‌ଆଇଭି ପଜିଟିଭ୍

ଅନୁଗୋଳ ଅଫିସ, ୨୮।୭

ଜିଲା ଏଡ୍‌ସ୍ ନିବାରଣ ଓ ନିୟନ୍ତ୍ରଣ କମିଟି ପକ୍ଷରୁ ଜିଲାସ୍ତରୀୟ ଫାଷ୍ଟଟ୍ରାକ୍ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରି ଜିଲାରେ ଏଡ୍‌ସ୍‌ର ଭୟାବହତାକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏଥିସହ ମା' ଠାରୁ ଶିଶୁକୁ ଏଚ୍‌ଆଇଭି ସଂକ୍ରମଣ ଯେଭଳି ନ ହୁଏ ସେଥିପ୍ରତି ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ କିନ୍ନରମାନଙ୍କ ପାଇଁ ଟିକାକରଣ ଶିବିର ଆୟୋଜନ କରିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଡ୍‌ସ୍ ଆକ୍ରାନ୍ତଙ୍କୁ ବିଭିନ୍ନ ସାମାଜିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସ୍ଥିର କରାଯାଇଥିଲା। ଜିଲାରେ ୨୦୦୩ ମସିହାରୁ ଅଦ୍ୟାବଧି ୬ ଲକ୍ଷ ୯ ହଜାର ୮୦୧ ଜଣଙ୍କୁ କାଉନସେଲିଂ କରାଯାଇଛି। ୫ ଲକ୍ଷ ୫୩ ହଜାର ୨୩୬ ଜଣଙ୍କ ଏଚ୍‌ଆଇଭି ପରୀକ୍ଷା କରାଯାଇ ୨ ହଜାର ୧୨୪ ଜଣ ପଜିଟିଭ୍‌ଙ୍କୁ ଚିହ୍ନଟ କରାଯାଇଛି। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ଏଡ୍‌ସ୍ ନିୟନ୍ତ୍ରଣ ଅଧିକାରୀ ବିଶ୍ୱବିହାରୀ ମହାନ୍ତି, ଡାକ୍ତର ପ୍ରମିଳା ହୋତା, ଡାକ୍ତର ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

## ପାରିପାର୍ଶ୍ୱିକ ଉନ୍ନତି, ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ

- ସମସ୍ୟା ସମାଧାନ ଲାଗି ବସିଲା ତ୍ରିପାକ୍ଷିକ ବୈଠକ
- ଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜାସଂଘ ରଖିଲା ୧୩ ଦାବି
- ମାସେ ମଧ୍ୟରେ କାର୍ଯ୍ୟ ଅଗ୍ରଗତି ନ ହେଲେ ଆନ୍ଦୋଳନ

ଢେଙ୍କାନାଳ ଅଫିସ, ୨୮।୭



ବୈଠକରେ ଉପସ୍ଥିତ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜାସଂଘ କର୍ମକର୍ତ୍ତାମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ବୁଧବାର ପ୍ରଶାସନ, ଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜାସଂଘ, ପ୍ରମୁଖ ଶିଳ୍ପାନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ ଉପସ୍ଥିତ ଥିଲେ। ବୈଠକରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଏବଂ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରଦୂଷଣ ରୋକିବାକୁ ପଦକ୍ଷେପ ନେବା, କ୍ଷତିଗ୍ରସ୍ତ ପ୍ରଜାଙ୍କ ଟ୍ରକ୍‌କୁ କାର୍ଯ୍ୟରେ ନିୟୋଜିତ କରିବା ଲାଗି ଅଗ୍ରାଧିକାର ଦେବାକୁ ଦାବି କରାଯାଇଥିଲା। ଅଗଷ୍ଟ ୩୧ ସୁଦ୍ଧା କାର୍ଯ୍ୟରେ ଅଗ୍ରଗତି ନ ହେଲେ ଶିଳ୍ପାନୁଷ୍ଠାନ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲ ଚେତାବନୀ ଦେଇଛନ୍ତି।

ଗତ ଜୁଲାଇ ୩ରେ ବଣ୍ଟରପାଳଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ୧୩ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ମାସକ ମଧ୍ୟରେ ଏଗୁଡ଼ିକ ପୂରଣ ନହେଲେ ଅଗଷ୍ଟ ୩ରେ ଟାଟା ବିଏସ୍‌ଏଲ କମ୍ପାନୀ ଫାଟକ ସମ୍ମୁଖରେ ଆନ୍ଦୋଳନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଉକ୍ତ ଦାବିଗୁଡ଼ିକ ସମ୍ପର୍କରେ ବୈଠକ ଆୟୋଜିତ ଆଲୋଚନା କରାଯାଇଛି। କମ୍ପାନୀ ନିଯୁକ୍ତିରେ ୫୦% ସ୍ଥାନୀୟ ଲୋକଙ୍କୁ ସିଧାସଳଖ ନିଯୁକ୍ତି, ପରୋକ୍ଷ ଭାବେ ୭୦% ସ୍ଥାନୀୟ ବାସିନ୍ଦାଙ୍କୁ ପରିବହନ ସମେତ ଅନ୍ୟ କାର୍ଯ୍ୟରେ ଥଇଥାନ କରିବା, ଯୋଗ୍ୟତା ଭିତ୍ତିରେ ଘର ପିଛା ନିଯୁକ୍ତି, ଦକ୍ଷତା ବୃଦ୍ଧି ପାଇଁ ବୈଷୟିକ ତାଲିମ, ପାଇପ୍ ଯୋଗେ ଜଳଯୋଗାଣ, ରାସ୍ତା ମରାମତି, ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର, କମ୍ପାନୀ ଆଖପାଖ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟସେବାରେ ଉନ୍ନତି, ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଅର୍ଥନୈତିକ ବିକାଶ, ପାର୍କିଂ ବ୍ୟବସ୍ଥା, ଶିକ୍ଷାନୁଷ୍ଠାନରେ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ତ୍ୱରିତ କ୍ଷତିପୂରଣ ପ୍ରଦାନ, ପ୍ରଦୂଷଣ ରୋକିବା ଆଦି ବିଷୟରେ ଆଲୋଚନା ହୋଇଥିଲା।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କମ୍ପାନୀର ଚିଫ୍ କର୍ପୋରେଟ୍ ସର୍ଭିସେସ୍ ମଣିକାନ୍ତ ନାୟକ କୁହନ୍ତି, ପାରିପାର୍ଶ୍ୱିକ ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ଏହାର ତାଲିକା ଜିଲାପାଳଙ୍କୁ ଦିଆଯିବ। ଜିଲା ପ୍ରଶାସନର ମାର୍ଗଦର୍ଶିକା ଅନୁଯାୟୀ ନୂଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ବ୍ରାହ୍ମଣୀ ଟ୍ରକ୍ ଆସୋସିଏଶନ ସହିତ ବୈଠକ କରି ପଦକ୍ଷେପ ନିଆଯିବ। ଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି କୁହନ୍ତି, ଟାଟା ବିଏସ୍‌ଏଲ୍, ଜିଏମ୍‌ଆର, ଏମ୍‌ଜିଏମ୍, ନବଭାରତ ଭେଞ୍ଚର୍ସ ଲିମିଟେଡ୍ କମ୍ପାନୀର ଅଧିକାରୀଙ୍କ ସହ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ଏଥିରେ ସହମତି ଜଣାଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଶେଷ ବିକଳ୍ପ ବୋଲି ସେ କହିଛନ୍ତି। ଜିଲାପାଳ କୁହନ୍ତି, ବୈଠକ ଫଳପ୍ରଦ ହୋଇଛି। କ୍ଷତିଗ୍ରସ୍ତଙ୍କ ଜୀବନ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣକୁ ପ୍ରାଧାନ୍ୟ ଦିଆଯିବ। ସ୍ଥାନୀୟ ଅଞ୍ଚଳର ଟ୍ରକ୍‌ଗୁଡ଼ିକୁ କାର୍ଯ୍ୟରେ ନିୟୋଜିତ କରାଯିବ। ମାସକ ମଧ୍ୟରେ କାର୍ଯ୍ୟରେ ଅଗ୍ରଗତି ହେବ ବୋଲି ଆଶା ରଖାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଆଞ୍ଚଳିକ ଶିଳ୍ପାଞ୍ଚଳ କ୍ଷତିଗ୍ରସ୍ତ ପ୍ରଜାସଂଘ ଉପସଭାପତି ନରେନ୍ଦ୍ର ସାହୁ, ସମ୍ପାଦକ ବିଜୟ ଧଳ, ଯୁଗ୍ମ ସମ୍ପାଦକ ବିନୋଦ ସାହୁ, କୋଷାଧ୍ୟକ୍ଷ ଅକ୍ଷୟ ମହାପାତ୍ର, ଆଇନ ପରାମର୍ଶଦାତା ପଙ୍କଜ ଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଡ୍‌ମିଣ୍ଟନ କିମ୍ବଦନ୍ତୀ ନନ୍ଦୁ ନାଟେକରଙ୍କ ପରଲୋକ

**ପୁଣେ,୨୮।୭:** ପୂର୍ବତନ ବ୍ୟାଡ୍‌ମିଣ୍ଟନ ସୁପରଷ୍ଟାର ନନ୍ଦୁ ନାଟେକର ପରଲୋକ ଗମନ କରିଛନ୍ତି। ବାର୍ଦ୍ଧକ୍ୟଜନିତ ରୋଗ ଓ ସମସ୍ୟା କାରଣରୁ ସେ ୮୮ ବର୍ଷରେ ମୃତ୍ୟୁବରଣ କରିଛନ୍ତି। ଏହି କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ୧୦୦ରୁ ଊର୍ଦ୍ଧ୍ୱ ଜାତୀୟ ତଥା ଅନ୍ତର୍ଜାତୀୟ ଟାଇଟଲ ହାସଲ କରି ସଫଳତାର ଶୀର୍ଷରେ ପହଞ୍ଚିଥିଲେ। ମୃତ୍ୟୁବେଳକୁ ତାଙ୍କ ପାଖରେ ପୁଅ ତଥା ପୂର୍ବତନ ଡେଭିସ କପ୍ ଖେଳାଳି ଗୌରବ ଓ ଦୁଇ ଝିଅ ଉପସ୍ଥିତ ଥିଲେ। ସେ ଗତ ୩ ମାସ ହେବ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିଲେ ବୋଲି ଗୌରବ କହିଛନ୍ତି। ନିଜ ସମୟରେ ସେ ଜଣେ ଉଚ୍ଚକୋଟୀର କ୍ରୀଡ଼ାବିତ୍ ଭାବେ ପ୍ରସିଦ୍ଧି ଲାଭ କରିଥିଲେ।



ସେ ଏକାଧିକ କ୍ରୀଡ଼ା ସହିତ ସମ୍ପୃକ୍ତ ଥିଲେ। ବ୍ୟାଡ୍‌ମିଣ୍ଟନ ସହିତ ସେ ଟେନିସ୍ ମଧ ଖେଳୁଥିଲେ। ୧୯୩୩ରେ ସେ ମହାରାଷ୍ଟ୍ରର ସାଙ୍ଗଲିରେ ଜନ୍ମ ଗ୍ରହଣ କରିଥିଲେ। ଜୁନିୟରସ୍ତରରେ ପ୍ରାରମ୍ଭିକ ଭାବେ ଟେନିସ ସଫଳତା ପାଇଥିଲେ ମଧ ସେ ପରେ ବ୍ୟାଡ୍‌ମିଣ୍ଟନକୁ ଆପଣାଇଥିଲେ। ୧୯୫୧-୫୨ରେ ଜୁନିୟର ଟେନିସ ନ୍ୟାଶନାଲ ଫାଇନାଲରେ ସେ କିମ୍ବଦନ୍ତୀ ରାମନାଥନ କ୍ରିଷ୍ଣନଙ୍କଠାରୁ ପରାସ୍ତ ହୋଇଥିଲେ। ଏହାପରେ ସେ ବ୍ୟାଡମିଣ୍ଟନ ଖେଳିଥିଲେ। ସେ ୬ଥର ନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟାଇଟଲ ହାସଲ କରିଥିଲେ। ମାତ୍ର ୨୦ ବର୍ଷରେ ସେ ଭାରତ ପାଇଁ ପଦାର୍ପଣ କରିଥିଲେ। ଥୋମାସ କପ୍‌ରେ ସେ ଭାରତର ନେତୃତ୍ୱ ନେଇଥିଲେ। ୧୯୫୧ରୁ ୧୯୬୩ ମଧ୍ୟରେ ସେ ସକ୍ରିୟ ଥିଲେ। ୧୯୬୧ରେ ତାଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କ ଖେଳିବା ଶୈଳୀ ସ୍ୱତନ୍ତ୍ର ଓ ନିଆରା ଥିଲା। ପ୍ରଥମ ଭାରତୀୟ ଭାବେ ସେ ଅନ୍ତର୍ଜାତୀୟ ଟାଇଟଲ ହାସଲ କରିଥିଲେ। ବିଶ୍ୱର ପୂର୍ବତନ ୩ ନମ୍ବର ଖେଳାଳି ନନ୍ଦୁ ୧୯୬୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରତିନିଧିତ୍ୱ କରିଥିଲେ। ଦୀର୍ଘ ୧୫ ବର୍ଷର କ୍ୟାରିୟରରେ ସେ ଏକାଧିକ ପୁରୁଷ ଡବଲ୍ସ ଓ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରିଥିଲେ।

# ପଦକ ଆଶା ଉଜ୍ଜୀବିତ ରଖିଲେ ଦୀପିକା

ଟୋକିଓ, ୨୮।୭ (ପି.ଟି.)

**ତୀରନ୍ଦାଜୀ**

ଟୋକିଓ ଅଲିମ୍ପିକ୍ସରେ ବିଶ୍ୱର ନମ୍ବର ୱାନ ତୀରନ୍ଦାଜ ଦୀପିକା କୁମାରୀ ଭାରତ ପାଇଁ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ବୁଧବାର ମହିଳା ବ୍ୟକ୍ତିଗତ ବିଭାଗରେ ସେ ଯୁକ୍ତରାଷ୍ଟ୍ର ଆମେରିକାର ଜେନିଫର ମୁସିନୋ ଫର୍ନାଣ୍ଡିଜଙ୍କୁ ୬-୪ରେ ପରାସ୍ତ କରି ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ତାଙ୍କ ଟିମ୍‌ମେଟ ତରୁଣଦୀପ ରାୟ ଓ ପ୍ରବୀଣ ଯାଦବ କିନ୍ତୁ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅନ୍ୟତମ ଭାରତୀୟ ଭାବେ ଦୀପିକାଙ୍କ ସ୍ୱାମୀ ଅତନୁ ଦାସ ପଦକ ଦୌଡ଼ରେ ରହିଛନ୍ତି। ଭାରତର ନମ୍ବର ୱାନ ତଥା ବିଶ୍ୱର ୩୫ତମ ର୍‍ୟାଙ୍କିଙ୍ଗ୍ ଅତନୁ ଗୁରୁବାର ଓପନିଂ ରାଉଣ୍ଡ ଅଫ୍ ୬୪ରେ ଚାଇନିଜ ତାଇପେର ଡେଙ୍ଗ୍ ୟୁ-ଚେଙ୍ଗ୍‌ଙ୍କ ବିପକ୍ଷରେ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଦୀପିକା ପୂର୍ବରୁ ଓପନିଂ ରାଉଣ୍ଡରେ ଭୁଟାନର କାର୍ମାଙ୍କ ବିପକ୍ଷରେ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ପ୍ରଥମଥର ଅଲିମ୍ପିକ୍ସରେ ଭାଗ ନେଇଥିବା ଯାଦବ ତାଙ୍କ ଓପନିଂ ରାଉଣ୍ଡରେ ବିଶ୍ୱର ୨ ନମ୍ବର ଗାଲସାନ ବାଜାରଝାପୋଭ୍‌ଙ୍କୁ ପରାସ୍ତ କରିଥିଲେ ହେଁ ଦ୍ୱିତୀୟ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ବ୍ରାଡି ଏଲିସନଙ୍କ ନିକଟରୁ ହାରିଯାଇଥିଲେ। ଅନ୍ୟପକ୍ଷରେ ତରୁଣଦୀପ ଦ୍ୱିତୀୟ ରାଉଣ୍ଡରେ ଇସ୍ରାଏଲର ଇଟେ ଶାନିଙ୍କଠାରୁ ପରାଜିତ ହୋଇ ଅଲିମ୍ପିକ୍ସରୁ ବିଦାୟ ନେଇଛନ୍ତି।



ବୁଧବାର ଆର୍ଚେରୀ ପ୍ରତିଯୋଗିତା ଅବସରରେ ଦୀପିକା କୁମାରୀ।

# ଜାପାନରେ ଘୂର୍ଣ୍ଣିଝଡ଼, ବର୍ଷା

ରିଫୁ(ଜାପାନ), ୨୮।୭

ବୁଧବାର ଉତ୍ତର ଜାପାନରେ ଘୂର୍ଣ୍ଣିଝଡ଼ ଓ ପ୍ରବଳ ବର୍ଷା ହୋଇଛି। ତେବେ ଟୋକିଓ ଅଞ୍ଚଳକୁ ଆସିବା ପୂର୍ବରୁ ଏହି ଝଡ଼ ବାଟ ଭାଙ୍ଗି ଦୂରକୁ ଚାଲିଯାଇଛି। ଫଳରେ ଟୋକିଓରେ ଚାଲିଥିବା ଅଲିମ୍ପିକ୍ସ କ୍ରୀଡ଼ା ମହାକୁମ୍ଭ ପ୍ରଭାବିତ ହୋଇନାହିଁ। ଘଣ୍ଟା ପ୍ରତି ୬୫ କିଲୋମିଟର ବେଗରେ ପବନ ବୋହିଥିଲା। ଏହା ବୁଧବାର ରାତି ସୁଦ୍ଧା ଅକିଟାର ପଶ୍ଚିମ ଉପକୂଳ ଦେଇ ଗତି କରିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

ଚଳିତ ସିଜନର ଏହା ହେଉଛି ଅଷ୍ଟମ ବାତ୍ୟା। ଟୋକିଓର ୪୦୦ କି.ମି. ଉତ୍ତରପୂର୍ବରେ ଥିବା ମିଆଗି ଅଞ୍ଚଳର ଇଶିନୋମାକିରେ ଏହି ବାତ୍ୟାର ତାଣ୍ଡବ ଦେଖିବାକୁ ମିଳିଥିଲା। ଅଲିମ୍ପିକ୍ସ ଉପରେ ଏହାର ସୀମିତ ପ୍ରଭାବ ଦେଖିବାକୁ ମିଳିଛି। ସର୍ଫିଙ୍ଗ୍ ଓ ରୋଇଂର କେତୋଟି ଇଭେଣ୍ଟର କାର୍ଯ୍ୟସୂଚୀକୁ ପୁନଃନିର୍ଦ୍ଧାରିତ କରାଯାଇଛି। ଏହି ବାତ୍ୟାର ପ୍ରଭାବରେ ଜାପାନର ଉତ୍ତରାଞ୍ଚଳରେ ୧୦ ସେଣ୍ଟିମିଟର ବର୍ଷା ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହି ବାତ୍ୟା ଏବେ ଉତ୍ତରପଶ୍ଚିମାଞ୍ଚଳ ଆଡକୁ ଘଣ୍ଟା ପ୍ରତି ୩୦ କି.ମି. ବେଗରେ ଗତି କରୁଛି। ଧୀରେ ଧୀରେ ଏହାର ପ୍ରଭାବ କମ୍ ହେବ ବୋଲି ଆଶା କରାଯାଉଛି।



ଫୁକୁସୀମା ଅଜୁମା ଅଲିମ୍ପିକ୍ସ ବେସ୍‌ବଲ ଷ୍ଟାଡିୟମ ଆକାଶରେ ଝଡ଼ର କଳା ଘନବାଦଲ।

# ଭାରତୀୟ ମହିଳାଙ୍କ ହ୍ୟାଟ୍ରିକ ପରାଜୟ

ଟୋକିଓ,୨୮।୭(ପି.ଟି.)

**ଅଲିମ୍ପିକ୍ସ ହକି**

ଅଲିମ୍ପିକ୍ସ ହକିରେ ଭାରତୀୟ ମହିଳା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ବୁଧବାର ସକାଳେ ଖେଳାଯାଇଥିବା ପୁଲ୍ -ଏ ମ୍ୟାଚ୍‌ରେ ଭାରତ ୧-୪ ଗୋଲରେ ଗ୍ରେଟ୍ ବ୍ରିଟେନଠାରୁ ପରାସ୍ତ ହୋଇଛି। ଏଥିସହ ଭାରତ କ୍ରମାଗତ ତୃତୀୟ ପରାଜୟ ବରଣ କରିଛି। ଫଳରେ ଭାରତର କ୍ୱାର୍ଟର ଫାଇନାଲ ଆଶା ମଉଳିଯାଇଛି।

ସ୍ଥାନୀୟ ଓଇ ହକି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବ୍ରିଟେନ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ବ୍ରିଟେନ ପୁଲ୍-ଏ'ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ବ୍ରିଟେନ ତରଫରୁ ହାନା ମାର୍ଟିନ ଦ୍ୱିତୀୟ ଓ ୧୯ତମ ମିନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ଲିଲି ଓସଲି ୪୧ ଓ ଗ୍ରେସ୍ ବାଲସ୍‌ଡନ ୫୭ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅପରପକ୍ଷରେ ଭାରତ ତରଫରୁ ଶର୍ମିଳା ଦେବୀ ୨୩ତମ ମିନିଟ୍‌ରେ ଏକମାତ୍ର ଗୋଲ ଦେଇଥିଲେ। ଏବେ ଭାରତକୁ ବାକି ଦୁଇଟି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି।

ଏହାପୂର୍ବରୁ ଭାରତ ବିଶ୍ୱର ୧ ନମ୍ବର ଦଳ ନେଦରଲାଣ୍ଡଠାରୁ ୧-୫ ଗୋଲରେ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଜର୍ମାନୀଠାରୁ ୦-୨ ଗୋଲରେ ହାରିଥିଲା। ରାନୀ ରାମପାଲଙ୍କ ନେତୃତ୍ୱାଧୀନ ଭାରତ ଏବେ ଶୁକ୍ରବାର ଆୟର୍ଲାଣ୍ଡକୁ ଭେଟିବ। ଏହି ମ୍ୟାଚ୍‌ରେ ୮ଟି ପେନାଲ୍ଟି କର୍ନର ପାଇଥିଲେ ମଧ ଭାରତ ମାତ୍ର ଗୋଟିଏକୁ ଗୋଲରେ ପରିଣତ କରିଥିଲା। ସେହିପରି ୬ଟି ପେନାଲ୍ଟି କର୍ନରରୁ ବ୍ରିଟେନ ଗୋଟିଏକୁ ଗୋଲରେ ପରିଣତ କରିଥିଲା। ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ବ୍ରିଟେନ ଭାରତୀୟ ଡିଫେନ୍ସ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲା।

୩ ପରାଜୟ ସହ କୌଣସି ପଏଣ୍ଟ ହାସଲ ନ କରି ଭାରତ ଏବେ ପୁଲ୍-ଏ ତାଲିକାର ପଞ୍ଚମ ସ୍ଥାନରେ ରହିଛି। ଅନ୍ୟପଟେ ନେଦରଲାଣ୍ଡ ୩ଟି ମ୍ୟାଚ୍ ଖେଳି ୩ଟି ବିଜୟ ସହ ୯ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ଜର୍ମାନୀ ୩ଟି ମ୍ୟାଚ୍ ଖେଳି ୯ ପଏଣ୍ଟ ହାସଲ କରିଥିଲେ ମଧ ଗୋଲ ବ୍ୟବଧାନ ଦୃଷ୍ଟିକୋଣରୁ ଦ୍ୱିତୀୟ, ବ୍ରିଟେନ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ହାସଲ କରି ତୃତୀୟ, ଆୟର୍ଲାଣ୍ଡ ଗୋଟିଏ ବିଜୟ ସହ ୩ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ସେହିପରି ଦକ୍ଷିଣ ଆଫ୍ରିକା କୌଣସି ପଏଣ୍ଟ ନ ପାଇ ଅନ୍ତିମ ତଥା ଷଷ୍ଠ ସ୍ଥାନରେ ରହିଛି।



ଭାରତ ଓ ଗ୍ରେଟ୍ ବ୍ରିଟେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।


## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

No. L-36

କୃଷକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚଳିତ ଖରିଫ୍ ୨୦୨୧ ଋତୁ ପାଇଁ ପଞ୍ଜିକରଣ ପ୍ରକ୍ରିୟା ଚାଲୁରହିଛି।

କୃଷକ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କୋଭିଡ୍-୧୯ ନିୟମ ଅନୁପାଳନ କରି ନିଜର ନାମ ପଞ୍ଜିକରଣ ପାଇଁ ନିକଟସ୍ଥ ଜନସେବା କେନ୍ଦ୍ର / ବ୍ୟାଙ୍କ ଶାଖା / ବୀମା କମ୍ପାନୀ/ ବୀମା କମ୍ପାନୀ ଏଜେଣ୍ଟ / ପ୍ରାଥମିକ କୃଷି ସେବା ସମବାୟ ସମିତି ସହିତ ଯୋଗାଯୋଗ କରନ୍ତୁ।

ପଞ୍ଜିକରଣ ଶେଷ ତାରିଖ
**୩୧ ଜୁଲାଇ ୨୦୨୧**

OIPR-01034/11/0013/2122

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା


## ଆର୍ଜେଣ୍ଟିନା, ଫ୍ରାନ୍ସ, ଜର୍ମାନୀ ଅଭିଯାନ ଶେଷ

**ସାଇତାମା(ଜାପାନ), ୨୮।୭(ଏପି):** ଚଳିତ ଟୋକିଓ ଅଲିମ୍ପିକ୍ସର ଫୁଟବଲ ଇଭେଣ୍ଟରୁ ଆର୍ଜେଣ୍ଟିନା, ଫ୍ରାନ୍ସ ଓ ଜର୍ମାନୀ ବିଦାୟ ନେଇଛି। ଫଳରେ ଆର୍ଜେଣ୍ଟିନାର ତୃତୀୟ ସ୍ୱର୍ଣ୍ଣ ପଦକ ଆଶା ଶେଷ ହୋଇଛି। ସ୍ପେନ ଓ ଆର୍ଜେଣ୍ଟିନା ମଧ୍ୟରେ ଗ୍ରୁପ ପର୍ଯ୍ୟାୟର ଅନ୍ତିମ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ସ୍ପେନ ଗ୍ରୁପ୍ 'ସି'ରେ ଶୀର୍ଷସ୍ଥାନରେ ରହି ଶନିବାର ଆଇଭରି କୋଷ୍ଟ ସହିତ କ୍ୱାର୍ଟର ଫାଇନାଲ ଖେଳିବା ପଥ ପରିଷ୍କାର କରିଛି। ଗ୍ରୁପ 'ସି'ର ଦ୍ୱିତୀୟ ଦଳ ଇଜିପ୍ଟ କ୍ୱାର୍ଟର ଫାଇନାଲରେ ଗତଥରର ଚାମ୍ପିୟନ ବ୍ରାଜିଲକୁ ଭେଟିବ। ଗ୍ରୁପ 'ଡି'ରେ ଜର୍ମାନୀ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛି। ଦଳ ୩ ମ୍ୟାଚରୁ ମାତ୍ର ୪ ପଏଣ୍ଟ ପାଇଛି। ବ୍ରାଜିଲ ୭ ଓ ଆଇଭରି କୋଷ୍ଟ ୫ ପଏଣ୍ଟ ପାଇ କ୍ୱାର୍ଟରରେ ପହଞ୍ଚିଛନ୍ତି। ସେହିପରି ଗ୍ରୁପ୍ 'ଏ'ରେ ଫ୍ରାନ୍ସ ୩ ମ୍ୟାଚରୁ ୩ ପଏଣ୍ଟରେ ରହି ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ଏହି ଗ୍ରୁପ୍‌ରୁ ଜାପାନ ୯ ଓ ମେକ୍ସିକୋ ୬ ପଏଣ୍ଟ ପାଇ ନକ୍‌ଆଉଟରେ ପ୍ରବେଶ କରିଛନ୍ତି।


**PARADIP PORT TRUST**
**e-TENDER CALL NOTICE**
TD/TM/GEN-225(Vol-III)/20/1394 dtd.26.07.2021
Name of the work **"Allotment of 08 (Eight) nos. of Manual Iron Ore / Iron Ore Pellet plots". License Fees : ₹2,35,85,958/-, Wharfage Fees : ₹6,17,041/-.** Last Date & time of submission of Bid : **Dt.16.08.2021 up to 15:00 Hrs.** Date and time of opening (technical bid) : **Dt.16.08.2021 up to 16:00 Hrs.** Refer our website for details : https://eprocure.gov.in/eprocure/app.
Sr. Asst. Traffic Manager
PPT/PR/71/2021-22, DT.28.07.2021

See Career Appointment on every Wednesday & Saturday

**OFFICE OF THE ADDITIONAL CHIEF ENGINEER RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No. - 06782-260318, Balia, Balasore
No.O-480:-
"e" Procurement Notice for Bridge Work
Identification No.- Online Tender - Bridge N.C.B. No. 296
Letter No. 2548/WE Date 28.07.2021
1. Name of the work :- Bridge Works (Balance Work)
2. Total No. of work :- 01 No. (One)
3. Estimated Cost :- Rs.380.00 lakhs (Approximately)
4. Eligible Class of Contractor :- 'A' Class & 'Special' Class (of Odisha P.W.D.) or relevant Class of other licensing authorities (as per annexure).
5. Period of Completion :- 06 (Six) Calendar months for the work.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender clarification. | Date & time of Opening of Tender in O/o A.C.E. R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Additional Chief Engineer, Rural Works Circle, Balasore | NCB No.-296 | 02.08.2021 at 11.00 A.M. | 17.08.2021 Up to 5.00 P.M. | 16.08.2021 Up to 5.00 P.M. | 18.08.2021 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in
OIPR-25105/11/0010/2122 Sd./- Er. P.K. Sahoo, Additional Chief Engineer, R.W. Circle, Balasore

**ODISHA STATE CIVIL SUPPLIES CORPORATION LIMITED, NAYAGARH DISTRICT**
Letter No. 3136 Dt.26.07.2021
**Corrigendum to Call off the Tender Call Notice**
**No. 2790, 2721 & 2809 Dt.01.07.2021**
In pursuance to this office Tender Call Notice No. 2790, 2721 & No. 2809 Dt.01.07.2021. Corrigendum No. 2923 Dt.08.07.2021 and No. 3065 Dt.22.07.2021 published in daily newspapers Sambad, Sakal, Pramey, Dharitri and Samaj relating to appointment of Transport Contractor Level-II, Level-I and Handling Contractor of Nayagarh District for the biennial year 2021-23 is hereby cancelled due to technical glitch aroused during the quoted Bill of Quantities (BoQ) in tender documents by the bidders.
Sd./- Collector, Nayagarh

**DISTRICT OFFICE, SUBARNAPUR (SOCIAL WELFARE SECTION)**
No.1533/SW Dt.28.07.2021
**Tender Call Notice**
Sealed tenders are invited for engagement of Transport agent/ contractor for transportation of food stuff (Rice & Wheat) in Subarnapur district for the year 2021-22. For other details please see notice board of Collector / DSWO or may visit the official website of Subarnapur District (http://www.subarnapur.nic.in).
Sd./- Collector, Subarnapur

**MARKFED-ODISHA**
OLD STATION ROAD, BHUBANESWAR-751006
Ref. No.: 2949 Date: 28.07.2021
**TENDER CALL NOTICE**
No. CAD-730:- Sealed tenders (Two Bids) are invited from interested parties for letting out of Godowns of MARKFED-ODISHA. **For details please visit Government of Odisha Tender website** (www.odisha.gov.in) or **Cooperation department website** (www.coopodisha.in). Any revision, clarification, addendum, corrigendum, time extension etc. to the above mentioned tender notice will be hosted on Cooperation department web-site only. No separate notification shall be issued in press.
Sd./- Managing Director
The Orissa State Co-operative Marketing Federation Ltd., Bhubaneswar-751006
OIPR-39017/11/0006/2122

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office: Burla, Dist.-Sambalpur (Odisha)- 768017
**NOTICE INVITING TENDER**
Tender Notice No. TPWODL/PJ/O/SU/026
TP Western Odisha Distribution Limited, invites quotations (in 2 part) from eligible vendors/ suppliers for the following items:
**Rate Contract for Supply of 11 KV & 33 KV, Out-door type 1250A, Vacuum Circuit Breaker.**
Interested bidders to submit Tender Participation Fee and Authorization Letter by e-mail on or before 09th August 2021, 15.00 hrs., in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders.
For detailed tender documents you may visit tender section of our website: **www.tpwesternodisha.com**.
Sd./-
Chief Contracts and Stores

GOVERNMENT OF ODISHA
**OFFICE OF THE ADDITIONAL CHIEF ENGINEER, CENTRAL RURAL WORKS CIRCLE, BHUBANESWAR**
**(CANCELLATION OF N.I.T.No.C.C-17/2021)**
No.3509 Date 26.7.2021
No. O-477: Due to change of qualifying criteria in 2nd N.I.T. called vide this office N.I.T. No. Tender-Online-CC-17 of 2021 vide Office Order No. 2964 Dt.17.06.2021, the same is treated as first Call Tender Call Notice in conformity with the Chief Engineer, PMGSY, Odisha, Bhubaneswar Lr.No.20080 Dt.23.07.2021. Therefore, the 2nd N.I.T. called vide this office N.I.T. No.Tender-Online-C.C.-17 of 2021 Dt.17.06.2021 issued vide this office Order No. 2964 Dt.17.06.2021 is hereby cancelled.
Additional Chief Engineer
Central Rural Works Circle, Bhubaneswar
OIPR-25082/11/0018/2122

**ODISHA HYDRO POWER CORPORATION LTD.**
OHPC
O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.-5, BURLA-768017, DISTRICT: SAMBALPUR (ODISHA), PHONE: 0663-2950721 (O), 2950765 (R), E-mail: srgmhps_burla@yahoo.co.in, GST No. 21AAACO2575P1Z9, CIN: U40101OR1995SGC003963
No.: HHEP/TW-199/VII0/3364 Date: 27.07.2021
**TENDER CALL NOTICE No. HHEP-39/2021**
No.: CAD-722: Sealed tenders are invited from the reputed manufacturer / authorized dealer / reputed suppliers for supply of the following materials as mentioned below:

| Sl. No. | Name of Work | Cost of Tender (Non-refundable) | EMD |
|---|---|---|---|
| 1 | Supply of LED 2x2 36 Watt recess type ceiling light and 30 watt LED street lights for residential and nonresidential buildings of HHEP, Burla | Rs.708/- (Rs.600/- + GST 18%) | NIL (Bid Security Declaration form to be submitted |

• Sale of tender paper : Dt.02.08.2021 to 12.08.2021 upto 01.00 P.M.
• Receipt of tender paper : 12.08.2021 upto 03.30 P.M.
• Date & time of opening of tender : 12.08.2021 at 04.00 P.M.
For details like tender specification, corrigendum to the tender call notice etc. can only be available in our website **www.ohpcltd.com**.
Sd./- C&P Head, HHEP, Burla
OIPR-04007/11/0012/2122

**OFFICE OF THE CHIEF EXECUTIVE CHILIKA DEVELOPMENT AUTHORITY**
Plot No. 493(p), Pallaspalli, Bhubaneswar
**RE-TENDER NOTICE**
No. 1205 Date: 22.07.2021
No. CAD-729: Tenders in plain paper and in sealed cover are invited by the undersigned for "Disposal of a Crawl Cat - 1350 Dredger (Kalijai-I)" on 'as is where is basis' at Magarmukh Satpada, Puri. The details regarding make, model and terms and conditions of the tender notice is available at the website **www.chilika.com** from 30.07.2021 to 12.08.2021 upto 3.00 P.M. The last date for submission of tender is 12.08.2021 by 3.00 P.M.
Sd./- Chief Executive
Chilika Development Authority
OIPR-08013/11/0002/2122

**OFFICE OF THE SUPERINTENDING ENGINEER EASTERN MINOR IRRIGATION CIRCLE, KEONJHAR ODISHA, PIN: 758001**
No.A-328
E-mail: seemickeonjhar@yahoo.com
"e" PROCUREMENT NOTICE
**Bid Identification No. 02 (NCB)/EMIC, KJR/2021-22 (Online)**

| | | |
|---|---|---|
| 1 | Name of the work | IMPROVEMENT TO ARADEI MIP (RES) IN SADAR BLOCK UNDER DRIP PHASE II |
| 2 | No. of Work | 01 (ONE) |
| 3 | Value of Work | Rs 433.00 Lakhs |
| 4 | Bid Security | Rs 4.330 Lakhs |
| 5 | Period of Completion | 11 (Eleven) calendar months including rainy season. |
| 6 | Class of Contractor | Any Class as per the criteria fixed |
| 7 | Procurement Officer | Superintending Engineer, Eastern Minor Irrigation Circle, Keonjhar |
| 8 | Bid Identification No. | 02 (NCB ) /EMIC, KJR/ 2021-22 |
| 9 | Availability of Tender for Online Bidding | From 10.30 A.M. of 04.08.2021 to 17.09.2021 up to 3.00 P.M. |
| 10 | Last date & time of seeking tender clarification | Dt.23.08.2021 up to 4.00 P.M. |
| 11 | Pre Bid Meeting | On Dated 24.08.2021 at 11.30 A.M. in the office of Superintending Engineer, Eastern Minor Irrigation Circle, Keonjhar |
| 12 | Date & Time of Opening of Technical Bid | 17.09.2021 at 4.00 PM |

Further detail clarification can be seen from the Govt. website e-Procurement portal **www.tendersodisha.gov.in**
Sd./- Superintending Engineer, Eastern Minor Irrigation Circle, Keonjhar, Odisha
OIPR-32270/11/0002/2122

**OFFICE OF THE DISTRICT MANAGER, ODISHA STATE CIVIL SUPPLIES CORPORATION LTD., NAYAGARH**
Phone: 06753-253942
District Website: www.nayagarh.nic.in
Tender No. 3191 Date: 28.07.2021
District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of Transport Contractors Level-I for transportation of Foodgrains from FSD, FCI to RRCs |
| 2 | Availability of bid document in the portal | From 29.07.2021 |
| 3 | Last Date/Time for receipt of bids in the portal | 04.08.2021 upto 5.00 P.M. |
| 4 | Date/Time of Opening of Technical Bid | 06.08.2021 upto 11.00 A.M. |
| 5 | Date/Time of Opening of Financial Bid | 09.08.2021 upto 11.00 A.M. |
| 6 | Name and address of the Officer Inviting Tender | C.S.O.-cum-District Manager, O.S.C.S.C. Ltd., Nayagargh |

Tender documents and other detials can be seen from the e-Procurement Portal **www.oscsc.in, www.foododisha.in & www.tendersodisha.gov.in** along with district wbesite. Amendments/Corrigendum/cancellation/retenders etc. if any shall be published only in above websites.
Sd./- District Manager
O.S.C.S.C. Ltd., Nayagarh

**District Rural Development Agency Ganjam, Chatrapur**
E-mail: ori-dganjam@nic.in, Phone- 06811-263965, 06811- 263021, Fax- 06811-263552
Letter No.8030 Dated: 28.07.2021
**Invitation for Expression of Interest**
District Rural Development Agency, Ganjam, Chatrapur invites sealed bid on Expression of Interest for selection of Vendor and unit price for various types of Solar LED Street Lights & Solar LED lighting as well as individual different fixtures from the reputed manufacturing companies, Electrical / Solar Contractor, suppliers and authorized dealers with valid MV / LT licence whereever as applicable from the Govt. of Odisha either in individual capacity or joint venture firm in 2 (two) bid system. The bidder who fulfils all qualifications and criteria as specified can submit the expression of interest for the purpose. The quoted price shall exclusive of GST but inclusive of other taxes and conveyance charges for supplying installation, commissioning including erection and installation and post maintenance for 5 years warranty for replacement in-situ in different Gram Panchayats of Ganjam District. The successful bidder if approved by the Committee under Chairmanship of Collector, Ganjam will be assigned the work by the different Gram Panchayat and Panchayat Samities of Ganjam District & other categories of work to be executed as decided by the authority.
The detailed specifications, general terms & conditions, scope of work has been provided in scheduled bid document at Annexure-I, II & III.
The bid documents can be obtained from the Office of the PD, DRDA, Ganjam on payment of Rs.5,000/- (Rupees Five thousand) (non refundable) in shape of Bank Draft drawn in favour of PD, DRDA, Ganjam, Chatrapur payable at Chatrapur during office hours from 29.07.2021 to 16.08.2021 till 5.30 P.M. (Excluding holidays) towards cost of bid papers.
The filled up bid documents shall be enclosed in a sealed envelope super scribing "Bid for supply and installation of LED based Solar Light System" and may be dropped in drop box placed at Office of the Project Director, DRDA, Ganjam, Chatrapur. The last date for submission of EoI is 17.08.2021 till 2 P.M. and EoI will be opend at 3.30 P.M. on the same day in presence of the bidders or their authorized representatives who so ever is present. (The bid papers completed in all aspect shall be submitted to "Project Director, DRDA, Ganjam, Chatrapur, PIN-761020" through Speed Post/ Registered Post also). The bid documents received beyond the stipulated date & time agencies shall be rejected. The bidder participating for the expression of the interest should deposit an amount of Rs.50,000/- (Rupees Fifty thousand) only in shape of Bank/Demand Draft in favour of PD, DRDA, Ganjam payable at Chatrapur as pre-qualification E.M.D.
The scheduled bid documents can also be downloaded from Ganjam District website i.e. https://ganjam.nic.in/. In such case the bdider shall enclose Bank Draft/ Demand Draft Rs.5,000/- (non-refundable) drawn in favour of PD, DRDA, Ganjam along with the bid papers as a cost of bid documents. The successful bidder, if approved by the competent authority may be enlisted/ empanelled as vendor for the district of one year from the date of approval.
The authority reserve all rights to cancel all bids or any of the bid documents without assigning any reason thereof.
Sd./- Collector-cum-CEO, Zilla Parishad, Ganjam

# ଲାଜେଇ ଦୀପିକା

**ଦୀ**ପିକା ପାଦୁକୋନ୍ ଗୋଟିଏ କଥା ଶୁଣିଲା ବେଳକୁ ଟିକେ ଲାଜେଇ ଯାଉଛନ୍ତି। ଅବଶ୍ୟ ତାହାର ଉତ୍ତର ଦେବାକୁ ପଛାଉ ନାହାନ୍ତି। କଥାଟି କ’ଣ ଜାଣନ୍ତି? ଅବସର ମିଳିଲେ ଦୀପିକା କ’ଣ କରନ୍ତି ? ଏହାର ଉତ୍ତରରେ ସେ କହନ୍ତି ଯେ, ଅବସର ମିଳିଲେ ମୁଁ ଚିତ୍ର ଆଙ୍କିବାକୁ ପସନ୍ଦ କରେ। ଶୁଟିଂରୁ ବ୍ରେକ୍ ମିଳିଲେ ସେ ସିଧାସଳଖ ପହଞ୍ଚି ଯାଆନ୍ତି ଘରେ। ଆଉ ପରିବାର ସଦସ୍ୟଙ୍କ ସହ ସମୟ କଟାନ୍ତି। ଆଉ ସମୟ ମିଳିଲେ ତୂଳୀ ଧରି ବସିପଡ଼ନ୍ତି ଚିତ୍ର ଆଙ୍କିବାକୁ। ଥରେ ସେ ଚିତ୍ର ଆଙ୍କୁଥିବା ସମୟରେ ତାକୁ ଦେଖି ପତିଦେବ ରଣବୀର ସିଂ ବେଶ୍ ପ୍ରଶଂସା କରିଥିଲେ। ଏ ନେଇ ଦୀପିକା କହନ୍ତି, ‘ଚିତ୍ର ଆଙ୍କିବା ମୋର ପିଲାଟି ଦିନରୁ ଅଭ୍ୟାସ। ହେଲେ ଏବେ ତାହା ସହ ମୁଁ ନିଜକୁ ଜଡ଼ିତ ରଖିଛି। ସମୟ ମିଳିଲେ ମୁଁ ପେଣ୍ଟିଂ କରିବାକୁ ଭଲପାଏ। ତେବେ ଏ କ୍ଷେତ୍ରରେ ପତିଦେବଙ୍କ ପ୍ରେରଣାକୁ ମୁଁ କଦାପି ଭୁଲିପାରିବି ନାହିଁ।’ ଦୀପିକା ଏବେ ନିର୍ମାଣାଧୀନ ‘ପଠାନ୍’ ସିନେମାରେ ଏକ ଆକ୍ସନ ରୋଲ୍‌ରେ ଅଭିନୟ କରିବେ।


ଦୀପିକା

# ଅଟୋଗ୍ରାଫ ଅନ୍ତରାଳେ..


ଦୀପକ–ସ୍ୱାତୀ

**କ**ଲେଜରେ ପାଠ ପଢ଼େ ଜଗା। ପାଠପଢ଼ା ବ୍ୟତୀତ କେହି ଅସୁବିଧାରେ ପଡ଼ିଲେ ସେମାନଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ପଛାଏ ନାହିଁ। କଲେଜରେ ପଢ଼ିବା ସମୟରେ ତାକୁ ନିଜର ପ୍ରେମ ଜାଲରେ ବାନ୍ଧି ଦେଇଛି ରାଗିଣୀ ନାମ୍ନୀ ସୁନ୍ଦରୀ ଝିଅଟିଏ। କିନ୍ତୁ ଲଭ୍ ଚକ୍କରରେ ପଡ଼ିବାକୁ ଚାହେଁନା ଜଗା। ତେବେ ଜଗାକୁ ନେଇ ରାଗିଣୀ ଯେଉଁ ସ୍ୱପ୍ନ ଦେଖିଛି ତାହା ସଫଳ ହେଉଛି ତ ? ପ୍ରଥମେ ପ୍ରେମ ବିଷୟରେ କିଛି ଜାଣି ନ ଥିବା ଜଗା ରାଗିଣୀକୁ ପ୍ରେମିକା ଭାବରେ ଗ୍ରହଣ କରୁଛି ତ ? ଏପରି ପ୍ରଶ୍ନର ଉତ୍ତର ରହିଛି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା ‘ଅଟୋଗ୍ରାଫ–ଏ ସାଇନ୍ ଅଫ ଲଭ୍’ରେ। ତେବେ ଏଭଳି ପ୍ରେମ କାହାଣୀରେ ଅଟୋଗ୍ରାଫ୍‌ର ଭୂମିକା କ’ଣ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏ.ଆର୍. ରହମନ ଏବଂ ପ୍ରସନ୍ନ ଦ୍ୱିବେଦୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଖାସ୍ କଥା ହେଲା, ଦୀପକଙ୍କ ଅପୋଜିଟ୍‌ରେ ଏଥିରେ ସ୍କ୍ରିନ୍ ଶେୟାର କରିଛନ୍ତି ମଡେଲିଂରୁ ବଡ଼ ପରଦାରେ ପାଦ ରଖିବାକୁ ଯାଉଥିବା ନବାଗତା ସ୍ୱାତୀ। ଦୀପକ–ସ୍ୱାତୀ ଯୋଡ଼ି ବ୍ୟତୀତ ଏଥିରେ ଅଛନ୍ତି ପିଣ୍ଟୁ ନନ୍ଦ, ପ୍ରତିଭା ପଣ୍ଡା, ଜୀବନ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ଅଶୋକ ଦାସ, ଗୁଞ୍ଜୁ, ଶକ୍ତି ବରାଳ ପ୍ରମୁଖ କଳାକାର।

# ଅଭ୍ୟାସରେ ମନ

**କ୍ୟା**ଟ୍ରିନା ଏବେ ସବୁ କାମ ବାତିଲ କରି ଗୋଟିଏ କଥାରେ ମନୋନିବେଶ କରିଛନ୍ତି। ବର୍ତ୍ତମାନ ସକାଳୁ ନିଜ କାମ ସାରି ସିଧାସଳଖ ପହଞ୍ଚି ଯାଉଛନ୍ତି ୱାର୍କସପ୍‌ରେ। ସେଠାରେ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେଇ ନିଜ ଭୂମିକା ପାଇଁ ବେଶ୍ ଝାଳ ବୁହାଉଛନ୍ତି। କଥା କ’ଣ କି ସଲମାନ ଖାଁଙ୍କ ଆଗାମୀ ଫିଲ୍ମ ‘ଟାଇଗର–୩’ରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ କ୍ୟାଟ୍ରିନା। ତେବେ ଏହି ଫିଲ୍ମର ଶୁଟିଂ ପୂର୍ବରୁ ଏହାର ନିର୍ଦ୍ଦେଶକ ମନୀଷ ଶର୍ମା ଏକ ୱାର୍କସପ୍‌ର ଆୟୋଜନ କରିଛନ୍ତି। ଏଥିରେ କେବଳ କ୍ୟାଟ୍ରିନା ନୁହନ୍ତି, ସଲମାନ ଏବଂ ଇମ୍ରାନ୍ ହାସମୀ ମଧ୍ୟ ଯୋଗ ଦେଇଛନ୍ତି। ଏହି ଫିଲ୍ମରେ କ୍ୟାଟ୍ରିନାଙ୍କୁ ଜଣେ ଆଇଏସଆଇ ଏଜେଣ୍ଟ ଭୂମିକାରେ ଦେଖିବାକୁ ମିଳିବ। ଏ ବିଷୟରେ କ୍ୟାଟ୍ରିନା କହନ୍ତି, ‘ଏହି ଭୂମିକା ପାଇଁ ମୋତେ ଏବେ ୱାର୍କସପ୍‌ରେ ପରିଶ୍ରମ କରିବାକୁ ପଡୁଛି। ରୋଲକୁ ନେଇ ମନରେ ଥିବା ଆଶଙ୍କାକୁ ନିର୍ଦ୍ଦେଶକ ବେଶ୍ ସରଳ ଉପାୟରେ ସମାଧାନ କରିଦେଉଛନ୍ତି। ସବୁଠାରୁ ଖାସ୍ କଥା ହେଲା, ପୂର୍ବ ପରି ଏଥର ମଧ୍ୟ ଏହି ଫିଲ୍ମରେ ଆମ ଯୋଡ଼ି (ସଲମାନ–କ୍ୟାଟ୍ରିନା)କୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରହିଛି।’


କ୍ୟାଟ୍ରିନା

# ମାଧୁରୀଙ୍କ ପ୍ରଶଂସାରେ ନୋରା


ନୋରା

**ନୋ**ରା ଫତେହିଙ୍କର ଏକ ଆଶା ରହିଛି। ଯଦି ଭବିଷ୍ୟତରେ ସୁଯୋଗ ମିଳେ ତେବେ ସେ ଜଣେ ନାୟିକାଙ୍କ ବାୟୋପିକରେ ଆକ୍ଟିଂ କରିବାକୁ ମନା କରିବେ ନାହିଁ। ହେଲେ ସେ ନାୟିକା ଜଣକ କିଏ ଜାଣନ୍ତି? ବଲିଉଡ୍‌ର ଧକ୍ ଧକ୍ ଗର୍ଲ ରୂପେ ପରିଚିତା ମାଧୁରୀ ଦୀକ୍ଷିତ। ନିଜର ଏପରି ଆଶା ସମ୍ପର୍କରେ ନୋରା କହନ୍ତି, ‘ମାଧୁରୀ ହେଉଛନ୍ତି ମୋର ମନ ପସନ୍ଦର ନାୟିକା। ତାଙ୍କ ଅଭିନୀତ ସମସ୍ତ ସିନେମା ମୁଁ ଦେଖିସାରିଛି। ନିକଟରେ ଏକ ଡ୍ୟାନ୍ସ ରିୟାଲିଟି ଶୋ’ରେ ତାଙ୍କ ସହ ଜଜ୍ ସିଟ୍‌ରେ ବସିବାର ମୋତେ ସୁଯୋଗ ମିଳିଥିଲା। ସେହି ସମୟରେ ତାଙ୍କ ସହ କେଇ ପଦ କଥାକୁ ମୁଁ ସାରା ଜୀବନ ଭୁଲି ପାରିବି ନାହିଁ। ତାଙ୍କୁ ନେଇ ଯଦି କେବେ ବାୟୋପିକ୍ ନିର୍ମାଣ କରାଯାଏ ଏବଂ ସେଥିରେ ଆକ୍ଟିଂ କରିବାକୁ ମୋତେ ଅଫର ଦିଆଯାଏ ତେବେ ସେପରି ସୁଯୋଗକୁ ମୁଁ କଦାପି ହାତଛଡ଼ା କରିବି ନାହିଁ।’ ତେବେ ନୋରାଙ୍କର ଏହି ଆଶା କେବେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।

# ରୋଷେଇପ୍ରିୟ ନେହା

**ତେ**ଲୁଗୁ ସିନେମା ହେଉ ଅବା ବଲିଉଡ୍ ନେହା ଶର୍ମା ଇତିମଧ୍ୟରେ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ତେଲୁଗୁ ସିନେମା ‘ଚୁରୁଛା’ ୨୦୦୭ରେ ପରଦା ଉପରକୁ ଆସିଥିଲା। ତା’ପରେ ସେ ବେଶ୍ କେତୋଟି ତେଲୁଗୁ ସିନେମାରେ ଅଭିନୟ କରିସାରିଛନ୍ତି। ଏହାବ୍ୟତୀତ ‘କ୍ରୁକ୍’, ‘ବୁଢ଼ା ହୋଗା ତେରା ବାପ୍’, ‘ତେରି ମେରି କାହାନୀ’, ‘ଜୟନ୍ତଭାଇ କି ଲଭ୍ ଷ୍ଟୋରି,’, ‘ୟମଲା ପଗଲା ଦିୱାନା–୨’, ‘ତୁମ ବିନ୍–୨’ ଆଦି ହିନ୍ଦୀ ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଦେଖାଦେଇଛନ୍ତି। କେବଳ ଜଣେ ଅଭିନେତ୍ରୀ ନୁହନ୍ତି, ନେହା ଜଣେ ଭଲ ନୃତ୍ୟାଙ୍ଗନା। କଥକ ବ୍ୟତୀତ ହିପ୍‌ଅପ୍, ଲାଟିନ୍–ସାଲସା, ଜାଜ୍ ନୃତ୍ୟରେ ସେ ବେଶ୍ ପାରଙ୍ଗମ। ତା’ସହ ନେହା ଭଲ ରୋଷେଇ ମଧ୍ୟ କରିପାରନ୍ତି। ସମୟ ମିଳିଲେ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ପରିବାର ସଦସ୍ୟଙ୍କୁ ଖୁଆଇ ଥାଆନ୍ତି। ତେବେ ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ଆଶଙ୍କାରେ ନାହାନ୍ତି ସେ। ଏ ସମ୍ପର୍କରେ ନେହା କହନ୍ତି, ‘ମୋର ନିଜ ଉପରେ ବିଶ୍ୱାସ ଅଛି। ସଫଳତା ସହଜରେ ମିଳି ନ ଥାଏ। ଏଥିପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼େ। ତେଣୁ ମୁଁ ଏବେଠାରୁ ଏ ନେଇ ଚିନ୍ତା କଲେ କିଛି ଲାଭ ନାହିଁ।’


ନେହା

## ରିଲିଜ ଅପେକ୍ଷାରେ
# ଅରୁନ୍ଧତୀ

**ଖୁ**ବ୍ ଶୀଘ୍ର ପରଦା ଉପରକୁ ଆସିବାକୁ ଯାଉଛି ଓଡ଼ିଆ ସିନେମା ‘ଅରୁନ୍ଧତୀ’। ରମେଶ ବାରିକଙ୍କ ପ୍ରଯୋଜନାରେ ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖାସ୍ କଥା ହେଲା, ‘ଲଭ୍ ଫିଭର’ର ନାୟକ ରାଜବୀର ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ନିଜ ଭୂମିକା ସମ୍ପର୍କରେ ସେ କହନ୍ତି, ‘ମୁଁ ସବୁବେଳେ ଆକ୍ସନ ଭୂମିକାକୁ ପସନ୍ଦ କରିଥାଏ। ‘ଅରୁନ୍ଧତୀ’ର ନିର୍ଦ୍ଦେଶକ ରମେଶ ରାଉତ ଯେତେବେଳେ ଏହି ଫିଲ୍ମର କାହାଣୀ ଏବଂ ମୋ ଭୂମିକା ସମ୍ପର୍କରେ ମୋତେ ଅବଗତ କଲେ ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ରୋଲ୍ ପାଇଁ ମୁଁ ବେଶ୍ ପରିଶ୍ରମ କରିଛି। କାରଣ ଆକ୍ସନଭିତ୍ତିକ ଭୂମିକାରେ ଅଭିନୟ କରିବାକୁ ମୋତେ ଭଲ ଲାଗିଥାଏ। ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି।’ ଏହି ସିନେମାରେ ରାଜବୀରଙ୍କ ନାୟିକା ସାଜିଛନ୍ତି ଏଲିନା ପ୍ରିୟଦର୍ଶିନୀ।


ଏଲିନା–ରାଜବୀର

# କରୋନା ମହାମାରୀରେ ଓଡ଼ିଆ ସିନେମା

**କରୋନା ଆମ ଓଡ଼ିଆ ସିନେମା ଶିଳ୍ପକୁ କେତେ ପଛକୁ ଠେଲି ଦେଇଛି ତାହା କହିବା ଅନାବଶ୍ୟକ। ଶୁଟିଂ ବନ୍ଦ ଥିବା ବେଳେ ଏହା ସହ ଜଡ଼ିତ ବ୍ୟକ୍ତିମାନେ କିପରି ଜୀବିକା ନିର୍ବାହ କରୁଛନ୍ତି ତାହା ଜଣେ ଅନୁଭବୀ ହିଁ ଜାଣିପାରିବ...**

**କେ**ବଳ ଓଡ଼ିଆ ଚଳଚ୍ଚିତ୍ର ନୁହେଁ, ପ୍ରାୟ ଦୁଇ ବର୍ଷବ୍ୟାପୀ କରୋନା ମହାମାରୀ ପ୍ରଭାବ ଓ କଟକଣା ପାଇଁ ଯାତ୍ରାଜଗତ, ଟେଲିଜଗତ ଓ ସଙ୍ଗୀତଜଗତର ବ୍ୟାପକ କ୍ଷତି ହୋଇଛି। ନିକଟରେ କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରି କେବଳ ଓଡ଼ିଆ ଚଳଚ୍ଚିତ୍ର ନୁହେଁ, ଧାରାବାହିକ ଶୁଟିଂ ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ଓଡ଼ିଆ ସିନେମାଟିଏ ନିର୍ମାଣ ହେଲେ କଳାକାର, ଟେକ୍ନିସିଆନ ଏବଂ ଶୁଟିଂ ସହ ଜଡ଼ିତ ବ୍ୟକ୍ତିବିଶେଷ ଏହା ଦ୍ୱାରା ଉପକୃତ ହୋଇଥାଆନ୍ତି। କାରଣ ଅନେକେ ଏହାକୁ ସେମାନଙ୍କର ପେଟ ପୋଷିବାର ଏକମାତ୍ର ବାଟ ଭାବରେ ଗ୍ରହଣ କରିନେଇଛନ୍ତି। କରୋନା ପ୍ରକୋପ ଆରମ୍ଭ ହେବା ପରେ ୨୦୨୦ ମାର୍ଚ୍ଚ ଶେଷ ସପ୍ତାହରୁ ଶୁଟିଂ ଉପରେ ଅଙ୍କୁଶ ଲଗାଯାଇଥିଲା। ଏବେ ସିନା ଶୁଟିଂ ପାଇଁ ଅନୁମତି ଦିଆଯାଇଛି ହେଲେ ପ୍ରେକ୍ଷାଳୟ ଖୋଲିଲେ ସିନେମାଟିଏ ପ୍ରଦର୍ଶିତ ହୋଇପାରିବ। ଫଳରେ ପ୍ରଯୋଜକ ଦି’ପଇସା ପାଇବା ସହ ଆଉ ଏକ ସିନେମା ନିର୍ମାଣ କରିବାକୁ ଚିନ୍ତା କରିବେ। କରୋନା ପାଇଁ ଗତ ବର୍ଷ ମାତ୍ର ତିନୋଟି ଚଳଚ୍ଚିତ୍ର (‘ପରଦେଶୀ ଚଢ଼େଇ’, ‘ବାବୁ ଭାଇଜାନ୍’ ଏବଂ ‘କୁଇନ୍’ ଏବଂ ଚଳିତ ବର୍ଷ ଜାନୁୟାରୀରୁ ଏପ୍ରିଲ ମଧ୍ୟରେ ଛଅଟି ସିନେମା (‘ରୋମିଓ ରଜା’, ‘ସୁପରବୟ’, ‘ତାଣ୍ଡବ’, ‘ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର’, ‘ଜଙ୍ଗଲ’ ଏବଂ ‘ଓୟେ ଗୀଟାର’) ମୁକ୍ତିଲାଭ କରିଛି।

ବର୍ତ୍ତମାନ ଆମ ରାଜ୍ୟର ଅଧିକାଂଶ ପ୍ରେକ୍ଷାଳୟର ଅବସ୍ଥା ନ କହିବା ଭଲ। କେବଳ ସହରାଞ୍ଚଳରେ ହାତଗଣତି ଭଲ ପ୍ରେକ୍ଷାଳୟ ରହିଛି। ବିଶେଷଭାବରେ ରାଜ୍ୟର ଉପକୂଳ ଅଞ୍ଚଳରେ ଥିବା ପ୍ରେକ୍ଷାଳୟ ଉପରେ ପ୍ରଯୋଜକମାନେ ଅଧିକ ଆଶା ରଖିଥାଆନ୍ତି। ଗ୍ରାମାଞ୍ଚଳରେ ଗୋଟିଏ ଓଡ଼ିଆ ସିନେମା କେତେ ଆୟ କରେ ତାହା ନ କହିବା ଭଲ। କେବଳ ପୂଜାପାର୍ବଣରେ ସେଠାରେ ଅଧିକାଂଶ ସିନେପ୍ରେମୀ ପ୍ରେକ୍ଷାଳୟକୁ ଯିବାକୁ ପସନ୍ଦ କରନ୍ତି। କରୋନା ଆମ ଓଡ଼ିଆ ସିନେମା ଶିଳ୍ପକୁ କେତେ ପଛକୁ ଠେଲି ଦେଇଛି ତାହା କହିବା ଅନାବଶ୍ୟକ। ଶୁଟିଂ ବନ୍ଦ ଥିବା ବେଳେ ଏହା ସହ ଜଡ଼ିତ ବ୍ୟକ୍ତିମାନେ କିପରି ଜୀବିକା ନିର୍ବାହ କରୁଛନ୍ତି ତାହା ଜଣେ ଅନୁଭବୀ ହିଁ ଜାଣିପାରିବ।

ଚଳଚ୍ଚିତ୍ର, ଯାତ୍ରା, ଟେଲି ଓ ସଙ୍ଗୀତ ଜଗତର ସମସ୍ତ ବ୍ୟକ୍ତି ସ୍ୱଚ୍ଛଳବର୍ଗର ନୁହନ୍ତି। ଆଙ୍ଗୁଠି ଗଣତି ସ୍ୱଚ୍ଛଳ ରହିଥିବା ବେଳେ ଅଧିକାଂଶ ବ୍ୟକ୍ତି ସେପରି ଆର୍ଥିକ ଦିଗରୁ ଉନ୍ନତ ନୁହନ୍ତି। ମୁହଁରେ ରଙ୍ଗ ମାରି ଅନ୍ୟମାନଙ୍କୁ ହସାଉଥିବା କଳାକାରର ସ୍ଥିତି ପରିସ୍ଥିତିକୁ ଯଦି ସମୀକ୍ଷା କରାଯିବ ତେବେ ଅତ୍ୟନ୍ତ ଶୋଚନୀୟ। ସ୍ୱାଭିମାନ ପାଇଁ ସେମାନେ ନୀରବତା ମଧ୍ୟରେ ରୁହନ୍ତି। ପ୍ରକୃତପକ୍ଷେ ଅନେକ କଳାକାର ଓ ଟେକ୍ନିସିଆନ ଦୁଇବର୍ଷ ଭିତରେ ସଂଘର୍ଷପୂର୍ଣ୍ଣ ଜୀବନ ବିତାଉଛନ୍ତି।

ଓଡ଼ିଆ ସିନେମା ପ୍ରତି ଅନେକ ଦର୍ଶକଙ୍କ ବିମୁଖତା ପ୍ରେକ୍ଷାଳୟର ଅବସ୍ଥାକୁ ଶୋଚନୀୟ କରିଦେଇଛି। ସିନେମାଟି ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେଲେ ଏହାର ଆୟ ଦର୍ଶକଙ୍କ ଉପରେ ନିର୍ଭର କରେ। ଗତ କିଛି ବର୍ଷ ହେବ ଓଡ଼ିଆ ଚଳଚ୍ଚିତ୍ର କିପରି ବିଜନେସ କରୁଛି ତାହା କହିବା ଅନାବଶ୍ୟକ। କେତେକ ସିନେମା ମୁକ୍ତିଲାଭ କରିବାର ଗୋଟିଏ କିମ୍ବା ଦୁଇଟି ଦିନ ପରେ ପ୍ରେକ୍ଷାଳୟରୁ ଉଠିଯାଉଛି। ଦର୍ଶକଙ୍କ ରୁଚିକୁ ଲକ୍ଷ୍ୟ କରି ଚଳଚ୍ଚିତ୍ରଟିଏ ନିର୍ମାଣ କଲେ ତାହା ଦର୍ଶକାଦୃତ ହୋଇପାରିବ। ଦିନ ଥିଲା ଭଲ କାହାଣୀ, ଉପଯୁକ୍ତ କଳାକାର ଚୟନ, ଶୁଟିଂ ସମୟରେ ସବୁ ଦିଗ ପ୍ରତି ଗୁରୁତ୍ୱ, ମନଛୁଆଁ ସଙ୍ଗୀତ ଓଡ଼ିଆ ସିନେମାକୁ ବେଶ୍ ଲୋକପ୍ରିୟ କରାଇଥିଲା। ସେହି ସମୟରେ ଜଣେ ଜଣେ ପ୍ରଯୋଜକ ଗୋଟିଏ ସିନେମା ପରେ ଏକାଧିକ ଚିତ୍ର ନିର୍ମାଣ କରି ଦର୍ଶକଙ୍କ ମନ ଜିଣିଥିଲେ। ତା’ସହ ନିଜକୁ ଜଣେ ସଫଳ ପ୍ରଯୋଜକ ଭାବରେ ପରିଚିତ କରାଇଥିଲେ।

ଏବେ କୋଭିଡ୍ ମହାମାରୀ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ଯେଉଁଭଳି ଭାବରେ ପ୍ରଭାବିତ କରିଛି ସେଥିରୁ ମୁକୁଳିବାକୁ ଏହାକୁ ନିଶ୍ଚୟ କିଛି ସମୟ ଲାଗିବ। ହେଲେ ଏହି ସମୟରେ ପ୍ରଯୋଜକ ଚଳଚ୍ଚିତ୍ରଟିଏ ନିର୍ମାଣ କରିବା ପୂର୍ବରୁ ତାହା କିପରି ଦର୍ଶକଙ୍କୁ ପ୍ରଭାବିତ କରିପାରିବ ସେ ନେଇ ଚିନ୍ତା କରିବା ଦରକାର। ବିଗତ ଦିନରେ ଓଡ଼ିଆ ସିନେମାଟିଏ କେବଳ ଆମ ରାଜ୍ୟରେ ନୁହେଁ, ଜାତୀୟ ସ୍ତରରେ ସୁନାମ ଅର୍ଜନ କରୁଥିଲା। ସେହି ଦିନକୁ ପୁଣି ଥରେ ଫେରାଇ ଆଣିବା ପାଇଁ ସାମୂହିକ ପ୍ରଚେଷ୍ଟାର ଆବଶ୍ୟକତା ରହିଛି।

–**ଦିଲୀପ ହାଲି**, ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ
DHARITRI
ଢେଙ୍କାନାଳ, ଗୁରୁବାର, ୨୯ ଜୁଲାଇ, ୨୦୨୧

## ରାଇଘର ଅଞ୍ଚଳରେ ମାଓବାଦୀ ବ୍ୟାନର

ରାଇଘର,(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଞ୍ଚଳରେ ମାଓବାଦୀ ବ୍ୟାନର ଲାଗିଥିବା ବୁଧବାର ଦେଖିବାକୁ ମିଳିଛି। ରାଇଘରଠାରୁ ନିକଟ ୩କି.ମି. ଦୂର ଗଞ୍ଜାପାରା-କୁସୁମପୁର ଛକରେ ଏହି ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ଛତିଶଗଡ଼ ସୀମାନ୍ତ ସୀତାନଦୀ ଏରିଆ କମିଟି ପକ୍ଷରୁ ଏହି ବ୍ୟାନର ଲଗାଯାଇଥିବା ଉଲ୍ଲେଖ ରହିଛି। ଖବର ପାଇ ରାଇଘର ପୋଲିସ ବ୍ୟାନରକୁ ଜବତ କରିଥିବା ଜଣାପଡ଼ିଛି। ମାଓବାଦୀମାନେ ଜୁଲାଇ ୨୮ରୁ ପିଏଲଜିଏ ସପ୍ତାହ ପାଳୁଥିବାବେଳେ ଶହୀଦଙ୍କ ଅଧୁରା କାମ ପୂରା କରିବା ଓ ଫାସିବାଦୀ-ସମାଧାନ-ପ୍ରହାର-ଦମନ, ପିଏଲଜିଏ ଜିନ୍ଦାବାଦ ଆଦି ବ୍ୟାନରରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି।

### ସଂକ୍ଷେପରେ

## ପିପିଲି ସ୍ୱପ୍ନେଶ୍ୱର ମନ୍ଦିର, ରତ୍ନଚିରା ଉପତ୍ୟକାର ପୁନରୁଦ୍ଧାର ହେଉ: ଧର୍ମେନ୍ଦ୍ର

**କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି**

ଭୁବନେଶ୍ୱର, ୨୮।୭(ବ୍ୟୁରୋ): ପୁରୀ ଜିଲା ପିପିଲି ତହସିଲ ଅନ୍ତର୍ଗତ ବୀରପୁରୁଷୋତ୍ତମପୁର ଗ୍ରାମର ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରର ସଂରକ୍ଷଣ ତଥା ରତ୍ନଚିରା ମୁହାଣରେ ଥିବା ଐତିହ୍ୟରାଜିର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ କରାଯାଉ। ଏନେଇ ତୁରନ୍ତ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ଲାଗି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତ୍ର ଲେଖିଛନ୍ତି। ଧର୍ମେନ୍ଦ୍ର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ନିକଟରେ ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲ୍‌ଚୁରାଲ ହେରିଟେଜ(ଇନ୍‌ଟାକ) ରତ୍ନଚିରା ଉପତ୍ୟକା ଏବଂ ସେଠାକାର ଐତିହ୍ୟରାଜିର ଅନୁସନ୍ଧାନ କରିବା ସମୟରେ ପୁରୀ ଜିଲାର ପିପିଲି ତହସିଲ ଅନ୍ତର୍ଗତ ବୀରପୁରୁଷୋତ୍ତମପୁର ଗ୍ରାମରେ ୬-୭ ଶତାବ୍ଦୀର ଏକ ପ୍ରାଚୀନ ମନ୍ଦିର ମାଟି ତଳୁ ଖୋଳି ବାହାର କରିଛି। ସ୍ଥାନୀୟ ଅଞ୍ଚଳରେ ଏହି ମନ୍ଦିର ମହାଦେବଙ୍କ ପାଇଁ ସମର୍ପିତ ସ୍ୱପ୍ନେଶ୍ୱର ମନ୍ଦିର ଭାବେ ପରିଚିତ। ୧୩୦୦-୧୪୦୦ ବର୍ଷ ପୂର୍ବେ ଏହି ମନ୍ଦିର କଳିଙ୍ଗ କୀର୍ତ୍ତିରାଜିର ଏକ ଉତ୍କୃଷ୍ଟ ଉଦାହରଣ ବୋଲି ଆକଳନ କରାଯାଇଛି। ମନ୍ଦିରର ଢାଞ୍ଚାର ସ୍ଥିତି ବିପଜ୍ଜନକ ଅବସ୍ଥାରେ ଥିବା ଦର୍ଶାଇ ସେ ଗଭୀର ଚିନ୍ତାବ୍ୟକ୍ତ କରିବା ସହ ଏହାର ଶୀଘ୍ର ରକ୍ଷଣାବେକ୍ଷଣ କରିବାର ଆବଶ୍ୟକତା ରହିଥିବା କହିଛନ୍ତି।

## ଭାଜପା ଗଠନ କଲା ୧୭ ଜଣିଆ ପୌର କମିଟି

ଭୁବନେଶ୍ୱର, ୨୮।୭(ବ୍ୟୁରୋ): ଦଳୀୟ ସଙ୍ଗଠନକୁ ଆହୁରି ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ପୂର୍ବତନ ରାଜ୍ୟ ସଭାପତି କେ.ଭି. ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପୌରାଞ୍ଚଳ କମିଟି ଗଠନ କରାଯାଇଛି। ରାଜ୍ୟ ସଂଯୋଜକ ଭାବେ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କମିଟିରେ ୧୭ ଜଣ ସଦସ୍ୟ ଅଛନ୍ତି। କନକବର୍ଦ୍ଧନଙ୍କୁ ବଲାଙ୍ଗୀର, ସୁବର୍ଣ୍ଣପୁର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା ଜିଲା ଦାୟିତ୍ୱ ଦିଆଯାଇଛି। ସେହିପରି ରାଜ୍ୟ ସଂଯୋଜକ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ବାରିପଦା (ମୟୂରଭଞ୍ଜ), ରାଇରଙ୍ଗପୁର (ମୟୂରଭଞ୍ଜ), ଅପରାଜିତା ଷଡଙ୍ଗୀଙ୍କୁ ଭୁବନେଶ୍ୱର ଓ ଖୋର୍ଦ୍ଧା, ଜୟନାରାୟଣ ମିଶ୍ରଙ୍କୁ ଦେବଗଡ, ସମ୍ବଲପୁର, ଜୟନ୍ତ ଷଡଙ୍ଗୀଙ୍କୁ ପୁରୀ, ନୟନ କିଶୋର ମହାନ୍ତି, ସମୀର ଦେ ଏବଂ ବିନୋଦ ଦାସଙ୍କୁ କଟକ ସହର, ଜୀବନ ପ୍ରଦୀପ ଦାସଙ୍କୁ ବାଲେଶ୍ୱର ଓ ଭଦ୍ରକ, ପ୍ରକାଶ ବେହେରାଙ୍କୁ କଟକ ସଦର, ନିହାର ରାୟଙ୍କୁ ପାନପୋଷ (ରାଉରକେଲା), ସୁନୀଲ ଶର୍ମାଙ୍କୁ ଅନୁଗୋଳ ଓ ଢେଙ୍କାନାଳ, ଉର୍ମିଳା ମହାପାତ୍ରଙ୍କୁ ବୌଦ୍ଧ, କନ୍ଧମାଳ ଓ ନୟାଗଡ, ଦିଲୀପ ମହାନ୍ତି ଓ ତିରୁପତି ନାୟକଙ୍କୁ ଗଜପତି, ଗଞ୍ଜାମ ଓ ଘୁମୁସର, ନୟନ କିଶୋର ମହାନ୍ତିଙ୍କୁ କେନ୍ଦ୍ରାପଡା, ଜଗନ୍ନାଥ ପ୍ରଧାନଙ୍କୁ ଜଗତସିଂହପୁର ଓ ଯାଜପୁର, ସୀମାଞ୍ଚଳ ଖଟେଇଙ୍କୁ କଳାହାଣ୍ଡି, ନୂଆପଡା ଓ ବରଗଡ, ଦିଲୀପ ମିଶ୍ରଙ୍କୁ କେନ୍ଦୁଝର, ଟଙ୍କଧର ତ୍ରିପାଠୀଙ୍କୁ ଝାରସୁଗୁଡା ଓ ସୁନ୍ଦରଗଡ ଜିଲାର ପ୍ରଭାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

# ହୀରାକୁଦ ଜଳଭଣ୍ଡାର ଦ୍ୱୀପରେ ହେବ କଟେଜ୍

ସମ୍ବଲପୁର,୨୮।୭ (ବ୍ୟୁରୋ)



ଜିଲାପାଳଙ୍କ ଅଫିସରେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ଅସିତ କୁମାର ତ୍ରିପାଠୀ।

- ୧୩୦ କୋଟି ଖର୍ଚ୍ଚ ଯୋଜନା
- କ୍ରୁଜ୍, ଲକ୍‌ଜୁରି ବୋଟ୍ ସହ ବୋଟିଂ କ୍ଲବ ହେବ
- ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ସମ୍ବଲପୁର

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ରାଜ୍ୟ ସରକାର ଏଠାରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ପାଇଁ ୧୩୦ କୋଟି ଟଙ୍କା ଖର୍ଚ୍ଚ କରିବା ଯୋଜନା କରିଛନ୍ତି। ଜଳଭଣ୍ଡାର ଦ୍ୱୀପରେ କଟେଜ୍ ନିର୍ମାଣ ସହ କ୍ରୁଜ୍ ବୋଟ୍, ୨ଟି ଲକ୍‌ଜରି ବୋଟ୍, ବୋଟିଂ କ୍ଲବ, ଫ୍ଲୋଟିଂ ରେଷ୍ଟୁରାଣ୍ଟ ଭଳି ପ୍ରକଳ୍ପ କରାଯିବ। ଏଥିପାଇଁ ଏକ ବଡ କମ୍ପାନୀ ସହାୟତାରେ ଡିଜାଇନ୍ କରାଯାଇଛି। ରାଜ୍ୟ ତଥା ଦେଶ ବାହାରୁ ପର୍ଯ୍ୟଟକ ଆସିଲେ ମଧ୍ୟ ସେମାନଙ୍କ ପାଇଁ ସୁବିଧା କରାଯିବା ବ୍ୟବସ୍ଥା ରହିଛି। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ତଥା ରାଜ୍ୟ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ଅସୀତ କୁମାର ତ୍ରିପାଠୀ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ସମ୍ବଲପୁର ଜିଲା ପଶ୍ଚିମ ଓଡ଼ିଶାର ପ୍ରବେଶ ଦ୍ୱାର ଭାବେ ରହିବ। ଏହା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ। ପର୍ଯ୍ୟଟନ କ୍ଷେତ୍ରକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଆସିଛନ୍ତି। ତେଣୁ ହୀରାକୁଦ ଜଳଭଣ୍ଡାରରେ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ରହିବା, ଖାଇବା, ବୁଲିବା, ଜଳକ୍ରୀଡା କରିବା ଭଳି ସମସ୍ତ ସୁବିଧା ପର୍ଯ୍ୟଟକ ପାଇପାରିବେ। ଜିଲାର ହୋଟେଲ ମାଲିକଙ୍କ ସହ ଆଲୋଚନା କରାଯାଇ ହୋଟେଲ ନିର୍ମାଣ ପାଇଁ ଆଲୋଚନା କରାଯାଇଛି। ଜଳଭଣ୍ଡାରରେ ଥିବା ଆଇଲାଣ୍ଡ (ଦ୍ୱୀପ)ର ମଧ୍ୟ ବିକାଶ କରାଯିବ। ସେଠାରେ ୫ ବର୍ଷିୟା ଯୋଜନାରେ କଟେଜ୍ ନିର୍ମାଣ କରାଯିବ। ଏଠାକୁ ଗମନାଗମନ ପାଇଁ ନିକଟ ଜିଲା ଝାରସୁଗୁଡାରେ ଏୟାରପୋର୍ଟ ଥିବାବେଳେ ଟ୍ରେନ ଚଳାଚଳ ସୁବିଧା ରହିଛି। ଏହାସହ ୨୫୦ କୋଟି ବ୍ୟୟ ଅଟକଳରେ ସମଲେଇ ଯୋଜନା ହାତକୁ ନିଆଯାଇଛି। ଏଥିରେ ସମଲେଇ ମନ୍ଦିର ସହ ପାରିପାର୍ଶ୍ୱିକ ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିସାରିଛନ୍ତି। ଏକସପ୍ତାହ ଭିତରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କାମ ଆରମ୍ଭ ହେବ। ପ୍ରାୟ ୨ଶହ ପରିବାରଙ୍କୁ କ୍ଷତିପୂରଣ ଦେବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଅଧ୍ୟକ୍ଷ ତ୍ରିପାଠୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ସଚିବ ବିଶାଳ ଦେବ, ଜିଲାପାଳ ଦାୟିତ୍ୱରେ ଥିବା ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ମୟୂର ସୂର୍ଯ୍ୟବଂଶୀ ବିକାଶ, ବିନୋଦ ବିହାରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅଧ୍ୟକ୍ଷ ତ୍ରିପାଠୀ ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱରେ ଥିବା ବିଭିନ୍ନ ସ୍ଥାନ, ରାଣୀ ବଖରି, ଜିଏମ୍ ୟୁନିଭରସିଟି, ନିର୍ମାଣାଧୀନ ଟାଉନ ହଲ, ଫ୍ଲାଏ ଓଭର ଆଦି ପ୍ରକଳ୍ପ ବୁଲି ଦେଖିଥିଲେ। ଶୀଘ୍ର ନିର୍ମାଣ କାମ ସାରିବାକୁ ପୂର୍ତ୍ତ ବିଭାଗ ଓ ଜିଲା ପ୍ରଶାସନିକ ଅଧିକାରୀମାନଙ୍କୁ କହିଥିଲେ।

## ୨ବର୍ଷରେ ୩୪୮୩ କୋଟିର ବ୍ୟବସାୟ

**ସ୍ୱୟଂ ସହାୟକ ଗୋଷ୍ଠୀ**

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

୫ ବର୍ଷ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ମାଧ୍ୟମରେ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶ ଅନୁଯାୟୀ ୨ ବର୍ଷରେ ମିଶନ ଶକ୍ତି ବିଭାଗ ୩୪୮୩ କୋଟି ଟଙ୍କାର ବ୍ୟବସାୟ ବିଭିନ୍ନ ବିଭାଗରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ସହ ସଂଯୋଜିତ କରିଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ବୈଠକରେ ମିଶନ ଶକ୍ତି ବିଭାଗ ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍ ଏ ସମ୍ବନ୍ଧିତ ତଥ୍ୟ ଉପସ୍ଥାପନ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବ୍ୟବସାୟରେ ସାମିଲ କରିବା ଦିଗରେ ବିଭିନ୍ନ ବିଭାଗ ବର୍ତ୍ତମାନ ପର୍ଯ୍ୟନ୍ତ ନେଇଥିବା ପଦକ୍ଷେପର ସମୀକ୍ଷାକରି ସହଭାଗିତା ନିମନ୍ତେ ନୂଆ ପ୍ରକଳ୍ପ ପ୍ରସ୍ତୁତ କରିବା ସହ ଅଧିକରୁ ଅଧିକ ଗୋଷ୍ଠୀଙ୍କୁ ଏଥିରେ ସମ୍ପୃକ୍ତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ସ୍ଥିତ ରାଜ୍ୟ ଗ୍ରାମୀଣ ବିକାଶ ପ୍ରତିଷ୍ଠାନ ପରିସରରେ ମିଶନ ଶକ୍ତି ବଜାର ନିର୍ମାଣ ହେବ। ଏହି ଅବସରରେ ସୁଜାତା କାର୍ତ୍ତିକେୟାନ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୯-୨୦ ଆର୍ଥିକ ବର୍ଷରୁ ୫ବର୍ଷ ମଧ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ୫୦୦୦ କୋଟି ଟଙ୍କାର ବ୍ୟବସାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୨ ବର୍ଷରେ ଏହି ବ୍ୟବସାୟ ପରିମାଣ ୨୧୭୨.୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୯-୨୦ ବର୍ଷରେ ସରକାରୀ ବ୍ୟବସାୟରେ ୨୦,୪୪୯ ଗୋଷ୍ଠୀ ସାମିଲ୍ ହୋଇଥିବା ବେଳେ ୨୦୨୦-୨୧ ବର୍ଷରେ ୬୨,୫୧୪ ଗୋଷ୍ଠୀ ସାମିଲ ହୋଇଥିଲେ ବୋଲି ସେ କହିଛନ୍ତି।

## ବିଧାନସଭା ପରିସରରେ ପିଏନ୍‌ବି ଏଟିଏମ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ବିଧାନସଭା ପରିସରରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଏଟିଏମ୍ ବୁଧବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ଏଟିଏମ୍ ଶାଖା ଉଦ୍‌ଘାଟନ କରିଛନ୍ତି। ବିଧାନସଭା ପରିସରରେ ଏଟିଏମ୍ ଖୋଲିବା ଦ୍ୱାରା ବିଧାନସଭା କର୍ମଚାରୀ ଓ ଜନସାଧାରଣ ବିଶେଷ ଉପକୃତ ହୋଇପାରିବେ ବୋଲି ବାଚସ୍ପତିଆଶା ପ୍ରକାଶ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ବିଧାନସଭା ସଚିବ ଦାଶରଥୀ ଶତପଥୀ, ପିଏନ୍‌ବି. ଜୋନାଲ ମୁଖ୍ୟ ସଞ୍ଜୀବ ଭରଦ୍ୱାଜ, ସର୍କଲ ମୁଖ୍ୟ ପରେଶ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବାପପୁଅଙ୍କ ସନ୍ଦେହଜନକ ମୃତ୍ୟୁ

**ବର୍ଷକରେ ଗଲାଣି ଗୋଟିଏ ପରିବାରର ୩ ଜୀବନ**

ସାରସକଣା, ୨୮।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅନ୍ତର୍ଗତ ସୀମାନ୍ତ ନୂଆସାହି ଗାଁରେ ବାପ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମଙ୍ଗଳବାର ରାତିରେ ପୁଅ ରାଜୁ ମହାନ୍ତ(୩୨) ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ବେଳେ ବୁଧବାର ସକାଳେ ବାପା ଲାଲମୋହନ ମହାନ୍ତ (୭୦)ଙ୍କ ମୃତଦେହ ଘର ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଉଭୟଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ ଜାରି ରଖିଛି। ପୁଅ ମୃତ୍ୟୁରେ ମ୍ରିୟମାଣ ହୋଇ ବାପାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଗ୍ରାମବାସୀ କହୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟ ଜଣା ପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଅକ୍ଷୟ କୁମାର ଟୁଡୁ କହିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୧) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଲାଲମୋହନଙ୍କ ଆଉ ଜଣେ ସାନ ପୁଅ ବିଜୁ ମହାନ୍ତ ୮ମାସ ପୂର୍ବେ ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତ୍ୟୁର କାରଣ ଅଦ୍ୟାବଧି ଜଣା ପଡ଼ିନାହିଁ। ବର୍ଷକ ମଧ୍ୟରେ ଗୋଟିଏ ପରିବାରର ୩ଜଣଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସାଧାରଣରେ ନାନା କଥା ଶୁଣିବାକୁ ମିଳୁଛି।

## କ୍ୟାପିଟାଲ ହସ୍ପିଟାଲକୁ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼ରୁ ଅଧିକ ଡେଙ୍ଗୁ ରୋଗୀ ଆସୁଛନ୍ତି

**ରାଜଧାନୀରେ ଆଉ ୩୨ ଡେଙ୍ଗୁ ରୋଗୀ ଚିହ୍ନଟ**

ଭୁବନେଶ୍ୱର, ୨୮।୭(ବ୍ୟୁରୋ)



କରୋନାର ଦ୍ୱିତୀୟ ଲହର ନ ଯାଉଣୁ ଏବେ ଚିନ୍ତା ବଢ଼ାଇଛି ଡେଙ୍ଗୁ। ରାଜଧାନୀ ଭୁବନେଶ୍ୱରରେ ଗତ କିଛିଦିନ ହେବ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବା ସହ ସ୍ଥିତି ଜଟିଳ ହେବାରେ ଲାଗିଛି। ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲ ଡେଙ୍ଗୁ ୱାର୍ଡରେ ୩୦ଜଣ ରୋଗୀଙ୍କ ଚିକିତ୍ସା ଚାଲିଥିବା ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ମହାପାତ୍ର ସୂଚନା ଦେଇଛନ୍ତି। ତାଙ୍କ କହିବାନୁସାରେ, ନୟାଗଡ଼, ଭୁବନେଶ୍ୱର ଓ ଖୋର୍ଦ୍ଧା ଅଞ୍ଚଳରୁ ବେଶି ରୋଗୀ ଆସୁଛନ୍ତି। ପ୍ରତିଦିନ ପାଖାପାଖି ୯୦ ଜଣଙ୍କର ଡେଙ୍ଗୁ ଟେଷ୍ଟ କରାଯାଉଛି। ଡାକ୍ତରଖାନାରେ ପ୍ରତିଦିନ ୮ରୁ ୧୦ଜଣ ଡେଙ୍ଗୁ ରୋଗୀ ଭର୍ତ୍ତି ହେଉଛନ୍ତି। ସବୁ ରୋଗୀଙ୍କୁ ଭର୍ତ୍ତି ନ କରି ଔଷଧ ଦେଇ ଛାଡ଼ି ଦେଉଛୁ। ଯେଉଁ ରୋଗୀଙ୍କର ବ୍ଲଡ୍ ପ୍ଲେଟ୍‌ଲେଟ୍ ୪୦ ହଜାର ତଳକୁ ରହୁଛି ସେମାନଙ୍କୁ ସଙ୍ଗେ ସଙ୍ଗେ ଭର୍ତ୍ତି କରାଯାଉଛି। ତେବେ ଖୁବ୍‌ଶୀଘ୍ର ଡେଙ୍ଗୁ କମିଯିବ ବୋଲି ଆଶା କରାଯାଉଛି। ଯେଉଁ ଅଞ୍ଚଳରେ ଡ୍ରେନେଜ ସିଷ୍ଟମ ଠିକ୍ ନାହିଁ ଓ ଲୋକ ସଚେତନ ନାହାନ୍ତି ସେ ଅଞ୍ଚଳଗୁଡ଼ିକରେ ଡେଙ୍ଗୁ ବ୍ୟାପୁଛି। କରୋନା ଓ ଡେଙ୍ଗୁକୁ ନେଇ ଲୋକ ଦ୍ୱନ୍ଦ୍ୱରେ ପଡୁଛନ୍ତି। ତେଣୁ ଲକ୍ଷଣ ଦେଖାଦେଲେ ପ୍ରଥମେ କରୋନା ଟେଷ୍ଟ ଓ ପରେ ଡେଙ୍ଗୁ ଟେଷ୍ଟ କରିବା ଉଚିତ ବୋଲି ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି।

ଅପରପକ୍ଷେ ଭୁବନେଶ୍ୱରରେ ବୁଧବାର ଆଉ ୩୨ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସହରରେ ମୋଟ ଡେଙ୍ଗୁ ରୋଗୀ ସଂଖ୍ୟା ୪୫୩ରେ ପହଞ୍ଚିଛି। ଡେଙ୍ଗୁ ଦମନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସଚେତନତା ଓ ସଫାସୁତୁରା ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଏଥିପାଇଁ ଏବେ ଡେଙ୍ଗୁ ସ୍ୱେଚ୍ଛାସେବୀ ଟିମ୍‌କୁ ନିୟୋଜିତ କରାଯାଇଛି। ସେମାନେ ୪୫ଦିନ ଧରି ଘର ଘର ବୁଲି ଯାଞ୍ଚ ଓ ସଚେତନ ଆଦି କାର୍ଯ୍ୟ କରିବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ରାୟଗଡ଼ାରୁ ୫ ରୁଟ୍‌ରେ ସରକାରୀ ବସ୍ ବନ୍ଦ

**ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ**

ରାୟଗଡ଼ା ଅଫିସ,୨୮।୭

ମାଓବାଦୀଙ୍କ ପିଏଲ୍‌ଜିଏ(ପିପୁଲ୍ସ ଲିବରେଶନ ଗେରିଲା ଆର୍ମି) ସପ୍ତାହ ବୁଧବାରଠାରୁ ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ପଦକ୍ଷେପ ନିଆଯାଇଛି। ଯାଞ୍ଚକୁ କଡ଼ାକଡ଼ି କରାଯିବା ସହ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ୫ଟି ରୁଟ୍‌ରେ ସରକାରୀ ବସ୍ ଚଳାଚଳ ବନ୍ଦ କରାଯାଇଛି। ବୁଧବାରଠାରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ୧୧ଟି ସରକାରୀ ବସ୍ ଚଳାଚଳ ବନ୍ଦ ରହିବ। ରାୟଗଡ଼ା-ବ୍ରହ୍ମପୁର, ରାୟଗଡ଼ା-ଚମ୍ପି ନାରାୟଣପାଟଣା, ରାୟଗଡ଼ା-ଥୁଆମୂଳରାମପୁର, ରାୟଗଡ଼ା-ଡଙ୍ଗାପାଇ, ରାୟଗଡ଼ା-କାଶୀପୁର ରୁଟ୍‌ରେ ବସ୍ ଚଳାଚଳ ବନ୍ଦ କରାଯାଇଛି। ଅଗଷ୍ଟ ୪ କିମ୍ବା ୫ରୁ ବସ୍ ଚଳାଚଳ ସ୍ୱାଭାବିକ ହେବ ବୋଲି ରାୟଗଡ଼ା ଡିଟିଏମ୍ ବିଜୟାନନ୍ଦ ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମାଓବାଦୀ କାର୍ଯ୍ୟକଳାପ ରୋକିବା ପାଇଁ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ମାଓବାଦୀପ୍ରବଣ ଅଞ୍ଚଳଗୁଡ଼ିକରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯିବା ସହ ଏସ୍‌ଓଜି, ଡିଭିଏଫ୍, ସିଆର୍‌ପିଏଫ୍, ବିଏସ୍‌ଏଫ୍ ଯବାନଙ୍କୁ ସଜାଗ କରାଯାଇଥିବା ଜଣାପଡ଼ିଛି। ସେହିପରି ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଇ ବିଭିନ୍ନ ଚେକ୍‌ପୋଷ୍ଟରେ ଯାନବାହନ ଯାଞ୍ଚ କରାଯାଉଛି। ବିଭିନ୍ନ ଏଜେନ୍ସି ଦ୍ୱାରା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ମେଶିନଗୁଡ଼ିକୁ କ୍ୟାମ୍ପକୁ ନେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପି କହିଛନ୍ତି।




ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ ପୁରୀର ନନ୍ଦିନୀ ପଟ୍ଟନାୟକଙ୍କ ଦ୍ୱାରା ଆଇସ୍‌କ୍ରିମ୍ କାଠିରେ ପ୍ରସ୍ତୁତ କଳାକୃତି।

## ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

**ବନଖଣ୍ଡ ଅଧିକାରୀ ସମ୍ମିଳନୀ**

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ବନଖଣ୍ଡ ଅଧିକାରୀ ସମ୍ମିଳନୀ ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ଉପଲବ୍ଧ ବିପୁଳ ଜଙ୍ଗଲ ସମ୍ପଦ ଆମ ରାଜ୍ୟ ପାଇଁ ପ୍ରକୃତିର ବରଦାନ। ଏହା ରାଜ୍ୟର ଅର୍ଥନୈତିକ ଉନ୍ନତି ଓ ରାଜ୍ୟବାସୀଙ୍କ ଜୀବନ ଜୀବିକାକୁ ଗଭୀର ଭାବରେ ପ୍ରଭାବିତ କରିଛି। ଏହି ମୂଲ୍ୟବାନ ସମ୍ପଦର ସୁରକ୍ଷା, ସଂରକ୍ଷଣ, ପରିଚାଳନା, ଅଭିବୃଦ୍ଧି କ୍ଷେତ୍ରରେ ବନଖଣ୍ଡ ଅଧିକାରୀଙ୍କ ଅବଦାନ ପ୍ରଶଂସନୀୟ। ଚଳିତ ମୌସୁମୀରେ ବିଭିନ୍ନ ଯୋଜନା ମାଧ୍ୟମରେ ୧ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ବନୀକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଧାର୍ଯ୍ୟ ଲକ୍ଷ୍ୟ ହାସଲକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଜଙ୍ଗଲ ବିଭାଗର ୩,୩୭୫ଟି ନର୍ସରୀରେ ୧୦ କୋଟି ୮୬ ଲକ୍ଷ ଚାରା ଉତ୍ପାଦନ କରାଯାଇଛି। ସମ୍ପୃକ୍ତ ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ବନଖଣ୍ଡ ଅଧିକାରୀମାନେ ବ୍ୟାପକ ବନୀକରଣକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବେ। ରାଜ୍ୟର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ସାରିବାର ଆବଶ୍ୟକତା ରହିଛି। ସେ ଦିଗରେ ବନଖଣ୍ଡ ଅଧିକାରୀମାନେ ସର୍ବାଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଲେ, କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଅଭିନବ ଯୋଜନା ଓ କାର୍ଯ୍ୟକ୍ରମର କିଭଳି ସଫଳ ରୂପାୟନ ହେବ ତାହାର ଉତ୍ତରଦାୟିତ୍ୱ ଡିଏଫ୍‌ଓମାନଙ୍କ ଉପରେ ନ୍ୟସ୍ତ। ଦୀର୍ଘ ଅନୁଭବ, ଅନୁଭୂତି ଏବଂ ଅଭିଜ୍ଞତା ଆଧାରରେ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନକୁ ସମୟୋଚିତ ଭାବେ ସୁନିଶ୍ଚିତ କରିବା ଜରୁରୀ। ପିସିସିଏଫ୍ ଶିଶିର ରଥ, ପିସିସିଏଫ୍ (ବନ୍ୟପ୍ରାଣୀ) ଶଶି ପଲ୍ ପ୍ରମୁଖ ଉପସ୍ଥିତ ଥିବାବେଳେ ସମସ୍ତ ଜିଲାର ବନଖଣ୍ଡ ଅଧିକାରୀ ଭର୍ଚୁଆଲରେ ଯୋଗଦେଇଥିଲେ।

## ସ୍ପିରିଟ ଢାଳି ନିଆଁ ଲଗାଇଥିଲେ ପ୍ରେମିକ

**ପ୍ରେମିକାଙ୍କୁ ଜାଳିଦେବା ଘଟଣା**

ପୁରୁଷୋତ୍ତମପୁର, ୨୮।୭(ଡି.ଏନ.ଏ.)



କୃଷ୍ଣଚନ୍ଦ୍ର ସାହୁ



ଶୁଭସ୍ମିତା ଖାଡଙ୍ଗା

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପୁର ଗ୍ରାମରେ ପ୍ରେମିକା ଶୁଭସ୍ମିତା ଖାଡ଼ଙ୍ଗାଙ୍କୁ ଜୀଅନ୍ତା ଜାଳିଦେବା ଘଟଣାରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ସାହୁଙ୍କୁ ପୋଲିସ ବୁଧବାର ଗିରଫ କରିଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ଘଟିଥିବା ପରିତ୍ୟକ୍ତ ଗୃହରେ ପହଞ୍ଚି ତଦନ୍ତ କରିଛନ୍ତି। ସେଠାରୁ ଶୁଭସ୍ମିତାଙ୍କ ଚପଲ, ୨ଟି ମୋବାଇଲ ଫୋନ୍, ଚୁନି, ଭ୍ୟାନିଟି ବ୍ୟାଗ, ଦିଆସିଲି, ସ୍ପିରିଟ ବୋତଲ, ସାର୍ଟିଫିକେଟ ଓ କିଛି କାଗଜପତ୍ର ଥିବା ଏକ ବ୍ୟାଗକୁ ଜବତ କରାଯାଇଛି। ଶୁଭସ୍ମିତା ବାହା ହେବାକୁ ଜିଦ୍ କରିବାରୁ କୃଷ୍ଣଚନ୍ଦ୍ର ତାଙ୍କୁ ଗାଁକୁ ଡାକି ଉକ୍ତ ପରିତ୍ୟକ୍ତ ଘରେ ସ୍ପିରିଟ ଢାଳି ନିଆଁ ଲଗାଇ ଦେଇଥିଲେ ବୋଲି ପୋଲିସ କହିଛି। ପାରିପାର୍ଶ୍ୱିକ ସ୍ଥିତି ଓ ମେଡିକାଲରେ ଶୁଭସ୍ମିତା ଦେଇଥିବା ବୟାନ ଓ ତାଙ୍କ ବାପାଙ୍କ ଅଭିଯୋଗ ଆଦି ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଚାଲିଥିବା ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି।

ସୂଚନା ଅନୁଯାୟୀ, ଶୁଭସ୍ମିତାଙ୍କ ଘର ବୁଗୁଡା ଥାନା ଅନ୍ତର୍ଗତ ସଦାଶିବପୁର ଶାସନ ଗ୍ରାମରେ। ସେ ଗତ ୧୫ ଦିନ ତଳେ ଭଞ୍ଜନଗର ବ୍ଲକ ମୁଜାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାବରେଟୋରି ଟେକ୍ନିସିଆନ ଭାବେ ନିଯୁକ୍ତି ପାଇଥିଲେ। ସେ ମୁଜାଗଡ଼ରେ ଘରଭଡ଼ା ନେଇ ରହୁଥିଲେ। ୨୦୧୫ରେ ବ୍ରହ୍ମପୁରରେ ଟ୍ରେନିଂ ସମୟରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା କୃଷ୍ଣଚନ୍ଦ୍ରଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ୨୦୧୭ରେ ଉଭୟେ ଭୁବନେଶ୍ୱରରେ ୬ ମାସ ପାଇଁ ଲିଭ ଇନ୍ ରିଲେଶନଶିପ୍‌ରେ ରହିଥିଲେ। ପରେ କୃଷ୍ଣଚନ୍ଦ୍ର ଶୁଭସ୍ମିତାଙ୍କ ଘରକୁ ବିବାହ ପ୍ରସ୍ତାବ ନେଇ ଯାଇଥିଲେ ମଧ୍ୟ ତାଙ୍କ ବାପା ରାଜି ହୋଇ ନ ଥିଲେ। ଇତିମଧ୍ୟରେ କୃଷ୍ଣଚନ୍ଦ୍ରଙ୍କର ଅନ୍ୟତ୍ର ବିବାହ ସ୍ଥିର କରାଯାଇଥିଲା। ଶୁଭସ୍ମିତା ଏହା ଜାଣିବା ପରେ କୃଷ୍ଣଚନ୍ଦ୍ରଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ। ତେଣୁ ତାଙ୍କୁ ସବୁଦିନ ଲାଗି ରାସ୍ତାରୁ ହଟାଇ ଦେବାକୁ ଯୋଜନା କରି କୃଷ୍ଣଚନ୍ଦ୍ର ଶୁଭସ୍ମିତାଙ୍କୁ ମଙ୍ଗଳବାର ନିଜ ଗ୍ରାମ ପ୍ରତାପୁରକୁ ଡକାଇଥିଲେ। ତାଙ୍କୁ ଏକ ପରିତ୍ୟକ୍ତ ଘରକୁ ନେଇ ସ୍ପିରିଟ ଢାଳି ନିଆଁ ଲଗାଇ ଦେଇ ବାଇକ ଧରି ପଳାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଗୁରୁତର ଶୁଭସ୍ମିତାଙ୍କୁ ପ୍ରଥମେ ପୁରୁଷୋତ୍ତମପୁର ଡାକ୍ତରଖାନାକୁ ନେଇଥିଲା। ସେଠାରେ ପୋଲିସ ଓ ତହସିଲଦାରଙ୍କ ଉପସ୍ଥିତିରେ ତାଙ୍କର ବୟାନ ରେକର୍ଡ କରାଯାଇଥିଲା। ଶରୀରର ଅଧିକାଂଶ ଅଂଶ ପୋଡି ଯାଇଥିବାରୁ ଶୁଭସ୍ମିତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ରାତିରେ ମୃତ୍ୟୁ ଘଟିଥିଲା।

## ବାପାଙ୍କୁ ଜୀବିତ ପ୍ରମାଣ କଲେ ପୁଅ

**ମିଥ୍ୟା ମୃତ୍ୟୁ ପ୍ରମାଣପତ୍ର ହାସଲ ଅଭିଯୋଗରେ ମା', ସାନଭାଇ ଗିରଫ**

ବାଲେଶ୍ୱର ଅଫିସ, ୨୮।୭

ଜମି ହାତେଇବା ପାଇଁ ଜୀବିତ ବାପାଙ୍କୁ ମୃତ ଦର୍ଶାଇ ମା' ଓ ସାନଭାଇ ଗିରଫ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଉଭୟଙ୍କୁ ୨୬ତାରିଖରେ କୋର୍ଟଚାଲାଣ କରିଛି। ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ବାମପଦା ଗାଁର ଏଭଳି ଘଟଣା ନଜରକୁ ଆସିଛି। ଦୀର୍ଘଦିନର ଆଇନ ଲଢେଇ ପରେ ବଡପୁଅ ହରିନାରାୟଣ ବାପାଙ୍କୁ ଜୀବିତ ବୋଲି ପ୍ରମାଣ କରିଛନ୍ତି। ବାମପଦା ଗାଁର ରଘୁନାଥ ନାୟକଙ୍କର ୧୯୬୭ରେ ମୃତ୍ୟୁ ହୋଇଯାଇଥିବା ଦର୍ଶାଇ ତାଙ୍କ ସ୍ତ୍ରୀ ମାଳତୀ ଓ ସାନପୁଅ ମହେନ୍ଦ୍ର କୁମାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ତା ୨୧।୭।୨୦୧୬ ରିଖରେ ମୃତ୍ୟୁ ପ୍ରମାଣପତ୍ର ହାସଲ କରିଥିଲେ। ପରେ ରେମୁଣା ତହସିଲର କେତେଜଣ ଅସାଧୁ କର୍ମଚାରୀ ଓ ତତ୍କାଳୀନ ବଡଗାଁ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କ ସହାୟତାରେ ସେମାନେ ଉତ୍ତରାଧିକାରୀ ପ୍ରମାଣପତ୍ର ହାତେଇଥିଲେ। ଉତ୍ତରାଧିକାରୀ ପ୍ରମାଣପତ୍ର ତାଙ୍କ ପୁଅମାନେ ଗ୍ରହଣ ନ କରି ଜ୍ୟୋତି ହସପିଟାଲ ନିକଟରେ ରହୁଥିବା ଗୋପାଳ ବାରିକ ନାମକ ଜଣେ ବ୍ୟକ୍ତି ଦସ୍ତଖତ କରି ହାସଲ କରିଥିଲେ। ଏହାକୁ ନେଇ ସେ ମାଳତୀ ଓ ସାନପୁଅ ମହେନ୍ଦ୍ରଙ୍କୁ ଦେଇଥିଲେ। ଏକଥା ଜଣାପଡିବା ପରେ ରଘୁନାଥଙ୍କ ବଡପୁଅ ହରିନାରାୟଣ ଶିଳ୍ପାଞ୍ଚଳ ଥାନାରେ ୨୦୧୭ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା(ନଂ.୫୦/୨୦୧୭) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇତିମଧ୍ୟରେ ୩ଜଣ ଥାନାଧିକାରୀଙ୍କର ବଦଳି ହୋଇଥିଲା ବେଳେ ଏକାଧିକ ତଦନ୍ତକାରୀ ଅଫିସର ମଧ୍ୟ ବଦଳିଗଲେଣି। ତେବେ ନ୍ୟାୟ ନ ମିଳିବାରେ ବିଳମ୍ବ ହେଉଥିବାରୁ ହରିନାରାୟଣ ଉଚ୍ଚ ନ୍ୟାୟାଳୟ ଆଶ୍ରୟ ନେଇଥିଲେ। ଶେଷରେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ମିନତୀ ବିଶ୍ୱାଳ ମାମଲାକୁ ଶେଷ କରିବାକୁ ତତ୍ପରତା ଦେଖାଇଥିଲେ। ଏନେଇ ଶିଳ୍ପାଞ୍ଚଳ ଥାନାଧିକାରୀ ବିଶ୍ୱାଳ କହିଛନ୍ତି, ଘଟଣା ଦୀର୍ଘଦିନର ହୋଇଥିବାରୁ ମାମଲାକୁ ଶେଷ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ଜମି ଜାଲିଆତି କରି ହଡ଼ପ କରିବାକୁ ଏଭଳି ଯୋଜନା ହୋଇଥିଲା। ତଦନ୍ତରେ ମା' ମାଳତୀ ଓ ଭାଇ ମହେନ୍ଦ୍ର ଦୋଷୀ ବୋଲି ଜଣାପଡିବାରୁ ଉଭୟଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ବିଶ୍ୱାଳ କହିଛନ୍ତି।

**ନୂଆ ବିମାନ ସଂସ୍ଥା ଆଣିବେ ରାକେଶ ଝୁନଝୁନୱାଲା**

ଭାରତୀୟ ଶେୟାର ବଜାରର ଜଣାଶୁଣା ଚେହେରା ବିଲିୟନେୟାର ନିବେଶକ ରାକେଶ ଝୁନଝୁନୱାଲା ଭାରତରେ ଏକ ନୂଆ ବିମାନ କମ୍ପାନୀ ସ୍ଥାପନ କରିବାକୁ ଯୋଜନା ରଖିଛନ୍ତି। ଆଗାମୀ ୪ ବର୍ଷରେ ସେ ଏଥିଲାଗି ୭୦ ବିମାନ କିଣିବେ। ଅଧିକ ଭାରତୀୟ ବିମାନ ସେବା କିଭଳି ଲାଭ କରିବେ ତାକୁ ସେ ଧ୍ୟାନରେ ରଖିଛନ୍ତି। ଆସିବାକୁ ଥିବା ନୂଆ ବିମାନ କମ୍ପାନୀରେ ସେ ୪୦% ଅଂଶଧନ ହାସଲ କରିବେ ବୋଲି ସୂଚନା ମିଳିଛି।

# ପର୍ଯ୍ୟାପ୍ତ ନୁହେଁ ପ୍ରୋତ୍ସାହନ ପ୍ୟାକେଜ

## ବଜାର ଚାହିଦା ବୃଦ୍ଧି ଲାଗି ଅଧିକ ପଦକ୍ଷେପ ଜରୁରୀ: ସଂସଦୀୟ କମିଟି

ନୂଆଦିଲ୍ଲୀ, ୨୮।୭

ଅର୍ଥ ବ୍ୟବସ୍ଥା କରୋନା ମହାମାରୀ ଯୋଗୁ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଗତ ଆର୍ଥିକ ବର୍ଷରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)-୭.୩% ରହିଛି। ଅର୍ଥ ବ୍ୟବସ୍ଥାକୁ ସୁଧାର ପଥରେ ଆଣିବା ଲାଗି ସରକାର ଆତ୍ମ ନିର୍ଭର ଭାରତ ପ୍ୟାଜେକ ଘୋଷଣା କରିଛନ୍ତି। ଏହା ମଧ୍ୟରେ ମୋଟ ୨୯ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ପଦକ୍ଷେପ ସରକାର ହାତକୁ ନେଇଥିବା କହିଛନ୍ତି। ହେଲେ ସରକାର ଘୋଷଣା କରିଥିବା ପ୍ରୋତ୍ସାହନ ପ୍ୟାକେଜ ପର୍ଯ୍ୟାପ୍ତ ନୁହେଁ। କ୍ଷତିଗ୍ରସ୍ତ ବଜାରରେ ଚାହିଦା ବଢାଇବା ଲାଗି ସରକାରଙ୍କୁ ଅଧିକ ପଦକ୍ଷେପ ନେବା ଆବଶ୍ୟକତା ରହିଛି ବୋଲି ଶିଳ୍ପ ସଂକ୍ରାନ୍ତ ସଂସଦୀୟ କମିଟି ବୁଧବାର କହିଛି।

ବଜାରରେ ସୁଧାର ଆଣିବା ଲାଗି ବୃହତ୍ତ ପଦକ୍ଷେପ ନିଆଯାଇଥିବା ସରକାର କହୁଛନ୍ତି। ମାତ୍ର ସଂସଦୀୟ କମିଟିର ଏଭଳି ସ୍ପଷ୍ଟୀକରଣ ସରକାରଙ୍କ କାମ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କରୋନା ମହାମାରୀ ଦେଶର କ୍ଷୁଦ୍ର ବାଣିଜ୍ୟଗୁଡିକର ଅଣ୍ଟା ଭାଙ୍ଗି ଦେଇଛି। ଏହି ସ୍ଥିତିକୁ ସୁଧାରିବାର ଆବଶ୍ୟକତାକୁ ଉପଲବ୍ଧି କରିବାକୁ ହେବ ବୋଲି କମିଟି କହିଛି। ରିପୋର୍ଟରେ କହାଯାଇଛି ଯେ, ସରକାର ଯେଉଁ ପଦକ୍ଷେପ ଘୋଷଣା କରିଛନ୍ତି ତାର ଅଧିକାଂଶ ଭାଗ ଋଣ ଆକାରରେ ରହିଛି। ନଗଦ ଯୋଗାଣ ଦ୍ୱାରା ଚାହିଦା ବୃଦ୍ଧିକୁ ଧ୍ୟାନରେ ରଖିବା ପରିବର୍ତ୍ତେ ସରକାର ଦୀର୍ଘମିଆଦି ଯୋଜନା ଉପରେ କାହିଁକି ପଡିଛନ୍ତି। ପ୍ରଥମ ଲହରରେ କ୍ଷତିଗ୍ରସ୍ତ ବଜାର ବ୍ୟବସ୍ଥା ଅଣ୍ଟା ସଳଖି ଛିଡା ହେବାକୁ ଚେଷ୍ଟା କରୁଥିବା ବେଳେ ଏହା ଉପରେ ଦ୍ୱିତୀୟ ଲହର ମାଡ଼ କରିଛି। ଦେଶର ଅଭିବୃଦ୍ଧି ଇଞ୍ଜିନ ଭାବେ ପରିଗଣିତ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ପୁଣି ଥରେ ଚାପଗ୍ରସ୍ତ ହୋଇଛି।



ବଜାର ସମସ୍ୟା ସମାଧାନ, ଚାହିଦା ବୃଦ୍ଧି, ନିବେଶ, ରପ୍ତାନି ଏବଂ ନିଯୁକ୍ତି ସୃଷ୍ଟି ସହ ବଜାରର ଅଭିବୃଦ୍ଧିକୁ ଫେରାଇ ଆଣିବା ଲାଗି ସରକାର ଏକ ବୃହତ୍ ଅର୍ଥନୈତିକ ପ୍ୟାକେଜ ଆଣନ୍ତୁ ବୋଲି କମିଟି ପକ୍ଷରୁ କୁହାଯାଇଛି। ତୃତୀୟ ଲହରରେ ଏମ୍ଏସ୍ଏମ୍ଇ ଯେଭଳି ପ୍ରଭାବିତ ନ ହେବେ ସେଥି ଲାଗି ପୂର୍ବ ପ୍ରସ୍ତୁତି ସହ ପଦକ୍ଷେପ ଘୋଷଣା, ମହାମାରୀର ପ୍ରକୃତ ପ୍ରଭାବ ନେଇ ସର୍ଭେ, ଏମ୍ଏସ୍ଏମ୍ଇ କ୍ଷେତ୍ରର ଏନ୍ପିଏ ସଂଜ୍ଞାର ପୁନର୍ବିଚାର କରିବାକୁ ସରକାରଙ୍କୁ କମିଟି ପ୍ରସ୍ତାବ ଦେଇଛି। ମନ୍ତ୍ରଣାଳୟ ଅଦ୍ୟାବଧି କ୍ଷୁଦ୍ର ଶିଳ୍ପର କ୍ଷତି ସଂକ୍ରାନ୍ତ ସର୍ଭେ କରାଇବାକୁ ସକ୍ଷମ ହୋଇ ନ ଥିବା ଟିଆର୍ଏସ୍ ସାଂସଦ କେ.କେଶବ ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ଏହାର ରିପୋର୍ଟରେ ପ୍ରକାଶ କରିଛି।

# ବଜାରରେ ନୂଆ ୱାନ୍ ପ୍ଲସ୍ ନର୍ଡ ୨



ଭୁବନେଶ୍ୱର, ୨୮।୭

ୱାନ୍ ପ୍ଲସ୍ ଟେକ୍ନୋଲୋଜି ପକ୍ଷରୁ ଓଡ଼ିଶା ବଜାରରେ ନୂଆ ନର୍ଡ ୨ ମଡେଲ ସ୍ମାର୍ଟଫୋନକୁ ପ୍ରବେଶ କରାଯାଇଛି। ସ୍ଥାନୀୟ ଶହୀଦନଗର ସ୍ଥିତ ସା ଇନ୍ଫୋସିସ୍ ପ୍ରାଇଭେଟ ଲିମିଟେଡ୍‌ଠାରେ ବୁଧବାର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ କମ୍ପାନୀର ଆଞ୍ଚଳିକ ବିକ୍ରି ପ୍ରବନ୍ଧକ ବାଣୀ ବାରିକ, ୱାନ୍ ପ୍ଲସ୍‌ର ସିଟି ମ୍ୟାନେଜର ଭାଗୀରଥି ସାହୁ, ଡିଷ୍ଟ୍ରିବ୍ୟୁଟର ମ୍ୟାନେଜର ପୀୟୂଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂଆ ସ୍ମାର୍ଟଫୋନ ୬ଟି ଭାରିଆଣ୍ଟରେ ଆସିଛି। ସେଗୁଡିକ ହେଲା ୧୨୮ ଜିବି ୬ଜିବି ବ୍ଲୁହେଜ, ୧୨୮ ଜିବି ୮ଜି ବ୍ଲୁହେଜ, ୧୨୮ଜିବି ୮ଜିବି ଗ୍ରେ ସିଏରା, ୨୫୬ ଜିବି ୧୨ ଜିବି ଗ୍ରୀନ୍ ଓଡ୍ସ, ୨୫୬ ଜିବି ୧୨ ଜିବି ବ୍ଲୁ ହେଜ୍, ୨୫୬ ଜିବି ୧୨ ଜିବି ଗ୍ରେ ସିଏରା। ଏହି ମଡେଲଗୁଡିକ ୨୭,୯୯୯ ଟଙ୍କାରୁ ୩୪,୯୯୯ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ଉପଲବ୍ଧ। ଫୋନଗୁଡିକର ଓଜନ ୧୮୯ ଗ୍ରାମ ହୋଇଥିବା ବେଳେ ଡୁଆଲ ସିମ୍, ଗ୍ଲାସ୍ ଫ୍ରଣ୍ଟରେ ଗରିଲା ଗ୍ଲାସ୍ ୫, ଗ୍ଲାସ୍ ବ୍ୟାକ ଗରିଲା ଗ୍ଲାସ୍ ୫, ପ୍ଲାଷ୍ଟିକ ଫ୍ରେମ୍ ରହିଛି। ଫ୍ଲୁଇଡ ଆମୋଲେଡ, ୯୦ ଏଚ୍‌ଜେଡ, ଏଚ୍‌ଡିଆର୍ ୧୦ ପ୍ଲସ୍, ୬.୪ ଇଞ୍ଚ ସାଇଜର ସ୍କ୍ରିନ ୧୦୮୦X୨୪୦୦ ପିକ୍ସେଲ ରିଜଲ୍ୟୁଶନ, କର୍ନିଂ ଗରିଲା ଗ୍ଲାସ ପ୍ରୋଟେକ୍ସନ ରହିଛି। ସେହିଭଳି ଅତ୍ୟାଧୁନିକ ଟେକ୍ନୋଲୋଜି କ୍ୟାମେରା, ଡୁଆଲ ଏଲ୍ଇଡି ଫ୍ଲାସ୍, ଏଚ୍‌ଡିଆର, ପାନୋରାମା, ୪୫୦୦ ଏମ୍ଏଏଚ୍‌ର ବ୍ୟାଟେରି କ୍ଷମତା ଏଥିରେ ରହିଛି। ଏହି ମଡେଲ ଉପରେ ୧୦୦୦ ଟଙ୍କାର କ୍ୟାଶ୍‌ବ୍ୟାକ ଏବଂ ଏଚ୍‌ଡିଏଫ୍‌ସି ଡେବିଟ ଏବଂ କ୍ରେଡିଟ କାର୍ଡରେ ୩ ଏବଂ ୬ ମାସର ନୋକଷ୍ଟ ଇଏମ୍ଆଇ ସୁବିଧା ରହିଛି।

## ୩୫ ବ୍ରିଜ୍ ପ୍ରକଳ୍ପ ଲାଗି ନାବାର୍ଡର ୩୫୬ କୋଟି

ଭୁବନେଶ୍ୱର, ୨୮।୭

ରାଜ୍ୟରେ ୩୫ ବ୍ରିଜ୍ ନିର୍ମାଣ ଲାଗି ନାବାର୍ଡ ପକ୍ଷରୁ ୩୫୬ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଗ୍ରାମୀଣ ଭିତ୍ତିଭୂମି ଉନ୍ନତୀକରଣ ପାଣ୍ଠି(ଆର୍ଆଇଡିଏଫ୍) ଅଧୀନରେ ଓଡ଼ିଶା ସରକାରଙ୍କୁ ଏଭଳି ରାଶି ପ୍ରଦାନ କରାଯାଇଛି। ରାଜ୍ୟର ୧୭ ଜିଲାରେ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରାଯିବ। ମୋଟ ୧୩୨୪ ଗ୍ରାମର ୧୧.୦୬ ଲକ୍ଷ ଲୋକ ଏହା ଦ୍ୱାରା ସଂଯୋଗ ସୁବିଧା ଲାଭ କରିପାରିବେ ବୋଲି ସୂଚନା ମିଳିଛି। ଚଳିତ ଆର୍ଥିକ ବର୍ଷରେ ଅତି ଜରୁରୀ ଗ୍ରାମୀଣ ଭିତ୍ତିଭୂମି ପ୍ରକଳ୍ପ ଲାଗି ବ୍ୟାଙ୍କ ସହାୟତା ପ୍ରଦାନ କରୁଛି। ପାନୀୟ ଜଳ ଯୋଗାଣ, ଜଳସେଚନ, ଗ୍ରାମାଞ୍ଚଳରେ ରାସ୍ତା ଏବଂ ପୋଲ ନିର୍ମାଣ ଭଳି ପ୍ରକଳ୍ପ ଏହା ମଧ୍ୟରେ ସାମିଲ ରହିଛି। ଚଳିତ ଆର୍ଥିକ ବର୍ଷରେ ଆର୍ଆଇଡିଏଫ୍‌ରେ ୧୦୪୭ କୋଟି ଟଙ୍କାର ପୁଞ୍ଜିକୁ ମଞ୍ଜୁର କରାଯାଇଛି। ଏଭଳି ପଦକ୍ଷେପ ଦ୍ୱାରା ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଏବଂ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ ବୋଲି ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ସିଜିଏମ୍ ସି.ଉଦୟ ଭାସ୍କର କହିଛନ୍ତି।

# ଲିଖିତ ଆର୍ଥିକ ଯୋଜନା

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER CM ,CHARTERED WEALTH MANAGER
"Director, SmartMantra Financial Services Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍ସିଆଲ କାଉନ୍ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**– ଲିଖିତ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା କ'ଣ ନିହାତି ଜରୁରୀ? ଏହା ମଧ୍ୟରେ କ'ଣ ସବୁ ପ୍ରସଙ୍ଗ ରହିବା ଆବଶ୍ୟକ?**

**– ମିନି ମିଶ୍ର, ସମ୍ବଲପୁର**

☛ ପ୍ରତ୍ୟେକ ବ୍ୟକ୍ତି ଏକ ଆର୍ଥିକ ଯୋଜନା କରିବା ଉଚିତ। ଏକ ଲିଖିତ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ବହୁତ ଭଲ ଓ ଏହା ଏକ ମାର୍ଗଦର୍ଶିକା ହିସାବରେ କାମ କରିବ। ଏହାର ଅନେକ କିଛି ମୂଲ୍ୟ ଲକ୍ଷ୍ୟ ରହିଛି। ଆପଣଙ୍କ ଜୀବନର ସମସ୍ତ ଆର୍ଥିକ ଲକ୍ଷ୍ୟ ସବୁ ହାସଲ କରିବାରେ ଏହା ସାହାଯ୍ୟ କରିବ। ସ୍ୱପ୍ନର ଘରଟିଏ କିଣିବା, ପିଲାମାନଙ୍କର ଭବିଷ୍ୟତ ପାଠପଢ଼ା ଖର୍ଚ୍ଚ, ସୁଖମୟ ଅବସରକାଳୀନ ଜୀବନ, ପିଲାମାନଙ୍କ ପାଇଁ ସମ୍ପତ୍ତି ଛାଡ଼ିଯିବା କିମ୍ବା ସ୍ୱଇଚ୍ଛାରେ ଦାନ ଦେବା କାର୍ଯ୍ୟ କ୍ଷେତ୍ରରେ ଆପଣଙ୍କୁ ଏହା ସହାୟତା କରିବ। ସବୁଠାରୁ ମୁଖ୍ୟ ଦିଗ ହେଉଛି ଆପଣଙ୍କର ସମସ୍ତ ଆର୍ଥିକ ଲକ୍ଷ୍ୟ ଅଗ୍ରାଧିକାର ହିସାବରେ ହାସଲ କରିବା ପାଇଁ ଏହା ପୃଷ୍ଠଭୂମି ତିଆରି କରିବ। ଏହା ଏକ ମାନଚିତ୍ର ହିସାବରେ କାମ କରିବ। ଏହାଦ୍ୱାରା ସ୍ୱତନ୍ତ୍ର ରଣନୀତି ହିସାବରେ ଆପଣ ସମସ୍ତ ଆର୍ଥିକ ଲକ୍ଷ୍ୟସବୁ ସହଜରେ ହାସଲ କରିବାକୁ ସକ୍ଷମ ହେବେ।

ଆପଣଙ୍କର ଏକ ଲିଖିତ ବ୍ୟାପକ ଆର୍ଥିକ ଯୋଜନା ପ୍ରସ୍ତୁତ କରିଛନ୍ତି କି? ହୁଏତ ଆପଣ ମୌଖିକ ଆର୍ଥିକ ଯୋଜନା ପ୍ରସ୍ତୁତ କରିପାରନ୍ତି, କିନ୍ତୁ ଏହା ଆଦୌ ବାଞ୍ଛନୀୟ ନୁହେଁ। କାରଣ ଆପଣ ଆସନ୍ତା ୨୫-୩୦ ବର୍ଷ ପର୍ଯ୍ୟନ୍ତ ସବୁ ତଥ୍ୟ ମନେରଖି ପାରିବେ ନାହିଁ। ଆମର ପରାମର୍ଶ ଜଣେ ଆର୍ଥିକ ଯୋଜନାକାରୀଙ୍କ ସାହାଯ୍ୟରେ ଏହା ପ୍ରସ୍ତୁତ କରିବା ଉଚିତ ହେବ। ଜଣେ ଆର୍ଥିକ ଯୋଜନାକାରୀଙ୍କ ସହିତ ନିଜର ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ଅର୍ଥ ହେଉଛି ଆପଣ ଅର୍ଥ ସମ୍ବନ୍ଧୀୟ କାମ କରିବା ପାଇଁ କ୍ରିୟାଶୀଳ, ସଙ୍ଗଠିତ ଓ ଚିନ୍ତାଶୀଳ ଅଛନ୍ତି, ଯାହା କି ଆପଣଙ୍କ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବାରେ ସାହାଯ୍ୟ କରିବ।

### ଆର୍ଥିକ ଯୋଜନାରେ ରହୁଥିବା ପ୍ରମୁଖ ବିଷୟ

- ଆୟବ୍ୟୟ ହିସାବ ଓ ମାସିକ ବଜେଟ ପ୍ରସ୍ତୁତି
- ଆର୍ଥିକ ଲକ୍ଷ୍ୟସବୁର ଅଗ୍ରାଧିକାର ହିସାବରେ କେବେ, କେତେ ସଞ୍ଚୟ କରିବେ, କେତେ ବର୍ଷ ପର୍ଯ୍ୟନ୍ତ ଓ ନିବେଶ କିପରି କରାଯିବ। କିପରି ହାସଲ କରାଯିବ।
- ଆପଣଙ୍କ ବର୍ତ୍ତମାନ ବାସ୍ତବିକ ମୂଲ୍ୟ (ନେଟ୍ ୱର୍ଥ)
- ଜରୁରିକାଳୀନ ଖର୍ଚ୍ଚ ପାଇଁ ପାଣ୍ଠି ଗଠନ
- ସମସ୍ତ ଋଣ ପଇଠ କରିବାର ଯୋଜନା
- ବଡ଼ ଖର୍ଚ୍ଚ ସବୁ ପାଇଁ ଏବେଠୁ ଯୋଜନା କରିବା
- ନିବେଶ ଓ ଅବସରକାଳୀନ ପାଣ୍ଠି ଯୋଜନା
- ରିସ୍କ ବିଷୟରେ ବିଶ୍ଳେଷଣ ଓ ଉଚିତ ପଦକ୍ଷେପ ପାଇଁ କାର୍ଯ୍ୟ
- ସବୁଠୁ ଖରାପ ସମୟରେ ଆପଣଙ୍କ ଯୋଜନା କିପରି କାମ କରିବ
- ମୁଦ୍ରାସ୍ଫୀତିର ପ୍ରଭାବ ଆଧାରରେ ଯୋଜନା
- ଆୟକର କମ୍ କରିବା ବିଷୟରେ ଯୋଜନା
- ସ୍ୱାସ୍ଥ୍ୟ ବୀମା ସମ୍ବନ୍ଧୀୟ ଯୋଜନା
- ପରବର୍ତ୍ତୀ ପିଢ଼ି ପାଇଁ ଯୋଜନା
- ସବୁଠାରୁ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ହେଉଛି ନିୟମିତ ବ୍ୟବଧାନରେ ସମୀକ୍ଷା କରିବା ଓ ପଦକ୍ଷେପ ନେବା
- ଅନିଶ୍ଚିତତା ପରିସ୍ଥିତିରେ ରୋଜଗାର କରିବା ଓ ସଞ୍ଚୟ କରିବା, ଅବସରକାଳୀନ ସମୟରେ ନିଜର ମାସିକ ଖର୍ଚ୍ଚ ପାଇଁ ଆୟର ସୂତ୍ର ବାହାର କରିବା
- ସମସ୍ତ ଆର୍ଥିକ ଲକ୍ଷ୍ୟସବୁକୁ ସହଜରେ ହାସଲ କରିବା ଓ ଆକସ୍ମିକ ପରିସ୍ଥିତିକୁ ସାମ୍ନା କରିବା ହିଁ ଏକମାତ୍ର ରଣନୀତି ହେଉଛି ଏକ ଲିଖିତ ବ୍ୟାପକ ଆର୍ଥିକ ଯୋଜନା।

**– ଗତବର୍ଷ ମୁଁ ଏକ ଘରୋଇ କମ୍ପାନୀରୁ ଅବସର ଗ୍ରହଣ କରିଛି। କିଛି ଟଙ୍କା ମିଳିଛି ଯାହାକୁ ବ୍ୟାଙ୍କ ସ୍ଥାୟୀ ଜମାରେ ରଖିଛି। ଅବସର ସମୟରେ କିପରି ସମୟ ଅତିବାହିତ କରିବି ଓ ମାସିକ ଆୟ ପାଇବି ଏ ବିଷୟରେ ଚିନ୍ତା କରୁଛି।**

**– ମନୋରଞ୍ଜନ ସ୍ୱାଇଁ, ଅନୁଗୋଳ**

☛ ଏକ ଦୀର୍ଘକାଳୀନ ଓ ଖୁସିର ଅବସରକାଳୀନ ଜୀବନ ଆପଣଙ୍କ ଅବସରକାଳୀନ ପାଣ୍ଠିଠାରୁ ବହୁତ ଅଧିକ କିଛି। ଅବସରକାଳୀନ ଯୋଜନା ହେଉଛି ସଂଖ୍ୟାର ହିସାବ। ଏହାର ଅର୍ଥ ହେଉଛି ମୋର ଅବସରକାଳୀନ ପାଣ୍ଠି ମୋ ଅବସରକାଳୀନ ଖର୍ଚ୍ଚ ପାଇଁ ଯଥେଷ୍ଟ ହେବ କି? ଯେହେତୁ ଆପଣ ଅବସରକାଳୀନ ପାଣ୍ଠି ଅଛି ତେବେ ଏପରି କିଛି କାମ କରନ୍ତୁ ଯାହା କି ଆପଣଙ୍କ ପାଇଁ ଟଙ୍କା କିଣିପାରିବ ନାହିଁ। ଆପଣ ଅବସରକାଳୀନ ଜୀବନକୁ ସୁଖମୟ ଓ ବହୁତ ଭଲ କରିବା ପାଇଁ କିଛି ଅଭ୍ୟାସ କରନ୍ତୁ:-

- ସୁସ୍ଥ ରହିବା ପାଇଁ କିଛି ଶାରୀରିକ କାର୍ଯ୍ୟ କରନ୍ତୁ ଓ ସୁସ୍ଥ ରୁହନ୍ତୁ।
- ସାମାଜିକ ସମ୍ପର୍କକୁ ଅଧିକ ଦୃଢ଼ କରନ୍ତୁ ଓ ସେମାନଙ୍କ ସହ ସମୟ ବିତାଇବାକୁ ଚେଷ୍ଟା କରନ୍ତୁ।
- ଯେଉଁ କାର୍ଯ୍ୟ କରିବାକୁ ଭଲ ପାଉଛନ୍ତି ଏ ବିଷୟରେ ନିଜକୁ ପ୍ରଶ୍ନ କରନ୍ତୁ ଓ ତାହା ହିଁ କରନ୍ତୁ ଯାହା ଆପଣଙ୍କୁ ଖୁସି ଦେବ।
- ଆଗକୁ କିଛି କରିବା ପାଇଁ ପଢ଼ାପଢ଼ି କରନ୍ତୁ। ଅଧ୍ୟୟନ ବନ୍ଦ କରନ୍ତୁ ନାହିଁ।
- ସବୁବେଳେ ସକାରାତ୍ମକ ଚିନ୍ତାଧାରା ପାଇଁ ନିଜ ମସ୍ତିଷ୍କକୁ ତାଲିମ ଦିଅନ୍ତୁ।
- ସୁଖୀ ଅବସର ଗ୍ରହଣକାରୀ ବ୍ୟକ୍ତି ସମସ୍ତଙ୍କୁ ଧନ୍ୟବାଦ ଦେବା ପାଇଁ ଅଭ୍ୟାସ କରନ୍ତି।
- ନିଜର ସବୁଠୁ ଭଲ ବନ୍ଧୁଙ୍କ ସହିତ ସମୟ ବିତାଇବାକୁ ଚେଷ୍ଟା କରନ୍ତୁ।


**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦**


ଫୁରସତ୍

# ବିନା ଛାତର ହୋଟେଲ

## ସୁଇଜରଲାଣ୍ଡର 'ନଲ ଷ୍ଟର୍ନ'



**ବର୍ନ:** ଦୁନିଆରେ ବୁଲିବା ପାଇଁ ଅନେକ ସ୍ଥାନ ରହିଛି। ଯେଉଁଠି କିଛି ସମୟ ଶାନ୍ତିରେ ବିତାଇବାକୁ ଲୋକେ ଯାଇଥାନ୍ତି। ସବୁଠୁ ପସନ୍ଦର ସ୍ଥାନ ହେଲା ସବୁଜ ବନାନୀ ମଧ୍ୟରେ ଥିବା ନିରୋଳା ଜାଗା। ଏହାକୁ ଦମ୍ପତିମାନେ ସବୁଠୁ ଅଧିକ ପସନ୍ଦ କରନ୍ତି। ବିଶେଷ କରି ସୁନ୍ଦର ହୋଟେଲ ଦମ୍ପତିଙ୍କ ପ୍ରଥମ ପସନ୍ଦ ହୋଇଥାଏ। ତେବେ ଏମିତି ଏକ ହୋଟେଲ ରହିଛି ଯେଉଁଠି ଛାତ ନାହିଁ କି ପାଚେରି ନ ଥିଲେ ବି ତାହା ଲୋକଙ୍କ ପ୍ରିୟ ସ୍ଥାନ ପାଲଟିଛି। ଏହି ହୋଟେଲର ନାମ ହେଉଛି 'ନଲ ଷ୍ଟର୍ନ'। ଏହା ସୁଇଜରଲାଣ୍ଡରେ ଅଛି। ଏହା ଏକ ଓପନ ଏୟାର ହୋଟେଲ। ଯେଉଁଥିରେ କେବଳ କୋଠରି ଅଛି। ଏଠାରେ ରହୁଥିବା ଲୋକଙ୍କୁ ଖୋଲାରେ ଶୋଇବାକୁ ପଡ଼େ।

ଜୁଲାଇ ୨୦୧୬ରେ ଏଠାରେ ଗୋଟିଏ ବେଡ୍ ସହ ହୋଟେଲଟି ଆରମ୍ଭ ହୋଇଥିଲା। ସମୁଦ୍ର କୂଳରୁ ୬,୪୬୩ ଫୁଟ ଉଚ୍ଚରେ ଥିବା ଏହି ହୋଟେଲରେ ଗୋଟିଏ ରାତି ରହିବାକୁ ୧୭,୦୦୦ ଟଙ୍କା ଦେବାକୁ ପଡ଼ିଥାଏ। ମାତ୍ର ଏଠାରେ ରହିବାକୁ ହେଲେ ଉତ୍ତମ ଋତୁ ଦରକାର। ଭଲ ଋତୁ ହେଲେ ବହୁ ସଂଖ୍ୟାରେ ବୁକିଂ ହୋଇଥାଏ। ଆର୍ଟିଷ୍ଟ ଫ୍ରେଙ୍କ ଏବଂ ରିକଲିନ ଏହି ହୋଟେଲ ନିର୍ମାଣ କରିଛନ୍ତି। ଏହି ହୋଟେଲରେ ଖୋଲା ଆକାଶ ତଳେ ବେଡ ରହିଛି। ଏଠାରେ ଟଏଲେଟ ବି ନାହିଁ। ପର୍ଯ୍ୟଟକମାନେ ଏଠାରୁ କିଛି ଦୂରରେ ଥିବା ସାଧାରଣ ଟଏଲେଟ ବ୍ୟବହାର କରିଥାନ୍ତି। ଚତୁଃପାର୍ଶ୍ୱରେ ପାହାଡ଼ ଘେରା ଏହି ସ୍ଥାନ ବହୁତ ସୁନ୍ଦର। ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ପ୍ରଥମେ ବେଡ୍ ବୁକ୍ କରିବାକୁ ପଡ଼ିଥାଏ। କରୋନା ମହାମାରୀ ସମୟରେ ଏଠାରେ ବୁକିଂ ବନ୍ଦ କରିଦିଆଯାଇଛି। ଏହାର ସୂଚନା ହେଟେଲର ଅଫିସିଆଲ ୱେବ୍‌ସାଇଟ୍‌ରେ ଅପଲୋଡ କରିଦିଆଯାଇଛି। ଏଥିରେ ଲେଖାଅଛି, ୨୦୨୧ରେ ହୋଟେଲ ପାଇଁ ବୁକିଂ ହୋଇପାରିବ ନାହିଁ।

## କୋଟିପତି କଲା ପଥର

**କଲମ୍ବୋ:** କଲମ୍ବୋରେ ରହୁଥିବା ଜଣେ ବ୍ୟକ୍ତି ଘର ଅଗଣାରେ କୂଅ ଖୋଳୁଥିବା ବେଳେ ତାଙ୍କୁ ଏକ ବିରାଟକାୟ ନିଳମ ପଥର ମିଳିଛି। ଫଳରେ ତାଙ୍କ ଭାଗ୍ୟ ବଦଳିଯାଇଛି। ଏହି ପଥରର ଓଜନ ୫୧୦ କିଲୋ। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ପ୍ରାୟ ୭୪୩ କୋଟି ୭୮ ଲକ୍ଷ ୬୦ ହଜାର ୭୬୯ ଟଙ୍କା। ଶ୍ରୀଲଙ୍କା ରାଷ୍ଟ୍ରୀୟ ରତ୍ନ ଏବଂ ଆଭୂଷଣ ପ୍ରାଧିକରଣ କହିଛି, ୫୧୦ କିଲୋଗ୍ରାମ ପଥର କିଣିବାକୁ ବିଦେଶରୁ ନିଲାମ ଡକାଯାଉଛି। ଏହି ନିଳମ କଲମ୍ବୋର ଏକ ଟ୍ରେଜେରିରେ ରଖାଯାଇଛି। ଏହି ପଥର ରତ୍ନାପୁରା ସହରରୁ ମିଳିଛି। ଏହି ପଥର ସଫା କରିବା ପାଇଁ ପ୍ରାୟ ବର୍ଷେ ସମୟ ଲାଗିବ। ଏହାପରେ ଏହାର ବିଶ୍ଳେଷଣ କରାଯିବ। ଯାଞ୍ଚ ଅଧିକାରୀ କହିଛନ୍ତି, ଏହା ଏକ ବିଶେଷ ନିଳମ। ବିଶେଷକରି କଲମ୍ବୋରେ ହିଁ ନିଳମ ପଥର ମିଳିଥାଏ। ଏହାର ଦାମ ସବୁଠୁ ଅଧିକ। ଅଧିକାରୀ ଏକଥା ବି ସ୍ପଷ୍ଟ କରିଛନ୍ତି, କି ପଥରର ମାଲିକ ଡା. ଗମାମଙ୍ଗେ। କାରଣ ତାଙ୍କ ଘରୁ ହିଁ ବାହାରିଛି। ପଥରର ସୁରକ୍ଷା ଦୃଷ୍ଟିରୁ ଏହାକୁ ବ୍ୟାଙ୍କ ଅଫ ସିଲୋନ୍‌ର ଏକ ଟ୍ରେଜେରିରେ ରଖାଯାଇଛି।

# କୋଟିଏ ଦାନ କଲେ ଅକ୍ଷୟ



**ମୁମ୍ବାଇ:** ବଲିଉଡ୍ ଅଭିନେତା ଅକ୍ଷୟ କୁମାର ନିଜ ବଦାନ୍ୟତା ପାଇଁ ସର୍ବଦା ଚର୍ଚ୍ଚାରେ ଥାନ୍ତି। ଜମ୍ମୁ-କଶ୍ମୀରରେ ଏକ ସ୍କୁଲର ପୁନଃନିର୍ମାଣ ପାଇଁ ସେ ୧ କୋଟି ଟଙ୍କା ଦାନ କରିଥିବା ଜଣାପଡିଛି। ନିକଟରେ ଅକ୍ଷୟ କଶ୍ମୀରର ସୀମା ସୁରକ୍ଷା ବଳ(ବିଏସ୍ଏଫ୍) ଯବାନଙ୍କୁ ଭେଟିଥିଲେ। ଏହି ଗସ୍ତ ସମୟରେ ସେ କଶ୍ମୀରର ନିରୁ ଗ୍ରାମରେ ଥିବା ଜର୍ଜର ସ୍କୁଲର ଅବସ୍ଥା ଦେଖି ତାହାର ପୁନଃନିର୍ମାଣ ପାଇଁ ସହାୟତା ଘୋଷଣା କରିଥିଲେ। ବିଏସ୍ଏଫ୍ ପକ୍ଷରୁ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଏ ନେଇ ସୂଚନା ଦିଆଯାଇଛି। ଜୁଲାଇ ୧୭ରେ ଅକ୍ଷୟ ଜମ୍ମୁ-କଶ୍ମୀର ଯାଇ ବିଏସ୍ଏଫ୍ ଯବାନଙ୍କ ସହ ସମୟ ବିତାଇଥିଲି। ଏହି ସ୍କୁଲର ନାମ ଅକ୍ଷୟଙ୍କ ସ୍ୱର୍ଗୀୟ ପିତା ହରିଓମ ଭାଟିଆଙ୍କ ନାମରେ ନାମିତ କରାଯାଇଛି। ଅକ୍ଷୟ କୁମାରଙ୍କ 'ବେଲ ବଟମ' ଖୁବ ଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଛି। ଏହି ଚଳଚ୍ଚିତ୍ରରେ ଅକ୍ଷୟଙ୍କ ବ୍ୟତୀତ ବାଣୀକପୁର, ହୁମା କ୍ୟୁରେଶି ଏବଂ ଲାରା ଦତ୍ତ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। 'ବେଲ ବଟମ' ବ୍ୟତୀତ ଅକ୍ଷୟ ଖୁବଶୀଘ୍ର 'ସୂର୍ଯ୍ୟବଂଶୀ', 'ବଚ୍ଚନ ପାଣ୍ଡେ', 'ରକ୍ଷା ବନ୍ଧନ', 'ରାମ ସେତୁ', 'ଅତରଙ୍ଗି ରେ' ଏବଂ 'ପୃଥ୍ୱୀରାଜ'ରେ ମଧ୍ୟ ନଜର ଆସିବେ।

# ମହିଳାଙ୍କୁ ଆକ୍ରମଣ କଲେ ଶତାଧିକ ମୂଷା

**ଲଣ୍ଡନ:** ଲଣ୍ଡନରେ ରହୁଥିବା ଜଣେ ମହିଳା ଶତାଧିକ ମୂଷା ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ମୂଷା ଆକ୍ରମଣ କରିଥିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୁଜାନ ଟ୍ରେଫ୍ଟବ ନାମ୍ନୀ ମହିଳା ଦାବି କରିଛନ୍ତି ଯେ, ପାର୍କରେ ବୁଲିବା ସମୟରେ ମୂଷାମାନେ ତାଙ୍କ ଉପରେ ଆକ୍ରମଣ କରି ତାଙ୍କ ହାତ ଓ ଗୋଡକୁ ଜାବୁଡ଼ି ଧରି କାମୁଡ଼ିବା ଆରମ୍ଭ କରିଥିଲେ। ସେ ବହୁ କଷ୍ଟରେ ମୂଷାଙ୍କଠାରୁ ମୁକ୍ତି ପାଇଥିଲେ। ୪୩ ବର୍ଷିୟା ସୁଜାନ ଜୁଲାଇ ୧୯ ରାତି ୯ଟା ରେ ନର୍ଥଫିଲ୍ଡର ବ୍ଲୋଣ୍ଡିନ ପାର୍କରେ ବୁଲୁଥିଲେ। ହଠାତ୍ ତାଙ୍କର ଦୃଷ୍ଟି ପାର୍କର ଲନ୍ ଉପରେ ପଡ଼ିଥିଲା। ଘାସ ଉପରେ ମୂଷା ବୁଲୁଥିବାର ସେ ଦେଖିଥିଲେ। ସେ ପାର୍କ ଛାଡିବା ପୂର୍ବରୁ ମୂଷା ପଲ ଆକ୍ରମଣ କରିଥିଲେ। ପାର୍କରେ ଲୋକେ ଖାଦ୍ୟପଦାର୍ଥ ଫିଙ୍ଗୁଥିବାରୁ ମୂଷା ହେଉଥିବା ପାର୍କ ପରିଚାଳନା ଅଧିକାରୀ କହିଛନ୍ତି।




## CLASSIFIED DISPLAY

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

MORE SPACE • SAME PRICE

NURSING
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN
GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
9311642059
8750699637

BANSAL TOWER COMPANY
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ ।
FAKE COMPANY ଠାରୁ ସାବଧାନ ରୁହନ୍ତୁ ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ ।
Contact-
7376459854

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
Baba Rejvan Khan
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9650844651


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରି-କ୍ୱାର୍ଟରରେ ସିନ୍ଧୁ



ପି.ଭି. ସିନ୍ଧୁ

**ଟୋକିଓ, ୨୮।୭ (ପି.ଟି.)**

ବିଶ୍ୱ ଚାମ୍ପିୟନ ପି. ଭି. ସିନ୍ଧୁ ଅଲିମ୍ପିକ୍ସ ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବାବେଳେ ପୁରୁଷ ବିଭାଗରେ ବି. ସାଇ ପ୍ରଣୀଥ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ରିଓରେ ଗତ ସଂସ୍କରଣରେ ଏକ ରୌପ୍ୟ ଜିତିଥିବା ସିନ୍ଧୁ ଗ୍ରୁପ୍ ଜେ'ରେ ବିଶ୍ୱର ୩୪ ନମ୍ବର ଖେଳାଳି ହଂକଂର ନାଇ ଚେଅଙ୍ଗଙ୍କୁ ୨୧-୯, ୨୧-୧୬ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ମାତ୍ର ୩୫ ମିନିଟ୍‌ରେ ଶେଷ ହୋଇଥିଲା। ବୁଧବାର ଏହି ବିଜୟ ସହ ସିନ୍ଧୁ ଗ୍ରୁପ୍ ଜେ'ର ଶୀର୍ଷରେ ରହିଛନ୍ତି। ସିନ୍ଧୁ ଓ ଚେଅଙ୍ଗ ସେମାନଙ୍କ କ୍ୟାରିୟରର ପରସ୍ପରକୁ ୬ଥର

**ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ**

ଭେଟିଛନ୍ତି। ଭାରତୀୟ ଖେଳାଳି ସମସ୍ତ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ବିଶ୍ୱର ୭ ନମ୍ବର ସିନ୍ଧୁ ବର୍ତ୍ତମାନ ଗ୍ରୁପ୍ ଆଇ'ର ଶୀର୍ଷରେ ଥିବା ବିଶ୍ୱର ୧୨ ନମ୍ବର ତଥା ଡେନ୍‌ମାର୍କର ମିଆ ବ୍ଲିଚ୍‌ଫିଲ୍ଡଙ୍କୁ ଭେଟିବେ। ଅନ୍ୟପକ୍ଷରେ ୧୩ତମ ସିଡ୍ ପ୍ରଣୀଥ ଗ୍ରୁପ୍ ଡି'ରେ ତାଙ୍କ ମ୍ୟାଚ ଜିତିବାରେ ପୁଣି ବିଫଳ ହୋଇଛନ୍ତି। ନେଦରଲାଣ୍ଡ୍ସର ମାର୍କ କାଲଜୋଙ୍କଠାରୁ ସେ ୧୪-୨୧, ୧୪-୨୧ରେ ପରାସ୍ତ ହୋଇଛନ୍ତି। ବିଶ୍ୱର ୧୫ ନମ୍ବର ଏହି ଭାରତୀୟ ଖେଳାଳି ପୂର୍ବରୁ ଓପନିଂ ରାଉଣ୍ଡରେ ଇସ୍ରାଏଲର ମିଶା ଜିଲ୍‌ବରମାନଙ୍କଠାରୁ ହାରିଯାଇଥିଲେ। ବିଶ୍ୱର ୨୯ ନମ୍ବର ଖେଳାଳି କାଲଜୋ ତାଙ୍କର ଏହି ବିଜୟ ଦ୍ୱାରା ନିଜ ଗ୍ରୁପ୍‌ର ଶୀର୍ଷ ସ୍ଥାନରେ ରହି ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଗ୍ରୁପ୍‌ର ଟପ୍ପର କେବଳ ନକ୍‌ଆଉଟକୁ ଉନ୍ନୀତ ହୋଇପାରିବେ।



ଟୋକିଓ ଅଲିମ୍ପିକ୍ସ ମହିଳା ୨୦୦ ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଅଷ୍ଟ୍ରେଲିଆର ଆରିଆର୍ନେ ଟିଟ୍‌ମୁସ।

## ଲେଡେକିଙ୍କୁ ପୁଣି ଚକ୍‌ମା ଦେଲେ ଟିଟ୍‌ମୁସ

**ଟୋକିଓ, ୨୮।୭:** ଅଷ୍ଟ୍ରେଲିଆର ଆରିଆର୍ନେ ଟିଟ୍‌ମୁସ ଚଳିତ ଟୋକିଓ ଅଲିମ୍ପିକ୍ସରେ ବ୍ୟକ୍ତିଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତଥରର ଚାମ୍ପିୟନ ଆମେରିକାର କେଟ୍ ଲେଡେକିଙ୍କ ବିପକ୍ଷ ଦ୍ୱିତୀୟ ଲଢ଼େଇରେ ମଧ୍ୟ ଟିଟ୍‌ମୁସ ବିଜୟୀ ହୋଇଛନ୍ତି। ଗତ ସୋମବାର ୪୦୦ ମିଟର ଫ୍ରିଷ୍ଟାଇଲ୍ ଫାଇନାଲରେ ସ୍ୱର୍ଣ୍ଣ ବିଜୟୀ ହୋଇଥିବା ଟିଟ୍‌ମୁସ ବୁଧବାର ମହିଳା ୨୦୦ ମିଟର ଫ୍ରିଷ୍ଟାଇଲରେ ମଧ୍ୟ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୧:୫୩.୫୦ ସେକେଣ୍ଡ ସମୟ ନେଇ ସେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଦେଇଥିଲେ। ହଂକଂର ବେର୍ନାଡେଟ ସିଓଭାନ ହାଉଘେ ୧:୫୩.୯୨ ସେକେଣ୍ଡ ସହ ରୌପ୍ୟ ଏବଂ କାନାଡ଼ାର ପେନି ଓଲେକସିଆକ ୧:୫୪.୭୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ। ୧:୫୫.୨୧ ସେକେଣ୍ଡ ସମୟ ନେଇ ଲେଡେକି ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ ହେଁ ଏହାର ଏକ ଘଣ୍ଟା ପରେ କ୍ୟାରିୟରର ୬ଷ୍ଠ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତାଙ୍କ ଫେଭରାଇଟ ୧୫୦୦

**୨୦୦ ମିଟର ଫ୍ରିଷ୍ଟାଇଲ ସୁଇମିଂ**

ମିଟର ଇଭେଣ୍ଟରେ ସେ ପ୍ରଭାବୀ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ଲେଡେକି ୧୫:୩୭.୩୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ତାଙ୍କ ଟିମ୍‌ମେଟ୍ ଇରିକା ସୁଲିଭାନ ରୌପ୍ୟ ପଦକ ପାଇଥିଲେ। ଲେଡେକି ଓ ଟିଟ୍‌ମୁସଙ୍କ ମଧ୍ୟରେ ପୁଣି ୮୦୦ ମିଟର ଫ୍ରିଷ୍ଟାଇଲରେ ମୁକାବିଲା ହୋଇପାରେ।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଜାପାନ | ୧୩ | ୪ | ୫ | ୨୨ |
| ଚାଇନା | ୧୨ | ୬ | ୯ | ୨୭ |
| ଆମେରିକା | ୧୧ | ୧୧ | ୯ | ୩୧ |
| ଆରଓସି | ୭ | ୧୦ | ୬ | ୨୩ |
| ଅଷ୍ଟ୍ରେଲିଆ | ୬ | ୧ | ୯ | ୧୬ |
| ଗ୍ରେଟ ବ୍ରିଟେନ | ୫ | ୬ | ୫ | ୧୬ |
| ଦକ୍ଷିଣ କୋରିଆ | ୪ | ୨ | ୫ | ୧୧ |
| ଜର୍ମାନୀ | ୩ | ୨ | ୫ | ୧୦ |
| ଫ୍ରାନ୍ସ | ୩ | ୨ | ୩ | ୮ |
| ନେଦରଲାଣ୍ଡ୍ସ | ୨ | ୬ | ୩ | ୧୧ |
| କାନାଡ଼ା | ୨ | ୩ | ୪ | ୯ |
| ହଙ୍ଗେରି | ୨ | ୧ | ୨ | ୫ |
| ସ୍ଲୋଭେନିଆ | ୨ | ୧ | ୧ | ୪ |
| କୋସୋଭୋ | ୨ | ୧ | ୧ | ୪ |
| ଇଟାଲୀ | ୧ | ୬ | ୮ | ୧୫ |
| ସୁଇଜରଲାଣ୍ଡ | ୧ | ୩ | ୨ | ୬ |
| ଚାଇନିଜ୍ ତାଇପେ | ୧ | ୨ | ୩ | ୬ |
| ବ୍ରାଜିଲ | ୧ | ୨ | ୨ | ୫ |
| ଜର୍ଜିଆ | ୧ | ୨ | ୦ | ୩ |
| ରୋମାନିଆ | ୧ | ୨ | ୦ | ୩ |
| ସର୍ବିଆ | ୧ | ୧ | ୨ | ୪ |
| ଅଷ୍ଟ୍ରିଆ | ୧ | ୧ | ୧ | ୩ |
| ହଂକଂ | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| କ୍ରୋଏସିଆ | ୧ | ୦ | ୧ | ୨ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଉଜ୍‌ବେକିସ୍ତାନ | ୧ | ୦ | ୦ | ୧ |
| ବର୍ମୁଡା | ୧ | ୦ | ୦ | ୧ |
| ଇକ୍ୱେଡର | ୧ | ୦ | ୦ | ୧ |
| ଫିଜି | ୧ | ୦ | ୦ | ୧ |
| ଇରାନ | ୧ | ୦ | ୦ | ୧ |
| ଲାଟ୍‌ଭିଆ | ୧ | ୦ | ୦ | ୧ |
| ନରୱେ | ୧ | ୦ | ୦ | ୧ |
| ଫିଲିପାଇନ୍ସ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| ସ୍ପେନ | ୦ | ୨ | ୧ | ୩ |
| ନ୍ୟୁଜିଲାଣ୍ଡ | ୦ | ୨ | ୧ | ୩ |
| ଦକ୍ଷିଣ ଆଫ୍ରିକା | ୦ | ୨ | ୦ | ୨ |
| ଇଣ୍ଡୋନେସିଆ | ୦ | ୧ | ୨ | ୩ |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| ବେଲଜିୟମ | ୦ | ୧ | ୧ | ୨ |
| ଚେକ୍ ରିପବ୍ଲିକ୍ | ୦ | ୧ | ୧ | ୨ |
| ବୁଲଗେରିଆ | ୦ | ୧ | ୦ | ୧ |
| କଲମ୍ବିଆ | ୦ | ୧ | ୦ | ୧ |
| ଡେନମାର୍କ | ୦ | ୧ | ୦ | ୧ |
| ଭାରତ | ୦ | ୧ | ୦ | ୧ |
| ଜୋର୍ଡାନ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ପୋଲାଣ୍ଡ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| ଭେନଜୁଏଲା | ୦ | ୧ | ୦ | ୧ |
| କାଜାଖସ୍ତାନ | ୦ | ୦ | ୩ | ୩ |
| ୟୁକ୍ରେନ | ୦ | ୦ | ୩ | ୩ |
| ଇଜିପ୍ଟ | ୦ | ୦ | ୨ | ୨ |
| ମେକ୍ସିକୋ | ୦ | ୦ | ୨ | ୨ |
| ତୁର୍କୀ | ୦ | ୦ | ୨ | ୨ |
| ଆର୍ଜେଣ୍ଟିନା | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| କ୍ୟୁବା | ୦ | ୦ | ୧ | ୧ |
| ଆୟର୍ଲାଣ୍ଡ | ୦ | ୦ | ୧ | ୧ |
| ଇସ୍ରାଏଲ | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |

## ଅର୍ଜୁନ ଓ ଅରବିନ୍ଦ ମେଡାଲ ରାଉଣ୍ଡକୁ ଯାଇପାରିଲେନି

**ଟୋକିଓ, ୨୮।୭ (ପି.ଟି.):** ଭାରତୀୟ ରୋୟର୍ସ ଅର୍ଜୁନ ଲାଲ ଜାଟ୍ ଓ ଅରବିନ୍ଦ ସିଂ ପୁରୁଷ ଲାଇଟୱେଟ୍ ଡବଲ ସ୍କଲ୍ସ ଫାଇନାଲକୁ ଯୋଗ୍ୟତା ହାସଲ କରିପାରି ନାହାନ୍ତି। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଏହି ଯୋଡ଼ି ୬ଷ୍ଠ ସ୍ଥାନରେ ରହିଥିଲେ। ଫରେଷ୍ଟ ୱାଟରୱେରେ ୬ଟି ଟିମ୍‌କୁ ନେଇ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଅର୍ଜୁନ ଓ ଅରବିନ୍ଦ ୬:୨୪.୪୧ ଟାଇମିଂରେ ସେମାନଙ୍କ ରେସ୍ ଶେଷ କରିଥିଲେ। ଦୁଇଟି ସେମିଫାଇନାଲରୁ ପ୍ରଥମ ୩ ଯୋଡ଼ି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ତେବେ ଅର୍ଜୁନ ଓ ଅରବିନ୍ଦ ପ୍ରଥମ ଭାରତୀୟ ଯୋଡ଼ି ଭାବେ ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ।



## ଫିଜି ପୁଣି ଜିତିଲା ରଗବୀ ଟାଇଟଲ

**ଟୋକିଓ, ୨୮।୭ (ଏପି):** ଅଲିମ୍ପିକ୍ସରେ ଫିଜି ପୁଣି ଥରେ ରଗ୍‌ବୀ ସେଭେନ ଟାଇଟଲ ହାସଲ କରିଛି। ବୁଧବାର ଫାଇନାଲରେ ଜେରି ତୁୱାଇଙ୍କ ନେତୃତ୍ୱାଧୀନ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ୨୭-୧୨ରେ ବିଜୟ ହାସଲ କରିଛି। ଫଳରେ କୋଭିଡ୍ ସମୟରେ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଏହି କ୍ଷୁଦ୍ର ଦ୍ୱୀପରାଷ୍ଟ୍ରରେ ଖୁସିର ବାତାବରଣ ଦେଖା ଦେଇଛି। ୨୦୧୬ ରିଓ ଗେମ୍ସରେ ରଗ୍‌ବୀ ସେଭେନ୍ସକୁ ପ୍ରଥମ ଥର ସାମିଲ କରାଯାଇଥିଲା। ସେଥର ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରି ଫିଜି ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଅଲିମ୍ପିକ୍ସରେ ଫିଜିର ଏହା ଥିଲା ପ୍ରଥମ ସ୍ୱର୍ଣ୍ଣ। ଏହି ଦିନକୁ ସ୍ମରଣ ରଖିବା ଲାଗି ସରକାର ଗୋଟିଏ ଦିନ ଜାତୀୟ ଛୁଟି ଘୋଷଣା କରିଥିଲେ। ସେଣ୍ଟ୍ରାଲ ବ୍ୟାଙ୍କ୍ ପକ୍ଷରୁ ୭ ଡଲାର ନୋଟ୍ ଛପାଯାଇଥିଲା। ତୁୱାଇଙ୍କ ଦଳ କିଛି ମାସ ହେଲା ବାୟୋ-ବବଲରେ ରହିଆସିଥିଲା। ଫିଜିକୁ ଫେରିଲେ ପୁଣି କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ପ୍ରଶାନ୍ତ ମହାସାଗର ଅନ୍ତର୍ଗତ ଉଭୟ ଫିଜି ଓ ନ୍ୟୁଜିଲାଣ୍ଡ ଦେଶର ଜାତୀୟ କ୍ରୀଡ଼ା ହେଉଛି ରଗ୍‌ବୀ। ଆର୍ଜେଣ୍ଟିନା ୧୭-୧୨ରେ ବ୍ରିଟେନକୁ ପରାସ୍ତ କରି ବ୍ରୋଞ୍ଜ ପଦକ ଲାଭ କରିଥିଲା।


ଟାଇଟଲ ବିଜୟୀ ଫିଜି ଦଳ।

## ଗୁରୁବାର ଭାରତର କାର୍ଯ୍ୟସୂଚୀ
### (ଭାରତୀୟ ସମୟ ଅନୁସାରେ)

**ତୀରନ୍ଦାଜୀ:**
- ପୁରୁଷ ବ୍ୟକ୍ତିଗତ ୧/୩୨ ଏଲିମିନେଶନ ମ୍ୟାଚ-ଅତନୁ ଦାସ ବନାମ ଡେଙ୍ଗ୍ ୟୁ ଚେଙ୍ଗ୍ (ଚାଇନିଜ ତାଇପେ), ସମୟ: ସକାଳ ୭ଟା ୩୦ ମିନିଟ।

**ବ୍ୟାଡ୍‌ମିଣ୍ଟନ:**
- ମହିଳା ସିଙ୍ଗଲ୍ସ ରାଉଣ୍ଡ ଅଫ୍ ୧୬-ପି. ଭି. ସିନ୍ଧୁ ବନାମ ମିଆ ବ୍ଲିଚ୍‌ଫିଲ୍ଡ (ଡେନମାର୍କ), ସମୟ: ସକାଳ ୬ଟା ୧୫।

**ବକ୍ସିଂ:**
- ପୁରୁଷ ୯୧କେଜି+ ରାଉଣ୍ଡ ଅଫ୍ ୧୬ ମ୍ୟାଚ- ସତୀଶ କୁମାର ବନାମ ରିକାର୍ଡୋ ବ୍ରାଉନ୍, ସମୟ: ସକାଳ ୮ଟା ୪୫।
- ମହିଳା ୫୧କେଜି ରାଉଣ୍ଡ ଅଫ୍ ୧୬ ବାଉଟ-ଏମ୍. ସି. ମେରୀକମ୍ ବନାମ ଲୋରେନା ଭାଲେନ୍‌ସିଆ (କଲମ୍ବିଆ), ସମୟ: ଅପରାହ୍ନ ୩ଟା ୩୫।

**ଅଶ୍ୱଚାଳନା:**
ଫୌଆଦ ମିର୍ଜାଙ୍କ ଇଭେଣ୍ଟିଂ ଫାଷ୍ଟ ହର୍ସ ଇନ୍‌ସ୍ପେକ୍ସନ: ସକାଳ ୬ଟା।

**ଗଲ୍‌ଫ:**
ପୁରୁଷ ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ ୧- ଅନିର୍ବାଣ ଲାହିରୀ ଓ ଉଦୟନ ମାନେ, ସମୟ: ପ୍ରତ୍ୟୁଷ ୪ଟା।

**ହକି:**
- ପୁରୁଷ ପୁଲ୍ 'ଏ' ମ୍ୟାଚ- ଭାରତ ବନାମ ଆର୍ଜେଣ୍ଟିନା, ସମୟ: ସକାଳ ୬ଟା।

**ରୋଇଂ:**
- ପୁରୁଷ ଲାଇଟୱେଟ୍ ଡବଲ ସ୍କଲ୍ସ ଫାଇନାଲ ବି' (ମେଡାଲ ରାଉଣ୍ଡ ନୁହେଁ କେବଳ ର୍‍ୟାଙ୍କିଙ୍ଗ ପାଇଁ)-ଅର୍ଜୁନ ଲାଲ ଜାଟ୍ ଓ ଅରବିନ୍ଦ ସିଂ, ସମୟ: ସକାଳ ୫ଟା ୨୦।

**ସେଲିଂ:**
- ପୁରୁଷ ସ୍କିଫ୍ ୪୯ଇଆର ରେସ୍ ୫ ଓ ୬- କେ. ସି ଗଣପତି ଓ ବରୁଣ ଠକ୍କର, ସମୟ: ସକାଳ ୮ଟା୩୫।
- ମହିଳା ଲେଜର ରାଡିଆଲ ରେସ୍ ୭ ଓ ୮: ନେତ୍ରା କୁମାନାନ, ସମୟ: ସକାଳ ୮ଟା ୪୫।
- ପୁରୁଷ ଲେଜର ରେସ୍ ୭ ଓ ୮-ବିଷ୍ଣୁ ସର୍ବାନାନ, ସମୟ: ସକାଳ ୮ଟା ୩୫।

**ଶୁଟିଂ:**
- ମହିଳା ୨୫ ମିଟର ପିସ୍ତଲ କ୍ୱାଲିଫିକେଶନ ପ୍ରିସିସନ- ରାହି ସାର୍ନୋବତ ଓ ମନୁ ଭାକ୍‌ରେ, ସମୟ: ସକାଳ ୫ଟା ୩୦

ସୁଇମିଂ: ପୁରୁଷ ୧୦୦ ମିଟର ବଟରଫ୍ଲାଏ ହିଟ୍- ସଜନ ପ୍ରକାଶ, ଅପରାହ୍ନ ୪ଟା ୧୬।

## ପୂଜା ରାଣୀ କ୍ୱାର୍ଟରଫାଇନାଲରେ

**ଟୋକିଓ, ୨୮।୭ (ପି.ଟି.):** ଦୁଇଥର ଏସିଆନ ଚାମ୍ପିୟନ ମହିଳା ବକ୍ସର ପୂଜା ରାଣୀ (୭୫ କେଜି) ତାଙ୍କ ଓପନିଂ ବାଉଟ୍‌ରେ ଆଲଜେରିଆର ଇଚ୍ରାକ୍ ଚାଇବାଙ୍କୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅଲିମ୍ପିକ୍ସରେ ପ୍ରଥମ ଥର ଭାଗ ନେଇଥିବା ଏହି ୩୦ ବର୍ଷୀୟା ଭାରତୀୟ ବକ୍ସର ତାଙ୍କଠାରୁ ୧୦ବର୍ଷ ସାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ରିଙ୍ଗ୍‌ରେ ଚାଇବା ସନ୍ତୁଳନ ରକ୍ଷା କରିପାରୁ ନ ଥିବାରୁ ହରିୟାଣା ବକ୍ସର ଏଥିରୁ ଫାଇଦା ଉଠାଇଥିଲେ। ରାଣୀ ପରବର୍ତ୍ତୀ ରାଉଣ୍ଡରେ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ, ଦୁଇଥର ଏସିଆନ ଚାମ୍ପିୟନ ଏବଂ ପୂର୍ବତନ ବିଶ୍ୱ ସ୍ୱର୍ଣ୍ଣ ବିଜୟିନୀ ଚାଇନାର ଲିନ୍ କ୍ୱାନଙ୍କୁ ଭେଟିବେ। ଦୁଇ ବକ୍ସରଙ୍କ ମଧ୍ୟରେ ମୁକାବିଲା ଜୁଲାଇ ୩୧ରେ ହେବ। ଚାଇନାର ୩୧ବର୍ଷୀୟ ବକ୍ସରଙ୍କ ବିପକ୍ଷରେ ରାଣୀଙ୍କ ରେକର୍ଡ ଭଲ ରହିଛି। କ୍ୱାନ ୨୦୧୪ ଏସିଆନ ଗେମ୍ସ ଏବଂ ଗତବର୍ଷ ଜୋର୍ଡାନରେ ଅନୁଷ୍ଠିତ ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସରେ ରାଣୀଙ୍କୁ ହରାଇ ଦେଇଥିଲେ। ଅଲିମ୍ପିକ୍ସରେ ପହଞ୍ଚିବା ଲାଗି ରାଣୀଙ୍କୁ ବହୁ ବାଧାବିଘ୍ନ ଅତିକ୍ରମ କରିବାକୁ ହୋଇଛି। ୨୦୧୬ରେ ତାଙ୍କ ହାତ ପୋଡିଯାଇଥିଲା, ୨୦୧୭ରେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଫଳରେ ତାଙ୍କ କ୍ୟାରିୟର ପ୍ରତି ବିପଦ ଦେଖା ଦେଇଥିଲା। ତାଙ୍କ ପିତା ଜଣେ ପୋଲିସ ଅଫିସର। ରାଣୀ ଜଣେ ବକ୍ସର ହୁଅନ୍ତୁ ବୋଲି ସେ ଚାହୁଁ ନ ଥିଲେ। ଏହା ଆକ୍ରମଣାତ୍ମକ ଲୋକମାନଙ୍କ ଲାଗି ଏକ ଖେଳ ବୋଲି ତାଙ୍କର ଧାରଣା ଥିଲା।


ପୂଜା ରାଣୀ ଓ ଇଚ୍ରାକ୍ ଚାଇବାଙ୍କ ମଧ୍ୟରେ ଲଢ଼େଇ।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଶେଷ ଓଭରରେ ଜିତିଲା ଶ୍ରୀଲଙ୍କା



ଶଟ୍ ଖେଳିବା ଅବସରରେ ଶିଖର ଧାୱନ।

**କଲମ୍ବୋ,୨୮।୭**

ସ୍ଥାନୀୟ ପ୍ରେମଦାସା ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ଉଇକେଟରେ ଭ୍ରମଣକାରୀ ଭାରତକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ସ୍ଥିତିରେ ପହଞ୍ଚିଛି। ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଗୁରୁବାର ଖେଳାଯିବ। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ମାତ୍ର ୧୩୨ ରନରେ ସୀମିତ ରହିଥିଲା। ଲୋ ସ୍କୋରିଂ ମ୍ୟାଚ ହୋଇଥିଲେ ହେଁ ଶ୍ରୀଲଙ୍କା ଶେଷ ଓଭରରେ ଅର୍ଥାତ୍ ୧୯.୪ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

ଧନଞ୍ଜୟ ଡି ସିଲ୍‌ଭା ୩୪ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୪୦ ରନକରି ଅପରାଜିତ ରହିବା ସହ ଶ୍ରୀଲଙ୍କାକୁ ଜିତାଇଥିଲେ। ମିନୋଦ ଭାନୁକା ୩୬ ରନ୍ କରିଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ଯାଦବ ୨, ଭୁବନେଶ୍ୱର କୁମାର, ଚେତନ ସାକାରିୟା, ବରୁଣ ଚକ୍ରବର୍ତ୍ତୀ ଓ ରାହୁଲ ଚହର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଭଲ ଆରମ୍ଭ କରିଥିଲା। ଅଧିନାୟକ ଶିଖର ଧାୱନ ଓ ପଦାର୍ପଣ କରିଥିବା ଓପନର ଋତୁରାଜ ଗାଏକ୍ୱାଡ ପ୍ରଥମ ଉଇକେଟରେ ୭ ଓଭରରେ ୪୯ ରନ ସଂଗ୍ରହ କରିଥିଲେ। ଋତୁରାଜ ୧୮ ବଲରୁ ୧ ଚୌକା ସହ ୨୧ ରନକରି ଦଶୁନ ଶନକାଙ୍କ ବଲ୍‌ରେ ଉଇକେଟକିପର ମିନୋଦ ଭାନୁକାଙ୍କୁ କ୍ୟାଚ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ୪୨ ବଲର ସମ୍ମୁଖୀନ ହୋଇ ଧାୱନ ୫ ଚୌକା ସହ ୪୦ ରନ ସଂଗ୍ରହ କରି ଅଫ୍ ସ୍ପିନର ଅକିଳ ଦନଞ୍ଜୟଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୮୧ ରନରେ ଦୁଇ ଓପନର ଆଉଟ ହେବା ପରେ ରନ ସଂଗ୍ରହ ହାର କମିଯାଇଥିଲା। ଟି୨୦ ପଦାର୍ପଣ କରିଥିବା ଦେବଦତ୍ତ ପଡିକାଲ ୨୩ଟି ବଲ୍‌ର ସମ୍ମୁଖୀନ ହୋଇ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୨୯ ରନ କରି ୱାନିଣ୍ଡୁ ହସରଙ୍ଗା ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମ୍‌ସନ ଫେଲ୍ ମାରିଥିଲେ। ସେ ମାତ୍ର ୭ ରନ କରିଥିବା ବେଳେ ଦନଞ୍ଜୟଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ନୀତୀଶ ରାଣା ମାତ୍ର ୯ ରନ କରିଥିବା ବେଳେ ଦୁଷ୍ମନ୍ତ ଚାମିରାଙ୍କ ବଲ୍‌ରେ ଏକ୍ସଟ୍ରା କଭରରେ ଧନଞ୍ଜୟ ଡି ସିଲଭାଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଭୁବନେଶ୍ୱର କୁମାର ଓ ନବଦୀପ ସଇନି ଯଥାକ୍ରମେ ୧୩ ଓ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଦନଞ୍ଜୟ ୨, ଚାମିରା, ହସରଙ୍ଗା ଓ ଶନକା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**୪ ଭାରତୀୟ ଖେଳାଳିଙ୍କ ପଦାର୍ପଣ, ୯ ଜଣ ଆଇସୋଲେଶନରେ**

ଦେବଦତ୍ତ ପଡିକାଲ, ଋତୁରାଜ ଗାଏକ୍ୱାଡ, ନୀତୀଶ ରାଣା ଓ ଚେତନ ସାକାରିୟା ଏହି ମ୍ୟାଚ୍‌ରେ ଟି୨୦ ପଦାର୍ପଣ କରିବାର ସୁଯୋଗ ପାଇଥିଲେ। ପଡିକାଲ ଓ ଋତୁରାଜଙ୍କର ଏହା ଥିଲା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ । ତେବେ ପୂର୍ବରୁ ନୀତୀଶ ଓ ସାକାରିୟା ଦିନିକିଆରେ ପଦାର୍ପଣ କରିସାରିଛନ୍ତି। ବାଦ୍ ପଡିଥିବା ୮ଜଣ ଖେଳାଳିମାନେ ହେଲେ ଦୀପକ ଚହର, ହାର୍ଦ୍ଦିକ ପାଣ୍ଡ୍ୟା, ପୃଥ୍ୱୀ ଶ, ସୂର୍ଯ୍ୟକୁମାର ଯାଦବ, ଯୁଜବେନ୍ଦ୍ର ଚହଲ, କ୍ରିଷ୍ଣାପ୍ପା ଗୋଥାମ, ଇଶାନ କିଷନ ଓ ମନୀଷ ପାଣ୍ଡେ। କୋଭିଡ୍ ପଜିଟିଭ ହୋଇଥିବା କ୍ରୁନାଲ ପାଣ୍ଡ୍ୟାଙ୍କ କ୍ଲୋଜ କଣ୍ଟାକ୍ଟରେ ଏହି ୮ ଖେଳାଳି ଥିଲେ ଓ ଏବେ ଆଇସୋଲେଶନରେ ଅଛନ୍ତି। କ୍ରୁନାଲଙ୍କ ସମେତ ଆଇସୋଲେଶନରେ ଥିବା ୯ ଖେଳାଳି ସିରିଜରୁ ବାଦ୍ ପଡିଛନ୍ତି। ଏମାନଙ୍କୁ ବାଦ୍ ଦେଲେ ଆମ ପାଖରେ ୧୧ ଜଣ ଖେଳାଳି ରହିଥିଲେ। ଏହି ଖେଳାଳିମାନେ ସମସ୍ତେ ମ୍ୟାଚ୍ ଖେଳିଛନ୍ତି ବୋଲି କୋଚ୍ ରାହୁଲ ଦ୍ରାବିଡ୍ କହିଛନ୍ତି। ରିପ୍ଲେସମେଣ୍ଟ ବାବଦରେ ଗସ୍ତରେ ଯାଇଥିବା ନେଟ୍ ବୋଲରମାନଙ୍କୁ ମୁଖ୍ୟ ଦଳରେ ସାମିଲ କରାଯାଇଛି। ଏମାନେ ହେଲେ ଈଶାନ ପୋରେଲ, ସନ୍ଦୀପ ୱାରିୟର, ଅର୍ଶଦୀପ ସିଂ, ସାଇ କିଶୋର ଓ ସିମରନଜିତ୍ ସିଂ। ଅପରପକ୍ଷରେ ଶ୍ରୀଲଙ୍କା ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଥିଲା। ଚରିଥ ଅସଲଙ୍କାଙ୍କ ବଦଳରେ ସଦୀରା ସମରବିକ୍ରମା ଓ ଅଶେନ ବନ୍ଦାରାଙ୍କ ସ୍ଥାନରେ ରମେଶ ମେଣ୍ଡିସଙ୍କୁ ଅନ୍ତିମ ଏକାଦଶରେ ସାମିଲ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୩୨/୫ (ଧାୱନ-୪୦, ପଡିକାଲ-୨୯, ଗାଏକ୍ୱାଡ-୨୧, ଭୁବନେଶ୍ୱର- ୧୩*, ଦନଞ୍ଜୟ- ୨/୨୯, ଚମିରା-୧/୨୩, ହସରଙ୍ଗା-୧/୩୦, ଶନକା-୧/୧୪)। ଶ୍ରୀଲଙ୍କା ୧୯.୪ ଓଭରରେ ୧୩୩/୬ (ଡି ସଲଭା- ୪୦*, ଭାନୁକା-୩୬, କୁଲଦୀପ- ୨/ ୩୦)।

# ରେଲୱେର ପୁରସ୍କାର ଘୋଷଣା

**ନୂଆଦିଲ୍ଲୀ, ୨୮।୭ (ପି.ଟି.):** ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ଏହାର ଆଥ୍‌ଲେଟ ଓ ଅଫିସିଆଲମାନଙ୍କ ଲାଗି ରେଲୱେ ସ୍ୱତନ୍ତ୍ର ଆର୍ଥିକ ପୁରସ୍କାର ଘୋଷଣା କରିଛି। ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୩ କୋଟି ଦେବା ଲାଗି ନିଷ୍ପତ୍ତି ନିଆଯାଇଛି। ଜୁଲାଇ ୨୩ରୁ ଆରମ୍ଭ ହୋଇଥିବା ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି) ରୁ ୨୫ ଆଥ୍‌ଲେଟ, ୫ କୋଚ୍ ଓ ଜଣେ ଫିଜିଓଥେରାପିଷ୍ଟ ରହିଛନ୍ତି। ଭାରତୀୟ ଦଳରେ ୨୦ ପ୍ରତିଶତ ହେଉଛନ୍ତି ରେଲୱେ ଆଥ୍‌ଲେଟ। ନୈତିକ ମନୋବଳ ବୃଦ୍ଧି ପାଇଁ ଏହି ସ୍ୱତନ୍ତ୍ର ପୁରସ୍କାର ଘୋଷଣା କରାଯାଇଛି। ସ୍ୱର୍ଣ୍ଣ ବିଜେତାଙ୍କୁ ୩ କୋଟି ବ୍ୟତୀତ ରୌପ୍ୟ ବିଜେତାଙ୍କୁ ୨ ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଜଣେ ଆଥ୍‌ଲେଟ ଯଦି ଶ୍ରେଷ୍ଠ ୮ଜଣଙ୍କ ମଧ୍ୟରେ ସ୍ଥାନ ପାଏ ତେବେ ସେ ୩୫ ଲକ୍ଷ ଟଙ୍କା ପାଇବେ। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ୭.୫ ଲକ୍ଷ ଟଙ୍କା ଲେଖାଏ ମିଳିବ। ସ୍ୱର୍ଣ୍ଣ ପଦକ ବିଜେତାଙ୍କ କୋଚ୍ ୨୫ ଲକ୍ଷ, ରୌପ୍ୟ ବିଜେତାଙ୍କ କୋଚ୍ ୨୦ ଲକ୍ଷ ଏବଂ ବ୍ରୋଞ୍ଜ ପଦକ ବିଜେତାଙ୍କ କୋଚ୍ ୧୫ ଲକ୍ଷ ଲେଖାଏ ପାଇବେ। ଅନ୍ୟ ଆଥ୍‌ଲେଟମାନଙ୍କ କୋଚ୍‌ଙ୍କୁ ଜଣାପିଛା ୭.୫ ଲକ୍ଷ ଟଙ୍କା ଲେଖାଏ ମିଳିବ।

# ଆଲୋକ ସାହୁଙ୍କ ଅବସର

**ଭୁବନେଶ୍ୱର, ୨୮।୭(କ୍ରୀଡ଼ା ପ୍ରତିନିଧି)**



ରାଜ୍ୟର ପ୍ରଥମଶ୍ରେଣୀ କ୍ରିକେଟର ଆଲୋକ ସାହୁ ବୁଧବାର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। କ୍ୟାରିୟରରେ ସେ ୨୫ ପ୍ରଥମଶ୍ରେଣୀ ମ୍ୟାଚ, ୧୮ ଲିଷ୍ଟ-ଏ ଏବଂ ୨୨ଟି ଟି୨୦ ମ୍ୟାଚ ଖେଳିଛନ୍ତି। ୨୦୦୯ ନଭେମ୍ବରରେ ସେ ରେଲୱେ ବିପକ୍ଷରେ ପ୍ରଥମଶ୍ରେଣୀ କ୍ରିକେଟ ପଦାର୍ପଣ କରିଥିଲେ। ୨୫ ପ୍ରଥମ ଶ୍ରେଣୀ କ୍ରିକେଟରେ ସେ ୬୨ଟି ଉଇକେଟ ନେଇଛନ୍ତି। ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୬/୩୩। ସେହିପରି ସେ ଲିଷ୍ଟ-ଏରେ ୧୮ଟି ଏବଂ ଟି୨୦ରେ ୧୭ଟି ଉଇକେଟ ନେଇଛନ୍ତି। ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଆଲୋକଙ୍କୁ ଶୁଭକାମନା ଜଣାଇଛନ୍ତି।

# ଅଙ୍କିତାଙ୍କୁ ସ୍ୱର୍ଣ୍ଣିମ ସଫଳତା



**ଭୁବନେଶ୍ୱର, ୨୮।୭(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ପ୍ରତିଭାସମ୍ପନ୍ନ ଚେସ୍ ଖେଳାଳି ଅଙ୍କିତା ସାହୁଙ୍କୁ ମିଳିଛି ସ୍ୱର୍ଣ୍ଣିମ ସଫଳତା। ଏସିଆନ ବାଳିକା ଚେସ୍ ଚାମ୍ପିୟନଶିପ୍‌ର ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଭାରତୀୟ ଦଳର ସଦସ୍ୟଭାବେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏସିଆନ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ସଦସ୍ୟା ଥିଲେ ଦୁଇ ମହିଳା କ୍ୟାଣ୍ଡିଡେଟ ମାଷ୍ଟର ବ୍ରିଷ୍ଟି ମୁଖାର୍ଜୀ ଓଆରୁଶି କୋଟୱାଲ, ମହିଳା ଫିଡେ ମାଷ୍ଟର ପ୍ରତିଟୀ ଚନ୍ଦ୍ରାତ୍ରେୟ ଏବଂ ଅଙ୍କିତା ସାହୁ। ସ୍ୱର୍ଣ୍ଣ ପଦକ ପାଇ ରାଜ୍ୟକୁ ଗର୍ବିତ କରିଥିବାରୁ ଅଙ୍କିତାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ରଞ୍ଜନ ମହାନ୍ତି, ସମ୍ପାଦକ ଦେବବ୍ରତ ଭଞ୍ଜ ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# କ୍ୱାର୍ଟର ଫାଇନାଲ ଲକ୍ଷ୍ୟରେ ଭାରତ

**ଅଲିମ୍ପିକ୍ସ ପୁରୁଷ ହକି**

**ଆର୍ଜେଣ୍ଟିନା ବିପକ୍ଷ ମୁକାବିଲା ଆଜି**

**ଟୋକିଓ,୨୮।୭(ପି.ଟି.)**

ଅଲିମ୍ପିକ୍ସ ପୁରୁଷ ଇଭେଣ୍ଟରେ ଗୁରୁବାର ଭାରତ ଓ ଗତଥରର ଚାମ୍ପିୟନ ଆର୍ଜେଣ୍ଟିନା ପରସ୍ପରକୁ ଭେଟିବେ। ପୁଲ୍-ଏ'ରେ ଖେଳାଯିବାକୁ ଥିବା ଏହି ମୁକାବିଲା ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ମ୍ୟାଚ୍ ଜିତି ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ଲକ୍ଷ୍ୟରେ ରହିଛି। ତେବେ ଏଥିପାଇଁ ଭାରତକୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ।

ବିଶ୍ୱର ୪ ନମ୍ବର ଦଳ ଭାରତ ଏ ପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ୬ ପଏଣ୍ଟ ହାସଲ କରି ପୁଲ୍-ଏ' ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଅଷ୍ଟ୍ରେଲିଆ ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହେବା ସହ ୯ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ଆର୍ଜେଣ୍ଟିନା ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ ମଧ୍ୟ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି।

ଆର୍ଜେଣ୍ଟିନା ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ସପ୍ତମ ସ୍ଥାନରେ ରହିଛି। ଭାରତ ତା'ର ସଂଘର୍ଷପୂର୍ଣ୍ଣ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ହରାଇଥିଲା। ଏହାପରେ ଅଷ୍ଟ୍ରେଲିଆଠାରୁ ୭-୧ ଗୋଲରେ ହାରିଥିଲା। କିନ୍ତୁ ତୃତୀୟ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରି ଭାରତ ସ୍ପେନ୍‌କୁ ୩-୦ ଗୋଲରେ ହରାଇଥିଲା। ଦୀର୍ଘ ୪ ଦଶନ୍ଧି ହେବ ଭାରତ ପଦକ ହାସଲ କରିପାରି ନାହିଁ। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ସ୍ୱର୍ଣ୍ଣ ଜିତି ଅଲିମ୍ପିକ୍ସରେ ଶେଷଥର ପାଇଁ ପଦକ ହାସଲ କରିଥିଲା। ଅପରପକ୍ଷରେ ଆର୍ଜେଣ୍ଟିନା ସ୍ପେନ୍ ବିପକ୍ଷ ମ୍ୟାଚ୍‌କୁ ୧-୧ରେ ଅମୀମାଂସିତ ରଖିଥିଲା। ତେବେ ଦ୍ୱିତୀୟ ମୁକାବିଲାରେ ଜାପାନକୁ ୨-୧ ଗୋଲରେ ହରାଇଥିଲା ଆର୍ଜେଣ୍ଟିନା। ତୃତୀୟ ମ୍ୟାଚରେ କିନ୍ତୁ ଆର୍ଜେଣ୍ଟିନା ୨-୫ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଥିଲା।



କୋଚ୍ ଗ୍ରାହାମ ରିଡ୍।

୩-୦ରେ ସ୍ପେନ୍‌କୁ ହରାଇବା ପରେ ଭାରତୀୟ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ତେବେ ପ୍ରାୟ ସବୁ ବିଭାଗରେ ଭାରତକୁ ଉନ୍ନତ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି ବୋଲି ଭାରତୀୟ କୋଚ୍ ଗ୍ରାହମ ରିଡ୍ କହିଛନ୍ତି। ବିଜୟୀ ହୋଇଥିଲେ ମଧ୍ୟ ଭାରତ ସ୍ପେନ୍‌କୁ ଗତ ମ୍ୟାଚ୍‌ରେ ୮ଟି ପେନାଲ୍ଟି କର୍ନର ଦେଇଥିଲା। ପେନାଲ୍ଟି କର୍ନର ଦେବା ଓ ଏହାକୁ ଗୋଲରେ ପରିଣତ କରିବାରେ ଭାରତର ବିଫଳତା ସମସ୍ତେ ଜାଣନ୍ତି। କିନ୍ତୁ ଏଥିରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଆର୍ଜେଣ୍ଟିନାର ଡିଫେନ୍ସ ଦୃଢ ହୋଇଥିବାରୁ ଭାରତ ଆଗରେ ଚ୍ୟାଲେଞ୍ଜ ରହିଛି। ଭାରତୀୟ ଡିଫେନ୍ସ ଉପରେ ଗୁରୁଦାୟିତ୍ୱ ରହିଛି।

ଚଳିତବର୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଡବଲ ହେଡରରେ ଭାରତ ଶୁଟ୍ ଆଉଟ୍‌ରେ ୩-୨ରେ ଆର୍ଜେଣ୍ଟିନାକୁ ହରାଇଥିଲା। ତେବେ ପ୍ରଥମ ମ୍ୟାଚ୍‌କୁ ଭାରତ ୨-୨ରେ ଅମୀମାଂସିତ ରଖିଥିଲା। ଏହାପରେ ବୁଏନ୍ସ ଆରିଜରେ ଭାରତ ୩-୦ରେ ଆର୍ଜେଣ୍ଟିନାକୁ ହରାଇଥିଲା। ଅଲିମ୍ପିକ୍ସ ପୂର୍ବରୁ ଅଭ୍ୟାସ ମ୍ୟାଚ୍‌ରେ ଭାରତ ଆର୍ଜେଣ୍ଟିନାକୁ ୪-୩ରେ ହରାଇଥିଲା। ସେହିପରି ଅନ୍ୟଏକ ୪-୪ ଗୋଲରେ ଅମୀମାଂସିତ ରଖିଥିଲା। ତେବେ ଗୋଟିଏ ମ୍ୟାଚ୍‌ରେ ଭାରତ ୦-୧ରେ ହାରିଥିଲା ଓ ଅନ୍ତିମ ମୁକାବିଲାରେ ୪-୨ ଗୋଲରେ ବିଜୟୀ ହୋଇଥିଲା। ନିକଟ ଅତୀତରେ ଆର୍ଜେଣ୍ଟିନା ବିପକ୍ଷରେ ଆମର ପ୍ରଦର୍ଶନ ଭଲ ରହିଛି। କିନ୍ତୁ ଏହି ବିଶ୍ୱସ୍ତରୀୟ ଦଳକୁ ଆଦୌ ହାଲୁକା ଭାବେ ନେବୁନାହିଁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ ସିଂ କହିଛନ୍ତି।

